ଧରିତ୍ରୀ 51 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୭/୨୦୨୫ (୧୬ ପୃଷ୍ଠା) Bhubaneswar, Friday, January 17/2025 Page 16 ₹ 7.00 | SAMBALPUR
୫୧ଶ ଭାଗ ୫୫ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 55 ମୂଲ୍ୟ ₹୭/-

DADLS-88







ଦକ୍ଷତା ଓ ଶିଳ୍ପର ତ୍ୱରିତ ବିକାଶ ପାଇଁ
ଓଡ଼ିଶାରେ ନୂଆ ଅଧ୍ୟାୟର
ଶୁଭାରମ୍ଭ

ମହାମହିମ ରାଷ୍ଟ୍ରପତି, ସିଙ୍ଗାପୁର ଜନରାଜ୍ୟ
ଶ୍ରୀ ଥର୍ମନ୍ ଶନ୍ମୁଗରତ୍ନମ୍‌ଙ୍କୁ
ଓଡ଼ିଶା ବାସୀଙ୍କ
ଭବ୍ୟ ସ୍ୱାଗତ

OIPR-15001/13/0371/2425

ବିକଶିତ ଭାରତ@2047 ପାଇଁ ସମୃଦ୍ଧ ଓଡ଼ିଶା@2036 ଲକ୍ଷ୍ୟରେ
ଏକାଧିକ ମହତ୍ତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷର

ଭବିଷ୍ୟତ ପାଇଁ ଦକ୍ଷତା ବିକାଶ : ଓଡ଼ିଶାରେ ଏହି କ୍ଷେତ୍ରର ବ୍ୟାପକତା
ଦକ୍ଷତା ବିକାଶ ଓ ବୈଷୟିକ ଜ୍ଞାନ କୌଶଳ ଶିକ୍ଷା ବିଭାଗ, ଓଡ଼ିଶା ସରକାର ଏବଂ ଆଇଟିଇ ଏଜୁକେଶନ ସର୍ଭିସେସ୍, ସିଙ୍ଗାପୁର

ସେମିକଣ୍ଡକ୍ଟର କ୍ଷେତ୍ରରେ ଦକ୍ଷତା ବିକାଶ
ଦକ୍ଷତା ବିକାଶ ଓ ବୈଷୟିକ ଜ୍ଞାନ କୌଶଳ ଶିକ୍ଷା ବିଭାଗ, ଓଡ଼ିଶା ସରକାର ଏବଂ ଆଇଟିଇ ଏଜୁକେଶନ ସର୍ଭିସେସ୍, ସିଙ୍ଗାପୁର

ଅକ୍ଷୟ ଶକ୍ତି ଜ୍ଞାନ କୌଶଳ ସମ୍ପର୍କରେ ଗବେଷଣା
ଶକ୍ତି ବିଭାଗ, ଓଡ଼ିଶା ସରକାର ଓ ଆଇଆଇଟି ଭୁବନେଶ୍ୱର ଏବଂ ନାନ୍ୟାଙ୍ଗ ଟେକ୍ନୋଲୋଜିକାଲ୍ ୟୁନିଭରସିଟି, ସିଙ୍ଗାପୁର

ଗ୍ରୀନ ହାଇଡ୍ରୋଜେନ୍ କରିଡର୍
ଇପିକଲ ଏବଂ ସେମ୍ବକର୍ପ , ସିଙ୍ଗାପୁର

ଇଣ୍ଡଷ୍ଟ୍ରିଆଲ୍ ପାର୍କ
(ଇଡକୋ ଏବଂ ସେମ୍ବକର୍ପ, ସିଙ୍ଗାପୁର )

ପେଟ୍ରୋଲିୟମ୍ , କେମିକାଲ୍ସ ଏବଂ ପେଟ୍ରୋ କେମିକାଲ୍ସ ନିବେଶ କ୍ଷେତ୍ର (ପିସିପିଆଇଆର)
ଇଡକୋ ଏବଂ ସୁରବନ ଜୁରୋଙ୍ଗ, ସିଙ୍ଗାପୁର

ନୂତନ ସହରର ବିକାଶ
ବିଡିଏ ଏବଂ ସୁରବନ ଜୁରୋଙ୍ଗ, ସିଙ୍ଗାପୁର)

ଓଡ଼ିଶାର ଆର୍ଥିକ ପ୍ରଯୁକ୍ତିଗତ ପ୍ରବନ୍ଧନର ସୁଦୃଢ଼ୀକରଣ
ବୈଦ୍ୟୁତିକ ଅଣୁବିଜ୍ଞାନ ତଥା ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ, ଓଡ଼ିଶା ସରକାର ଏବଂ ଜିଏଫ୍ ଟିଏନ୍, ସିଙ୍ଗାପୁର)



ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ସିବିଆଇ ତଦନ୍ତ ନେଇ ଲେଖିକି ଦିଅନ୍ତୁ: ଆଇନ ମନ୍ତ୍ରୀ

**ନବ ଦାସ ହତ୍ୟାକାଣ୍ଡ ଘଟଣା**

■ ଭାଜପା ସିବିଆଇ ତଦନ୍ତ ଦାବି କରୁଥିଲା, ଏବେ କରୁ: ତାରା

ଭୁବନେଶ୍ୱର, ୧୬।୧ (ସୁନିତ୍ ମିଶ୍ର)

ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡ ଘଟଣାକୁ ନେଇ ରାଜ୍ୟ ରାଜନୀତି ଏବେ ଜୋର ଧରିଛି। ନବ ଦାସଙ୍କ ଝିଅ ତଥା ଝାରସୁଗୁଡାର ପୂର୍ବତନ ବିଧାୟିକା ଦୀପାଳି ଦାସ ତାଙ୍କ ପିତାଙ୍କ ହତ୍ୟା ଘଟଣାରେ ସିବିଆଇ ତଦନ୍ତ ଦାବି କରିବା ପରେ ଏହି ପ୍ରସଙ୍ଗକୁ ପୁଣି ଉଜାଗର ହୋଇଛି। ଦୀପାଳିଙ୍କ ପ୍ରତିକ୍ରିୟା ଉପରେ ମତ ରଖି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଏମିତି ଖାଲି କହିଦେଲେ ହେବ ନାହିଁ। ଗତ ସରକାର ସମୟରେ କରାଯାଇଥିବା ତଦନ୍ତ ପ୍ରକ୍ରିୟାରେ ସେମାନେ ଯଦି ସନ୍ତୁଷ୍ଟ ନାହାନ୍ତି ବୋଲି ତାଙ୍କ ପରିବାର ପକ୍ଷରୁ ଲିଖିତ ଭାବେ ପ୍ରଦାନ କରିବେ, ତା'ହେଲେ ସରକାର ନିଶ୍ଚିତ ଭାବେ ସେ ବିଷୟରେ ଗୁରୁତ୍ୱର ସହିତ ବିଚାର କରିବେ। ସେହି ଘଟଣାରେ ମୁଖ୍ୟମନ୍ତ୍ରୀ ଯେଉଁ ନିଷ୍ପତ୍ତି ନେବେ ତାକୁ ମାନିକି ଚାଲିବେ। ଯେତେବେଳେ ଭାଜପା ନବ ଦାସ ହତ୍ୟାକାଣ୍ଡ ଘଟଣାରେ ସିବିଆଇ ତଦନ୍ତ ଦାବି କରିଥିଲା ଓ କ୍ରାଇମବ୍ରାଞ୍ଚ ତଦନ୍ତ ଠିକ୍ ହେବ ନାହିଁ ବୋଲି କହୁଥିଲା ତାହା ସତ୍ୟ ହେଲା। ଗୁଳି କିଏ କଲା ତାହାର ସମସ୍ତେ ଦେଖିଲେ, ହେଲେ ସେ କାହିଁକି କଲା ଏବଂ ଏହା ପଛରେ କିଏ ରହିଛି ତାହା ତଦନ୍ତ ଲାଗି ଯେତେବେଳେ ଆମେ ପଚାରିଥିଲୁ ତତ୍କାଳୀନ ସରକାର ଓ ଶାସକ ଦଳ ଏହି କଥାକୁ ବୁଲେଇ ଚାଲିଥିଲେ। ଏବେ ସେମାନେ ଯେତେବେଳେ ସିବିଆଇ ତଦନ୍ତ ଦାବି କରୁଛନ୍ତି ଏନେଇ ସରକାର ଚିନ୍ତା କରିବେ। ବିଳମ୍ବରେ ହେଲେ ବି ତାଙ୍କ ପରିବାର ଲୋକଙ୍କ ମନରେ କ୍ରାଇମବ୍ରାଞ୍ଚ ତଦନ୍ତ ଠିକ୍ ହୋଇ ନ ଥିବା ଅନୁଶୋଚନା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ନବ ଦାସଙ୍କୁ ହତ୍ୟା କରାଯିବା ସମୟରେ ବିଜେଡି ରାଜ୍ୟରେ ସରକାରରେ ଥିଲା। ସେତେବେଳେ ଭାଜପା ବିରୋଧୀ ଦଳରେ ଥିବାବେଳେ ବାରମ୍ବାର ସିବିଆଇ ତଦନ୍ତ କରାଯାଉ ବୋଲି ଦାବି କରୁଥିଲା। ଏବେ ଭାଜପାର ଡବଲ ଇଞ୍ଜିନ ସରକାର। ସିବିଆଇ ତଦନ୍ତ ଲାଗି ଯଦି ନବ ଦାସଙ୍କ ଝିଅ ଦାବି କରୁଛନ୍ତି ଏହା ହେବା ଦରକାର। ଏହା ହେଲେ କ୍ଷୀର ଆଉ ପାଣି ଅଲଗା ଅଲଗା ହେଇଯିବ। ତୁରନ୍ତ ରାଜ୍ୟ ସରକାର ଏହି ମାମଲାକୁ ସିବିଆଇ ହାତକୁ ହସ୍ତାନ୍ତର କରାନ୍ତୁ ବୋଲି ତାରା କହିଛନ୍ତି।

କଂଗ୍ରେସର ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ନବ ଦାସଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ୨ ବର୍ଷ ଆଗରୁ ହେବାର ଥିଲା। ବିଳମ୍ବରେ ହେଲେ ମଧ୍ୟ ତାଙ୍କ ପରିବାରର ଜ୍ଞାନ ଉଦୟ ହୋଇଛି। ନବଙ୍କ ହତ୍ୟା ପ୍ରଥମରୁ ହିଁ ସନ୍ଦେହଜନକ ଥିଲା। ସେହି ସମୟରେ ଉଭୟ ବିଧାନସଭାରେ ଏବଂ ବାହାରେ ଏହି ଘଟଣାର ସିବିଆଇ କିମ୍ବା ନ୍ୟାୟିକ ତଦନ୍ତ କରାଯାଉ ବୋଲି କଂଗ୍ରେସ ଦାବି କରିବା ସତ୍ତ୍ୱେ ତତ୍କାଳୀନ ସରକାର ଏଥିରେ ରାଜି ହୋଇ ନ ଥିଲେ। ନବଙ୍କ ପରିବାର ମଧ୍ୟ ଏହି କଥାରେ ନୀରବ ରହିଲେ। ବର୍ତ୍ତମାନ ଯେତେବେଳେ କିର୍ମିରା ବ୍ଲକ ଅଧ୍ୟକ୍ଷାଙ୍କ ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗ ଉଠିବା ପରେ ତାଙ୍କ ଜ୍ଞାନ ଉଦୟ ହୋଇଛି। ସିବିଆଇ ତଦନ୍ତ ହେଲେ ଯାଇ ସତ ସାମ୍ନାକୁ ଆସିଯିବ।

ବିଜେଡି ବିଧାୟକ ମନୋହର ରନ୍ଧାରୀ କହିଛନ୍ତି, ନବ ଦାସଙ୍କ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ପାଇଁ ଯଦି ତାଙ୍କ ଝିଅ ଦାବି କରୁଛନ୍ତି ଏହା କରାଯିବା ଦରକାର। ସରକାର ଏହା ଉପରେ ନିଷ୍ପତ୍ତି ନେଲେ ଭଲ ହେବ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଚାହିଁଲେ ଭେଟେଇଦେବି: ଜୟନାରାୟଣ

ସମ୍ବଲପୁର, ୧୬।୧
(ଭବାନୀ ଶଙ୍କର ଭୋଇ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହତ୍ୟାକାଣ୍ଡକୁ ନେଇ ମୁହଁ ଖୋଲିଛନ୍ତି ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର। ସେ କହିଛନ୍ତି, କେବଳ ଏହି ହତ୍ୟା ଘଟଣା ନୁହେଁ, ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ହତ୍ୟା ଓ ମିମିତା ମେହେର ହତ୍ୟା ଭଳି ରାଜ୍ୟର ତିନୋଟି ପ୍ରମୁଖ ଘଟଣାର ସତ୍ୟାସତ୍ୟ ଲୋକଲୋଚନକୁ ଆସିବା ନିହାତି ଜରୁରୀ। ସେ ଏହି ତିନୋଟି ଯାକ ହତ୍ୟକାଣ୍ଡର ସିବିଆଇ ତଦନ୍ତ କରାଯିବା ସପକ୍ଷରେ ଅଛନ୍ତି। ଦୀପାଳି ତାଙ୍କ ପିତାଙ୍କ ହତ୍ୟା ରହସ୍ୟ ଜାଣିବା ଲାଗି ଯଦି ଚାହାନ୍ତି ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଚାହିଁଲେ ସେ ଭେଟେଇ ଦେବେ ବୋଲି ଜୟନାରାୟଣ କହିଛନ୍ତି।

ଜୟନାରାୟଣ ପୁଣି କହିଛନ୍ତି, ବିଧାନସଭାରେ ସେ ଆଗରୁ କହିସାରିଛନ୍ତି ଯେ ଜଣେ ଆଇଏଏସ୍ ଅଧିକାରୀ, ଜଣେ ଆଇପିଏସ୍ ଅଧିକାରୀ ଏବଂ ଦୁଇଜଣ ରାଜନେତା ଏହି ସମସ୍ତ ଷଡ଼ଯନ୍ତ୍ରରେ ସମ୍ପୃକ୍ତ। ସେମାନଙ୍କର ଫୋନ୍‌କଲ ରେକର୍ଡ ଦେଖାଯାଉ ସବୁ ଜଣାପଡିବ। କିନ୍ତୁ ସେତେବେଳେ ତାଙ୍କ କଥାକୁ ଗୁରୁତ୍ୱ ଦିଆଯାଇ ନ ଥିଲା। ଏବେ ଦୀପାଳି ତାଙ୍କ ପିତାଙ୍କ ହତ୍ୟା ପଛର ରହସ୍ୟ ଏବେ ଖୋଲିବାକୁ ଚାହୁଁଛନ୍ତି। ଏଥିରେ ସେ ସହଯୋଗ କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଜୟନାରାୟଣ କହିଛନ୍ତି।



ନୂଆଦିଲ୍ଲୀସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଗୁରୁବାର ଖବରଦାତା ସମ୍ମିଳନୀରେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ଦିଲ୍ଲୀ ଦାୟିତ୍ୱରେ ଥିବା କାଜି ନିଜାମୁଦ୍ଦିନ୍, ଦିଲ୍ଲୀ କଂଗ୍ରେସ ସଭାପତି ଦେବେନ୍ଦ୍ର ଯାଦବ ଓ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଏ. ରେଭନ୍ତ ରେଡ୍ଡୀ ପ୍ରମୁଖ। ଏହି ଅବସରରେ କଂଗ୍ରେସ ଘୋଷଣା କରିଛି ଯେ ଦଳ ଦିଲ୍ଲୀରେ କ୍ଷମତାକୁ ଆସିଲେ ୫୦୦ ଟଙ୍କାରେ ଏଲ୍‌ପିଜି ସିଲିଣ୍ଡର, ବିନାମୂଲ୍ୟରେ ରାଶନ କିଟ୍ ଓ ୩୦୦ ୟୁନିଟ୍ ଯାଏ ମାଗଣାରେ ବିଜୁଳି ଯୋଗାଇଦେବ।

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିବ କଂଗ୍ରେସ



ଖବରଦାତା ସମ୍ମିଳନୀରେ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ୮ ଟି ପ୍ରସଙ୍ଗ ସମ୍ପର୍କିତ ପୋଷ୍ଟର ପ୍ରଦର୍ଶନ କରୁଛନ୍ତି।

**୨୦ରେ ଯୁବ ଅସନ୍ତୋଷ ସମାବେଶ**

ଭୁବନେଶ୍ୱର, ୧୬।୧ (ସୁନିତ୍ ମିଶ୍ର)

ରାଜ୍ୟବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇ ମୋହନ ସରକାର କ୍ଷମତାକୁ ଆସିଲେ ତାକୁ ପୂରଣ କରିବାରେ ବ୍ୟର୍ଥ ହୋଇପଡ଼ିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ୭ ମାସର ମୋହନ ସରକାର ଏକ ଜନବିରୋଧୀ ସରକାର ଭାବେ ପ୍ରମାଣିତ ହୋଇଛି। ସରକାରରେ ଉପୁଜିଥିବା ମୁଖ୍ୟ ୮ଟି ପ୍ରସଙ୍ଗକୁ ନେଇ ଆସନ୍ତା ୨୦ରେ ମାଷ୍ଟରକ୍ୟାଣ୍ଟିନ ଛକରେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହାର ନାମ 'ଯୁବ ଅସନ୍ତୋଷ ସମାବେଶ' ରଖାଯାଇଛି। ବିକ୍ଷୋଭ ପରେ ଯୁବ କଂଗ୍ରେସ କର୍ମୀମାନେ ଅପର ପିଏମ୍‌ଜିଠାରେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନକୁ ଘେରାଉ କରିବେ ବୋଲି ଯୁବ କଂଗ୍ରେସର ପୂର୍ବତନ ସଭାପତି ରଣଜିତ ପାତ୍ର କହିଛନ୍ତି।

କଂଗ୍ରେସ ଭବନଠାରେ ଗୁରୁବାର ଖବରଦାତା ସମ୍ମିଳନୀରେ ରଣଜିତ କହିଛନ୍ତି, ସମାବେଶର ମୁଖ୍ୟ ୮ଟି ପ୍ରସଙ୍ଗ ହେଉଛି, ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବ୍ୟବସ୍ଥା, ଦଳିତ, ଆଦିବାସୀ, ମୁସଲମାନ ଓ ଖ୍ରୀଷ୍ଟିଆନମାନଙ୍କ ଉପରେ ଅତ୍ୟାଚାର, ଖଣି ଖାଦାନ ଲୁଟ୍, ପ୍ରତିଶ୍ରୁତି ଅନୁଯାୟୀ ତୁରନ୍ତ ୩୦୦ ୟୁନିଟ୍ ମାଗଣା ବିଜୁଳି ନ ଯୋଗାଇବା, ମହଙ୍ଗା ମାଡ଼, ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ନ୍ୟାୟ ନ ମିଳିବା, ଉତ୍କଟ ବେକାରି ସମସ୍ୟା ଏବଂ ଦୁର୍ନୀତି ଓ କଳା ତାଲିକାଭୁକ୍ତ କମ୍ପାନୀକୁ ପ୍ରୋତ୍ସାହନ ଦେବା। ଅଖିଳ ଭାରତ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍ ଏହି ଆନ୍ଦୋଳନରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସେ କହିଛନ୍ତି। ଅଖିଳ ଭାରତ ଯୁବ କଂଗ୍ରେସ ସମ୍ପାଦକ ଅଜିତ୍ ସିଂ କହିଛନ୍ତି, ମୋହନ ସରକାର ଏକ ଜନବିରୋଧୀ ସରକାର। ମୁଖ୍ୟମନ୍ତ୍ରୀ ଗୃହ ବିଭାଗ ଚଳାଇବାରେ ବିଫଳ। ରାଜ୍ୟବାସୀଙ୍କୁ ମିଛକଥା କହି ଭାଜପା ଓଡ଼ିଶାରେ କ୍ଷମତାସୀନ ହୋଇଛି ବୋଲି ସେ କହିଛନ୍ତି। ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ କହିଛନ୍ତି, ମାତ୍ର ୭ ମାସର ମୋହନଙ୍କ ଶାସନ ଉପରୁ ଲୋକଙ୍କର ଭରସା ତୁଟିଗଲାଣି। ଓଡ଼ିଶାରେ ଆଇନ ଶୃଙ୍ଖଳା ବୋଲି କିଛି ନାହିଁ। ମହଙ୍ଗାମାଡ଼ରେ ସାଧାରଣ ଲୋକଙ୍କ ଅଣ୍ଟା ଭାଙ୍ଗିଯାଇଛି। କଳାତାଲିକାଭୁକ୍ତ କମ୍ପାନୀଗୁଡ଼ିକୁ ଓଡ଼ିଶାରେ ନିର୍ମାଣ କାର୍ଯ୍ୟ କରିବା ପାଇଁ ସୁଯୋଗ ଦିଆଯାଉଛି। ଭୁବନେଶ୍ୱର ମେଟ୍ରୋ ରେଳବାଇ ନିର୍ମାଣ ଦାୟିତ୍ୱ ନେଇଥିବା କଳାତାଲିକାଭୁକ୍ତ ଗୁଜରାଟୀ କମ୍ପାନୀ ରଣଜିତ ବିଲ୍ଡକନ ଏହାର ଜ୍ୱଳନ୍ତ ଉଦାହରଣ। ଓଡ଼ିଶାରେ ଲୁହାପଥର ଓ ଅନ୍ୟାନ୍ୟ ଖଣିଜ ପଦାର୍ଥ ଖନନ କ୍ଷେତ୍ରରେ ଅଣଓଡ଼ିଆ କମ୍ପାନୀକୁ ପ୍ରାଧାନ୍ୟ ଦିଆଯାଉଛି। ୨୦ରେ ହେବାକୁ ଥିବା ଯୁବ ସମାବେଶ ମାଧ୍ୟମରେ ମୋହନ ସରକାରଙ୍କ ଅପାରଗତା ଓ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଯୁବକଂଗ୍ରେସ ଆହ୍ୱାନ ଦେଉଛି ବୋଲି ୟାସିର କହିଛନ୍ତି।

# ଓବିସିଙ୍କୁ ଶିକ୍ଷା, ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଦେବାକୁ ଦାବି

**ପାର୍ଲାମେଣ୍ଟାରି କମିଟି ଅନ୍ ୱେଲଫେୟାର ଅଫ୍ ଓବିସିଙ୍କୁ ଭେଟିଲେ ବିଭିନ୍ନ ସଙ୍ଗଠନ**

ଭୁବନେଶ୍ୱର, ୧୬।୧ (ସୁନିତ୍ ମିଶ୍ର)

ଓଡ଼ିଶା ଗସ୍ତରେ ଥିବା ପାର୍ଲାମେଣ୍ଟାରି କମିଟି ଅନ୍ ୱେଲଫେୟାର ଅଫ୍ ଓବିସିଙ୍କୁ ଗୁରୁବାର ବିଜେଡି, ସାମାଜିକ ନ୍ୟାୟ ଏବଂ ଓବିସି ଫୋରମ ଓଡ଼ିଶାର ପ୍ରତିନିଧିମଣ୍ଡଳୀମାନେ ଭେଟିଛନ୍ତି। ଓବିସିମାନଙ୍କ ସମ୍ପର୍କରେ ରଖିଥିବା ବିଭିନ୍ନ ଦାବି ସମ୍ପର୍କରେ କମିଟିକୁ ସ୍ଥାନୀୟ ହୋଟେଲ୍ ଠାରେ ଅନେକଗୁଡିଏ ଦାବି ଜଣାଇଛନ୍ତି। ରାଜ୍ୟରେ ନିଯୁକ୍ତି ଏବଂ ନାମଲେଖା କ୍ଷେତ୍ରରେ ଓବିସିମାନଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ଦେବା ବିଷୟକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଦେଶର ଅନ୍ୟସବୁ ରାଜ୍ୟରେ ଏହା ଲାଗୁ ହୋଇସାରିଥିବା ବେଳେ ଓଡିଶାରେ ଏହା ଲାଗୁ କରିବାକୁ ସେମାନେ କହିଛନ୍ତି। ଏହାସହ ୧୯୯୭ରୁ ଚାଲିଆସୁଥିବା ୨୭ ଭାଗ ଓବିସି ସଂରକ୍ଷଣକୁ ପୁନର୍ବାର ଲାଗୁ କରାଯିବା ନେଇ ମଧ୍ୟ ଦାବି ରଖିଛନ୍ତି। ଅନ୍ୟପଟେ ବିଜେଡି ପକ୍ଷରୁ ଆଉ ଏକ ଦାବି କରାଯାଇଛି, ରାଜ୍ୟରେ ଥିବା ଏସ୍‌ସିବିସିମାନଙ୍କୁ କେନ୍ଦ୍ରର ଓବିସି ତାଲିକାରେ ସାମିଲ କରାଯାଉ। ଏହିସବୁ ଦାବିନେଇ ବିଜେଡିସମେତ ଅନ୍ୟ ସଙ୍ଗଠନ ପାର୍ଲାମେଣ୍ଟାରୀ କମିଟିକୁ ଭେଟିଥିବା ବେଳେ ଏହାକୁ ଗୁରୁତ୍ୱ ଦେବା ଉପରେ କମିଟି ସଦସ୍ୟମାନେ ପ୍ରତିଶ୍ରୁତି ଦେଇଛନ୍ତି।

କମିଟିକୁ ଭେଟିସାରିବା ପରେ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି, ଅନ୍ୟ ରାଜ୍ୟ ଭଳି ଓବିସିମାନଙ୍କ ଲାଗି ଉଭୟ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ଓଡିଶାରେ ୨୭ ପ୍ରତିଶତ ସଂରକ୍ଷଣ ଲାଗୁ କରାଯାଉ। ମୁଖ୍ୟତଃ ପ୍ରଫେସନାଲ ପାଠପଢ଼ା କ୍ଷେତ୍ରରେ ଓବିସିମାନଙ୍କୁ ମଧ୍ୟ ସଂରକ୍ଷଣ ମିଳିବା ଦରକାର। ସେମାନଙ୍କ ସଂଖ୍ୟା ଜାଣିବା ଲାଗି ରାଜ୍ୟରେ ଜାତିଭିତ୍ତିକ ଜନଗଣନା କରାଯାଉ ବୋଲି ଅରୁଣ ଦାବି କରିଛନ୍ତି। ଓବିସି ଫୋରମ୍ ଅଧ୍ୟକ୍ଷ ରବି ବେହେରା କହିଛନ୍ତି, ରାଜ୍ୟରେ ନିଷ୍କ୍ରିୟ ଅବସ୍ଥାରେ ଦୀର୍ଘ ୧୫ ବର୍ଷ ଧରି ପଡ଼ି ରହିଥିବା ଓବିସି ଅର୍ଥ ନିଗମକୁ ସକ୍ରିୟ କରି ଓବିସି ବେକାର ଯୁବତୀଯୁବକଙ୍କୁ କମ୍ ସୁଧରେ ଆତ୍ମନିଯୁକ୍ତି ଲାଗି ଋଣ ଦିଆଯାଉ। ଘରୋଇକରଣ କ୍ଷେତ୍ରରେ ଓବିସିମାନଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ଦେବାକୁ ଓବିସି ଫୋରମ୍ ଦାବି କରୁଥିବା ସେ କହିଛନ୍ତି।

ପାର୍ଲାମେଣ୍ଟର ଏହି କମିଟିରେ ସଦସ୍ୟ ଥିବା ତଥା ଓଡିଶାରୁ ରାଜ୍ୟ ସଭା ଏମ୍‌ପି ଥିବା ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ପଛୁଆ ବର୍ଗକୁ ଆଗକୁ ନେବା ହେଉଛି ଏହି କମିଟିର ଦାୟିତ୍ୱ। ପାର୍ଲାମେଣ୍ଟାରୀ ଓବିସି କମିଟି ଭୁନବନେଶ୍ୱର ଠାରେ ଅଛନ୍ତି। ଏହି କମିଟି ଶୁକ୍ରବାର କଲିକତା ଏବଂ ଏହାପରେ ଚେନ୍ନାଇ ଯିବ। ଦେଶର କୋଣ ଅନୁକୋଣରେ ରହିଥିବା ପଛୁଆ ବର୍ଗଙ୍କୁ ଆଗକୁ ନେବା ହେଉଛି ଏହି କମିଟିର ଦାୟିତ୍ୱ ବୋଲି ସେ କହିଛନ୍ତି।

## Business

# ୧୦୫ ପ୍ରକଳ୍ପରେ ୪.୮ ନିୟୁତ ଟଙ୍କା ନିବେଶ

ଭୁବନେଶ୍ୱର, ୧୬।୧ (ଅଭୟ ଦାଶ)



ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମ ପରିସରରେ ଜାତୀୟ ଷ୍ଟାର୍ଟଅପ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କମ୍ପାନୀ ଆଲୁମିନିୟମ ଉତ୍ପାଦନ କ୍ଷେତ୍ର ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରୁଥିବା ୭୦ରୁ ଅଧିକ ଷ୍ଟାର୍ଟଅପ୍ ଏବଂ ୧୦୦ରୁ ଅଧିକ ଷ୍ଟାର୍ଟଅପ୍ ପ୍ରକଳ୍ପର ସଫଳ ସମ୍ପର୍କକୁ ଉଜ୍ଜ୍ୱଳ କରିଛି। ଏପରିକି ନବସୃଜନ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ପୁନଃ ନିର୍ଦ୍ଦେଶ କରୁଛି। ସେହିଭଳି ଏହି ସହଭାଗିତା ବେଦାନ୍ତ ସ୍ପାର୍କ ଉଦ୍ୟମ ଅଧୀନରେ ୧୦୫ରୁ ଅଧିକ ପ୍ରକଳ୍ପରେ ପ୍ରାୟ ୪.୮ ନିୟୁତ ଟଙ୍କା ନିବେଶ କରାଯାଇଛି, ଯାହାକି ଷ୍ଟାର୍ଟଅପ୍ ସହିତ ନବସୃଜନକୁ ଚଳାଇବା, ରୋବୋଟିକ୍ସ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ), କମ୍ପ୍ୟୁଟର ଦୃଷ୍ଟିକୋଣ, ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ (ଆଇଓଟି) ଏବଂ ସ୍ମାର୍ଟ ସୁରକ୍ଷା ସମାଧାନ ଆଣିବା ସହ ଉତ୍ପାଦନ ମାନକୁ ପୁନଃ ପରିଭାଷିତ କରିବା ଏବଂ ଶିଳ୍ପରେ ସ୍ଥାୟିତ୍ୱ ଓ ପ୍ରଯୁକ୍ତିବିଦ୍ୟା ଉନ୍ନତିକୁ ଚଳାଇବା ପାଇଁ ବେଦାନ୍ତ ଆଲୁମିନିୟମର ଉତ୍ସର୍ଗକୁ ଏହା ସୁଦୃଢ଼ କରିଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଭାରତୀୟ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଦ୍ରୁତଗତିରେ ଆଗକୁ ବଢ଼ୁଛି। ଏପରିକି ଗତିଶୀଳ ଉଦ୍ୟୋଗୀ ଏବଂ ଅଭିନବ ସମାଧାନ ଶିଳ୍ପକୁ ପରିବର୍ତ୍ତନ ସହ ବ୍ୟବସାୟ ମଡେଲକୁ ପୁନଃ ପରିଭାଷିତ କରୁଛି। ଆମେ ଏହି ଷ୍ଟାର୍ଟଅପ୍ ସହ ସହଯୋଗ କରିବାକୁ ଉତ୍ସାହିତ ଅଛୁ, ଯାହାର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ନୂତନ ଚିନ୍ତାଧାରା ଆମକୁ ଆଲୁମିନିୟମ କ୍ଷେତ୍ରରେ ଦକ୍ଷତା, ସ୍ଥାୟିତ୍ୱ ଏବଂ ନବସୃଜନ ଚଳାଇବାରେ ସାହାଯ୍ୟ କରିବ। ବେଦାନ୍ତ ଆଲୁମିନିୟମରେ ଆମେ ବେଦାନ୍ତ ସ୍ପାର୍କ ଦଳ ଏବଂ ଷ୍ଟାର୍ଟଅପ୍ ସହିତ ମିଶି କାମ କରି ଗର୍ବିତ ଥିଲାବେଳେ ଆମ ଶିଳ୍ପର ଭବିଷ୍ୟତକୁ ସାକାର କରୁଛି। ସେହିଭଳି ନବସୃଜନଶୀଳ ପ୍ରଯୁକ୍ତିବିଦ୍ୟା ଏବଂ ସମାଧାନଗୁଡ଼ିକୁ ଉପଯୋଗକରି ଏହି ସହଭାଗିତା ଗୁଡ଼ିକ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା, ଉତ୍ପାଦନ ପ୍ରକ୍ରିୟାକୁ ଅପ୍ଟିମାଇଜ୍ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ଖର୍ଚ୍ଚ ସଞ୍ଚୟ କରିବା ଲକ୍ଷ୍ୟ ରଖିଛି। ଏହି ସହଯୋଗଗୁଡ଼ିକ ପରିମାଣ ପରିଚାଳନା, ମୂଲ୍ୟ ହ୍ରାସ ଏବଂ ପରିବେଶଗତ ସ୍ଥାୟିତ୍ୱ ସମେତ ବିଭିନ୍ନ କ୍ଷେତ୍ରରେ ବିସ୍ତୃତ ରହିଛି। ଏହା ବ୍ୟତୀତ ବେଦାନ୍ତ ଆଲୁମିନିୟମର ପରିବେଶଗତ ପରିଚାଳନା ଏବଂ ଦୀର୍ଘକାଳୀନ ସ୍ଥାୟିତ୍ୱ ଲକ୍ଷ୍ୟ ପ୍ରତି ବ୍ୟାପକ ପ୍ରତିବଦ୍ଧତା ସହିତ ସମନ୍ୱୟ ରଖି ୨୦୫୦ ସୁଦ୍ଧା ନେଟ୍ ଶୂନ୍ୟ ହାସଲ କରିବା ପାଇଁ ବେଦାନ୍ତ ଆଲୁମିନିୟମର ବ୍ୟାପକ ପ୍ରତିବଦ୍ଧତା ସହିତ ସମନ୍ୱୟ ରକ୍ଷାକରି ଏହି କ୍ଷେତ୍ର ମଧ୍ୟରେ ସ୍ଥାୟୀ ଅଭ୍ୟାସଗୁଡ଼ିକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ, ୧୬।୧

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକିଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୧୯ (୩୧୮.୭୪) ପଏଣ୍ଟ ବଢି ୭୭,୦୪୩ (୭୭,୦୪୨.୮୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୯୯ (୯୮.୬୦) ପଏଣ୍ଟ ବୃଦ୍ଧି ଘଟି ୨୩,୩୧୨ (୨୩,୩୧୧.୮୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

## ସେଲ୍‌କୋ ସହ ଓଜିବିର ବୁଝାମଣା




ଭୁବନେଶ୍ୱର, ୧୬।୧

ସେଲ୍‌କୋ ଫାଉଣ୍ଡେସନ୍ ଏବଂ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଓଡ଼ିଶାରେ କ୍ଷୁଦ୍ର ଶିଳ୍ପର ବିକାଶ ନିମନ୍ତେ ସୌର ଶକ୍ତିର ବିନିଯୋଗ, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ଗ୍ରାମୀଣ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଉଭୟ ପ୍ରତିଷ୍ଠାନ ମଧ୍ୟରେ ଏହି ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର ହୋଇଛି। ସେହିଭଳି ଏହି ବୁଝାମଣାର ଲକ୍ଷ୍ୟ ଜୀବିକା ନିର୍ବାହର ସୁଯୋଗ ବୃଦ୍ଧି କରିବା ତଥା ପ୍ରଦୂଷଣ ମୁକ୍ତ ଏବଂ ସୁଲଭ ମୂଲ୍ୟରେ ବ୍ୟବସାୟିକ ଅନୁଷ୍ଠାନମାନଙ୍କୁ ସୌର ଶକ୍ତି ଉପଲବ୍ଧ କରାଇ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା । ଏହି ପରିପ୍ରେକ୍ଷୀରେ ଆୟୋଜିତ ସ୍ୱାକ୍ଷର ସମାରୋହ ପ୍ରମୁଖ ଅଂଶୀଦାରମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ଏସ୍.କେ.ତାଲକଦାର, ଓଜିବିର ଅଧ୍ୟକ୍ଷ ଋଷି ସିଂହ,ମହାପ୍ରବନ୍ଧକ ତୃପ୍ତି ରଞ୍ଜନ ସ୍ୱାଇଁ, ମହାପ୍ରବନ୍ଧକ ଶ୍ୱେତଭ କୁମାର ଏବଂ ସେଲ୍‌କୋ ଫାଉଣ୍ଡେସନ୍‌ର ସିଏଫଓ ଭି.କେ. ଜୋବି ପ୍ରମୁଖ ଉପସ୍ଥିତ ଥିଲେ। ଓଜିବିରୁ ପ୍ରଭୂ ପ୍ରସାଦ ମିଶ୍ର, ସେଲ୍‌କୋ ଫାଉଣ୍ଡେସନରୁ ସଞ୍ଜୟ ତ୍ରିପାଠୀ, ସତ୍ୟପ୍ରିୟ ସାହୁ, ଗୌତମ ପ୍ରଧାନ ଏବଂ ଉଭୟ ଅନୁଷ୍ଠାନର ଅନ୍ୟ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ ।

## ରୟାଲ ଷ୍ଟାଗ୍ ବୁମ୍‌ବକ୍ସର ୩ୟ ସଂସ୍କରଣ

ନୂଆଦିଲ୍ଲୀ,୧୬।୧

ସିଗ୍ରାମ ରୟାଲ ଷ୍ଟାଗ୍‌ର ବହୁ ପ୍ରତିକ୍ଷୀତ ସାଂସ୍କୃତିକ କାର୍ଯ୍ୟକ୍ରମ 'ରୟାଲ ଷ୍ଟାଗ୍ ବୁମ୍‌ବକ୍ସର ୩ୟ ସଂସ୍କରଣ' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଏହି କାର୍ଯ୍ୟକ୍ରମ ବଲିଉଡର ଆଇକୋନିକ ମେଲୋଡିକୁ କଣ୍ଟେମ୍ପରାରୀ ହିପ୍-ହପ୍ ବିଟ୍ ସହ ମିଶ୍ରଣ କରିଥାଏ। ସେହିଭଳି ମିରିଚ ଦ୍ୱାରା ପ୍ରାୟୋଜିତ ଏହି ମ୍ୟୁଜିକ ଫେଷ୍ଟିଭାଲ ନିକଟରେ ମୁମ୍ବାଇଠାରେ ଆୟୋଜିତ ହୋଇଯାଇଛି। ଅପରପକ୍ଷରେ ଏକ ସ୍ୱତନ୍ତ୍ର ମିଡିଆ ପ୍ରିଭ୍ୟୁରେ ଏହାର ଆଗାମୀ ଶୃଙ୍ଖଳାକୁ ପ୍ରଦର୍ଶିତ କରିଛି। ଏହି ଅନନ୍ୟ କଲ୍‌ଚରାଲ ଫ୍ୟୁଜନ ପାରମ୍ପରିକ ଓ ଆଧୁନିକ ଭାରତୀୟ ସଙ୍ଗୀତର ମିଶ୍ରଣକୁ ପୁନଃବ୍ୟାଖ୍ୟା କରିବା ଜାରି ରଖିଛି, ଯାହା ବ୍ରାଣ୍ଡର 'ଲିଭିଂ ଇଟ୍ ଲାର୍ଜ' ଦର୍ଶନକୁ ଗ୍ରହଣ କରିଛି। ଏହି ଫେଷ୍ଟିଭାଲ ଦେଶର ୪ଟି ପ୍ରମୁଖ ସହର ହାଇଦ୍ରାବାଦ, ମୁମ୍ବାଇ, ଗୁରୁଗ୍ରାମ ଓ ଗୌହାଟୀଠାରେ ଟୁର୍ କରିବ। ପୂର୍ବ ୨ଟି ସଂସ୍କରଣ ସହରଗୁଡିକରେ ୧ଲକ୍ଷରୁ ଅଧିକ ଅଂଶଗ୍ରହଣକାରୀଙ୍କ ଧ୍ୟାନ ଆକର୍ଷିତ କରିଥିଲାବେଳେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡିକରେ ୨୦୦ ମିଲିୟନରୁ ଅଧିକ ଭ୍ୟୁ ହାସଲ କରିଥିଲା। ଚଳିତ ସଂସ୍କରଣରେ ଅଂଶଗ୍ରହଣକାରୀମାନେ ଆର୍ଟ ଇନ୍‌ଷ୍ଟଲେଶନ, ଏଆର୍/ଭିଆର୍ ଟେକ୍ନୋଲୋଜି ସମେତ ଏଆଇ-ପରିଚାଳିତ ପର୍ସନାଲାଇଜେଶନରେ ନିୟୋଜିତ ହୋଇପାରିବେ। ଏ ସମ୍ପର୍କରେ ପର୍ନୋଡ ରିକାର୍ଡ ଇଣ୍ଡିଆର ଚିଫ୍ ମାର୍କେଟିଂ ଅଫିସର ଓ ଗ୍ଲୋବାଲ ବିଜ୍‌ନେସ୍ ଡେଭ୍‌ଲପମେଣ୍ଟର ମୁଖ୍ୟ କାର୍ତିକ ମହିନ୍ଦ୍ରା କହିଛନ୍ତି, ରୟାଲ ଷ୍ଟାଗ୍ ସଙ୍ଗୀତକୁ ଏହାର ପ୍ରମୁଖ ଯୁବ ଆଗ୍ରହ ସ୍ତମ୍ଭ ଭାବେ ପାଳନ କରିଆସୁଛି। ବର୍ତମାନ ଆମେ ରୟାଲ ଷ୍ଟାଗ ବୁମ୍‌ବକ୍ସର ୩ୟ ସଂସ୍କରଣକୁ ଉନ୍ମୋଚନ କରିଛୁ, ଏହି ପ୍ଲାଟ୍‌ଫର୍ମ ଏକ ଉତ୍ସାହଜନକ ନୂତନ ସାଉଣ୍ଡସ୍କେପ ସହ ଅନୁଭୂତିକୁ ଉନ୍ନତ କରିବା ପାଇଁ ପ୍ରସ୍ତୁତ ରହିଛି। ଯାହା କଳା ଓ ସାଂସ୍କୃତିକ ଅନୁଭୂତି ସମେତ ବଲିଉଡର ମେଲୋଡିଗୁଡ଼ିକୁ ହିପ୍-ହପ୍‌ର ବିଟ୍ ସହ ମିଶ୍ରଣ କରିଥାଏ। ସେହିଭଳି ୱେଭମେକର୍‌ର ଦକ୍ଷିଣ ଏସିଆ ସିଇଓ ଅଜୟ ଗୁପ୍ତେ କହିଛନ୍ତି, ରୟାଲ ଷ୍ଟାଗ୍ ବୁମ୍‌ବକ୍ସର ଏହି ସଂସ୍କରଣରେ ଆମେ ଆମର 'ଲିଭ୍ ଇଟ୍ ଲାର୍ଜ' ଦର୍ଶନକୁ ବହୁଗୁଣିତ କରିଛୁ।

## ଆପୋଲୋରେ ଯକୃତ ପ୍ରତିରୋପଣର ଶୁଭାରମ୍ଭ




ଖବରଦାତା ସମ୍ମିଳନୀରେ ଆପୋଲୋ ହସ୍ପିଟାଲର ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୬।୧

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ଆଚାର୍ଯ୍ୟବିହାର ନିକଟରେ ଅବସ୍ଥିତ ଆପୋଲୋ ହସ୍ପିଟାଲରେ ଏକ ସମ୍ପୂର୍ଣ୍ଣ ଯକୃତ ପ୍ରତିରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏକ ନୂତନ ଯାତ୍ରାର ଆରମ୍ଭ ସହ ଚିକିତ୍ସା ସୁବିଧା ମଧ୍ୟ ଜାରି ରହିଛି। ହସ୍ପିଟାଲର ଏହି ଉଦ୍ୟମ ଓଡ଼ିଶାରେ ଯକୃତ ସୁରକ୍ଷାକୁ ଉଚ୍ଚସ୍ତରକୁ ଉନ୍ନତ କରିବ। ଏପରିକି ଆପୋଲୋ ଯକୃତ ବିଶେଷଜ୍ଞଙ୍କ ଦ୍ୱାରା ନିପୁଣ ଚିକିତ୍ସା ବେଶ୍ ଉଚ୍ଚତର ହୋଇଥିଲାବେଳେ ପ୍ରଶଂସନୀୟ ଯକୃତ ବିଶେଷଜ୍ଞ ଦଳ ଉଚ୍ଚମାନର ଚିକିତ୍ସା ଏବଂ ରୋଗୀ ସୁଖାନୁଭୂତି ସୁନିଶ୍ଚିତ କରିବା ପାଇଁ ସମର୍ପିତ ରହିଛି। ସେହିଭଳି ଓଡ଼ିଶା ବାହାରକୁ ଯିବାର ଆବଶ୍ୟକତା ନାହିଁ,ଓଡ଼ିଶାର ରୋଗୀମାନେ ବର୍ତ୍ତମାନ ରାଜ୍ୟରେ ଅତ୍ୟାଧୁନିକ ଯକୃତ ପ୍ରତିରୋପଣ ସୁବିଧାରୁ ଲାଭ ଉଠାଇପାରିବେ, ଯାହା ଦୀର୍ଘ ଯାତ୍ରାର କ୍ଲାନ୍ତି ଏବଂ ଖର୍ଚ୍ଚକୁ ହ୍ରାସ କରିବ ବୋଲି ଗୁରୁବାର ହସ୍ପିଟାଲ ପକ୍ଷରୁ ଆୟୋଜିତ ସାମ୍ବାଦିକ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏ ନେଇ ଡା. ଆଲୋକ ଶ୍ରୀବାସ୍ତବ, ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଏବଂ ଚିକିତ୍ସା ସେବାର ନିର୍ଦ୍ଦେଶକ, ଆପୋଲୋ ହସ୍ପିଟାଲ୍ସ, ଭୁବନେଶ୍ୱର କହିଛନ୍ତି,ଯକୃତ ପ୍ରତିରୋପଣ ଶଲ୍ୟ ଚିକିତ୍ସାରେ ଅସାଧାରଣ ଦକ୍ଷତା ଏବଂ ଠିକ୍ ପରିଚାଳନା ଆବଶ୍ୟକ ରହିଛି। ଆପୋଲୋ ହସ୍ପିଟାଲ୍ସ, ଭୁବନେଶ୍ୱରରେ ଅତ୍ୟାଧୁନିକ ଲାପାରୋସ୍କୋପିକ୍ ଜିଆଇ କ୍ୟାନ୍‌ସର ଶଲ୍ୟ ଚିକିତ୍ସା ମଧ୍ୟ ଯୋଗାଉଛୁ, ଯାହା ଆମର ରୋଗୀମାନଙ୍କ ପାଇଁ ଆନୁଷ୍ଠାନିକ ଏବଂ ଉନ୍ନତ ସମାଧାନ ଦେବ ।

## ଫୋନ୍‌ପେର ନୂତନ ଅଭିଯାନ

ନୂଆଦିଲ୍ଲୀ,୧୬।୧

ଫୋନ୍‌ପେର ନୂତନ ଅଭିଯାନ 'ମହାକୁମ୍ଭ କା ମହାସଗୁନ' ଅଫରର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଦୀର୍ଘ ୧୨ବର୍ଷ ପରେ ଚଳିତ ବର୍ଷ ମହାକୁମ୍ଭ ମେଳା ଉତ୍ତର ପ୍ରଦେଶର ପ୍ରୟାଗରାଜଠାରେ ଆରମ୍ଭ ହୋଇଯାଇଛି। ଏହି ଅବସରରେ ପ୍ଲାଟ୍‌ଫର୍ମର ଏକ ବିସ୍ତୃତ କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ଯାହା ପ୍ରୟାଗରାଜଠାରେ ୨୦୨୫ ଜାନୁଆରୀ ୧୩ରୁ ଫେବୃଆରୀ ୨୬ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ଫୋନ୍‌ପେର ଏହି କ୍ୟାମ୍ପେନରେ 'ମହାକୁମ୍ଭ କା ମହାସଗୁନ' ଅଫର୍ ଭଳି ଏକାଧିକ ଉତ୍ସାହଜନକ ଅଫର ମଧ୍ୟ ସାମିଲ ରହିଛି। ଏହି ଅଫର ଜରିଆରେ ସବୁ ବର୍ଗର ଶ୍ରଦ୍ଧାଳୁ ପ୍ରୟାଗରାଜ ସହରର ମହାକୁମ୍ଭ ମେଳାରେ ଯୋଗ ଦେଉଥିବା ଫୋନ୍‌ପେ ନୂଆ ଉପଭୋକ୍ତାମାନେ ନିଜର ପ୍ରଥମ ଟ୍ରାନ୍ସକ୍ସନ ଉପରେ ୧୪୪ଟଙ୍କାର କ୍ୟାଶ୍‌ବ୍ୟାକ ପାଇପାରିବେ। ଏହି ଅଫର୍ ୨୦୨୫ ଫେବୃଆରୀ ୨୬ ପର୍ଯ୍ୟନ୍ତ ଏବଂ ସର୍ବନିମ୍ନ ୧ଟଙ୍କାର କାରବାର ଉପରେ ବୈଧ ରହିବ। ଏହି କ୍ୟାମ୍ପେନ ପାଇଁ ଉପଭୋକ୍ତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି କମ୍ପାନୀ ବିଭିନ୍ନ ଟଚ୍ ପଏଣ୍ଟଗୁଡିକରେ ମହାକୁମ୍ଭ ଥିମର କ୍ୟୁଆର କୋଡ୍, ବ୍ୟାନର, ପୋଷ୍ଟର ଓ ଅନ୍ୟ ବ୍ରାଣ୍ଡିଂ ଏଲିମେଣ୍ଟଗୁଡିକର ଏକ ମିଶ୍ରଣକୁ ବ୍ୟବହାର କରୁଛି। ଏହି ପବିତ୍ର ମହାକୁମ୍ଭ ମେଳାକୁ ଆହୁରି ଉତ୍ସାହଜନକ କରିବା ପାଇଁ ଫୋନ୍‌ପେ ପକ୍ଷରୁ ଏହାର ସ୍ମାର୍ଟସ୍ପିକରରେ ଏକ ସ୍ୱତନ୍ତ୍ର ବାର୍ତ୍ତା ମଧ୍ୟ ଲଞ୍ଚ କରାଯାଇଛି, ଯାହା ଅଂଶଗ୍ରହଣକାରୀଙ୍କୁ 'ମହାକୁମ୍ଭ କି ଶୁଭ୍‌କାମନାୟେଁ, ମହା ସଗୁନ କେ ସାଥ୍' ବାର୍ତ୍ତା ସହ ଶୁଭେଚ୍ଛା ଜଣାଉଛି। ଏହି କ୍ୟାମ୍ପେନ ୪୦କୋଟିରୁ ଅଧିକ ଭକ୍ତଙ୍କ ପାଇଁ ମହାକୁମ୍ଭ ମେଳାକୁ ସୁବିଧାଜନକ ଓ ବାଧାହୀନ କରିବା ପାଇଁ ସାହାଯ୍ୟ କରିବାକୁ ଲକ୍ଷ୍ୟ ରଖିଛି। ଏହା ସେମାନଙ୍କୁ ନଗଦ ଅର୍ଥ ରଖିବାର ଚିନ୍ତା ବିନା ସହଜରେ ପେମେଣ୍ଟ କରିବାକୁ ଅନୁମତି ଦେବ। ଏହା ଦେଶରେ ଡିଜିଟାଲ ପେମେଣ୍ଟର ଗ୍ରହଣୀୟତାକୁ ବୃଦ୍ଧି କରିବା ସହ କୋଟି କୋଟି ଭାରତୀୟଙ୍କ ପାଇଁ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବ। ଉପଭୋକ୍ତାମାନେ ଫୋନ୍‌ପେ ଆପ୍ ଡାଉନଲୋଡ୍ କରିବା ପରେ ସେଥିରେ ନିଜର ବ୍ୟାଙ୍କ ଆକାଉଣ୍ଟ ଲିଙ୍କ କରିବେ ଏବଂ ଏକ ୟୁପିଆଇ ପିନ୍ ସେଟ୍ କରିବେ।

ଧରିତ୍ରୀ
DHARITRI
51 Years





## ସ୍ୱିଟେକ୍ ତୃତୀୟ ରାଉଣ୍ଡରେ

ଅଷ୍ଟ୍ରେଲିଆନ ଓପନ ଟେନିସ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ପୋଲାଣ୍ଡର ଇଗା ସ୍ୱିଟେକ୍।

୧୨

୧୦

## ବନ୍ଦ ହେବ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ

କର୍ପୋରେଟ୍ ଜଗତର ଅନୁସନ୍ଧାନ ଓ ଗବେଷଣାମୂଳକ ପ୍ରଘଟ ପାଇଁ ଜଣାଶୁଣା ହିଣ୍ଡେନ୍‌ବର୍ଗ ରିସର୍ଚ୍ଚକୁ ବନ୍ଦ କରିବା ପାଇଁ ସଂସ୍ଥାର ପ୍ରତିଷ୍ଠାତା ନାଥନ୍ ଆଣ୍ଡର୍ସନ ନିଷ୍ପତ୍ତି ନେଇଛନ୍ତି।





ତାମିଲନାଡୁ ମଦୁରାଇ ଜିଲା ଆଲଙ୍ଗନାଲୁରରେ ଗୁରୁବାର ପୋଙ୍ଗଲ ପାଳନ ଅବସରରେ ଅନୁଷ୍ଠିତ 'ଜାଲିକାଟ୍ଟୁ' ପ୍ରତିଯୋଗିତା।

# ଅଷ୍ଟମ ବେତନ କମିଶନକୁ କ୍ୟାବିନେଟ ମଞ୍ଜୁରୀ

**କେନ୍ଦ୍ରୀୟ ସରକାରୀ କର୍ମଚାରୀ ଓ ପେନସନଭୋଗୀଙ୍କ ପାଇଁ ଖୁସି ଖବର। କର୍ମଚାରୀଙ୍କ ବେତନ ଏବଂ ପେନ୍‌ସନଧାରୀମାନଙ୍କ ଭତ୍ତାରେ ସଂଶୋଧନ ପାଇଁ ଅଷ୍ଟମ ବେତନ କମିଶନ ଗଠନ ନିମନ୍ତେ କେନ୍ଦ୍ର ସରକାର ଗୁରୁବାର ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍‌ରେ ଏହି ନିଷ୍ପତ୍ତି ନିଆଯାଇଥିବା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ୨୦୨୫ କେନ୍ଦ୍ରୀୟ ବଜେଟ୍ ପୂର୍ବରୁ ଏହା ମୋଦି ସରକାରଙ୍କ ବଡ଼ ଘୋଷଣା ହୋଇଥିବାବେଳେ ଆସନ୍ତା ବର୍ଷ କର୍ମଚାରୀମାନଙ୍କ ଦରମା ପ୍ରାୟ ୩ଗୁଣ ବଢ଼ିପାରେ ବୋଲି କୁହାଯାଉଛି।**

## କେନ୍ଦ୍ରୀୟ କର୍ମଚାରୀଙ୍କ ପାଇଁ ଖୁସି ଖବର

**ନୂଆଦିଲ୍ଲୀ,୧୬।୧(ପି.ଟି.)**

ସପ୍ତମ ବେତନ କମିଶନଙ୍କ ସୁପାରିସ୍‌ର ବୈଧତା ୨୦୨୬ରେ ଶେଷ ହେବାକୁ ଯାଉଥିବାବେଳେ ଅଷ୍ଟମ ବେତନ କମିଶନ ଗଠନକୁ ଅନୁମୋଦନ ମିଳିଛି। ଖୁବ୍‌ଶୀଘ୍ର କମିଶନ୍‌ର ଜଣେ ଅଧ୍ୟକ୍ଷ ଏବଂ ୨ ଜଣ ସଦସ୍ୟଙ୍କୁ ନିଯୁକ୍ତ କରାଯିବ। ବର୍ତ୍ତମାନ ୪୯ ଲକ୍ଷରୁ ଊର୍ଦ୍ଧ୍ୱ କେନ୍ଦ୍ରୀୟ କର୍ମଚାରୀ ଏବଂ ପାଖାପାଖି ୬୫ ଲକ୍ଷ ପେନ୍‌ସନଭୋଗୀ ରହିଛନ୍ତି। ଚଳିତ ବର୍ଷ ନୂଆ ପେ' କମିଶନ ଗଠନ ହେବା ଫଳରେ ପୂର୍ବ କମିଶନଙ୍କ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଏହା ବେତନ ଓ ପେନ୍‌ସନରେ ସଂଶୋଧନ ପାଇଁ ସୁପାରିସ କରିପାରିବ। କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ଅନ୍ୟ ଷ୍ଟେକ୍‌ହୋଲ୍ଡରମାନଙ୍କ ସହ କମିଶନ ବ୍ୟାପକ ବିଚାରବିମର୍ଶ କରି କେନ୍ଦ୍ର ସରକାରଙ୍କୁ ସୁପାରିସ କରିବେ ବୋଲି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

୧୯୪୭ରୁ ଇତିମଧ୍ୟରେ ସରକାର ୭ଟି ବେତନ ଆୟୋଗ ଗଠନ କରିଛନ୍ତି। ସରକାରୀ କର୍ମଚାରୀଙ୍କ ବେତନ ଢାଞ୍ଚା, ବିଭିନ୍ନ ସୁବିଧା ସୁଯୋଗ ଏବଂ ଭତ୍ତା ସମ୍ପର୍କିତ ନିଷ୍ପତ୍ତି ନେବାରେ ବେତନ କମିଶନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। କମିଶନଙ୍କ ସୁପାରିସକୁ ଅଧିକାଂଶ ରାଷ୍ଟ୍ରାୟତ୍ତ ସଂସ୍ଥା ଗ୍ରହଣ କରିଥାନ୍ତି। ୨୦୧୪ରେ ସପ୍ତମ ବେତନ କମିଶନ ଗଠନ କରାଯାଇଥିଲାବେଳେ ଏହାର ସୁପାରିସ ୨୦୧୬ ଜାନୁଆରୀ ୧ରୁ କାର୍ଯ୍ୟକାରୀ ହୋଇଥିଲା।

ଅଷ୍ଟମ ବେତନ କମିଶନ ଗଠନ ପାଇଁ ୧ କୋଟିରୁ ଊର୍ଦ୍ଧ୍ୱ କେନ୍ଦ୍ରୀୟ କର୍ମଚାରୀ ଏବଂ ପେନ୍‌ସନଧାରୀ ଉତ୍ସୁକତାର ସହ ଅପେକ୍ଷା କରି ରହିଥିଲେ। ନୂଆ କମିଶନ କର୍ମଚାରୀମାନଙ୍କ ମୂଳ ବେତନ, ଭତ୍ତା, ପେନ୍‌ସନ ଏବଂ ଅନ୍ୟାନ୍ୟ ସୁବିଧାର ସମୀକ୍ଷା କରିବା ସହ ସଂଶୋଧନ କରିବେ। ଏହାଦ୍ୱାରା ସାମରିକ କର୍ମଚାରୀଙ୍କ ସମେତ ସମସ୍ତ କେନ୍ଦ୍ରୀୟ କର୍ମଚାରୀ ଓ ପେନ୍‌ସନଧାରୀଙ୍କ ବେତନ ଓ ପେନ୍‌ସନ୍ ବୃଦ୍ଧି ହେବା ଆଶା ରହିଛି। ଫେବୃଆରୀ ୫ରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଏହା ପୂର୍ବରୁ ନୂଆ ବେତନ କମିଶନ ଗଠନ ପାଇଁ କେନ୍ଦ୍ର ନିଷ୍ପତ୍ତି ନେଇଛି। ଏହାଦ୍ୱାରା କେବଳ ଦିଲ୍ଲୀର ୪ ଲକ୍ଷ କର୍ମଚାରୀ ଉପକୃତ ହେବେ। ପୂର୍ବରୁ କେନ୍ଦ୍ରୀୟ ☞ପୃଷ୍ଠା-୨

## ଯବାନଙ୍କ ଗୁଳିରେ ୧୨ ମାଓବାଦୀ ନିହତ

**ମାଲକାନଗିରି, ୧୬।୧**
**(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ବିଜାପୁର ଜିଲାରେ ଯବାନଙ୍କ ସହ ଗୁଳି ବିନିମୟରେ ଗୁରୁବାର ୧୨ ମାଓବାଦୀ ନିହତ ହୋଇଛନ୍ତି। ବିଜାପୁର ଜିଲା ଦକ୍ଷିଣ ବସ୍ତର ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇ ଡିଆର୍‌ଜି, କୋବ୍ରା ଏବଂ ସିଆର୍‌ପିଏଫ୍ ଯବାନମାନେ ତଲାସି କରିଥିଲେ। ଏହି ସମୟରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ମୁହାଁମୁହିଁ ହୋଇ ଗୁଳି ବିନିମୟ ଘଟିଥିଲା। ଯବାନଙ୍କ ଗୁଳିରେ ୧୨ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି। ଘଟଣା ଉପରେ ବସ୍ତର ଆଇଜି ପି. ସୁନ୍ଦରରାଜ ଓ ସିଆର୍‌ପିଏଫ୍ ଆଇଜି ଦୃଷ୍ଟି ରଖିଥିବା ବେଳେ ଯବାନମାନେ ଫେରିବା ପରେ ସମସ୍ତ ଘଟଣା ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ସୈଫ୍‌ଙ୍କୁ ଘରେ ପଶି ଛୁରାମାଡ଼

**ମୁମ୍ବାଇ,୧୬।୧**

ବଲିଉଡ୍ ଷ୍ଟାର ସୈଫ୍ ଅଲୀ ଖାନ୍‌ଙ୍କ ମୁମ୍ବାଇ ବାସଭବନରେ ପଶି ତାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ବୁଧବାର ରାତି ୨ଟା ୧୫ରେ ଜଣେ ବ୍ୟକ୍ତି ବାନ୍ଦ୍ରାରେ ଥିବା 'ସଦ୍‌ଗୁରୁ ଶରଣ' ବିଲ୍ଡିଂର ସୈଫ୍ ପରିବାର ସହ ରହୁଥିବା ଫ୍ଲାଟ୍‌କୁ ଅନୁପ୍ରବେଶକରି ୬ ଥର ଛୁରାମାଡ଼ କରିଛନ୍ତି। ଏହି ଅତର୍କିତ ଆକ୍ରମଣରେ ସୈଫ୍‌ଙ୍କ ବେକ, ହାତ ଓ ମେରୁଦଣ୍ଡ ଉପରଭାଗରେ ଗଭୀର ଆଘାତ ଲାଗିଛି। ତେବେ ଲୀଲାବତୀ ହସ୍ପିଟାଲରେ ଜରୁରୀ ଅସ୍ତ୍ରୋପଚାର ପରେ ୫୪ ବର୍ଷୀୟ ଅଭିନେତା ବିପଦମୁକ୍ତ ଥିବା ଡାକ୍ତରୀ ଟିମ୍ ସୂଚନା ଦେଇଛି। ଉକ୍ତ ଘଟଣା ପରେ ଆର୍ଥିକ ରାଜଧାନୀ ମୁମ୍ବାଇରେ ରହୁଥିବା ସେଲିବ୍ରିଟିମାନଙ୍କ ସୁରକ୍ଷାକୁ ନେଇ ପୁଣି ପ୍ରଶ୍ନ ଉଠିଛି। ମୁମ୍ବାଇ ପୋଲିସ ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ବିରୋଧରେ ସଶସ୍ତ୍ର ଡକାୟତି ଏବଂ ହତ୍ୟା ଉଦ୍ୟମ ମାମଲା ରୁଜୁକରି ତଦନ୍ତ ଚଳାଇଛି।



ଆକ୍ରମଣକାରୀ



ସୈଫ୍ ଅଲୀ ଖାନ୍

ଆକ୍ରମଣକାରୀ ଉକ୍ତ ବିଲ୍ଡିଂର ଶିଡ଼ି ଦେଇ ଫେରାର ହେବାରେ ସକ୍ଷମ ହୋଇଛନ୍ତି। ଷଷ୍ଠ ଫ୍ଲୋର୍‌ର ସିସିଟିଭି ଫୁଟେଜ୍‌ରେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯିବା ପରେ ତାଙ୍କ ଫଟୋ ଜାରି କରାଯାଇଛି। ସୈଫ୍‌ଙ୍କ ପରିବାର ଏହାକୁ ଡକାୟତି ଉଦ୍ଦେଶ୍ୟରେ ଆକ୍ରମଣ ବୋଲି କହୁଥିବାବେଳେ ଏହାର ବିଭିନ୍ନ ଦିଗ ଓ କାରଣକୁ ନେଇ ଚର୍ଚ୍ଚା ହେଉଛି। ଅଭିନେତାଙ୍କୁ ଛୁରାମାଡ଼ ହେବାର ୪୫ ମିନିଟ୍ ପୂର୍ବରୁ ଅର୍ଥାତ୍ ରାତି ପ୍ରାୟ ୧ଟା ୩୦ରେ କରିନା ଏକ ପାର୍ଟିରେ ଯୋଗଦେଇ ଘରକୁ ଫେରିଥିଲେ। ଉକ୍ତ ପାର୍ଟିରେ କାହା ସହ ଯୁକ୍ତିତର୍କ କିମ୍ବା ବିବାଦ ହୋଇଥିଲେ ତାହା ମଧ୍ୟ ଆକ୍ରମଣର ଏକ ସମ୍ଭାବ୍ୟ କାରଣ ହୋଇଥାଇପାରେ ବୋଲି କୁହାଯାଉଛି।

ହିନ୍ଦୀ ଫିଲ୍ମ ଜଗତର ଜଣାଶୁଣା ବ୍ୟକ୍ତିତ୍ୱ ସୈଫ୍ ଅଲୀ ଖାନ୍, ତାଙ୍କ ସ୍ତ୍ରୀ ଅଭିନେତ୍ରୀ କରିନା କପୁର ଖାନ୍ ଏବଂ ସେମାନଙ୍କ ପୁଅ ଇବ୍ରାହିମ୍ ଓ ତୈମୁର ବାନ୍ଦ୍ରା ୱେଷ୍ଟସ୍ଥିତ ୧୨ ☞ପୃଷ୍ଠା-୨

## ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କୁ ମାସିକ ମିଳିବ ୩୦ ହଜାର

**ଭୁବନେଶ୍ୱର,୧୬।୧(ଅନିଲ ଦାସ)**

ରାଜ୍ୟର ସମସ୍ତ ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କୁ ମାସିକ ୩୦ ହଜାର ଟଙ୍କା ମିଳିବ। ରାଜ୍ୟ ସରକାର ଏହି ସହାୟତା ରାଶି ଘୋଷଣା କରିଛନ୍ତି। ଚଳିତ ଜାନୁଆରୀରୁ ଏହି ସହାୟତା ରାଶି ଦିଆଯିବ। ପୂର୍ବରୁ ଏନେଇ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁବାର ବିଧିବଦ୍ଧ ଭାବେ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ପୂର୍ବରୁ ପଦ୍ମ ବିଜେତାଙ୍କୁ ମାସକୁ ୩୦ ହଜାର ଟଙ୍କାର ସମ୍ମାନସୂଚକ ସହାୟତା ରାଶି ମିଳିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟର ସମସ୍ତ ୫୫ ଜଣ ଜୀବିତ ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତିବିଶେଷ ମାସକୁ ୩୦ ହଜାର ଟଙ୍କା ଲେଖାଏ ସମ୍ମାନସୂଚକ ସହାୟକ ରାଶି ପାଇବେ। ଏଥିପାଇଁ ବର୍ଷକୁ ୨ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି।

ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ପଦ୍ମଶ୍ରୀ, ପଦ୍ମଭୂଷଣ ଏବଂ ପଦ୍ମବିଭୂଷଣ ପୁରସ୍କାର ପାଇଥିବା ବ୍ୟକ୍ତିବିଶେଷଙ୍କୁ ଏହି ସମ୍ମାନ ରାଶି ଦିଆଯିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ପଦ୍ମ ବିଜେତାଙ୍କୁ ଆର୍ଥିକ କ୍ଷେତ୍ରରେ ସହାୟକ ହେବ। ସୂଚନାଯୋଗ୍ୟ, ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ବିଜେଡି ☞ପୃଷ୍ଠା-୨

ଆଜିର ସମ୍ପାଦକୀୟ ଟ୍ରମ୍ପ୍, ଚାଇନା ଓ କରୋନା

## ମହାକାଶରେ ୨ ସାଟେଲାଇଟ୍‌କୁ ଯୋଡ଼ିଲା ଇସ୍ରୋ

**ବେଙ୍ଗାଲୁରୁ,୧୬।୧(ପି.ଟି.)**

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଗୁରୁବାର ମହାକାଶରେ ଦୁଇଟି ସାଟେଲାଇଟ୍‌କୁ ଏକାଠି ଯୋଡ଼ି ଇତିହାସ ସୃଷ୍ଟି କରିଛି। ଏଭଳି ସଫଳତା ପାଇବାରେ ଭାରତ ବିଶ୍ୱର ଚତୁର୍ଥ ରାଷ୍ଟ୍ର ହୋଇପାରିଛି। ପୂର୍ବରୁ କେବଳ ଆମେରିକା, ରୁଷିଆ ଏବଂ ଚାଇନା ଏହି ସଫଳତା ହାସଲ କରିଥିଲେ। ପରୀକ୍ଷା ସମ୍ପୂର୍ଣ୍ଣ କରିବା ପାଇଁ ସ୍ପେସ୍ ଡକିଂ ଏକ୍ସପେରିମେଣ୍ଟ (ସ୍ପେଡେକ୍ସ)ର ଅଂଶବିଶେଷ ୨ ସାଟେଲାଇଟ୍ ଏକାଠି ହେବା ସହ ପରସ୍ପର ଯୋଡ଼ି ହୋଇ ଶକ୍ତି ସ୍ଥାନାନ୍ତର କରିଥିଲେ। ଡକିଂ ପରେ ଦୁଇ ସାଟେଲାଇଟ୍‌କୁ ଗୋଟିଏ ବସ୍ତୁ ଭାବେ ଏହାର ନିୟନ୍ତ୍ରଣ କରାଯାଉଥିବା ଇସ୍ରୋ ସ୍ପଷ୍ଟ କରିଛି। ଆଗାମୀ ଦିନରେ ଏହାର ଅନ୍‌ଡକିଂ ଏବଂ ଶକ୍ତି ସ୍ଥାନାନ୍ତରର ଯାଞ୍ଚ କରାଯିବ।

ଇସ୍ରୋର ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ଦିନରେ ଭାରତର ବହୁ ଆକାଂକ୍ଷିତ ମହାକାଶ ମିଶନ ପାଇଁ ଏହା ପଥ ପରିଷ୍କାର କରିଦେଇଛି। ମିଶନକୁ ସଫଳ କରାଇଥିବା ଟିମ୍‌କୁ ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ ଅଭିନନ୍ଦନ ଜଣାଇଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ଇସ୍ରୋର ସଫଳତାକୁ ଭୂୟସୀ ପ୍ରଶଂସା କରିଛନ୍ତି। ଇସ୍ରୋର ବୈଜ୍ଞାନିକ ଏବଂ ସ୍ପେସ୍ ଇଞ୍ଜିନିୟରମାନଙ୍କ ଅସାଧାରଣ କାର୍ଯ୍ୟ ଆମକୁ ଅତ୍ୟନ୍ତ ଗର୍ବିତ କରିଥିବା ଖାର୍ଗେ କହିଛନ୍ତି।



୨ ସାଟେଲାଇଟ୍ ଯୋଡ଼ି ହେବାର ପ୍ରତୀକାତ୍ମକ ଚିତ୍ର

**ସ୍ପେଡେକ୍ସ ମିଶନ: ସଫଳ ହେବାରେ ଭାରତ ୪ର୍ଥ ରାଷ୍ଟ୍ର**

ଏହା ଉଲ୍ଲେଖନୀୟ ସଫଳତା ବୋଲି ପ୍ରଧାନମନ୍ତ୍ରୀ ଏକ୍ସ'ରେ ଲେଖିଛନ୍ତି। ଇସ୍ରୋର ଏହା ଅବିଶ୍ୱସନୀୟ ସଫଳତା ବୋଲି କେନ୍ଦ୍ର ବିଜ୍ଞାନ, ପ୍ରଯୁକ୍ତି ଓ ମହାକାଶ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ଭାରତୀୟ ଅନ୍ତରୀକ୍ଷ ଷ୍ଟେଶନ, ଚନ୍ଦ୍ରୟାନ-୪ ଏବଂ ଗଗନୟାନ ଆଦି ଭବିଷ୍ୟତ ମିଶନକୁ ସହଜ କରିବାରେ

ଗତ ଡିସେମ୍ବର ୩୦ରେ ଇସ୍ରୋ ସ୍ପେଡେକ୍ସ ମିଶନକୁ ସଫଳତାର ସହ ଲଞ୍ଚ୍ କରିଥିଲା। ଶ୍ରୀହରିକୋଟାର ସତୀଶ ଧାୱନ୍ ମହାକାଶ କେନ୍ଦ୍ରର ପ୍ରଥମ ଲଞ୍ଚପ୍ୟାଡ୍‌ରୁ ୨ ☞ପୃଷ୍ଠା-୨

# ଭାବୀ ଜ୍ୱାଇଁଙ୍କୁ ୭୬ ପ୍ରକାର ବ୍ୟଞ୍ଜନ

**ରାୟଗଡ଼ା,୧୬।୧**
**(ଆଶିଷ ରଞ୍ଜନ ପଣ୍ଡା)**

ତେଲୁଗୁ ସମ୍ପ୍ରଦାୟର ମୁଖ୍ୟ ପର୍ବ ପୋଙ୍ଗଲରେ ରାୟଗଡ଼ାର ଏକ ପରିବାର ନିଜର ଭାବୀ ଜ୍ୱାଇଁଙ୍କୁ ନିମନ୍ତ୍ରଣକରି ଭୋଜନରେ ୭୬ ପ୍ରକାର ବ୍ୟଞ୍ଜନ ପରଷିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ପୋଙ୍ଗଲର ଶେଷ ଦିନରେ ରାୟଗଡ଼ା ସହର ଜଗନ୍ନାଥ ମନ୍ଦିର ନିକଟରେ ରହୁଥିବା ଭି. ସୂର୍ଯ୍ୟନାରାୟଣ ଓ ସ୍ୱପ୍ନାଙ୍କ ପରିବାରର ଭାବୀ ଜ୍ୱାଇଁଙ୍କୁ କଦଳୀପତ୍ରରେ ଭଳିକି ଭଳି ବ୍ୟଞ୍ଜନ ପରଷାଯାଇଥିଲା। ଏଥିରେ ଧଳାଭାତ, ବିରିଆନି, ଆମିଷରେ ୪ ପ୍ରକାର, ବିଭିନ୍ନ ତରକାରି ସହ, ବଡ଼ି, ପାମ୍ପଡ଼, ଅନେକ ପ୍ରକାର ମିଠା ସହ ଫଳ ଆଦି ୭୬ ପ୍ରକାର ବ୍ୟଞ୍ଜନରେ ଜ୍ୱାଇଁଙ୍କୁ ଚର୍ଚ୍ଚାକରି ପୋଙ୍ଗଲ ପାଳନ କରିଥିଲେ ସୂର୍ଯ୍ୟନାରାୟଣଙ୍କ ପରିବାର। ଭି. ସୂର୍ଯ୍ୟନାରାୟଣଙ୍କ ଝିଅ ଆସନ୍ତା ମାର୍ଚ୍ଚରେ ରାୟଗଡ଼ା ଜିଲା ମୁନିଗୁଡ଼ାର ଜି. ବାଲାକୃଷ୍ଣ ଓ ଜି.ସରିତାଙ୍କ ପୁଅ ଜି.ଶ୍ରୀନାଥଙ୍କୁ ବିବାହ କରିବେ। ଶ୍ରୀନାଥ ପେସାରେ ଜଣେ ଇଞ୍ଜିନିୟର।



ସୂଚନାଯୋଗ୍ୟ, ତେଲୁଗୁ ସମ୍ପ୍ରଦାୟର ମୁଖ୍ୟ ପର୍ବ ପୋଙ୍ଗଲ ଉତ୍ସବ ୩ ଦିନ ଧରି ପାଳନ ହୋଇଥାଏ। ପ୍ରଥମ ଦିନ ଭୋଗୀ, ଦ୍ୱିତୀୟ ଦିନ ପୋଙ୍ଗଲ ବା ମକର ସଂକ୍ରାନ୍ତି ଆଉ ତୃତୀୟ ଦିନ କାନୁମୁ ଅର୍ଥାତ୍ ନୈଶଭୋଜିର ଆସର ଘରେ ଘରେ ଜମିଯାଏ। ତେଲୁଗୁ ସମ୍ପ୍ରଦାୟରେ ପରମ୍ପରା ଅନୁସାରେ ପୋଙ୍ଗଲ ଉତ୍ସବରେ ଝିଅ ଜ୍ୱାଇଙ୍କୁ ନିମନ୍ତ୍ରଣ କରିବା ସହ ତୃତୀୟ ଦିନ କାନୁମୁରେ ବନ୍ଧୁବାନ୍ଧବ ଓ ପରିବାରବର୍ଗଙ୍କ ସହ ନୈଶଭୋଜିର ଆସର ଜମିଥାଏ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରେଭିନ୍ୟୁ ଡିପୋର୍ଟମେଣ୍ଟ କଲଚୁରାଲ ଆସୋସିଏଶନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଲୋକସେବା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ମନନ ନାଟ୍ୟ ସଂସ୍ଥାର ପ୍ରତିଷ୍ଠା ଦିବସ ଅବସରରେ ନାଟକ ପରିବେଷଣ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଣିଓରା, ସମୟ: ମଧ୍ୟାହ୍ନ ୧୨ଟା।
- ଜନକଲ୍ୟାଣ ସେବାଟ୍ରଷ୍ଟ ଆନୁକୂଲ୍ୟରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଘଟେଶ୍ୱର ମନ୍ଦିର, ଖଳିପୋଖରୀ, ବାଛରାପାଟଣା, ଜଟଣୀ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- 'କୋଶମ୍ଭ-୨୦୨୫'ର ୫ମ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- କସିପଦା ପଞ୍ଚାୟତ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ପରିସର, କସିପଦା, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ୩୪ତମ ଏଫ୍ଏଫ୍ଟିଏ ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ଫିସାରି ପଡ଼ିଆ, ବାହାବଳପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରାଣକୃଷ୍ଣ କଲଚୁରାଲ ଫାଉଣ୍ଡେଶନ ଟ୍ରଷ୍ଟର ୨୭ତମ ବାର୍ଷିକ ଉତ୍ସବ, ସ୍ଥାନ: ବ୍ୟାସକବି ଫକୀରମୋହନଙ୍କ ସ୍ମୃତିପୀଠ, ଶାନ୍ତିକାନନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- କାଞ୍ଚନ କମଳା ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ରାମକୃଷ୍ଣପୁର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୭୪ତମ ବାର୍ଷିକ ସାର୍ବଜନୀନ ଗଙ୍ଗାମାତା ପୂଜା ଚତୁର୍ଥ ଦିବସ, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ସକାଳ ୯ଟା।
- ସିଏମ୍ ଟ୍ରଫି ଜିଲାସ୍ତରୀୟ ଫୁଟ୍‌ବଲ୍ ଚାମ୍ପିୟନଶିପ୍-୨୦୨୫ର ଦ୍ୱିତୀୟ ମ୍ୟାଚ୍, ସ୍ଥାନ: ଦୋବଲ କାଳୀପଡ଼ିଆ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାମନ୍ଦିର ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପାଲା ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ଗୋପାଳପୁର ମୁନୀପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ପାଲା ପରିବେଷଣ, ସ୍ଥାନ: ଭଜନା ମୁନୀ ମଣ୍ଡପ, ମନ୍ଧାରୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଦଧିବାମନ ଜୀଉ ମନ୍ଦିରରେ ବାର୍ଷିକ ଉତ୍ସବ, ପୂଜାର୍ଚ୍ଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଂଚୋ, ସମୟ: ସକାଳ ୭ରୁ ରାତି ୧୦ଟା।
- ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ଶାସଙ୍ଗ ଉଚ୍ଚ ବିଦ୍ୟାଳୟ, ହାଟଡିହୀ, ସମୟ:ପୂର୍ବାହ୍ନ ୧୦ଟା ।
- ମକର ସଂକ୍ରାନ୍ତି ଉପଲକ୍ଷେ ମା' ଭାଟିଆସୁଣୀଙ୍କ ପୀଠରେ ଭଜନ, କୀର୍ତ୍ତନ ଏବଂ ପୂଜା,ସ୍ଥାନ: ଜଳସରପୁର, ହାଟଡିହୀ, ସମୟ : ଅପରାହ୍ନ ୫ ଟା।
- ମକରମେଳା ଉଦ୍‌ଯାପନ, ସ୍ଥାନ:ସଦର ବ୍ଲକ ଭାଲୁଘର, ସମୟ: ସନ୍ଧ୍ୟା ୬ଟା।
- ମା' ରାମଚଣ୍ଡୀଙ୍କ ପୀଠରେ ଭଜନ ସମାରୋହ, ସ୍ଥାନ: ପୋଡାସିଙ୍ଗିଡ଼ି, ହାଟଡିହୀ, ସମୟ : ସନ୍ଧ୍ୟା ୬ ଟା।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ନାମ ସଂକୀର୍ତ୍ତନ ଏବଂ ଭଜନ ସମାରୋହ, ସ୍ଥାନ: ବଂଚୋ, କଳିଙ୍ଗା, ହାଟଡିହୀ, ସମୟ :ସନ୍ଧ୍ୟା ୬ଟା ୩୦।

## ମୟୂରଭଞ୍ଜ

- ବାର୍ଷିକ ଉତ୍ସବ ଉଦ୍‌ଯାପନ, ସ୍ଥାନ:ହାତୀଟପ କମିଟି, ଚିତ୍ରଡ଼ା ତଳସାହି, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା ।
- ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀମା'ମହିଳା ମହାବିଦ୍ୟାଳୟ ବାରିପଦା,ସମୟ: ସକାଳ ୮ଟା।
- ଦାମୋଦର ମେଳା,ସ୍ଥାନ: ସୁନାମୁହିଁ ବାରୁଣୀ ଘାଟ, ମଧୁବନ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବେତନଟୀ ବନାଞ୍ଚଳର ସ୍ୱତନ୍ତ୍ର ବୈଠକ, ସ୍ଥାନ:ଝିଙ୍କିରିଆ କଲ୍ୟାଣ ମଣ୍ଡପ,ମୋରଡ଼ା,ସମୟ: ପୂର୍ବାହ୍ନ ୧୧ଟା।
- ଆଞ୍ଚଳିକ ମକରମେଳା କମିଟିର ୧୦୬ତମ ଟୁସୁ ପରବ, ସ୍ଥାନ:ମଣଦା, ରାସଗୋବିନ୍ଦପୁର ବ୍ଲକ,ସମୟ: ଅପରାହ୍ନ ୨ଟା।
- ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ କ୍ୟାରମ ଟୁର୍ନାମେଣ୍ଟ ଓ ମକର ଉତ୍ସବ, ସ୍ଥାନ: ତ୍ରିରଙ୍ଗା କ୍ଲବ, ବାରିପଦା,ସମୟ:ଅପରାହ୍ନ ୨ଟା।
- ମକରମେଳା,ସ୍ଥାନ: ସିଂହଟିଆ, ବଡ଼ସାହି ବ୍ଲକ, ସମୟ: ଅପରାହ୍ନ ୩ଟା।
- ମକରମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବୁଢ଼େଇରଣା ମଠ, ଶିଆଳିଘାଟୀ, ବଡ଼ସାହି ବ୍ଲକ, ସମୟ: ଅପରାହ୍ନ ୩ଟା।
- ଦାମୋଦର ମେଳା. ସ୍ଥାନ:ଜମ୍ବୀରା ନଦୀ ତୁଠ, ଭଡ଼ରାନଣ୍ଡା ଓ . ଘୋଳମୁହାଁ, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ମଧୁମେହ ପଞ୍ଚାୟତ,ସ୍ଥାନ: ସଂସ୍କୃତି ଭବନ, ହିଲପାଟଣା, ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ

- ଆଖୁପେଡ଼ା ଆରମ୍ଭ, ସ୍ଥାନ: ଆସିକା ସମବାୟ ଚିନିଶିଳ୍ପ, ସମୟ: ସକାଳ ୭.୩୦ରୁ ଅପରାହ୍ନ ୧ଟା ୨୫ ।
- ପଞ୍ଚଦିବସୀୟ ଆଧ୍ୟାତ୍ମିକ ସମ୍ମିଳନୀ, ସ୍ଥାନ: ଆସିକା ବ୍ଲକ୍ ଭେଟନଇ ସ୍ୱାମୀ ଚିଦାନନ୍ଦ ସେବା ସାଂସ୍କୃତି କେନ୍ଦ୍ର, ସମୟ: ସକାଳ ୯ଟା ୩୦।
- ଟେକ୍ନିକାଲ ହାଇସ୍କୁଲର ବାର୍ଷିକୋତ୍ସବ,ସ୍ଥାନ: ଆସିକା କଲେଜ ଛକ, ସମୟ: ପୂର୍ବାହ୍ନ ୧୦ଟା୩୦।

## କନ୍ଧମାଳ

- ଆଦିବାସୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ବାଲିଗୁଡ଼ା ବିଜୁ ପଟ୍ଟନାୟକ ମିନିଷ୍ଟାଡ଼ିୟମ, ସମୟ: ସକାଳ ୯ଟା ୫ ।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## କେନ୍ଦ୍ରାପଡ଼ା

- ଗଙ୍ଗାମାତାଙ୍କ ପୂଜା ଓ ମେଳା ଉତ୍ସବ, ସ୍ଥାନ: ପାଞ୍ଚଗୋଛିଆ, ସୁନିତି, ମହାକାଳପଡ଼ା, ସମୟ: ସକାଳ ୯ଟା।
- ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ, ଜୟନଗର, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ କେନ୍ଦ୍ରାପଡ଼ା ଶାଖାର ବାର୍ଷିକ ସମ୍ମିଳନୀ, ସ୍ଥାନ: ମହାବୀର ହନୁମାନ ମନ୍ଦିର ପରିସର, ରାଣୀପୋଖରୀ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ରାପଡ଼ା କ୍ରେଡିଟ କୋ ଅପରେଟିଭ ସୋସାଇଟିର ରୌପ୍ୟ ଜୟନ୍ତୀ ଉତ୍ସବ, ସ୍ଥାନ: ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୩ଟା।

## ଯାଜପୁର

- ଶ୍ରମିକ ଅଧିକାରିତା ଶିବିର,ସ୍ଥାନ: ଯାଜପୁର ନରସିଂହ ଚୌଧୁରୀ ସ୍ୱୟଂଶାସିତ କଲେଜ, ସମୟ : ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ କୋଷ୍ଟାଲ ହକି ମ୍ୟାଚ, ସ୍ଥାନ : ଯାଜପୁର ହକି ଷ୍ଟାଡିୟମ,ସମୟ: ଅପରାହ୍ନ ୩ଟା।

## ନୟାଗଡ଼

- ଟି -୨୦ କ୍ରିକେଟ ଟୁର୍ନାମେଣ୍ଟ (ମହିଳା ଓ ପୁରୁଷ) ଉଦ୍‌ଘାଟନୀ ମ୍ୟାଚ୍‌ରେ ରିଜର୍ଭ ଏମ୍ପାୟାର ବନାମ ନୟାଗଡ଼ ୱାରିୟର୍ସ, ସ୍ଥାନ: ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ(ପିଟିଏସ୍), ସମୟ:ସକାଳ ୯ଟା।
- ରାଜ୍ୟସ୍ତରୀୟ ଖଳିସାହି କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ:ଖଣ୍ଡପଡ଼ା ବ୍ଲକର ଖଳିସାହି ଖେଳପଡିଆ, ସମୟ:ପୂର୍ବାହ୍ନ ୧୦ଟା।
- ମକର ସଂକ୍ରାନ୍ତି ଯାତ୍ରାର ୪ର୍ଥ ଦିବସ, ସ୍ଥାନ:ଗୋଡିପଡା ନିକଟସ୍ଥ ହରିଡାବନ୍ଧ ହଟକେଶ୍ୱର ମହାଦେବ ପୀଠ, ସମୟ:ପୂର୍ବାହ୍ନ ୦ଟା।
- ଟି -୨୦ କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ଦିବସ, ସ୍ଥାନ:ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା ଖେଳପଡିଆ, ସମୟ:ପୂର୍ବାହ୍ନ ୧୦ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ଷଷ୍ଠ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ଖେଳପଡ଼ିଆ, ସମୟ:ପୂର୍ବାହ୍ନ ୧୦ଟା।
- ଟି -୨୦ କ୍ରିକେଟ ଟୁର୍ନାମେଣ୍ଟ (ମହିଳା ଓ ପୁରୁଷ) ମ୍ୟାଚରେ ଶରଣକୁଳ ଟାଇଗର୍ସ ବନାମ ଏମସିସି ହୋମଗାର୍ଡ, ସ୍ଥାନ: ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ(ପିଟିଏସ୍), ସମୟ: ମଧ୍ୟାହ୍ନ ୧୨ଟା।
- ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ନୟାଗଡ଼ କପ୍ ୪ର୍ଥ ଦିବସରେ ଉତ୍ତରପଲ୍ଲୀ ମିଳନ ସଂଘ କୋଲକତା ବନାମ ସମ୍ବଲପୁର ଫୁଟବଲ ଏକାଡେମୀ, ସ୍ଥାନ: ନୟାଗଡ଼ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ସିରିୟସ ଜୋନ ନାଟକ ମହୋତ୍ସବର ଉଦ୍‌ଘାଟନ ଉତ୍ସବରେ ନାଟକ ବାଞ୍ଛ, ସ୍ଥାନ: ନୟାଗଡ଼ ପଠାଣୀ ସାମନ୍ତ ଅଡିଟୋରିୟମ, ସମୟ:ସନ୍ଧ୍ୟା ୭ଟା ।

## ରାୟଗଡ଼ା

- ବ୍ଲକ୍‌ସ୍ତରୀୟ ପରାମର୍ଶ ଶିବିର, ସ୍ଥାନ: ଚନ୍ଦ୍ରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ଚନ୍ଦ୍ରପୁର ପଞ୍ଚାୟତ ସମିତି ସଭା ଗୃହ, ସମୟ: ପୂର୍ବାହ୍ନ ୧୦ ଟା ।
- ଆତ୍ମରକ୍ଷା କୌଶଳ ତାଲିମ ଉଦ୍‌ଯାପନୀ କାର୍ଯକ୍ରମ, ସ୍ଥାନ: ଗୁଣପୁର କଲେଜ, ସମୟ: ପୂର୍ବାହ୍ନ ୧୧ଟା।
- ପଦ୍ମଶ୍ରୀ ଶାନ୍ତି ଦେବୀଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ପାଇଁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସେବା ସମାଜ, ଜବରଗୁଡା, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା।
- ଲିଙ୍ଗଗତ ସମାନତା ଓ ମହିଳା ସଶକ୍ତିକରଣ ତାଲିମ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ ଡାବୁଗାଁ, ସମୟ: ପୂର୍ବାହ୍ନ ୧୧ଟା।
- ଉଦ୍ୟାନ କୃଷି ତାଲିମ କାର୍ଯ୍ୟକ୍ରମ ଆରମ୍ଭ, ସ୍ଥାନ: ଡାବୁଗାଁ ବ୍ଲକ ଉଦ୍ୟାନ ବିଭାଗ ନର୍ସରୀ, ସମୟ: ପୂର୍ବାହ୍ନ ୧୧ଟା।
- ଚଟା ମଣ୍ଡେଇ ଉଦ୍‌ଯାପିତ ହେବ, ସ୍ଥାନ: ଝରିଗାଁ ବ୍ଲକ ଚଟା, ସମୟ: ଅପରାହ୍ନ ୫ଟା।

## କୋରାପୁଟ

- ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସେମିଳିଗୁଡ଼ା ମହାବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପନ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ ହାୟର ସେକେଣ୍ଡାରୀ ସ୍କୁଲ, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ମନ୍ଦିର ପ୍ରଥମ ପ୍ରତିଷ୍ଠା ବାର୍ଷିକ ଉତ୍ସବ ଓ କଳସ ଯାତ୍ରା, ସ୍ଥାନ: ଗୌଡ଼ ବାରିକଣ୍ଠା ଚନ୍ଦନ ଶ୍ରୀକ୍ଷେତ୍ର, ଦଶମନ୍ତପୁର, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟର ଅଫତାବ କ୍ଲବ ବନାମ ବ୍ଲୁ- ଡାଇମଣ୍ଡ କ୍ଲବ ମ୍ୟାଚ, ସ୍ଥାନ : ରେଲୱେ ମିନି ଷ୍ଟାଡିୟମ, ସମୟ ସକାଳ ୯ଟା।
- ସମ୍ବଲପୁରୀ ଧନୁଯାତ୍ରାର କଂସ ମହାରାଜଙ୍କ ନଗର ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ: ଗୋବିନ୍ଦଟୋଲା ଛକ, ସମୟ : ପୂର୍ବାହ୍ନ ୧୦ଟା।
- ଅର୍ଡାବାହାଲ ସରକାରୀ ଯୁକ୍ତ ୨ ମହିଳା କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଚାଉଁରପୁର ଧନୁଯାତ୍ରା କମିଟି ପକ୍ଷରୁ ନନ୍ଦୋତ୍ସବ, ପୁତନା ବଧ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଚାଉଁରପୁର ଗ୍ରାମ, ସମୟ : ପୂର୍ବାହ୍ନ ୧୧ଟା।
- ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ବୁର୍ଲା କ୍ରୀଡାସଂଘ ବନାମ ମେହେର ଆସୋସିଏସଶନ ମ୍ୟାଚ, ସ୍ଥାନ : ରେଲୱେ ମିନି ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା ୩୦।
- ଶ୍ରୀମଦ୍ ଭାଗବତ ଗୀତା ଜ୍ଞାନଯଜ୍ଞ, ସ୍ଥାନ : ଦଧିବାମନ କଲ୍ୟାଣ ମଣ୍ଡପ, ସମୟ : ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା।
- ବିଶ୍ୱାତ୍ମ ଚେତନା ପରିଷଦ ଆୟୋଜିତ ଶ୍ରୀମଦ ଭାଗବତ ସାଧ୍ୟାୟ ସତ୍ର କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ : ଅପରାହ୍ନ ୫ଟା ୩୦ରୁ ରାତି ୮ଟା ୩୦।
- ସମ୍ବଲପୁରୀ ଧନୁଯାତ୍ରାରେ ଅଷ୍ଟମଲ୍ଲଙ୍କ ସହ ମହାରାଜ କଂସଙ୍କ ବିଚାର ବିମର୍ଷ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ସଇଁତଲା ଚଣ୍ଡେଶରୀ ଲୋକ ଉତ୍ସବ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଡାକବଙ୍ଗଳା, ସଇଁତଲା, ସମୟ: ସକାଳ ୯ଟା।
- ଲଳିତ ନାୟକ ସ୍ମାରକୀ ସର୍ବଭାରତୀୟ ଫ୍ଲଡଲାଇଟ୍ କ୍ରିକେଟ ମ୍ୟାଚ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପଡିଆ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ୩୦ ମିନିଟ।

## ସୁବର୍ଣ୍ଣପୁର

- ୨ୟ ଦଧିବାମନ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ବହଳପଦର ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ୧୪ ତମ ଖମ୍ବେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ଟେଭାପଦର,ବୀରମହାରାଜପୁର ବ୍ଲକ, ସମୟ: ମଧ୍ୟାହ୍ନ ୧୨ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ତରଭା ବ୍ଲକ ଗୁଗୁଡିପାଲି ତ୍ରିବେଣୀ ଛକରେ ମକର ମେଳାର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ତ୍ରିବେଣୀ ଛକ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ମା' ନାରାୟଣୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: କୁମେଲସିଂହା, ଅତାବିରା, ସମୟ: ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଲାଠ୍ ରାଇସ୍ ମିଲ୍, ଝାଙ୍କରପାଲି(ଟକରକେନ୍ଦ), ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ସାଙ୍କେତିକ ଭାଷା, ମୋ ଭାଷା ତାଲିମ କାର୍ଯ୍ୟକ୍ରମ,ସ୍ଥାନ:ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା ୩୦।

## ଝାରସୁଗୁଡ଼ା

- ଅଲେଖ ନିରଞ୍ଜନଙ୍କ ପୂଜା ଓ ଭଜନ, ସ୍ଥାନ: ପଣ୍ଡ୍ରି ମହିମା ମଠ, ସମୟ: ପୂର୍ବାହ୍ନ ୧୦ଟା।
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବଡ଼ମାଲ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଓଏସ୍ଏପି ଖେଳ ପଡ଼ଆ, ଝାରସୁଗୁଡା, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ବେଦବ୍ୟାସ ସଂସ୍କୃତ କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୯ଟା।
- ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟରେ ଏକାଡେମିକ୍ ଇଣ୍ଡଷ୍ଟ୍ରି କନ୍‌କ୍ଲେଭ, ସ୍ଥାନ: ଛେଣ୍ଡ ବିପିୟୁଟି, ସମୟ: ପୂର୍ବାହ୍ନ ୧୦ଟା।
- ମହାବୀର ମାନସ ପରିଷଦ ପକ୍ଷରୁ ରାମାୟଣ ପାଠର ୫ମ ସନ୍ଧ୍ୟା, ସ୍ଥାନ: ମିଟକୁନ୍ଦରୀ, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ବନ ବିଭାଗ ପକ୍ଷରୁ ବନାଗ୍ନିରୁ ନିରାକରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫ ଭଞ୍ଜଭବନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବନ ବିଭାଗ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ସେକ୍ଟର ୧୩ ମେଳଣ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜିଲାକ୍ରୀଡ଼ା ସଂଘ ପକ୍ଷରୁ ପ୍ରତିଯୋଗିତାର ୨ୟ ଦିବସ, ସ୍ଥାନ: ବିର୍ସାମୁଣ୍ଡା ଆଥଲେଟିକ୍ ଷ୍ଟାଡ଼ିୟମ୍, ସମୟ: ଅପରାହ୍ନ ୨ଟା ୩୦।
- ବିପିୟୁଟି ପକ୍ଷରୁ ଏକାଡେମିକ୍ କନକ୍ଲେଭ୍ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଛେଣ୍ଡ, ସମୟ : ଅପରାହ୍ନ ୩ଟା ୩୦।
- ଡା.ଏସ୍. ଏସ୍. ଦାଶ ଜୟନ୍ତୀ, ସ୍ଥାନ: ଜଗଦା ବାଟ ମା' ମଙ୍ଗଳା ଶକ୍ତିପୀଠ, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ଜରେଇକେଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ଜରେଇକେଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତିଲେଇବଣି ବ୍ଲକ, ସମୟ: ସକାଳ ୯ଟା।
- କୁରଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବ୍ଲକ ତିଲେଇବଣି, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁରଡ଼, ସମୟ: ଅପରାହ୍ନ ୨ଟା।
- ଜିଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଉଦ୍‌ଘାଟନ, ସ୍ଥାନ: ବଡ଼ ବଗିଚା ପ୍ରଧାନପାଟ, ଦେବଗଡ଼, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ ବଗିଚା ପ୍ରଧାନପାଟ, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ନବନିର୍ବାଚିତ ଶ୍ରୀ ଜଗନ୍ନାଥ ମନ୍ଦିର ଦେବସ୍ଥାନମ ପ୍ରତିଷ୍ଠା ଉତ୍ସବର ସୂର୍ଯ୍ୟ ପୂଜା, ଶାଳାଧିଷ୍ଠ ଦେବତା ପୂଜା, ବନ ଯାତ୍ରା, ସ୍ଥାନ: ଲାଞ୍ଜିଗଡ ବେଦାନ୍ତ ଟାଉନଶିପ ପରିସର, ସମୟ: ସକାଳ ୮ଟା ୩୦।
- - ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ରାତି ୧୨ଟା।

## ନୂଆପଡ଼ା

- ଜିଲାସ୍ତରୀୟ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ: ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଖଡିଆଲ, ସମୟ: ସନ୍ଧ୍ୟା ୭ଟା।
- ୧୮ତମ ରୟାଲ କପ କ୍ରିକେଟ ଟୁର୍ନାମେଣ୍ଟ ଚତୁର୍ଥ ଦିବସ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରୀ ଗାଁ ଖେଳପଡିଆ, ସମୟ: ସକାଳ ୯ଟା।
- ୩ୟ ମା'ବସ୍ତାଣୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ସିହିନାମୁଣ୍ଡା ତ୍ରିଭୂଜ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ୨୧ତମ ତିଲେଶ୍ୱର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ତିଲେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ହରଭଙ୍ଗା, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ରଙ୍କ କେନ୍ଦ୍ରରେ ଗଜକେଶରୀ ଯୋଗ ପ୍ରଭାବରୁ ବନ୍ଧୁଙ୍କ ପ୍ରିୟପାତ୍ର ହେବେ। ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଙ୍କଟ ଲାଗିରହିଥିଲେ ମଧ୍ୟ ନୂତନଯୋଜନା ଆରମ୍ଭ କରିପାରନ୍ତି। ବନ୍ଧୁ କିମ୍ବା ପଡୋଶୀଙ୍କ ହସ୍ତକ୍ଷେପ ଫଳରେ ଅଶାନ୍ତ ପାରିବାରିକ ସ୍ଥିତି ବହୁଳାଂଶରେ ଥମିଯିବ।

**ବୃଷ** କେନ୍ଦ୍ରସ୍ଥ ଚନ୍ଦ୍ରଜନିତ ଦୃଢ଼ମନୋବଳ ସମସ୍ତ ପ୍ରକାର ପ୍ରତିବନ୍ଧକକୁ ଏଡ଼ାଇବାରେ ସମର୍ଥ ହେବ। ସ୍ଥଗିତକାର୍ଯ୍ୟ, ପାଉ ନ ଥିବା ଅର୍ଥ, ଲାଗିରହିଥିବା ବିବାଦର ପରିସମାପ୍ତି ଘଟାଇପାରନ୍ତି। କଳା, ସାହିତ୍ୟରେ ଉନ୍ନତି ସହ ସମାଜରେ ପ୍ରଶଂସିତ ହେବେ। କିନ୍ତୁ ଆନୁଷ୍ଠାନିକ କାମରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ମିଥୁନ** ରବି ପୃଷ୍ଠ ଦେଶରେ ବୁଧ ଥିବାରୁ ବନ୍ଧୁଙ୍କ କଥାରେ ହଁ ଭରିବାକୁ ବାଧ ହେବେ। ପ୍ରତ୍ୟେକ କାର୍ଯ୍ୟକୁ ସତର୍କତାର ସହ ନ କରିପାରିଲେ ପରିସ୍ଥିତି ବଦଳି ଯାଇପାରେ। କଠିନ ଶ୍ରମ ଓ ଭ୍ରମଣଜନିତ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ଆକସ୍ମିକ ଯାତ୍ରାରେ ବ୍ୟୟାଧିକ୍ୟ ସାଙ୍ଗକୁ ଅବ୍ୟବସ୍ଥାଜନିତ ବ୍ୟସ୍ତତା ବଢିଯିବ।

**କର୍କଟ** ରାଶ୍ୟାଧିପ ଧନସ୍ଥାନସ୍ଥ ଯୋଗୁ ଅର୍ଥନୈତିକ ଅଭିବୃଦ୍ଧି ସହିତ କାର୍ଯ୍ୟସିଦ୍ଧିରୁ ଖୁସି ରହିବେ। କଥାର ସଚୋଟତା ଓ କାର୍ଯ୍ୟଦକ୍ଷତା କାରଣରୁ ବନ୍ଧୁଙ୍କ ମଧ୍ୟରେ ପ୍ରଶଂସିତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ଚିନ୍ତିତ ରହିବେ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ସିଂହ** ଭାଗ୍ୟାଧିପ କେନ୍ଦ୍ରସ୍ଥ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଲାଭ କରିବେ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ କାର୍ଯ୍ୟହାସଲ କରି ଉପକୃତ ହୋଇପାରନ୍ତି। ଅନ୍ୟମାନଙ୍କୁ ସାହାଯ୍ୟ କରିବା ପରିପ୍ରେକ୍ଷୀରେ ନିଜେ ହଇରାଣ ହେବାକୁ ପଡିପାରେ। ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**କନ୍ୟା** କେତୁଙ୍କ କୁପ୍ରଭାବରେ ଭୁଲ୍ ବୁଝାମଣା କାରଣରୁ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ପାଖ ମାଡିବେ ନାହିଁ। ବ୍ୟବସାୟରେ କ୍ଷତି ହେବାର ଆଶଙ୍କା ରହିଛି। ଯାତ୍ରା ସମୟରେ ଝଗଡ଼ା ଲାଗିପାରେ। ଆର୍ଥିକ କାରବାର, କର୍ମକ୍ଷେତ୍ର, ନିର୍ମାଣ, ସଭାସମିତି ଓ ମଙ୍ଗଳଜନକ କାର୍ଯ୍ୟରେ ଉତ୍ସାହିତ ହୋଇ କାମ କରିପାରନ୍ତି।

**ତୁଳା** ରବି ଦୃଷ୍ଟ ମଙ୍ଗଳ ଯୋଗୁ ପରିବାରରେ ଲାଗିରହିଥିବା ସମସ୍ୟା ସମାଧାନ ହେବ। ପଡ଼ୋଶୀ ସ୍ୱାର୍ଥସାଧନ ମାନସରେ ନିଜ କାମକୁ ଅଗ୍ରାଧିକାର ଦେଇପାରନ୍ତି। ପୁରୁଣା ରୋଗ, ଘର ଲୋକମାନଙ୍କ ଚୁପ୍‌ଚାପ୍ କଥା ମନକୁ ବିଚଳିତ କରିବ। ପାରିବାରିକ ସ୍ଥିତି, ବ୍ୟବସାୟିକ ପରିସ୍ଥିତି ଏବଂ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହୋଇପାରେ।

**ବିଛା** ମୁଖ ଭାବସ୍ଥ ବୁଧଙ୍କ ପ୍ରଭାବରେ ଅପ୍ରିୟସତ୍ୟ ଭାଷଣ ଦ୍ୱାରା ବନ୍ଧୁଙ୍କ ବିରାଗଭାଜନ ହେବେ। ବିଶିଷ୍ଟବ୍ୟକ୍ତିଙ୍କ ପୃଷ୍ଠପୋଷକତା କାରଣରୁ କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହେବେ। ସାହିତ୍ୟ, ରଚନାତ୍ମକ କାର୍ଯ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସ୍ଥଗିତ କାମକୁ ପୁରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି।

**ଧନୁ** ଶନି ଯୁକ୍ତ ଶୁକ୍ର ହେତୁ ଆପଣଙ୍କ ସାହାଯ୍ୟ ପ୍ରାପ୍ତିର ଅନୁରୋଧକୁ ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତି କାମକୁ ଆସି ନ ପାରେ। ବକେୟା ଅର୍ଥ ଆଦାୟରେ ଟଣାଓଟରା ଲାଗିପାରେ। ବିବାଦୀୟ ଘଟଣାରେ, ପରିବହନରେ, ବ୍ୟବସାୟରେ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ। ଆଜି ଶତ୍ରୁଠାରୁ ଦୂରେଇ ରହି କାମ କରିବା ଭଲ ହେବ।

**ମକର** ଅଷ୍ଟମାଧିପତି ରାଶିରେ ଅବସ୍ଥାନ କରିଥିବାରୁ ଅତୀତକୁ ମନେପକାଇ ଭାବବିହ୍ୱଳ ହେବେ। ଶିଳ୍ପ, ବାଣିଜ୍ୟ, କଳା, ସାହିତ୍ୟ କ୍ଷେତ୍ରରେ କିଛିନା କିଛି ବ୍ୟତିକ୍ରମ ପରିଲକ୍ଷିତ ହେବ। ଭଲ ସମ୍ପର୍କ ଥିବା ବନ୍ଧୁଟି କ୍ରମଶଃ ଦୂରେଇ ଯିବାର ଅନୁଭବ କରିବେ। ଦୀର୍ଘଦିନରୁ ଆଶାକରିଥିବା ସରକାରୀ ସ୍ତରରୁ ଶୁଭଖବର ପାଇ ଖୁସି ହେବେ।

**କୁମ୍ଭ** ରାଶ୍ୟାଧିପତି ସ୍ୱଗୃହରେ ଅବସ୍ଥାନ କରିଥିବାରୁ ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରଣରେ ରହିବ। ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ବିବାଦୀୟ ପାରିବାରିକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ଉଚିତ ମନେ କରିପାରନ୍ତି। ପଡ଼ୋଶୀଙ୍କ ମଧ୍ୟସ୍ଥତାରେ ଆକସ୍ମିକ ଅର୍ଥଲାଭ ଓ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ।

**ମୀନ** ଆପଣଙ୍କ ଆଶାଅଭିଳାଷ ପୂରଣ କରିବା ଦିଗରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବାର ସମ୍ଭାବନା ରହିଛି। ପୂର୍ବବିବାଦକୁ କେନ୍ଦ୍ରକରି ବୃଥା ଆଶଙ୍କାଜନିତ ମନ ଅସ୍ଥିର ରହିପାରେ। ଆଜିର ବ୍ୟବସାୟ, ଯାତ୍ରା ଓ ଆନୁଷ୍ଠାନିକ କାମରେ ସଫଳତା ପାଇବେ।

ଆଜି ଜାନୁଆରୀ ୧୭ ତାରିଖ, ମାଘ କୃଷ୍ଣ ଚତୁର୍ଥୀ ଶୁକ୍ରବାର, ରାଶିନକ୍ଷତ୍ର-ମଘା/ସିଂହ, ଦିବା ଘ.୧୨.୪୫ ଗତେ ପୂର୍ବାଫାଲଗୁନୀ ନକ୍ଷତ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୭ ଗତେ ଘ.୦୭.୧୧ ମଧ୍ୟେ, ଘ.୦୭.୫୫ ଗତେ ଘ.୦୯.୧୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୩୪ ଗତେ ଘ.୧୧.୫୬ ମଧ୍ୟେ ରାହୁକାଳ ।

# ପ୍ରଥମ ପୃଷ୍ଠାରୁ...

## ସୈଫ୍‌ଙ୍କୁ ଘରେ ପଶି ...

ମହଲା ବିଶିଷ୍ଟ 'ସତ୍‌ଗୁରୁ ଶରଣ' ବିଲ୍ଡିଂର ଏକ ଫ୍ଲାଟ୍‌ରେ ରୁହନ୍ତି। ଉକ୍ତ ବିଲ୍ଡିଂର ୪ଟି ଫ୍ଲୋରରେ ବଲିଉଡ୍‌ର ଅନେକ ଅଭିନେତ୍ରୀ ଅଭିନେତା ବସବାସ କରନ୍ତି। ରିପୋର୍ଟ ଅନୁଯାୟୀ ସୈଫ୍‌ଙ୍କ ଚାକରାଣୀ ଏଲିୟାମା ଫିଲିପ୍ସ ଲିମା ବୁଧବାର ରାତି ୨ଟାରେ ପ୍ରଥମେ ସେଠାରେ ଜଣେ ଅନୁପ୍ରବେଶକାରୀଙ୍କୁ ଦେଖିଥିଲେ। ସେ ବଡ଼ପାଟିରେ ଚିତ୍କାର କରିବାରୁ ସୈଫ୍ ଶୁଣିବା ପରେ ସେଠାକୁ ଯାଇଥିଲେ। ସୈଫ୍ ଓ ଅନୁପ୍ରବେଶକାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହା ପରେ ଅନୁପ୍ରବେଶକାରୀ ସୈଫ୍‌ଙ୍କୁ ୬ ଥର ଛୁରାମାଡ଼ କରି ଫେରାର ହୋଇଯାଇଥିଲେ। ସୈଫ୍‌ଙ୍କ ଶରୀରରୁ ରକ୍ତସ୍ରାବ ହେଉଥିବାବେଳେ ତାଙ୍କ ବଡ଼ପୁଅ ଇବ୍ରାହିମ୍ (୨୩) ଆହତ ପିତାଙ୍କୁ ହସ୍ପିଟାଲକୁ କାର୍‌ରେ ନେବା ପାଇଁ ଚାହିଁଥିଲେ। କିନ୍ତୁ କାର୍ ପ୍ରସ୍ତୁତ ନ ଥିବାରୁ ଏକ ଅଟୋରିକ୍ସାରେ ୨ କି.ମି. ଦୂରରେ ଥିବା ଲୀଳାବତୀ ହସ୍ପିଟାଲକୁ ନେଇଥିଲେ। ହସ୍ପିଟାଲର ପ୍ଲାଷ୍ଟିକ୍ ସର୍ଜରି ଟିମ୍ ମୁଖ୍ୟ ନୀତିନ ଡାଙ୍ଗେଙ୍କ ତତ୍ତ୍ୱାବଧାନରେ ସୈଫ୍‌ଙ୍କ ମେରୁଦଣ୍ଡର ଉପରଭାଗରୁ ଅସ୍ତ୍ରୋପଚାର ବେଳେ ଛୁରିର ୨.୫ ସେମି ବିଶିଷ୍ଟ ଏକ ଖଣ୍ଡ ବାହାର କରାଯାଇଛି। ତାଙ୍କ ବାମହାତ ଓ ଗଳାରେ ମଧ୍ୟ କ୍ଷତ ସୃଷ୍ଟି ହୋଇଛି। ନ୍ୟୁରୋସର୍ଜରି ଓ ପ୍ଲାଷ୍ଟିକ୍ ସର୍ଜରି ପରେ ସେ ବିପଦମୁକ୍ତ ଅଛନ୍ତି। ତେବେ ତାଙ୍କୁ ବର୍ତ୍ତମାନ ଇନ୍‌ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ଚିକିତ୍ସା କରାଯାଉଛି। ଦିନେ କିମ୍ବା ୨ ଦିନ ପରେ ସୈଫ୍‌ଙ୍କୁ ୱାର୍ଡକୁ ସ୍ଥାନାନ୍ତର କରାଯିବ ବୋଲି ହସ୍ପିଟାଲର ଚିଫ୍ ଅପରେଟିଂ ଅଫିସର (ସିଓଓ) ଡା. ନୀରଜ ଉତ୍ତାମଣି ସୂଚନା ଦେଇଛନ୍ତି।

ଅନ୍ୟପକ୍ଷେ ଯୁକ୍ତିତର୍କ ବେଳେ ଅନୁପ୍ରବେଶକାରୀଙ୍କ ଆକ୍ରମଣରେ ଲିମା ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ଲିମା ସ୍ଥାନୀୟ ଥାନାକୁ ଯାଇ ହତ୍ୟା ଉଦ୍ୟମ ଓ ଅନୁପ୍ରବେଶ ସମ୍ପର୍କିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କୁ ଧରିବା ପାଇଁ ୧୦ଟି ଟିମ୍ ଗଠନ କରାଯାଇଛି। ଆକ୍ରମଣକାରୀ ଫେରାର ହେବାବେଳକୁ ସିସିଟିଭି କ୍ୟାମେରା ତାଙ୍କୁ କଏଦ୍ କରିଥିଲା। ଏପରି କି ସେ ଉକ୍ତ ଆପାର୍ଟମେଣ୍ଟରେ ପ୍ରବେଶ ଓ ପ୍ରସ୍ଥାନ ବେଳର ଭିଡିଓ ଫୁଟେଜ୍‌ରେ ଦେଖିବାକୁ ମିଳିଛି। ସେ ଡକାୟତି କରିବା ଉଦ୍ଦେଶ୍ୟରେ ସେଠାକୁ ଯାଇଥିବା ପୋଲିସ କହିଛି। ସିସିଟିଭି ଫୁଟେଜ୍‌ରୁ ଆହୁରି ଜଣାପଡ଼ିଛି ଯେ, ଆକ୍ରମଣକାରୀ ଛୁରାମାଡ଼ କରିବାର ୨ ଘଣ୍ଟା ପୂର୍ବରୁ ସେଠାକୁ ଅନାୟାସରେ ପ୍ରବେଶ କରିଥିଲେ। ତାଙ୍କ ପରିଚୟ ସ୍ପଷ୍ଟ କରି ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ସୈଫ୍‌ଙ୍କ ଘରର କୌଣସି ଚାକରାଣୀ କିମ୍ବା ଚାକର ସହ ଆକ୍ରମଣକାରୀ ପୂର୍ବରୁ ପରିଚିତ ଥିବା ଏବଂ ସମ୍ପୃକ୍ତ ହାଉସ୍ ହେଲ୍ପ ତାଙ୍କୁ ଘରେ ପୂରାଇଥିବା ପୋଲିସ ସନ୍ଦେହ କରୁଛି। ଚାକରାଣୀ ଲିନାଙ୍କୁ ପୋଲିସ ଏନେଇ ପଚରାଉଚରା କରୁଛି। ଏହି ଘଟଣା ପରେ ସିନେ ଇଣ୍ଡଷ୍ଟ୍ରିର ଅନ୍ୟ କଳାକାରମାନେ ଭୟଭୀତ ହୋଇଯାଇଛନ୍ତି। ଅଭିନେତ୍ରୀ ପୂଜା ଭଟ୍ଟ କହିଛନ୍ତି, ସେ ନିଜକୁ ପୂର୍ବରୁ କେବେ ଏତେ ଅସୁରକ୍ଷିତ ମଣି ନ ଥିଲେ। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ବାନ୍ଦ୍ରା ଅଞ୍ଚଳରେ ଅଧିକ ପୋଲିସ ମୁତୟନ କରାନ୍ତୁ ବୋଲି ପୂଜା ଅନୁରାଧ କରିଛନ୍ତି। ବିରୋଧୀ ଦଳଗୁଡ଼ିକ ମହାୟୁତି ସରକାରଙ୍କୁ ଟାର୍ଗେଟ କରି ପ୍ରଶ୍ନ କରିଛନ୍ତି, ଯଦି ସେଲିବ୍ରିଟିମାନେ ଅସୁରକ୍ଷିତ ତେବେ ସାଧାରଣ ଜନତା କେତେ ସୁରକ୍ଷିତ। ଏହି ପ୍ରସଙ୍ଗକୁ ନେଇ ରାଜ୍ୟରେ ରାଜନୀତି ସରଗରମ ହୋଇଛି।

## ମହାକାଶରେ ୨ ...

ସାଟେଲାଇଟ୍ ଏସ୍‌ଡିଏକ୍ସ୦୧(ଚେଜର) ଏବଂ ଏସ୍‌ଡିଏକ୍ସ୦୨(ଟାର୍ଗେଟ) ସହ ୨୪ଟି ପେ'ଲୋଡ୍‌କୁ ନେଇ ପିଏସ୍ଏଲ୍‌ଭି ସି୬୦ ରକେଟ ମହାକାଶକୁ ଯାଇଥିଲା। ଏହାର ୧୫ ମିନିଟ ମଧ୍ୟରେ ୨ ସ୍ପେସ୍‌କ୍ରାଫ୍ଟକୁ ୪୭୫ କିଲୋମିଟର ଉଚ୍ଚରେ ଧାର୍ଯ୍ୟ ବର୍ତ୍ତୁଳାକାର କକ୍ଷପଥକୁ ଛଡ଼ାଯାଇଥିଲା। ଡକିଂର ପରୀକ୍ଷାମୂଳକ ଉଦ୍ୟମ ସ୍ୱରୂପ ଜାନୁଆରୀ ୧୨ରେ ୨ ସାଟେଲାଇଟ୍‌କୁ ପରସ୍ପରର ୩ ମିଟର ନିକଟତର କରାଯାଇ ପରେ ସୁରକ୍ଷିତ ଦୂରତାକୁ ନିଆଯାଇଥିଲା। ସ୍ପେଡେକ୍ସ ଏକ ସ୍ୱଳ୍ପବ୍ୟୟୀ ପ୍ରଯୁକ୍ତି ପ୍ରଦର୍ଶନ ମିଶନ ବୋଲି ଇସ୍ରୋ କହିଛି। ମହାକାଶରେ ସାଧାରଣ ମିଶନ ଲକ୍ଷ୍ୟ ହାସଲ ପାଇଁ ଏକାଧିକ ରକେଟ ଲଞ୍ଚ ଆବଶ୍ୟକ ହେଉଥିବାବେଳେ ଡକିଂ ଟେକ୍‌ନୋଲୋଜି ଅତ୍ୟନ୍ତ ଆବଶ୍ୟକ। ଇସ୍ରୋର ଭବିଷ୍ୟତ ମିଶନ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଭିଜ୍ଞତା ବୋଲି କୁହାଯାଉଛି।

## ଅଷ୍ଟମ ବେତନ କମିଶନକୁ ...

ପେ' କମିଶନଙ୍କ ସୁପାରିସ୍ ଆଧାରରେ ଦିଲ୍ଲୀ ସରକାରୀ କର୍ମଚାରୀଙ୍କ ବେତନ ବୃଦ୍ଧି କରାଯାଉଥିଲା। ସପ୍ତମ ବେତନ କମିଶନଙ୍କ ସୁପାରିସ ଲାଗୁ ହେଲେ ୨୦୧୬-୧୭ ଆର୍ଥିକ ବର୍ଷରେ ବ୍ୟୟ ୧ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇବ ବୋଲି କମିଶନ ସେତେବେଳେ କହିଥିଲେ।

ପେ' କମିଶନଙ୍କ ସୁପାରିସ କାର୍ଯ୍ୟକାରୀ ହେଲେ କର୍ମଚାରୀମାନେ ଅଧିକ ବ୍ୟୟ କରିବା ସହ ଆର୍ଥିକ ଅଭିବୃଦ୍ଧି ବଢ଼ିଥାଏ। ଏଥିସହିତ ସରକାରୀ କର୍ମଚାରୀମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଘଟିଥାଏ। କର୍ମଚାରୀଙ୍କ ବେତନରେ ସଂଶୋଧନ ପାଇଁ କେନ୍ଦ୍ର ସରକାର ସାଧାରଣତଃ ପ୍ରତି ୧୦ ବର୍ଷରେ ପେ' କମିଶନ ଗଠନ କରିଥାନ୍ତି। କମିଶନ ବେତନ ସମେତ ମହଙ୍ଗା ଭତ୍ତା (ଡିଏ) ଏବଂ ପେନ୍‌ସନରମାନଙ୍କ ପାଇଁ ମହଙ୍ଗା ସହାୟତା (ଡିଆର୍)ରେ ସଂଶୋଧନ ସୂତ୍ର ମଧ୍ୟ ସୁପାରିସ କରିଥାନ୍ତି। କେନ୍ଦ୍ରୀୟ ବେତନ କମିଶନଙ୍କ ସୁପାରିସ୍ ଆଧାରରେ ରାଜ୍ୟ ସରକାରମାନେ ମଧ୍ୟ ସେମାନଙ୍କ କର୍ମଚାରୀଙ୍କ ଦରମାରେ ସଂଶୋଧନ କରିଥାନ୍ତି।

## ପଦ୍ମ ପୁରସ୍କାରପ୍ରାପ୍ତ ...

ସରକାର ୨୦୨୪ ମାର୍ଚ୍ଚରେ ପଦ୍ମ ବିଜେତାଙ୍କ ପାଇଁ ମାସିକ ସହାୟତା ଭତ୍ତା ୨୫ ହଜାର ଟଙ୍କା ଦେବାକୁ ଘୋଷଣା କରିଥିଲେ। ତେବେ ତାହା କେବଳ ଘୋଷଣାରେ ସୀମିତ ରହିଥିଲା। ନିର୍ବାଚନ ପରେ ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବାର ୭ ମାସ ପରେ ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କ ପାଇଁ ମାସିକ ୩୦ ହଜାର ଟଙ୍କା ସହାୟତା ରାଶି ଘୋଷଣା କରିଛନ୍ତି।




# ଜାତୀୟ ଶିକ୍ଷାନୀତି ପାଇଁ ରାଜ୍ୟ ଷ୍ଟିୟରିଂ କମିଟି

## ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ଅଧ୍ୟକ୍ଷ

ଭୁବନେଶ୍ୱର,୧୬।୧(ସୁଚିସ୍ମିତା ସାହୁ)

ଆସନ୍ତା ଶିକ୍ଷାବର୍ଷଠାରୁ ରାଜ୍ୟରେ ଲାଗୁ ହେବ ଜାତୀୟ ଶିକ୍ଷା ନୀତି-୨୦୨୦। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ଏକ ବିଜ୍ଞପ୍ତି ଜାରି କରାଯାଇଥିବାବେଳେ ଏଥିରେ ଜାତୀୟ ପାଠ୍ୟକ୍ରମ ଢାଞ୍ଚା ସହିତ ଆଞ୍ଚଳିକ ବିଷୟବସ୍ତୁକୁ ଆଧାର କରି ସ୍ୱତନ୍ତ୍ର ପାଠ୍ୟ ଖସଡ଼ା ପ୍ରସ୍ତୁତ କରାଯିବ। ଏଥିଲାଗି ଶୁକ୍ରବାର ଏକ ଷ୍ଟିୟରିଂ କମିଟି ଗଠନ କରିଛନ୍ତି ରାଜ୍ୟ ସରକାର। ବିଭାଗୀୟ ସଚିବ ଶାଳିନୀ ପଣ୍ଡିତଙ୍କ ସୂଚନା ଅନୁସାରେ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ(ଆର୍ଆଇଇ) ଭୋପାଳର ଅବସରପ୍ରାପ୍ତ ପ୍ରିନ୍ସିପାଲ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ଷ୍ଟିଅରିଂ କମିଟି ଅଧ୍ୟକ୍ଷ ଥିବାବେଳେ ତାଙ୍କ ଅଧୀନରେ ୧୬ଜଣ ସଦସ୍ୟ ରହିଛନ୍ତି। ସଦସ୍ୟମାନେ ହେଲେ ଏନ୍ସିଇଆର୍ଟିର ପୂର୍ବତନ ନିର୍ଦ୍ଦେଶକ ତଥା ଆର୍ଆଇଇ ଭୁବନେଶ୍ୱରର ପ୍ରଫେସର ହୃଷୀକେଶ ସେନାପତି, ଅବସରପ୍ରାପ୍ତ ସହକାରୀ ପ୍ରାଧ୍ୟାପକ ଡ. ଗୋପାଳ ପ୍ରସାଦ ମହାପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ମନସ୍ତତ୍ତ୍ୱ ପ୍ରାଧ୍ୟାପକ ପ୍ରଫେସର ଉଦୟନାଥ ଦାସ, ଅବସରପ୍ରାପ୍ତ ଶିକ୍ଷାବିତ୍ ଡ. କିଶୋର ଚନ୍ଦ୍ର ମହାନ୍ତି, ରେଭେନ୍ଶା ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଦର୍ଶନ ମିଶ୍ର, ଏନ୍ସିଇଆର୍ଟି ଏନ୍ଆଇଇର ପ୍ରଫେସର ରଞ୍ଜନା ଅରୋରା ଓ ପ୍ରଫେସର ସୁନୀତି ସନ୍ୱାଲ, ଭୁବନେଶ୍ୱର ଆର୍ଆଇଇର ଅଧ୍ୟକ୍ଷ ପ୍ରଫେସର ପି.ସି. ଅଗ୍ରୱାଲ, ଏନ୍ସିଇଆର୍ଟି ଏନ୍ଏସ୍ସିସି ପ୍ରୋଗ୍ରାମର ଚିଫ୍ କନ୍ସିଲ୍ଟାଣ୍ଟ ଡ. ବିନୟ ପଟ୍ଟନାୟକ ଓ ଲାଙ୍ଗିଏଜ୍ ଆଣ୍ଡ୍ ଲର୍ଣ୍ଣ ଫାଉଣ୍ଡେଶନର ଡ. ମହେନ୍ଦ୍ର କୁମାର ମିଶ୍ର। ସେହିପରି ନଳିନୀ ଦେବୀ ୱମେନ୍ସ କଲେଜ ଅଫ୍ ଟିଚର ଏଜୁକେଶନ ଭୁବନେଶ୍ୱରର ପ୍ରିନ୍ସିପାଲ ପ୍ରଫେସର ଗାୟତ୍ରୀ ମହାନ୍ତି, ନ୍ୟୁ ଲାଇଫ୍ ଏଜୁକେଶନର ଟ୍ରଷ୍ଟର ସରୋଜ କୁମାର ପଟ୍ଟନାୟକ, ସ୍ୱାଭିମାନର ସିଇଓ ଡ. ଶ୍ରୁତି ମହାପାତ୍ର, ପିରାମଲ ଫାଉଣ୍ଡେଶନର ମୋନାଲ ଜୟରାମ, ବୋରିଗୁମା ସିଡିପିଓ ଗାୟତ୍ରୀ ବାହିନୀପତି କମିଟି ସଦସ୍ୟ ରହିଥିବାବେଳେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ କମିଟିର ଆବାହକ ସଦସ୍ୟ ରହିଛନ୍ତି।

ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ କହିଛନ୍ତି, ଜାତୀୟ ଶିକ୍ଷାନୀତି ଲାଗୁ କରିବା ଦ୍ୱାରା ଶିକ୍ଷା ବ୍ୟବସ୍ଥାରେ ସରଳୀକରଣ ହେବା ନେଇ ଆଶା କରାଯାଉଛି। ଏହି ପାଠ୍ୟକ୍ରମରେ ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ ଦିଆଯିବ। ବିଦ୍ୟାଳୟସ୍ତରରେ ଧନ୍ଦାମୂଳକ ଶିକ୍ଷା ଦିଆଯିବ। ବିଶେଷକରି ବିଦ୍ୟାଳୟସ୍ତରରେ ଓଡ଼ିଆ ଭାଷା କଳା ଓ ସଂସ୍କୃତିଗୁଡ଼ିକର ପ୍ରଚାରପ୍ରସାର କରାଯିବ। ଜାତୀୟ ଶୈଳୀକୁ କପି କରାଯିବ ନାହିଁ। ଓଡ଼ିଶାଭିତ୍ତିକ ନୂଆ ପାଠ୍ୟ ଖସଡ଼ା ପ୍ରସ୍ତୁତ କରାଯିବ। ଏଥିରେ ଓଡ଼ିଶାର କଳା, ସଂସ୍କୃତି, ସଂସ୍କାର ଏବଂ ବ୍ୟବହାରକୁ ଅଧିକ ଗୁରୁତ୍ୱ ଦିଆଯିବ। ଏନେଇ ସବୁ ବର୍ଗର ଲୋକଙ୍କ ସହିତ ଆଲୋଚନା କରାଯିବ। ଜନଜାତି ଓ ଉପକୂଳବର୍ତ୍ତୀ ସବୁ ଅଞ୍ଚଳର ପିଲାମାନେ ଏଥିରେ ଉପକୃତ ହେବେ। ଆଦିବାସୀଙ୍କ ଜୀବନଶୈଳୀ, ଔଷଧ, ଚାଷକୁ ପ୍ରାଧାନ୍ୟ ଦିଆଯିବ। ଜିରୋ ଡ୍ରପ୍ ଆଉଟ୍ ହେବା ସହ ଗୁଣାତ୍ମକ ଶିକ୍ଷା ମିଳିପାରିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ କରାଯିବ। ଜାନୁଆରୀ ୨୧ରୁ ୨୩ ତାରିଖ ମଧ୍ୟରେ ଏକ ସମ୍ମିଳନୀ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ପୋଖରୀକୁ ପଶିଗଲା କାର୍: ୩ ମୃତ

## ଅଧୁରା ରହିଲା ଲ' ପରୀକ୍ଷା ସ୍ୱପ୍ନ

### କୋଣାର୍କରୁ ଫେରୁଥିବାବେଳେ ୨ ସାଙ୍ଗଙ୍କ ମୃତ୍ୟୁ

ଗୋପ/କୋଣାର୍କ,୧୬।୧ (ଭାରତୀ ଭୂଷଣ ଉପାଧ୍ୟାୟ/ ଜ୍ୟୋତିରାଜ ମହାନ୍ତି)

କୋଣାର୍କ-ଭୁବନେଶ୍ୱର ମୁଖ୍ୟରାସ୍ତାର ଜୁଣେଇ ବଂଶୀବଜାର ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ କାର୍ ନିୟନ୍ତ୍ରଣ ହରାଇ ରାସ୍ତା ପାର୍ଶ୍ୱ ପୋଖରୀରେ ପଶିଯିବାରୁ ୨ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ଗୁହାଳପଡ଼ା ଗ୍ରାମର ସନ୍ଦୀପ ମହାପାତ୍ର (୩୮) ଏବଂ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ଦାନ୍ତୁଣି ଗ୍ରାମର ସନାତନ ସେନାପତି (୨୦)। ଏହି ଯୁବକ ଦ୍ୱୟ ଗୁରୁବାର ପୁରୀରେ ଆଇନ (ଲ') ପରୀକ୍ଷା ଦେଇଥାନ୍ତେ। ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା କାମ ଚାଲିଥିବାବେଳେ କୌଣସି ସଙ୍କେତ କିମ୍ବା ସୂଚନାଫଳକ ଲାଗି ନ ଥିବାରୁ ଏଭଳି ଅଘଟଣ ଘଟିଥିବା କୁହାଯାଉଛି। ସୂଚନା ଅନୁଯାୟୀ, ସନାତନ ଲ' ପରୀକ୍ଷା ଦେବାକୁ ବୁଧବାର ଅପରାହ୍ନରେ ତାଙ୍କ ସାଙ୍ଗ ସନ୍ଦୀପଙ୍କ ଗୁହାଳପଡ଼ା ଗ୍ରାମସ୍ଥିତ ଘରେ ପହଞ୍ଚିଥିବାବେଳେ ତାଙ୍କ ସହିତ ଭାଇ ମନୀଷ ସେନାପତି ମଧ୍ୟ ଆସିଥିଲେ। ରାତି ୯ଟାରେ ସନ୍ଦୀପ ଓ ତାଙ୍କର ସମ୍ପର୍କୀୟ ଭଣଜା ନିମାପଡ଼ା ଥାନା ଅଧୀନ ଓମ୍ଫେଡ୍ ଛକରେ ରହୁଥିବା ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅନ୍ତର୍ଗତ ବଦଳା କଳାମାଟି ଗ୍ରାମର ପୁପୁନ୍ ପରିଡ଼ାଙ୍କ ସହିତ ୪ ଜଣ ମିଶି ଏକ କାର୍ (ନଂ. କେ.ଏ-୦୩-ଏନ୍ଡି ୪୮୩୬) ଯୋଗେ କୋଣାର୍କ ବୁଲିବାକୁ ଯାଇଥିଲେ। କୋଣାର୍କର ସୂର୍ଯ୍ୟମନ୍ଦିର ଓ ଚନ୍ଦ୍ରଭାଗା ବେଳାଭୂମି ବୁଲିବା ପରେ ବିଳମ୍ବିତ ରାତ୍ରରେ ଏହି ୪ ଜଣ ନିମାପଡ଼ା ଫେରୁଥିଲେ। ମାତ୍ର ବିଧିର ବିଧାନ ଅଲଗା ଥିଲା। କୋଣାର୍କ-ଗୋପ ରାସ୍ତାର ଜୁଣେଇ ଛକ ନିକଟ ରାସ୍ତାରେ ପୂର୍ତ୍ତ ବିଭାଗ ପକ୍ଷରୁ ପିଚୁ କାମ ଚାଲିଥିବାବେଳେ ସେଠାରେ ରହିଥିବା ଏକ ରୋଲର ଗାଡ଼ି ସହିତ କାର୍‌ଟି ଦୁର୍ଘଟଣା ଘଟାଇ ରାସ୍ତା ପାର୍ଶ୍ୱ ପୋଖରୀରେ ପଶିଯାଇଥିଲା। ଫଳରେ କାର୍ ଚଳାଉଥିବା ସନ୍ଦୀପଙ୍କ ସମେତ ଆଗରେ ବସିଥିବା ସନାତନ ପାଣି ଭିତରେ କିଛି ସମୟ ରହିଯିବାରୁ ଅଣନିଃଶ୍ୱାସୀ ହୋଇ ଉଭୟଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ସମୟରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ପହଞ୍ଚି କାର୍‌ରେ ଥିବା ପୁପୁନ ଓ ମନୀଷଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। କୋଣାର୍କ ଚମ୍ପାହାର ଅଗ୍ନିଶମ ବାହିନୀ ପହଞ୍ଚି ୪ ଜଣଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ସନ୍ଦୀପ ଓ ସନାତନଙ୍କୁ ଡାକ୍ତର ମୃତ ଘୋଷଣା କରିବା ସହ ଆହତଙ୍କୁ ଚିକିତ୍ସା କରିଥିଲେ। ସନ୍ଦୀପ ଭୁବନେଶ୍ୱରସ୍ଥିତ ଟିସିଏସ୍ କମ୍ପାନୀରେ ଚାକିରି କରୁଥିଲେ ଓ ତାଙ୍କର ଦୁଇ କନ୍ୟା ସନ୍ତାନ ଥିବାବେଳେ ସନାତନ ଅବିବାହିତ ଥିଲେ। ଦୁର୍ଘଟଣାସ୍ଥଳରେ କୋଣାର୍କ ପୋଲିସ ପହଞ୍ଚି କାର୍ ଜବତ କରିବା ସହ ଏକ ମାମଲା (ନଂ. ୮/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ପୂର୍ତ୍ତବିଭାଗ ପକ୍ଷରୁ ଗୋପ-କୋଣାର୍କ ରାସ୍ତା କାମ ଚାଲିଛି। ତେବେ ସେଠାରେ ନିୟମ ଅନୁଯାୟୀ ନାଲିକପଡ଼ା କିମ୍ବା ରାସ୍ତା ଦୁଇ ପାର୍ଶ୍ୱରେ ରେଡିୟମ ଲଗାଯାଇନାହିଁ। ଏପରିକି ସୁରକ୍ଷା କର୍ମୀ ନିୟୋଜିତ କରାଯାଇନାହିଁ। ଏଥିଯୋଗୁ ସମ୍ପୃକ୍ତ ଯୁବକମାନେ ରାତିରେ ବାଟ ଜାଣି ନ ପାରି ଦୁର୍ଘଟଣାର ଶିକାର ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ଜନ୍ମଦିନ ଉତ୍ସବକୁ ଆସି ଫେରିଲେନି

### ଏଲ୍ଆଇସି ଏବିଏମ୍ ମୃତ, ଡିଓ ଗୁରୁତର



ଧରାକୋଟ,୧୬।୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ବଡଗଡ ଥାନା ଅନ୍ତର୍ଗତ ବାହାରପୁର ଗ୍ରାମଠାରେ ଗୁରୁବାର ଏକ କାର ପୋଖରୀ ଭିତରକୁ ଖସିପଡ଼ିଛି। ଫଳରେ ଜଣକର ମୃତ୍ୟୁ ହୋଇଛି। ସେ ହେଲେ ଏଲଆଇସିର ଏବିଏମ୍ ହିମାଂଶୁ ଶେଖର ମହାପାତ୍ର। ଖବରରୁ ଜଣାପଡ଼ିଛି, ବାହାରପୁର ଗ୍ରାମର ଏଲଆଇସି ଏଜେଣ୍ଟ ସୁଦାମ ଚରଣ ଦାସ ପୁଅର ଜନ୍ମଦିନ ପାଳନ ଅବସରରେ ଏଲଆଇସି ଅଫିସ୍‌ର ଏବିଏମ୍ ହିମାଂଶୁ ଶେଖର ମହାପାତ୍ର ଏବଂ ଡିଓ ସୁଧାଂଶୁ ଶେଖର ସାହୁଙ୍କୁ ନିମନ୍ତ୍ରଣ କରିଥିଲେ। ଉଭୟେ ତାଙ୍କ ନିମନ୍ତ୍ରଣ ରକ୍ଷା କରି କାରରେ ଆସି ସୁଦାମଙ୍କ ଜନ୍ମ ଦିନ ଉତ୍ସବରେ ଯୋଗଦେଇଥିଲେ। କିଛି ସମୟ ରହି ଉଭୟ ଅଧିକାରୀ ଭୋଜି ଖାଇ ଫେରିବା ପାଇଁ ବାହାରିଥିଲେ। ଗ୍ରାମର ଶିବ ମନ୍ଦିର ପୋଖରୀ ନିକଟରେ ରଖିଥିବା କାରକୁ ପଛକୁ ନେଇ ବୁଲାଉଥିବା ବେଳେ କାରଟି ପୋଖରୀ ଭିତରକୁ ପଶିଯାଇଥିଲା। ରାସ୍ତାରେ ଯାଉଥିବା ଲୋକେ ପାଟି କରି ଗାଁର କିଛି ଲୋକଙ୍କୁ ଡାକିଥିଲେ। ସେମାନେ ପୋଖରୀ ଭିତରେ ପଶି ବଲା ସାହାଯ୍ୟରେ ଗାଡ଼ି ଭିତରୁ ଉଭୟଙ୍କୁ ଉଦ୍ଧାର କରି ନିକଟସ୍ଥ ଧରାକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଏବିଏମ୍ ମହାପାତ୍ରଙ୍କୁ ମୃତ ଘୋଷଣା କରିଥିଲେ। ଡିଓ ସୁଧାଂଶୁଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଆସିକା ଏଲଆଇସି ଅଫିସ୍‌ର ପଦାଧିକାରୀ ଓ ଏଜେଣ୍ଟ ମାନେ ଧରାକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ।

# ଗୁରୁ ପଦ୍ମସମ୍ଭବଙ୍କୁ ଓଡ଼ିଶା ଲୋକେ ନ ଜାଣିବା ଦୁଃଖର କଥା



ସମୂହ ପ୍ରାର୍ଥନାରେ ସାମିଲ ହୋଇଥିବା ବୌଦ୍ଧ ସନ୍ନ୍ୟାସୀମାନେ।

## ସରିଲା ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ

ଚଣ୍ଡିଖୋଲ,୧୬।୧ (ପ୍ରଦୀପ୍ତ କୁମାର ପୃଷ୍ଟି)

ବିଶ୍ୱରେ ଶାନ୍ତି, ସଂହତି ଓ ଅହିଂସାର ମନ୍ତ୍ର ବାଣ୍ଟିବା ପାଇଁ ଯାଜପୁର ଜିଲାର ଉଦୟଗିରିଠାରେ ଚାଲିଥିବା ୫ ଦିନିଆ ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ବୁଦ୍ଧ ଭାବେ ପରିଚିତ ଗୁରୁ ପଦ୍ମ ସମ୍ଭବଙ୍କ ନାମରେ ହୋଇଥିବା ସମ୍ମିଳନୀରେ ୧୭ ଦେଶରୁ ୧୨ଶହ ବୌଦ୍ଧ ସନ୍ନ୍ୟାସୀ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ସେମାନେ ସମ୍ମିଳିତ ହୋଇ ଉଦୟଗିରିଠାରେ ଥିବା ମାଧବପୁର ମହାବିହାର ନିକଟରେ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ। ଶେଷ ପ୍ରାର୍ଥନା ସଭାରେ ଲାଇଟ୍ ଅଫ୍ ବୁଦ୍ଧଧର୍ମ ଫାଉଣ୍ଡେଶନର ଅନ୍ତର୍ଜାତୀୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ୱାଙ୍ଗ ମୋ ଡିକ୍ସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଆସନ୍ତା ବର୍ଷ ମଧ୍ୟ ଗୁରୁପଦ୍ମ ସମ୍ଭବଙ୍କ ସମାବେଶ କରାଯିବ ବୋଲି ପ୍ରକାଶ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯାଇଥିବାରୁ ସେ କୃତଜ୍ଞତା ଜ୍ଞାପନ କରିଥିଲେ।

ଏହି ଅବସରରେ ତିବ୍ବତର ଧର୍ମଗୁରୁ ରଞ୍ଜନ ରୀନପୋକେ ଯୋଗଦେଇ କହିଥିଲେ, ଗୁରୁ ପଦ୍ମ ସମ୍ଭବ ଓଡ଼ିଶାରେ ଜନ୍ମଗ୍ରହଣ କରିଥିଲେ। ସେ ଦୀର୍ଘ ଦିନ ଧରି ଓଡ଼ିଶାରେ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର କରିଥିଲେ। ହୀରକ ତ୍ରିଭୁଜ ଅନ୍ତର୍ଗତ ଉଦୟଗିରି, ଲଳିତଗିରି ଓ ରତ୍ନଗିରିରେ ସେ ରହିଥିଲେ। ଓଡ଼ିଶାରେ ବୌଦ୍ଧ ଧର୍ମ ତାଙ୍କରି ସମୟରେ ବେଶି ପ୍ରଚାର ପ୍ରସାର ହୋଇଥିଲା। ସେ ଓଡ଼ିଶାର ହୋଇଥିବାବେଳେ ଓଡ଼ିଶା ଲୋକେ ତାଙ୍କୁ ନ ଜାଣିପାରିବା ଦୁଃଖର କଥା। ସେ ହେଉଛନ୍ତି ବୌଦ୍ଧଧର୍ମର ପ୍ରଥମ ଗୁରୁ ଓ ଦ୍ୱିତୀୟ ବୁଦ୍ଧ ବୋଲି ରୀନପୋକେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଗ ମେ ନରୋବୁ ରୀନପୋକେ, କମଳା ରୀନପୋକେ ପ୍ରମୁଖ ଯୋଗଦେଇ ଅଭିଭାଷଣ ରଖିଥିଲେ। ସଂସ୍କୃତି ଗବେଷକ ସୁବ୍ରତ କୁମାର ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ନୀଳଗିରିରେ ଦିଲ୍ଲୀ ପୋଲିସ

### ଜବତ କଲା ନଗଦ ୬ଲକ୍ଷ ସହ ସୁନା କଙ୍କଣ

ନୀଳଗିରି,୧୬।୧(ପ୍ରଶାନ୍ତ କୁମାର ବିଶ୍ୱାଳ)

ଦିଲ୍ଲୀର ଜଣଙ୍କ ଘରେ ରୋଷେୟା ଭାବେ କାର୍ଯ୍ୟ କରୁଥିବା ନୀଳଗିରି ଅଞ୍ଚଳର ୩ ଯୁବକ ପ୍ରାୟ ୧୦ଲକ୍ଷ ଟଙ୍କାର ସୁନା କଙ୍କଣ ସହିତ ନଗଦ ୬ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ଦିଲ୍ଲୀ ପୋଲିସ ନୀଳଗିରି ଥାନାରେ ପହଞ୍ଚି ଖୋଳତାଡ଼ କରିଥିଲା। ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ବେଳେ ତାଙ୍କ ସ୍ତ୍ରୀ ନିକଟରୁ ନଗଦ ୬ଲକ୍ଷ ଟଙ୍କା ଓ ସୁନା କଙ୍କଣ ଜବତ କରାଯାଇଛି। ଅଧିକ ତଥ୍ୟ ପାଇଁ ନୀଳଗିରି ଥାନାକୁ ଅଣାଯାଇ ପଚରାଉଚୁରା କରାଯାଉଛି। ଅନ୍ୟ ଦୁଇ ସହଯୋଗୀ କୁହାଯାଉଥିବା ଯୁବକ ମଧ୍ୟ ଫେରାର ଅଛନ୍ତି।




# ଆଜିଠୁ ଶିମିଳିପାଳ ଜଗିବ ପୋଲିସ

ବାଲେଶ୍ୱର(ବାଞ୍ଛାନିଧି ଦେ)/ ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ), ୧୬।୧

ପୂର୍ବାଞ୍ଚଳ ରେଞ୍ଜ ଅଧୀନ ଶିମିଳିପାଳ ଅଭୟାରଣ୍ୟରେ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଏସ୍‌ଟିଏଫ୍ ଟାସ୍କଫୋର୍ସ ଗଠନ କରାଯାଇଛି। ଶିକାରୀ ଉପରେ ନଜର ରଖିବା ପାଇଁ ବନ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ସହ ପୋଲିସ ବିଭାଗ ସାମିଲ୍ ହୋଇଛି। ଏଥିପାଇଁ ମୟୂରଭଞ୍ଜ ଜିଲାର ୪୦ ଓ ବାଲେଶ୍ୱର ଜିଲାର ୫୦ଜଣ ପୋଲିସ କର୍ମଚାରୀଙ୍କୁ ବନ୍ଧୁକଚାଳନା ପ୍ରଶିକ୍ଷଣ ଦିଆଯାଇଛି। ଶୁକ୍ରବାରଠାରୁ ବନ ବିଭାଗ ସହ ପୋଲିସ ମିଳିତ ଭାବେ ଶିମିଳିପାଳ ଜଗିବ ବୋଲି ବାଲେଶ୍ୱରସ୍ଥିତ ଡିଆଇଜି ଅଫିସ ସମ୍ମିଳନୀ କକ୍ଷରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବାଞ୍ଚଳ ଡିଆଇଜି ଡା. ସତ୍ୟଜିତ୍ ନାଏକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଗତ ୧୫ ତାରିଖରେ ଶିମିଳିପାଳ ଅଭୟାରଣ୍ୟରୁ ଶିକାର ହୋଇଥିବା ଏକ କଳା ମହାବଳ ବାଘଛାଲ ଓ ନଖ ବନ ବିଭାଗ ଜବତ କରିଥିଲା। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୧୦ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଡିଆଇଜି କହିଥିଲେ। ବିଭିନ୍ନ ସମୟରେ ଶିମିଳିପାଳରେ ବାଘ ଛାଲ, ଦେଶୀ ବନ୍ଧୁକ ଜବତ ହେଉଛି। ଶିକାରୀଙ୍କ ଉପରେ କଡ଼ା ନଜର ରଖିବା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ବିଶେଷ କରି ଯେଉଁ ଫୋର୍ସ ଗଠନ କରାଯାଇଛି ସେଥିରେ ପୋଲିସର ଏପିଆର ଫୋର୍ସ କାର୍ଯ୍ୟ କରିବ। ଫ୍ଲାଗମାର୍ଚ୍ଚ ସମେତ ବନ ବିଭାଗ ସହ ପୋଲିସ ପାଟ୍ରୋଲିଂ କରିବ। ବନ ବିଭାଗ ଏହି ଟିମ୍‌କୁ ଲିଡ୍ କରୁଥିବା ବେଳେ ପୋଲିସ କେବଳ ସେମାନଙ୍କୁ ସହାୟତା ପ୍ରଦାନ କରିବ। ଏପରିକି ଜଙ୍ଗଲ ମଧ୍ୟରେ କୌଣସି ପ୍ରକାର ଅଘଟଣ ଘଟିଲେ ବନ ବିଭାଗର ନିର୍ଦ୍ଦେଶରେ ଗୁଳି ଚାଳନା ନିମନ୍ତେ ପୋଲିସକୁ ଟ୍ରେନିଂ ଦିଆଯାଇଥିବା ଡିଆଇଜି କହିଛନ୍ତି। ଶିମିଳିପାଳରେ ବନ୍ୟଜନ୍ତୁ ଶିକାରକୁ ରୋକିବା ପାଇଁ ପ୍ରାଥମିକ ସ୍ତରରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହାବ୍ୟତୀତ ଜଙ୍ଗଲରେ ଲଗାଯାଇଥିବା ଏଆଇ କ୍ୟାମେରା, ଟ୍ରାପ୍ କ୍ୟାମେରା ମାଧ୍ୟମରେ ଜୀବଜନ୍ତୁ ଓ ଶିକାରୀଙ୍କ ଗତିବିଧି ଲକ୍ଷ୍ୟ କରାଯାଉଛି । ଏପରିକି ଗତ ୩ମାସ ମଧ୍ୟରେ ୪୦ଟି ଦେଶୀବନ୍ଧୁକ ଜବତ କରାଯାଇଛି। ଶିକାରୀଙ୍କଠାରୁ ମିଳିଥିବା ବନ୍ଧୁକଗୁଡ଼ିକୁ ଜବତ କରାଯାଇ ଫରେନସିକ ଲାବୋରେଟୋରୀକୁ ପଠାଯାଉଥିବା ଡିଆଇଜି ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲି କହିଛନ୍ତି, ବନ ବିଭାଗ ସହ ୨ ପ୍ଲାଟୁନ ପୋଲିସ ଫୋର୍ସ ପାଦରେ ଚାଲିଚାଲି ପାଟ୍ରୋଲିଂ କରିବେ। ଏହା ବ୍ୟତୀତ ଶିମିଳିପାଳ ସଂଲଗ୍ନ ଅଧିବାସୀମାନଙ୍କୁ ଶିକାର ନ କରିବା ପାଇଁ ସଚେତନ କରିବେ।



> ଏହା ସତ୍ୟ ଯେ, ଏହି ଜଗତ ଏକ ବିପଜ୍ଜନକ ସ୍ଥାନ, ଯେଉଁଠାରେ କି ମିଥ୍ୟା ଜୀବନ୍ତ ଭାବେ ତିଷ୍ଠି ରହିଛି। ଶ୍ରୀଅରବିନ୍ଦ କହନ୍ତି– କେବଳ ସେଇମାନେ ହିଁ ନିରାପଦ, ଯେଉଁମାନେ ଭଗବାନଙ୍କୁ ସେମାନଙ୍କ ହୃଦୟରେ ଧରି ରଖିଛନ୍ତି। ନିର୍ଭୟ ହୁଅ। ଠିକ୍ ରାସ୍ତା ଅନୁକରଣ କର।–ଶ୍ରୀମା

# ଟ୍ରମ୍ପ, ଚାଇନା ଓ କରୋନା



ବ୍ରହ୍ମ ଚେଲାନି

କୋଭିଡ୍–୧୯ ବା କରୋନା ମହାମାରୀରେ ବିଶ୍ୱର ପାଖାପାଖି ୭୧ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥିଲା, ଯାହାଦ୍ୱାରା ୨୦୧୯ରୁ ୨୦୨୧ ମଧ୍ୟରେ ବୈଶ୍ୱିକ ସମ୍ଭାବିତ ଆୟୁଷ ୧.୬ ବର୍ଷ ହ୍ରାସ ପାଇଥିଲା। ମହାମାରୀ ଅନେକ ଦେଶରେ ଅର୍ଥ ବ୍ୟବସ୍ଥା, ଜୀବନ ଜୀବିକାକୁ ଧୂଳିସାତ୍ କରିଦେବା ସହ ସାମାଜିକ ବନ୍ଧନକୁ ପ୍ରଭାବିତ କରିଥିଲା। ତଥାପି ଏହି ମହାମାରୀ ପାଇଁ କାହାକୁ ଦାୟୀ କରାଯାଇ ନାହିଁ। ତେବେ ଆମେରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ଡୋନାଲ୍ଡ ଟ୍ରମ୍ପ କାହାକୁ ଦାୟୀ କରିବେ କି? ସାର୍ସ କୋଭ୍–୨ (କୋଭିଡ୍–୧୯ ସୃଷ୍ଟି କରୁଥିବା ଜୀବାଣୁ) ଆବିର୍ଭାବ ହେବାର ପାଞ୍ଚବର୍ଷ ପରେ ମଧ୍ୟ ଏହି ଭୂତାଣୁ ପ୍ରଥମେ କେଉଁଠାରେ ସୃଷ୍ଟି ହୋଇଥିଲା ସେ ସମ୍ପର୍କରେ ଆମେ ଜାଣିପାରି ନାହୁଁ। ଚାଇନାର ଉହାନ୍‌ର ମାଛମାଂସ ବିକ୍ରି ବଜାରରେ ଏହା ସ୍ୱାଭାବିକ ଭାବରେ ଉତ୍ପନ୍ନ ହୋଇଥିଲା ନା ବାଦୁଡ଼ି କରୋନା ଜୀବାଣୁ ଉପରେ ଅଧ୍ୟୟନ ଚାଲିଥିବା ଉହାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭିରୋଲୋଜି (ଡବ୍ଲ୍ୟୁଆଇଭି)ରୁ ବାହାରକୁ ଆସିଥିଲା?

ଆମେ ଜାଣୁ ଯେ, ଚାଇନା ସରକାର ସ୍ଥାନୀୟ ଅଞ୍ଚଳରେ ଦେଖାଦେଇଥିବା କୋଭିଡ୍ ଭୂତାଣୁକୁ ଏକ ବିଶ୍ୱ ସ୍ୱାସ୍ଥ୍ୟ ସଙ୍କଟରେ ପରିଣତ କରିଥାଇପାରନ୍ତି। ଉହାନ୍‌ରେ ପ୍ରଥମ କୋଭିଡ୍–୧୯ ସଂକ୍ରମଣ ଜଣାପଡ଼ିବା ପରେ ଚାଇନା ରାଷ୍ଟ୍ରପତି ଶି. ଜିନ୍‌ପିଙ୍ଗଙ୍କ ଶାସନ କରୋନା ସମ୍ପର୍କିତ ରିପୋର୍ଟକୁ ଚପାଇ ଦେଇଥିଲା ଏବଂ ମଣିଷଠୁ ମଣିଷକୁ ସଂକ୍ରମଣ ବ୍ୟାପିବାର ପ୍ରମାଣକୁ ବି ଗୁପ୍ତ ରଖିଥିଲା। ଏହି ସମୟରେ, ଉହାନ୍‌କୁ ବିନା ବାଧାରେ ଯିବାଆସିବାକୁ ଅନୁମତି ଦିଆଯାଇଥିଲା। ଚାଇନା ସରକାର କରୋନା ଭାଇରସକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକାଇ ରଖିପାରିଲେ ନାହିଁ କିମ୍ବା ରହସ୍ୟ ବାହାରକୁ ଆସିଲା ପରେ ବିଶ୍ୱର ଅବଶିଷ୍ଟ ଦେଶଗୁଡ଼ିକ ଏହାକୁ ଅଣଦେଖା କରିପାରିଲ ନାହିଁ। କୋଭିଡ୍–୧୯ରେ ଶୀଘ୍ର ଅଧିକ ଲୋକ ସଂକ୍ରମିତ ହେଲେ। ଡାକ୍ତରଖାନାରେ ରୋଗୀ ଭର୍ତ୍ତି ହୋଇଗଲେ, ଏପରି କି ଅନେକ ପୀଡ଼ିତଙ୍କୁ ତମ୍ବୁରେ ଚିକିତ୍ସା କରିବାକୁ ପଡ଼ିଲା। ପରେ ଚାଇନା ସରକାର ତଥ୍ୟକୁ ଲୁଚାଇବା କାର୍ଯ୍ୟକୁ ଛାଡ଼ି ମହାମାରୀର ବିଧ୍ୱଂସକ ପ୍ରଭାବକୁ ସୀମିତ କରିବାକୁ କାର୍ଯ୍ୟ ଆରମ୍ଭ କରିଦେଲେ। ଉହାନ୍‌ରେ ସୃଷ୍ଟି ହୋଇଥିବା ସଙ୍କଟକୁ ଆୟତ୍ତ କରିବାର ସଫଳ କାହାଣୀକୁ ସେହି ଦେଶର ଗଣମାଧ୍ୟମ ପ୍ରଚାର କରିବା ସହ ମୃତ୍ୟୁହାରକୁ କମ୍ କରି ଦର୍ଶାଇଥିଲା। ସେହି ସମୟରେ କୋଭିଡ୍–୧୯ର ଜେନେସିସ୍ ଉପରେ ଏକ ନିରପେକ୍ଷ ଫୋରେନ୍‌ସିକ ଅନୁସନ୍ଧାନ ଆରମ୍ଭ କରିବାକୁ ଶି. ଅନ୍ତର୍ଜାତୀୟ ଉଦ୍ୟମକୁ ବାଧା ଦେଇଥିଲେ ଏବଂ କହିଥିଲେ ଯେ, ଆତଙ୍କବାଦ ଏହାର ସୃଷ୍ଟିର କାରଣ। ପରେ ଚାଇନା ନିୟନ୍ତ୍ରଣରେ ୨୦୨୧ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହିତ ଏହା ଏକ ଅନୁସନ୍ଧାନକୁ ଅନୁମତି ଦେଇଥିଲେ।



ମହାମାରୀ ସଂକ୍ରମଣର ପ୍ରଥମ କିଛି ମାସରେ ଆମେରିକାର ରାଷ୍ଟ୍ରପତି ଥିଲେ ଟ୍ରମ୍ପ। ଚାଇନା ଏବଂ କୋଭିଡ୍–୧୯ ମଧ୍ୟରେ ସମ୍ପର୍କ ଥିବା ବିଷୟ ସେ ବହୁବାର ସୂଚିତ କରିଥିଲେ। କିନ୍ତୁ ଟ୍ରମ୍ପଙ୍କ ପରେ ରାଷ୍ଟ୍ରପତି ଜୋ. ବାଇଡେନ ଚାଇନାକୁ ସମ୍ପୂର୍ଣ୍ଣ ଭାବେ ଛାଡ଼ି ଦେଇଥିଲେ। ରାଷ୍ଟ୍ରପତି ଭାବେ ଶପଥ ନେବାର ଏକ ସପ୍ତାହରୁ କମ୍ ସମୟ ମଧ୍ୟରେ ବାଇଡେନ ଏକ ପ୍ରେସିଡେଣ୍ଟାଲ ସ୍ମାରକପତ୍ର ପ୍ରସ୍ତୁତ କରି ଫେଡେରାଲ ଏଜେନ୍ସିଙ୍କୁ ଭାଇରସର ଭୌଗୋଳିକ ଉତ୍ପତ୍ତି ବିଷୟରେ ସେଥିରେ ଉଲ୍ଲେଖ ନ କରିବାକୁ କହିଥିଲେ। ଏସୀୟ ଆମେରିକୀୟ ତଥା ପ୍ରଶାନ୍ତ ମହାସାଗରୀୟ ଦ୍ୱୀପମାଳାରେ ରହୁଥିବା ଲୋକଙ୍କ ଉପରେ ଗାଳିଗୁଲଜ, ନିର୍ଯାତନା ଏବଂ ଘୃଣା ବୃଦ୍ଧିକୁ ରୋକିବା ଥିଲା ବାଇଡେନଙ୍କ ଲକ୍ଷ୍ୟ। ଦେଖିବାକୁ ଗଲେ ଆମେରିକାର ପକ୍ଷପାତପୂର୍ଣ୍ଣ ରାଜନୀତିର ନକାରାତ୍ମକ ଦିଗ ହେଉଛି ବର୍ଣ୍ଣବିଦ୍ୱେଷ(ଯାହା ଟ୍ରମ୍ପ ଏବଂ ତାଙ୍କ ସହଯୋଗୀ ବୃଦ୍ଧି କରିଥିଲେ) ବିରୋଧରେ ପଛଘୁଞ୍ଚା ଦେବା। ଏହାର କ୍ଷତିକାରକ ଦିଗ ହେଉଛି କୋଭିଡ୍ ସଙ୍କଟ ସୃଷ୍ଟି କରିବାରେ ଚାଇନାର ଭୂମିକା ବିଷୟରେ ଆଲୋଚନାକୁ ବନ୍ଦ କରିବା। ସୋସିଆଲ ମିଡିଆ ପ୍ଲାଟଫର୍ମ, ମୁଖ୍ୟ ଧାରା ଗଣମାଧ୍ୟମ ଏବଂ ଆମେରିକାର କେତେକ ବିଶିଷ୍ଟ ବୈଜ୍ଞାନିକ ମଧ୍ୟ କୋଭିଡ୍–୧୯ ବିଷୟରେ ବିତର୍କକୁ ଦବାଇ ଦେବାରେ ସାହାଯ୍ୟ କରିଥିଲେ। କୋଭିଡ୍–୧୯ ପାଇଁ ଚାଇନା ଭୂମିକା ଉପରେ ଅନୁସନ୍ଧାନ କରାଯିବ କି ନାହିଁ ତାହା ଉପରେ ଦୁଇ ଦଳର ମତଭେଦ ଆଜି ପର୍ଯ୍ୟନ୍ତ ଲାଗି ରହିଛି। ଗତ ମାସରେ, ରିପବ୍ଲିକାନ ନିୟନ୍ତ୍ରିତ ୟୁଏସ୍ ହାଉସ୍ ସିଲେକ୍ଟ ସବ୍‌କମିଟି କରୋନା ମହାମାରୀ ଉପରେ ଦୁଇ ବର୍ଷର ଅନୁସନ୍ଧାନ କରି ପ୍ରସ୍ତୁତ କରିଥିବା ଏକ ୫୨୦ ପୃଷ୍ଠାର ରିପୋର୍ଟକୁ ଡେମୋକ୍ରାଟ୍‌ମାନେ ବିରୋଧ କରିଥିଲେ। ଏହି ରିପୋର୍ଟରେ ଦର୍ଶାଯାଇଥିବା କରୋନା ଭାଇରସ ଡବ୍ଲ୍ୟୁଆଇଭି ପରୀକ୍ଷାଗାରରୁ ବାହାରକୁ ଆସିଥିବା ସମ୍ଭାବନାକୁ ଅସ୍ୱୀକାର କରି ରିପୋର୍ଟ ପ୍ରସ୍ତୁତିରେ ତ୍ରୁଟି ରହିଥିବା କହିଥିଲେ। ଏଣୁ ପରୀକ୍ଷାଗାର ସିଦ୍ଧାନ୍ତ ବାହାରକୁ ଆସିବାରେ ଆମେରିକାର ଶକ୍ତି ବିଭାଗ ଏବଂ ଏଫ୍‌ବିଆଇ ସହିତ କେତେକ ସରକାରୀ ଏଜେନ୍ସିକୁ ଶ୍ରେୟ ଦିଆଯାଇଥିବାବେଳେ ଏହା ଉପରେ ୱାଶିଂଟନରେ କୌଣସି ସହମତି ପ୍ରକାଶ ପାଇନାହିଁ।

କୋଭିଡ୍–୧୯ ଉତ୍ପତ୍ତିର ସ୍ଥାନ ନିର୍ଦ୍ଧାରଣ କରିବାରେ ବିଫଳତା ଯୋଗୁ ବିପର୍ଯ୍ୟୟ ପାଇଁ ଚାଇନାକୁ ଦାୟୀ କରାଯାଇ ନ ପାରେ। ଏଭଳି ବିଫଳତା ମଧ୍ୟ ଅନ୍ୟ ଏକ ମହାମାରୀର ମୁକାବିଲାରେ ବିଶ୍ୱର ଦକ୍ଷତାକୁ ଦୁର୍ବଳ କରିଛି। ଆଶା କରାଯାଏ ଯେ, ଆସିବାକୁ ଥିବା ଟ୍ରମ୍ପ ପ୍ରଶାସନ ଏହାର ସମାଧାନ ପାଇଁ ପୁନର୍ବାର ଅନୁସନ୍ଧାନ କରିବେ। ଚାଇନା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବାରେ ଟ୍ରମ୍ପଙ୍କ ଇଚ୍ଛା ରହିଛି। ଉଲ୍ଲେଖନୀୟ ଯେ, ବଛାଯାଇଥିବା ତାଙ୍କ କ୍ୟାବିନେଟର ସ୍ୱାସ୍ଥ୍ୟ ଏବଂ ମାନବ ସେବା ସଚିବ ରବର୍ଟ ଏଫ କେନେଡି, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥ (ଏନ୍‌ଆଇଏଚ୍)ର ନିର୍ଦ୍ଦେଶକ ଜୟ ଭଟ୍ଟାଚାର୍ଯ୍ୟ କୋଭିଡ୍–୧୯ ସମ୍ପର୍କିତ ରିପୋର୍ଟକୁ ଚ୍ୟାଲେଞ୍ଜ କରିଥିଲେ।

ଏକ ପ୍ରଭାବଶାଳୀ ଅନୁସନ୍ଧାନ କ୍ଷେତ୍ରରେ ଆମେରିକାର ଅତ୍ୟଧିକ ସ୍ୱଚ୍ଛତା ରହିବା ଦରକାର। ଆମେରିକା ସରକାରଙ୍କ ମେଡିକାଲ ଗବେଷଣା ସଂସ୍ଥା ଏନ୍‌ଆଇଏଚ୍ ୨୦୧୪ ପର୍ଯ୍ୟନ୍ତ ଡବ୍ଲ୍ୟୁଆଇଭିରେ ବାଦୁଡ଼ି କରୋନା ଭାଇରସ ଉପରେ ଗବେଷଣା କରିବାକୁ ପାଣ୍ଠି ଯୋଗାଉଥିଲା। ଏହି କାର୍ଯ୍ୟ ବିପଦପୂର୍ଣ୍ଣ ବୋଲି ଏନ୍‌ଆଇଏଚ୍ ଜାଣିଥିଲା। ଏହା ଚାଇନାରେ କରାଯାଉଥିଲା, କାରଣ ଆମେରିକାରେ ଅଣୁଜୀବର ଆନୁବଂଶିକ ସଂରଚନାକୁ ନୂତନ ରୂପ ପ୍ରଦାନ କରିବା ଭଳି ଗବେଷଣା ଉପରେ କଠୋର ନିୟମ ରହିଛି। ଡବ୍ଲ୍ୟୁଆଇଭିରେ ଗବେଷଣା ଜାରି ରଖିବା ପାଇଁ ଏନ୍‌ଆଇଏଚ୍ ପାଣ୍ଠି ଯୋଗାଇ ଚାଲିଥିଲା। ଏପରି କି ଅନେକ ଷ୍ଟେଟ ଡିପାର୍ଟମେଣ୍ଟ ଡବ୍ଲ୍ୟୁଆଇଭିର ସୁରକ୍ଷା ମାନକ ଦୁର୍ବଳ ଥିବା ଦର୍ଶାଇଥିଲେ ମଧ୍ୟ ଏନ୍‌ଆଇଏଚ୍ ମାନି ନ ଥିଲା, କେବଳ ମହାମାରୀ ଆରମ୍ଭ ହେବା ପରେ ତାହା ବନ୍ଦ କରିଥିଲା। ସେତେବେଳେ ଅନୁସନ୍ଧାନର ଲେଖାକୁ ମଧ୍ୟ ତା' ୱେବ୍‌ସାଇଟରୁ ହଟାଇ ଦେଇଥିଲା।

ଅନ୍ତତଃପକ୍ଷେ ଆମେ ଜାଣୁ ଯେ, ଡବ୍ଲ୍ୟୁଆଇଭି ୨୦୧୭ରୁ ଚାଇନା ସେନା ଦ୍ୱାରା ନିର୍ଦ୍ଧାରିତ ଅନେକ ଗବେଷଣା କରିଆସୁଛି। ତେଣୁ ଟ୍ରମ୍ପ ପ୍ରଶାସନ ଚାଇନାରେ କରୋନା ଭାଇରସ ଗବେଷଣା ପାଇଁଆମେରିକା ଯୋଗାଉଥିବାପାଣ୍ଠିସମ୍ପର୍କରେସବିଶେଷବିବରଣୀ ସାମ୍ନାକୁ ଆଣିବା ଉଚିତ। ଗବେଷକଙ୍କୁ ମଧ୍ୟ ଠିକ୍ ତଥ୍ୟ ଅନୁସରଣ କରିବାକୁ ପଡ଼ିବ, ଅର୍ଥାତ୍ ପାଣ୍ଠି ଯୋଗାଇ ଚାଇନା ଓ ଆମେରିକାର ମିଳିତ ବୈଜ୍ଞାନିକ କାର୍ଯ୍ୟକ୍ରମରେ ଉହାନରେ କରାଯାଇଥିବା ଗବେଷଣାର ଫଳାଫଳକୁ ଆମେରିକା ପ୍ରକାଶ କରିବା ଦରକାର।

ମହାମାରୀ ପାଇଁ ଚାଇନାକୁ ଦାୟୀ କରିବା କେବଳ ଏକ ପଦକ୍ଷେପ ନୁହେଁ ବରଂ ମାନବ ଜାତିକୁ ଭବିଷ୍ୟତରେ ବଞ୍ଚାଇ ରଖିବା ପାଇଁ ଟ୍ରମ୍ପ ପ୍ରଶାସନ ଆଉ ଏକ ମୌଳିକ ବିଷୟ ଉପରେ ଧ୍ୟାନଦେବାକୁ ହେବ। ଆନୁବଂଶିକ ବିକାଶ ପଦ୍ଧତିରେ ଅଣୁଜୀବର ଶାରୀରିକ କ୍ଷମତା ବୃଦ୍ଧି ପାଇଁ ଏବେ ମଧ୍ୟ ଚାଇନା, ରୁଷିଆ ଏବଂ ପାଶ୍ଚାତ୍ୟରେ ଗବେଷଣା ଚାଲିଛି। ବିଜ୍ଞାନ ଆଣବିକ ଅସ୍ତ୍ରଶସ୍ତ୍ର ବିକାଶ କରି ମାନବ ଜାତି ପ୍ରତି ଯେତିକି ବିପଦ ସୃଷ୍ଟି କରିଛି ତାହାଠାରୁ ଅଧିକ ବିପଦ ଆଣିବ ଭୂତାଣୁଗୁଡ଼ିକର ଆନୁବଂଶିକ ବୃଦ୍ଧିଜନିତ ଗବେଷଣା। ଏହା ମାନବ ଅସ୍ତିତ୍ୱ ପ୍ରତି ବଡ଼ ବିପଦ। ଏହିପରି କାର୍ଯ୍ୟକଳାପ ଉପରେ ଥିବା ନିୟମକୁ କଡ଼ାକଡ଼ି କରି କିମ୍ବା ଯଦି ସମ୍ଭବ ହୁଏ, ମହାମାରୀ ସୃଷ୍ଟି କରିପାରୁଥିବା ପରୀକ୍ଷାଗାର ଗବେଷଣାକୁ ନିଷେଦ୍ଧ କରିବା ଦରକାର। ଏହା କଲେ ଟ୍ରମ୍ପ ଏକ ଗୁରୁତ୍ୱପୂର୍ଣ୍ଣ ତଥା ସକାରାତ୍ମକ ପଦଚିହ୍ନ ଛାଡ଼ିଯିବେ।

**ଏମେରିଟସ୍ ପ୍ରଫେସର( ଷ୍ଟ୍ରାଟେଜିକ ଷ୍ଟଡିଜ),ସେଣ୍ଟର ଫର୍ ପଲିସି ରିସର୍ଚ୍ଚ, ନୂଆଦିଲ୍ଲୀ**

# ସାମ୍ପ୍ରତିକ ଶିକ୍ଷା ଓ ଶିକ୍ଷାୟତନ ସମସ୍ୟା



ପ୍ରଶାନ୍ତ କୁମାର ଜେନା

ଅଧୁନା ସମାଜରେ ଶିକ୍ଷା ଏକ ପ୍ରସଙ୍ଗଭିତ୍ତିକ ପ୍ରବନ୍ଧ ସଦୃଶ ସବୁଠି ଚର୍ଚ୍ଚାର ବିଷୟବସ୍ତୁ; ହୁଏତ ସେ ପୁରାତନ ଶିକ୍ଷାର ବିଷୟବସ୍ତୁର ଶୀର୍ଷକ ମଳିନ ପଡିଯାଇ ନୂତନତା ଭରିଯାଇଛି। ଯେଉଁଠି ଶିକ୍ଷାର୍ଥୀର ଭାବ ଶୈକ୍ଷିକ ବାତାବରଣ ମଧ୍ୟରେ ବଦଳିଯାଇଛି। ଶିକ୍ଷା ଏବଂ ସଂସ୍କୃତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ଥିଲେ ମଧ୍ୟ ଶିକ୍ଷା କେତେବେଳେ ସଂସ୍କୃତିକୁ ଛାଡ଼ି ନଚେତ୍ ସଂସ୍କୃତି ଶିକ୍ଷାକୁ ଛାଡ଼ି ପରସ୍ପର ମଧ୍ୟରେ ଧାବମାନ ପ୍ରତିଯୋଗିତାରେ ଅଂଶଗ୍ରହଣ କଲାପରି ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ହୋଇପଡିଛନ୍ତି। ଯାହା କି ଶିକ୍ଷା ବ୍ୟବସ୍ଥାକୁ ଆମୂଳଚୂଳ ପରିବର୍ତ୍ତନ କରିଦେଇଛି। ସମୟ ଥିଲା ଶିକ୍ଷାର ପରିଧି ଘାସକଟାଠାରୁ ଘୋଡ଼ାଚଢ଼ା ପର୍ଯ୍ୟନ୍ତ ସବୁଠି ସହାୟକର ଭୂମିକା ନେଉଥିଲା, ହେଲେ ଅଧୁନା ଶିକ୍ଷାର ମାନଦଣ୍ଡ ଏବଂ ଶୈକ୍ଷିକ କେନ୍ଦ୍ରବିନ୍ଦୁ ବଦଳି ଯାଇଛି। ଯୁଗଯୁଗ ଧରି ଯେଉଁ ଶିକ୍ଷା ଅନ୍ଧକାରରୁ ଆଲୋକକୁ ନେବାରେ ପଥପ୍ରଦର୍ଶକ ସାଜିଥିଲା ଆଜି ସେହି ଶିକ୍ଷା ସ୍ୱୟଂ ଅନ୍ଧକାରାଚ୍ଛାଦିତ ବାତାବରଣ ଭିତରେ ନିଜେ ହଜିଯାଇଛି। ବହୁ ସ୍ୱଳ୍ପ ଶିକ୍ଷିତ ଯୁବଗୋଷ୍ଠୀ ନିଜକୁ ଶିକ୍ଷାର ସର୍ବେସର୍ବା ଭାବି ଶିକ୍ଷକର ପରିଚୟ ଦେଇ ଅଳ୍ପ ବିଦ୍ୟା ଭୟଙ୍କର ପ୍ରବାଦର ମାନକୁ ବଢ଼ାଇଛନ୍ତି। ଆଉ ଯେତେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସର ମଧ୍ୟରେ ରହି ଆଧୁନିକ ଭ୍ରାମ୍ୟମାଣର ବ୍ୟବହାର ଏବଂ ନକଲୀକରଣକୁ ଶିକ୍ଷାର ମାପକାଠି ଏବଂ କେନ୍ଦ୍ରବିନ୍ଦୁ ନେଇ ଶିକ୍ଷାକୁ କଳୁଷିତ କରିପକାଇଛନ୍ତି। ବାସ୍ତବରେ କୌଣସି ଶିକ୍ଷକ କିମ୍ବା କୌଣସି ଛାତ୍ରୀଛାତ୍ରଙ୍କୁ ମୁଁ କିମ୍ବା ମୋର ଲେଖା ମାଧ୍ୟମରେ ତାଙ୍କ ଭାବନାକୁ ଆଘାତ ଦେବା ମୋର ଉଦ୍ଦେଶ୍ୟ ନୁହେଁ, ହେଲେ ବାସ୍ତବିକତାକୁ ପଛରେ ପକାଇ କଳ୍ପନାକୁ ସବୁକିଛି ଭାବିନେବାଟା ମଧ୍ୟ ଠିକ୍ ନୁହେଁ। ବର୍ତ୍ତମାନ ଶିକ୍ଷା ସମସ୍ୟାର ଅନ୍ୟ ଏକ ଦିଗ ହେଲା ମାତୃଭାଷାର ବିଲୋପ। ପୂର୍ବେ ମାତୃଭାଷାକୁ ବିଲୋପ କରିବାପାଇଁ ହୀନଚକ୍ରାନ୍ତକାରୀ ଗୋଷ୍ଠୀଙ୍କର ଯୋଜନା ସଫଳତାର ଶୀର୍ଷକୁ ଛୁଇଁବାରେ ବାଧାପ୍ରାପ୍ତ ହୋଇଥିଲା କେବଳ ସେ ସମୟର ଯୁଗ ସ୍ରଷ୍ଟା ସାହିତ୍ୟିକଗଣଙ୍କ ପାଇଁ। ସେମାନଙ୍କର ଲେଖା ହୁଏତ ଆମ୍ଭମାନଙ୍କ ମଧ୍ୟରେ ଯେଉଁ ଆଲୋଡ଼ନ ସୃଷ୍ଟି କରିଥିଲା ଆମେ ଆମ ଭାଷାକୁ ବଞ୍ଚାଇ ରଖିବାର ପ୍ରୟାସ ମଧ୍ୟ ସେ ସମୟରେ କିଛି କମ୍ ନ ଥିଲା। ଅଧୁନା ଶିଶୁଟିଏ ଜନ୍ମରୁ ତା'ର ଭାଷା ସଙ୍ଗେ ସଂଘର୍ଷ କରୁଛି, ହୁଏତ ତା'ର ଶିକ୍ଷିତ ମା'ବାପାଙ୍କ ପାଇଁ। ଶିଶୁଟିର ଶୈଶବରୁ ତା' ପାଟିରେ ଯେଉଁଶବ୍ଦ ଉଚ୍ଚାରଣଯୋଗ୍ୟ ନୁହେଁ ତାକୁ ସେହି ଭାଷାରେ କହିବା ପାଇଁ ବାଧ୍ୟ କରାଯାଉଛି ଏବଂ ମାତୃଭାଷାକୁ ପଛରେ ପକାଇ ଇଂଲିଶର ଆଧିକ୍ୟକୁ ଦର୍ଶାଇ ଶିକ୍ଷିତ କରିବାର ଯେଉଁ ପ୍ରୟାସ, ତା' କ'ଣ ମାତୃଭାଷା ମାଧ୍ୟମରେ ସମ୍ଭବ ନୁହେଁ। ଆପଣମାନେ ଚିନ୍ତାକରନ୍ତୁ ଏଇ ଯେଉଁ ଶିକ୍ଷାର ଲକ୍ଷ୍ୟ ଥିଲା କେବଳ କ'ଣ ଶିକ୍ଷାଭିତ୍ତିକ ମୂଲ୍ୟାଙ୍କନ ହୁଏତ ଉତ୍ତର ହେବ ନା। କାରଣ ଶିକ୍ଷାର ଉଦ୍ଦେଶ୍ୟ ସମାଜର ଲୋକଙ୍କୁ ଶିକ୍ଷିତ କରାଇ ବଞ୍ଚିବାର ନୂଆ ରାହା ଦେଖାଇବା। ହେଲେ ସାମ୍ପ୍ରତିକ ସମୟର ଶୈକ୍ଷିକ ପରିବେଶର ବାତାବରଣ ମଧ୍ୟରେ ଶିକ୍ଷାକୁ ନେଇ ଯେଉଁ ଅନାସକ୍ତ ଭାବ ଏବଂ ଗଣ୍ଡଗୋଳ ଭଳି ପରିସ୍ଥିତି ଉପୁଜିବା ସହ ଶିକ୍ଷା ପ୍ରଶ୍ନପତ୍ର କେଲେଙ୍କାରି କେଉଁଠି ନା କେଉଁଠି ଶିକ୍ଷାବିତ୍‌ମାନଙ୍କ ଭାବନାକୁ ଆଘାତ ଦେଇଛି। ହୁଏତ ବର୍ତ୍ତମାନ ସେ ସମୟ ଆସିଛି 'କର ବା ମର' ପରିସ୍ଥିତିର। ଆମ୍ଭେମାନେ ଚାହିଁଲେ ଏହି ମାତୃଭାଷା ଚିରଦିନ ପାଇଁ ବଞ୍ଚିରହିବ ଏବଂ ଅନ୍ୟ ପାଇଁ ଦିଗ୍‌ଦର୍ଶନର ପ୍ରେରକ ସାଜିବ। ଯେଉଁଠି ଆମ୍ଭେମାନେ ସେ ମାତୃଭାଷାର ପ୍ରଚାରକ ଓ ପ୍ରସାରକ ଭୂମିକାରେ ଥିବା। ପରିଶେଷରେ ଏତିକି କହିବି ଯେ ଶିକ୍ଷାୟତନ ମଧ୍ୟରେ ହେଉଥିବା ସମସ୍ୟାକୁ ଏଡାଇ ପାରିଲେ ବହୁ ଅସମ୍ଭବ ପରିକଳ୍ପନା ମଧ୍ୟ ସାର୍ଥକତାର ଭୂମିକାରେ ଉତ୍ତୀର୍ଣ୍ଣ ହେବ। ଏଇ ଟିକିଏ ଆଶା ଯାହା ମରୁରାଇଜରେ ମଧ୍ୟ ସ୍ୱପ୍ନର ଜୁଆର ଆଣିବାରେ ସାଫଲ୍ୟମଣ୍ଡିତ ହେବ।

**ସପ୍ତଶଯ୍ୟା, ଢେଙ୍କାନାଳ**
**ମୋ:୮୧୪୪୫୬୭୨୮୯୧**

## ଏଇ ଭାରତରେ

ମକା ଖାଇଲା ବେଳେ ତାହାକୁ ବାନ୍ଧି ରଖିଥିବା ତନ୍ତୁଜାତୀୟ ଖୋଳକୁ ବର୍ଜ୍ୟ ମନେକରି ବାହାରେ ଫିଙ୍ଗିଦିଆଯାଏ। ସମସ୍ତେ ଭାବନ୍ତି, ଏସବୁ ଅଦରକାରୀ ଜିନିଷ। କିନ୍ତୁ ବିହାର ମୁଜାଫରପୁରର ନାଜ୍ ଓଜେର ଏହି ବର୍ଜ୍ୟରୁ ଚକୋଲେଟ ଖୋଳ, ଚା କପ୍, ପାଉଚ, ପ୍ଲେଟ, ବ୍ୟାଗ ଓ ବ୍ୟାନର ଆଦି ଜିନିଷ ତିଆରି କରୁଛନ୍ତି। ନାଜ୍‌ଙ୍କ ପୁତୁରାଙ୍କର ୭ ବର୍ଷ ତଳେ କ୍ୟାନ୍‌ସରରେ ମୃତ୍ୟୁ ଘଟିଥିଲା। କ୍ୟାନ୍‌ସର ପଛରେ ପ୍ଲାଷ୍ଟିକ କଣିକା ଦାୟୀ ବୋଲି ସେ ବିଚାର କରି ତାହାର ସମାଧାନର ବାଟ ଖୋଜିଥିଲେ। ନାଜ୍ ଜଣେ ଏମ୍.ଟେକ୍ ଟିଚର ଥିଲେ। ତାହାକୁ ଛାଡ଼ି ଏହିସବୁ ଜିନିଷ ତିଆରି କରିବା ଲାଗି ଗବେଷଣା ଆରମ୍ଭ କରିଥିଲେ। ସେ ୧୦ ପ୍ରକାରରୁ ଅଧିକ ଜିନିଷ ମକା ବର୍ଜ୍ୟରୁ ତିଆରି କରୁଛନ୍ତି। ଦିନକୁ ଏଥିରୁ ୧୦୦୦ଟିରୁ ଅଧିକ ବିକ୍ରି କରୁଛନ୍ତି। ଏହି ସବୁ ଜିନିଷ ମଜଭୁତ ଏବଂ ସହଜରେ ମାଟିରେ ମିଶି ଯାଉଛି। ଏହି ସବୁ ଉତ୍ପାଦକୁ ଆଇଆଇଟି ପାଟ୍‌ନା ସ୍ୱୀକୃତି ପ୍ରଦାନ କରିଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୭ ଜାନୁଆରୀ ୧୯୭୬**

- କଟକ, ପୁରୀ, ବାଲେଶ୍ୱର, ଢେଙ୍କାନାଳ ଓ କେନ୍ଦୁଝର ଜିଲାର ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳର ଲୋକମାନଙ୍କୁ ସୁବିଧାରେ ପାନୀୟଜଳ ଯୋଗାଇଦେବା ପାଇଁ ରାଜ୍ୟ ନଗର ଉନ୍ନୟନ ବିଭାଗ ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।
- ଭାରତ ଓ ଇରାନ ମଧ୍ୟରେ ଶିକ୍ଷା ଓ ସଂସ୍କୃତି ସହଯୋଗ ବୃଦ୍ଧି କରିବା ସଂକ୍ରାନ୍ତରେ ଏକ ରାଜିନାମା ସ୍ୱାକ୍ଷରିତ।
- ଆଙ୍ଗୋଲାରେ ବାମପନ୍ଥୀ ସୈନ୍ୟମାନଙ୍କ ବିରୁଦ୍ଧରେ ଲଢ଼େଇ ଚଳାଇଥିବା ଆମେରିକା ସମର୍ଥିତ ଏଫ୍‌ଏନ୍‌ଏଲ୍‌ଏ ବାହିନୀର ପତନ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 3 | 5 | | | 7 |
| | | | | 6 | | 1 | | |
| | 1 | 4 | | | | | | |
| 4 | | 9 | | 7 | | | | |
| | 7 | | 5 | | | | | 8 |
| | | 3 | | | | | 4 | |
| | | 6 | | | | 9 | | 3 |
| | | | | | | | 8 | |
| | 2 | | 3 | | 1 | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 4 | 2 | 7 | 1 | 5 | 6 | 3 |
| 2 | 7 | 6 | 3 | 5 | 9 | 1 | 8 | 4 |
| 5 | 1 | 3 | 8 | 4 | 6 | 2 | 9 | 7 |
| 1 | 6 | 8 | 4 | 3 | 5 | 9 | 7 | 2 |
| 7 | 3 | 2 | 9 | 1 | 8 | 6 | 4 | 5 |
| 4 | 5 | 9 | 7 | 6 | 2 | 3 | 1 | 8 |
| 3 | 8 | 5 | 1 | 9 | 7 | 4 | 2 | 6 |
| 6 | 2 | 1 | 5 | 8 | 4 | 7 | 3 | 9 |
| 9 | 4 | 7 | 6 | 2 | 3 | 8 | 5 | 1 |

ଗତକାଲିର ଉତ୍ତର

# ପ୍ରତିଶ୍ରୁତି ରକ୍ଷା ପାଇଁ ଉଦ୍ୟମ



କିଶୋର ଚନ୍ଦ୍ର ବେହେରା

ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ପ୍ରକ୍ରିୟାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜାତୀୟ ଏକତା ଓ ରାଷ୍ଟ୍ରର ସାର୍ବଭୌମତ୍ୱ ରକ୍ଷାକରିବା ପାଇଁ ଉତ୍ତମ ସରକାର ଓ ନିର୍ମଳ ଶାସନର ଆବଶ୍ୟକତା ପଡ଼ିଥାଏ। ଅଷ୍ଟାଦଶ ସାଧାରଣ ନିର୍ବାଚନ ଏବଂ ଓଡ଼ିଶାର ସପ୍ତଦଶ ରାଜ୍ୟ ବିଧାନସଭା ନିର୍ବାଚନ ଥିଲା ଭିନ୍ନ ତରିକା। ଭାଜପା ଓ କଂଗ୍ରେସ ରାଜ୍ୟରେ 'ଓଡ଼ିଆ ଅସ୍ମିତା' କୁ ମୁଖ୍ୟ ପ୍ରସଙ୍ଗକରି ଲୋକଙ୍କ ଭାବାବେଗ ସହ ରହିବାକୁ ରଣନୀତି ପ୍ରସ୍ତୁତ କରିଥିଲା ବେଳେ ବିଜୁ ଜନତା ଦଳ ୨୪ ବର୍ଷ ଶାସନର ଜନକଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ସାଧାରଣ ଜନତାଙ୍କୁ ଅବଗତ କରୁଥିଲେ। ପ୍ରତି ରାଜ୍ୟର ଗର୍ବ ହେଉଛି ତାହାର ଭାଷା, ସଂସ୍କୃତି ଓ ସମ୍ପୃକ୍ତ ରାଜ୍ୟର ଜନତା। ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଆ ଭାଷା ପାଇଁ ଦିଲ୍ଲୀ ଦରବାରରେ ଲଢ଼େଇକଲେ ଓ ୨୦୧୪ ଫେବୃଆରୀରେ ୟୁପିଏ(ଉପା)ସରକାର ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଥିଲେ। ଇତିମଧ୍ୟରେ ୧୦ ବର୍ଷ ଅତିବାହିତ ହୋଇଯାଇଛି। ସମସ୍ତେ ଜାଣିଛନ୍ତି ଏହି ୧୦ ବର୍ଷ ଭିତରେ ଓଡ଼ିଆ ଭାଷା ପାଇଁ କେନ୍ଦ୍ର ସରକାର ଟଙ୍କାଟିଏ ଦେଇନାହାନ୍ତି କିମ୍ବା କୌଣସି ପଦକ୍ଷେପ ନେଇନାହାନ୍ତି। ଶାସ୍ତ୍ରୀୟ ମାନ୍ୟତା ପାଇଥିବା ସଂସ୍କୃତ, ତେଲୁଗୁ, ତାମିଲ, ମରାଠୀ ଭଳି ଭାଷାର ବିକାଶ ପାଇଁ କେନ୍ଦ୍ର ସରକାର ସହାୟତା ଦେଇଛନ୍ତି।

ଆମେ ଓଡ଼ିଆ ଅସ୍ମିତା କଥା ଚିନ୍ତାକରିବା ପୂର୍ବରୁ ପ୍ରଥମେ ଓଡ଼ିଆ କିଏ ଚିନ୍ତା କରିବାର ଆବଶ୍ୟକତା ରହିଛି। ଓଡ଼ିଶାର ଭୂଇଁ, ଓଡ଼ିଶାର ଭାଷା, ଓଡ଼ିଶାର ମଣିଷ ତଥା ସାହିତ୍ୟ ସଂସ୍କୃତିରେ କଥା କହୁଥିବା, ଓଡ଼ିଶାର ରାଜନୈତିକ, ଅର୍ଥନୈତିକ ସଶକ୍ତୀକରଣର ସ୍ୱପ୍ନ ଦେଖୁଥିବା ଯୁଗସ୍ରଷ୍ଟାଙ୍କୁ ସଂକୀର୍ଣ୍ଣ ଆଞ୍ଚଳିକତାବାଦର ଅନ୍ଧାରି ଭାବାବେଗ ଟିକେ ହେଲେ ସ୍ପର୍ଶ କରିପାରିନାହିଁ ଆମର ସ୍ୱାଭିମାନ ଓ ଐତିହ୍ୟକୁ। ଆମେ ଯେଉଁ ଓଡ଼ିଶା ଭୂଖଣ୍ଡଟି ପାଇଛୁ ସେଇଟି ହିଁ ଥିଲା ସେହି ପ୍ରାଚୀନ ଭୂଖଣ୍ଡ, ଯାହା ଦିନେ ଜଣାଥିଲା କଳିଙ୍ଗ, ଉତ୍କଳ, ଉଡ୍ର ବା କୋଶଳ ରୂପେ। ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିଥିବା ଭକ୍ତକବି ମଧୁସୂଦନ ରାଓ, କବିବର ରାଧାନାଥ ରାୟ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ନାରୀକବି କୁନ୍ତଳା କୁମାରୀ ସାବତ ଓ କର୍ମବୀର ଗୌରୀଶଙ୍କର ରାୟଙ୍କ ପରି ସାହିତ୍ୟ ମହାରଥୀମାନେ ଆମ ସମାଜ ପାଇଁ ସଦାସର୍ବଦା ଚିରସ୍ମରଣୀୟ ଓ ବନ୍ଦନୀୟ। ଏ ମାଟିର ସ୍ୱାଭିମାନର ସୁରକ୍ଷା ପାଇଁ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ, ଶହୀଦ ବାଜି ରାଉତ, ଶହୀଦ ଲକ୍ଷ୍ମଣ ନାଏକଙ୍କ ପରି ବୀର ସଂଗ୍ରାମୀମାନଙ୍କର ଦେଶ ପ୍ରୀତି ଅବଦାନ ଅତୁଳନୀୟ। ଓଡ଼ିଆ ଭାଷା ଆଜି ଶାସ୍ତ୍ରୀୟ ମାନ୍ୟତା ପାଇଛି। ଓଡ଼ିଆ କଳା ଓ ସଂସ୍କୃତି ଦେଶବିଦେଶରେ ଆମ ପରିଚୟକୁ ଆହୁରି ଉଜ୍ଜ୍ୱଳ କରୁଛି। ଦେଶ ବିଦେଶରେ ରହୁଥିବା ଓ ଭାଇଭଉଣୀମାନେ ସେମାନଙ୍କ ଦକ୍ଷତା ଦ୍ୱାରା ଏ ମାଟିର ଗୌରବ ବୃଦ୍ଧି କରିଛନ୍ତି। ଏ ପବିତ୍ର ଭୂମି ଯୁଗେ ଯୁଗେ ସାରା ବିଶ୍ୱକୁ ଶାନ୍ତି, ପ୍ରେମ, ଅହିଂସା ଓ ସଦ୍‌ଭାବନାର ବାର୍ତ୍ତା ଦେଇଆସିଛି। ଆମର ଗୌରବମୟ ଇତିହାସ, ଉତ୍କୃଷ୍ଟ କଳାଭାସ୍କର୍ଯ୍ୟ, ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ନଦୀ, ପର୍ବତବେଷ୍ଟିତ ଭୂଗୋଳ, ସମୃଦ୍ଧ ଭାଷା, ସାହିତ୍ୟ, ସଂସ୍କୃତି, ଓଡ଼ିଆ ପରମ୍ପରା, ବିପୁଳ ଖଣିଜ



ସମ୍ପଦ, ସୁଦୀର୍ଘ ବେଳାଭୂମି ଓ ପର୍ଯ୍ୟଟନ ବିଭବ ଓ ଭାରତବର୍ଷର ଏକ ଅନନ୍ୟ ଓ ଅନବଦ୍ୟ ରାଜ୍ୟ ଭାବେ ପ୍ରତିପାଦିତ କରିଛି। ଆମର ବୌଦ୍ଧିକ ଓ ଆଧ୍ୟାତ୍ମିକ ଚେତନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶରଣରେ ପରିପୁଷ୍ଟ ହୋଇ ଆମକୁ ବିଶ୍ୱର ଏକ ଶ୍ରେଷ୍ଠ ଜାତିରେ ପରିଣତ କରିଛି। କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି, ଶ୍ରମିକଙ୍କ ଜୀବନ ଜୀବିକାର ଉନ୍ନତି ଏବଂ ମୌଳିକ ଶିକ୍ଷାର ଗୁଣାତ୍ମକ ମାନର ବିକାଶ ପାଇଁ ସମସ୍ତଙ୍କର ପ୍ରଚେଷ୍ଟା ରହିବାର ଆବଶ୍ୟକତା ରହିଛି। ଏ ଜାତିର ବିକାଶ ନିମନ୍ତେ ସରକାରୀ ସ୍ତରରୁ ଆରମ୍ଭକରି ସମସ୍ତ ଜନପ୍ରତିନିଧିଙ୍କ ପର୍ଯ୍ୟନ୍ତ ସତ୍ୟନିଷ୍ଠ ଓ ସାଧୁତାର ସହ ଯଦି କାର୍ଯ୍ୟ କରିବେ ତେବେ ରାଜ୍ୟର ପ୍ରଗତି ଓ ସମୃଦ୍ଧି ହୋଇପାରିବ।

ଭାରତୀୟ ଜନତା ପାର୍ଟି ରାଜ୍ୟ ଶାଖାର ନିର୍ବାଚନୀ ଇସ୍ତାହାରରେ ଓଡ଼ିଆ ଅସ୍ମିତାର ସମୂହ ଧ୍ୱନି ମନକୁ ବି ଛୁଇଁଗଲା। ଯାହାର ଫଳ ହେଲା ଭାଜପା ରାଜ୍ୟରେ ଶାସନ କ୍ଷମତାକୁ ଆସିଲା। ସରକାର ଗଠନର କିଛି ସମୟ ଅନ୍ତରରେ ସ୍ୱତନ୍ତ୍ର କ୍ୟାବିନେଟ୍ ବୈଠକ ଡାକି ପରଦିନ ଓଡ଼ିଆ ଜାତିର ସାଢ଼େ ୪କୋଟିଙ୍କ ପ୍ରାଣର ଦେବତା ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରର ୪ଦ୍ୱାର ଖୋଲାଯିବାରୁ ଜଗନ୍ନାଥପ୍ରେମୀଙ୍କ ମନରେ ଆନନ୍ଦ ଖେଳିଯାଇଥିଲା। ଯେଉଁ 'ଓଡ଼ିଆ ଅସ୍ମିତା' ଶବ୍ଦ ଭାରତୀୟ ଜନତା ପାର୍ଟି ପାଇଁ ନିର୍ବାଚନ ସମୟରେ ରାଜନୈତିକ ପରିଭାଷା ଥିଲା, ଉକ୍ତ ଶବ୍ଦକୁ ଜାତୀୟ ସ୍ତରରେ ନିଜର ସ୍ୱାଭିମାନ ବଜାଇରଖିବା ପାଇଁ ସରକାର ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି। ସମ୍ପ୍ରତି ଗ୍ରାମାଞ୍ଚଳରୁ ଆରମ୍ଭକରି ରାଜ୍ୟସ୍ତରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରିବା ସହ ଅନେକ ପଦକ୍ଷେପ ହାତକୁ ନେଇଛନ୍ତି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଜାତୀୟ ସେବା ଯୋଜନା ପକ୍ଷରୁ ଓଡ଼ିଆ ଅସ୍ମିତା ଶିବିର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରଠାରେ ନଭେମ୍ବର ୩୦ରୁ ଡିସେମ୍ବର ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ୧୯ଟି ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୨୦୦ ଛାତ୍ରୀଛାତ୍ର ଯୋଗଦେଇ ଓଡ଼ିଶାର କଳା, ସଂସ୍କୃତି ଓ ଭାସ୍କର୍ଯ୍ୟକୁ ନେଇ ଆଲୋଚନା ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇସାରିଛି। ପୁନଶ୍ଚ 'ଓଡ଼ିଆ ଅସ୍ମିତା' ବାସ୍ତବତାରେ ପରିଣତ ହୋଇପାରିବ ଯେତେବେଳେ ପ୍ରତ୍ୟେକ ନିଜେ ଓଡ଼ିଆ ହୃଦୟଙ୍ଗମକରି ଗର୍ବରେ କହିବାକୁ ପଡ଼ିବ ଓଡ଼ିଆ କହୁଥିବା ଶେଷ ବ୍ୟକ୍ତି ଜଣକ ମୁଁ। ଆମେ ଏଠି ଗଳାଫଟାଇ ଚିତ୍କାରକରି କହୁଛି, ମାତୃଭାଷାର ସୁରକ୍ଷା। କିନ୍ତୁ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଅନେକ ସଚେତନତା ଶୋଭାଯାତ୍ରା ଓ ପ୍ରଚାରପ୍ରସାର କରୁଥିଲେ ମଧ୍ୟ ସେ ସରକାରୀ ଦପ୍ତର ହେଉ କିମ୍ବା ବ୍ୟବସାୟ ପ୍ରତିଷ୍ଠାନରେ ଓଡ଼ିଆ ଫଳକ ଲେଖା ପ୍ରତିବଦଳରେ ଦେଖିବାକୁ ମିଳୁଛି ଇଂରାଜୀର ଲେଖା। ପଚାରିଲେ ଉତ୍ତର ଆସେ ଇଂରାଜୀ ଲେଖା ଦ୍ୱାରା ଯୋଗାଯୋଗର ପ୍ରକ୍ରିୟା ସହଜ ହୋଇଥାଏ। ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକ ନିଜ ମାତୃଭାଷାର ସୁରକ୍ଷା ପ୍ରତି ଯେତେ ସଚେତନ, ଆମମାନଙ୍କ ଭିତରେ ସେତିକି ଭଲପାଇବା ଦେଖିବାକୁ ମିଳୁନାହିଁ। ସାଧାରଣ ଅର୍ଥରେ ଅସ୍ମିତା କହିଲେ ଯାହାକୁ ନେଇ ଆମର ପରିଚୟ ଓ ଅସ୍ତିତ୍ୱ ଗଢ଼ିଉଠିଛି ତାହାହିଁ ଅସ୍ମିତା। ଏହି ଅସ୍ମିତା ଗୋଟିଏ ଜାତିର ପରିଚୟ ଓ ସ୍ୱାଭିମାନର ମୂଳଉତ୍ସ।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ, ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, କୋରାପୁଟ**
**ମୋ:୯୪୩୭୯୫୫୫୬୮**

## ଚିରନ୍ତନୀ

ଦେଖ ଗୋଲାପ ଦେଖ ଲୋ ଯୁଇ
କବି–ଲଲାଟେ ଅଧର ଛୁଇଁ
ଜଳଇ ମହା ହୁତାଶ ତହିଁ
ଲାଗଇ ପଦେ ତପତ ଭୂଇଁ।
–(କବିର ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅଶାନ୍ତ ସୀମାନ୍ତ

ମହାଶୟ,

ରାଜନୀତି କ୍ଷେତ୍ର ଏକ ରୁଚିହୀନ ସ୍ତରରେ ପହଞ୍ଚିଗଲାଣି। ଆଗାମୀ ଦିନରେ ଯେଉଁ ବିଷୟଟି ଏକ ବିତର୍କରେ ପରିଣତ ହେବାକୁ ଯାଉଛି, ତାହା ହେଲା 'ୱାନ୍ ନେଶନ, ୱାନ୍ ଇଲେକ୍‌ଶନ' ବା ଏକ ରାଷ୍ଟ୍ର, ଏକ ନିର୍ବାଚନ। ଏକ ନିର୍ବାଚନ ଭଳି ବ୍ୟବସ୍ଥାକୁ ଅନେକ ବିରୋଧୀ କେବଳ ଅବାସ୍ତବ ପରିକଳ୍ପନା ରୂପେ ଅଭିହିତ କରନ୍ତି। ରାଜନୀତି ଏକ ବୃତ୍ତି ଏବଂ ଦୁର୍ନୀତି ସହ ତା'ର ସମ୍ପର୍କକୁ ନେଇ ମାକ୍ସ ୱେବର ଶହେବର୍ଷ ତଳେ କହିଥିଲେ। ଭାରତର ସ୍ୱାଧୀନତା ପରେ ରାଜନୀତି ଏକ ସାଧାରଣ ବୃତ୍ତିରେ ପରିଣତ ହୋଇସାରିଛି। ଏହି ବୃତ୍ତିରେ କ୍ଷମତା ଦଖଲ କରିବା ହେଉଛି ମୂଳଲକ୍ଷ୍ୟ। ୟୁ ଗଭ୍ ଓ ମସ୍କ ଭଳି କେତେକ ଆନ୍ତର୍ଜାତିକ ମାନର ସର୍ବେକ୍ଷଣ ସଂସ୍ଥା ମତ ରଖନ୍ତି, ପ୍ରାୟ ୫୩%ରୁ ଅଧିକ ଭାରତୀୟଙ୍କର ମତ ଯେ, ଦେଶ ଏବେ ଆବଶ୍ୟକ କରୁଛି ଏକ ମିଲିଟାରି ଶାସନ। ଦେଶର ସୀମାନ୍ତ ଆଜି ଅଶାନ୍ତ। ପ୍ରାୟ ୪୦ ହଜାର ବର୍ଗ କି.ମି. ଚାଇନା କବ୍‌ଜାରେ। ମଣିପୁର ଜଳିଚାଲିଛି, ରାଜ୍ୟରେ କିଏ ଶାସନ କରୁଛି ତାହା କାହାକୁ ଜଣାନାହିଁ। ପ୍ରଧାନମନ୍ତ୍ରୀ ଜାପାନ, ଅଷ୍ଟ୍ରେଲିଆ, ରୁଷିଆ, ୟୁକ୍ରେନ୍, ବ୍ରାଜିଲ, ଗ୍ରୀସ୍, କାତାର, ଫ୍ରାନ୍ସ ଯାତ୍ରା କରିସାରିଛନ୍ତି; ମାତ୍ର ତାଙ୍କର ମଣିପୁର ଗସ୍ତର କୌଣସି ସୂଚନା ନାହିଁ।

**–ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୧୯ ବର୍ଷରେ ୬୬% ଗୋମହିଷାଦି ସଂଖ୍ୟା କମିଛି

କେନ୍ଦ୍ରାପଡ଼ା,୧୬।୧(ଜଗନ୍ନାଥ ଧଳ)

**କେନ୍ଦ୍ରାପଡ଼ା ଜିଲା**

- ଜଳବାୟୁ ପରିବର୍ତ୍ତନର ପ୍ରଭାବ
- ଅର୍ଥନୀତି, ପରିବେଶ ଉପରେ ପକାଉଛି ପ୍ରଭାବ
- ତଟକ୍ଷୟ, ଚାରଣ ଜମି, ଚିଙ୍ଗୁଡ଼ି ଘେରି ଆଦି କାରଣ



୧୯୯୯ ମହାବାତ୍ୟା ପରେ କେନ୍ଦ୍ରାପଡ଼ା ଜିଲାର ଗୋମହିଷାଦି ପ୍ରାଣୀ ସଂଖ୍ୟା ଉପରେ ଚଡ଼କ ପଡିଛି। ଏକଦା ଗ୍ରାମାଞ୍ଚଳ ଅର୍ଥନୀତିକୁ ସମୃଦ୍ଧ କରୁଥିବା ଏହି ପ୍ରାଣୀଧନ ୧୯ ବର୍ଷରେ ସଂଖ୍ୟା ହ୍ରାସ ପାଇଛି। ଏହି ଜିଲାର ପ୍ରାଣୀ ବିଭାଗ ତଥ୍ୟ ଅନୁଯାୟୀ ୨୦୦୦ ମସିହାରେ ୯,୨୪,୫୯୦ ଗୋମହିଷାଦି ଥିଲେ। ୨୦୧୯ ଗଣନାରେ ପ୍ରାୟ ୬୬ ପ୍ରତିଶତ ହ୍ରାସ ପାଇଁ ଏମାନଙ୍କ ସଂଖ୍ୟା ୩,୧୩,୭୧୫ ହୋଇଥିଲା। ତେବେ ଆସନ୍ତା ଫେବୃଆରୀରେ ୨୧ତମ ଗୃହପାଳିତ ପ୍ରାଣୀ, ପକ୍ଷୀ ଗଣନା ହେବ। ଏଥିରେ ସଂଖ୍ୟା ହ୍ରାସ ହେବ କି ବଢ଼ିବ ତାହା ଜଣାପଡ଼ିବ। ସଂଖ୍ୟା ହ୍ରାସର ମୁଖ୍ୟ କାରଣ ଜଳବାୟୁ ପରିବର୍ତ୍ତନ ବୋଲି ଗବେଷକମାନେ କହିଛନ୍ତି। ଅପରପକ୍ଷରେ ଏହା ଜିଲାର ଅର୍ଥନୀତି ଓ ପରିବେଶ ଉପରେ ପ୍ରଭାବ ପକାଉଛି।

ଏ ସମ୍ପର୍କରେ ଗବେଷଣା କରୁଥିବା ଅଧ୍ୟାପକ କ୍ଷିତୀଶ କୁମାର ସିଂ କହିଛନ୍ତି, ପରିବର୍ତ୍ତିତ ପାଣିପାଗ ଜିଲାର ତଟକ୍ଷୟକୁ ବୃଦ୍ଧି କରିଛି। ୧୯୭୦ରୁ ଅଦ୍ୟାବଧି ସମୁଦ୍ର ଭୂଭାଗ ଆଡ଼କୁ ପ୍ରାୟ ୧୨ କି.ମି. ମାଡ଼ି ଆସିଛି। ୨୦୦୦ ମସିହାରେ ସାତଭାୟା ପଞ୍ଚାୟତର କାନପୁର ରାଜସ୍ୱ ଗ୍ରାମ ସମେତ ବହୁ ଭୂଭାଗ ଅଞ୍ଚଳ ଜିଲା ରାଜସ୍ୱ ମାନଚିତ୍ରରେ ଥିଲା। ଏବେ ତଟକ୍ଷୟ ପାଇଁ ସାତଭାୟାର ସମସ୍ତ ଅଧିବାସୀଙ୍କୁ ସ୍ଥାନାନ୍ତର ହେବାକୁ ପଡ଼ିଛି। ଏହି ଅଞ୍ଚଳ ସମେତ ଜିଲାର ୪୮ କିଲୋମିଟର ତଟରୁ ୨୮ କି.ମି.ରେ ତଟବର୍ତ୍ତୀ ଗ୍ରାମାଞ୍ଚଳ ସମୁଦ୍ର ମଧ୍ୟକୁ ଚାଲିଗଲାଣି। ଚାଷ ଓ ବାସ ବିପନ୍ନ ଫଳରେ ଗୋମହିଷାଦି ପାଳନ ସମ୍ଭବ ନୁହେଁ। ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଡ. ଦେବୀପ୍ରସାଦ ସାହୁ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ଉପାନ୍ତ ଅଞ୍ଚଳ ଭୂଗର୍ଭରେ ଏବେ ଲୁଣା ପାଣି ମିଳୁଛି। ସେହିପରି ଲୁଣାପାଣି ଯୋଗୁ ଗୋମହିଷାଦିଙ୍କ ସବୁଜ ଖାଦ୍ୟ ମିଳିବା ସମ୍ଭବ ନୁହେଁ। ଗୋମହିଷାଦି ସଂଖ୍ୟା ହ୍ରାସ ପାଇଁ ଚାରଣଭୂମିର ଅଭାବ ଦାୟୀ। ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ଜିଲାର ୩,୨୧,୯୩୪ ପରିବାର ମଧ୍ୟରୁ ଗ୍ରାମାଞ୍ଚଳରେ ରହୁଥିବା ୩,୦୫,୮୬୮ ପରିବାର ପାଇଁ ଗୃହପାଳିତ ପ୍ରାଣୀ ରୋଜଗାରର ମୁଖ୍ୟ ବିକଳ୍ପ ଜୀବିକା। ଏହି ପରିବାର ପ୍ରାଣୀଧନ ଦ୍ୱାରା ନିଜର ଆର୍ଥିକ ଆବଶ୍ୟକତା କିଛିମାତ୍ରାରେ ପୂରଣ କରିଥାନ୍ତି। ସେହିପରି ପ୍ରାଣୀଧନର ମଳମୂତ୍ର ବ୍ୟବହାରକରି ଚାଷୀ କ୍ଷେତକୁ ଉର୍ବର କରିବା ସହ କୀଟନାଶକ ଭାବେ ବ୍ୟବହାର କରିଥାନ୍ତି। ଫଳରେ ପରିବେଶର ସନ୍ତୁଳନ ରକ୍ଷା ପାଇଥାଏ। ୧୯୯୯ ମହାବାତ୍ୟା ପ୍ରାଣୀଧନ ଉପରେ ବିପତ୍ତି ଭାବେ ଉଭା ହୋଇଥିଲା। ଏହା ପରଠାରୁ ଅବାଧ ଭାବେ ବେଆଇନ ଚିଙ୍ଗୁଡ଼ି ଘେରି ନିର୍ମାଣ ଯୋଗୁ ଚାରଣ ଓ ଚାଷ ଜମି ଲବଣାକ୍ତ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ୟମ ସତ୍ତ୍ୱେ ପ୍ରାଣୀଧନ ହ୍ରାସ ପ୍ରତି ବିଭାଗୀୟ ଅଧିକାରୀ ଅଧିକ ନଜର ଦେଉନାହାନ୍ତି। ଏ ସମ୍ପର୍କରେ ତନ୍ତିଆପାଳର ପ୍ରମିଳା ମଲ୍ଲିକ କହିଛନ୍ତି, କୃଷିଭିତ୍ତିକ କେନ୍ଦ୍ରାପଡ଼ା ଜିଲାରେ ଗୋ ମହିଷାଦିଙ୍କ ଗୁରୁତ୍ୱ ଅଧିକ। ଫସଲଠାରୁ ଦୁଗ୍ଧଜାତ ପଦାର୍ଥ ଉତ୍ପାଦନ କ୍ଷେତ୍ରରେ ଏମାନଙ୍କ ଭୂମିକା ଅତୁଳନୀୟ। ଦୁଗ୍ଧଜାତ ପଦାର୍ଥ ବାହାର ଜିଲାରୁ ଏଠାକୁ ଆସୁଥିବା ବେଳେ ଏମାନଙ୍କ ଚାରଣ ଭୂମି ଏବେ ଜବରଦଖଲକାରୀଙ୍କ ହାତକୁ ଚାଲିଯାଉଛି। ସେହିପରି ସଙ୍କର ଜାତୀୟ ଗାଈ ପାଇଁ ଏହି ଲୁଣା ଜଳବାୟୁ ଠିକ୍ ନୁହେଁ। ପାଳନ ସମୟରେ ମରିଯାଉଛନ୍ତି। ଏସବୁ ବିଭିନ୍ନ ବ୍ୟତିକ୍ରମ ଫଳରେ ପ୍ରାଣୀଧନ ହ୍ରାସ ହେଉଛି। ଏଡିଭିଓ ଡା. ମୃତ୍ୟୁଞ୍ଜୟ ମହାନ୍ତିଙ୍କୁ ପଚାରିବାରେ ଆସନ୍ତା ଫେବୃଆରୀ ମାସ ଶେଷ ପର୍ଯ୍ୟନ୍ତ ୨୧ତମ ଗୃହପାଳିତ ପଶୁପକ୍ଷୀ ଗଣନା ଚାଲିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଯୋଗୁ ଗୋମହିଷାଦି ସଂଖ୍ୟା ବଢ଼ିବା ଲକ୍ଷ୍ୟ କରାଯାଉଛି। ତେବେ ରିପୋର୍ଟ ଶେଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

# ବାଇକ୍‌କୁ ଧକ୍କାଦେଲା ଟ୍ରେଲର, ୨ ମୃତ

କେନ୍ଦୁଝର,୧୬।୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ବାଲିବନ୍ଧ ପଞ୍ଚାୟତର ରଜାବସାଠାରେ ଗୁରୁବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ ଟ୍ରେଲର ଧକ୍କାଦେବା ଫଳରେ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଜଣେ ଗୁରୁତର ହୋଇଥିବା ଜଣାଯାଇଛି। ମୃତକ ବାଲିବନ୍ଧ ପଞ୍ଚାୟତର ଶିରିଆବାହାଳ ଗ୍ରାମର ପ୍ରୀତିରଞ୍ଜନ ମାଝୀ(୨୦), ପୂଜା ମାଝୀ(୧୭)। ଗୁରୁତର ବାରିଆ ଥାନା ଅନ୍ତର୍ଗତ ବଳା ଗ୍ରାମର ଲିଲି ମାଝୀ (୧୮)।

ସୂଚନା ଅନୁଯାୟୀ, ପ୍ରୀତିରଞ୍ଜନଙ୍କ ସହିତ ପୂଜା ଓ ଲିଲି ଏକ ବାଇକ୍(ଓଡି ୦୯ ଏଲ- ୫୦୨୩)ରେ ମରସୁଆଁ ପଟୁ ଝୁମ୍ପୁରା ଅଭିମୁଖେ ଯାଉଥିଲେ। ଜାତୀୟ ରାଜପଥ ୨୦ର ରଜାବସା ନିକଟରେ ଏକ ଟ୍ରେଲରକୁ ଅତିକ୍ରମ କରିବା ସମୟରେ ଟ୍ରେଲର ଧକ୍କା ଦେଇଥିଲା। ବାଇକ୍ ସହ ସମସ୍ତେ ତଳେ ଛିଟିକି ପଡ଼ିଥିଲେ। ପ୍ରୀତିରଞ୍ଜନଙ୍କ ମୁଣ୍ଡ ୨ ଫାଳ ହୋଇଯାଇଥିବା ବେଳେ ପୂଜାଙ୍କ ମୁଣ୍ଡର ଗୋଟାଏ ପାର୍ଶ୍ୱ ସମ୍ପୂର୍ଣ୍ଣ ଫାଟିଯାଇଥିଲା। ଘଟଣାସ୍ଥଳରେ ପ୍ରୀତି, ପୂଜାଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଲିଲି ଚେତାଶୂନ୍ୟ ହୋଇଯାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଆସିଥିବା ଅଗ୍ନିଶମ ବିଭାଗର ଗାଡ଼ି ପହଞ୍ଚି ଗୁରୁତରଙ୍କୁ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କିଛି ସମୟ ପାଇଁ ଯାନବାହନ ଯାତାୟାତ ବନ୍ଦ ରହିଥିଲା। ଝୁମ୍ପୁରା ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଜାତୀୟ ରାଜପଥ ୨୦ର ରଜାବସା ଛକ ନିକଟରେ ବଢୁଥିବା ଦୁର୍ଘଟଣାକୁ ରୋକିବା ଦିଗରେ ରାଜପଥ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଉତ୍ୟକ୍ତ ଲୋକେ ଦାବି କରିଥିଲେ।










## ସଂକ୍ଷେପରେ

### ରିଷିଡ଼ା ମଣ୍ଡିରୁ ଧାନ ଚୋରି ଅଭିଯୋଗ

ରିଷିଡ଼ା,୧୬।୧ (ସୁଶାନ୍ତ ମଲ୍ଲିକ): କଳାହାଣ୍ଡି ଜିଲାର ଜଣେ ଚାଷୀ ମଣ୍ଡିରେ ଧାନ ରଖିଥିବା ବେଳେ ତାହା ଚୋରି ହୋଇଥିବା ନେଇ ପୋଲିସରେ ଅଭିଯୋଗ ହୋଇଛି। ସୂଚନାକ୍ରମେ କର୍ଲାମୁଣ୍ଡା ବ୍ଲକ ରିଷିଡ଼ାର ଚାଷୀ ଭରତ ରଣା ଧାନ ବିକ୍ରି ପାଇଁ ଗତ ୧୨ ତାରିଖରେ ରିଷିଡା ମଣ୍ଡିରେ ୧୪୬ ବସ୍ତା ଧାନ ରଖିଥିଲେ। ହେଲେ ସେଥିରୁ ୧୦ ବସ୍ତା (୫କୁଇଣ୍ଟାଲ) ଧାନ ଚୋରି ହୋଇଯାଇଛି। ବୁଧବାର ଧାନ ଉଠିବା ବେଳକୁ ଗଣତି ବେଳେ ଏହା ଜଣାପଡିଥିଲା। ପରେ ଭରତ ଏ ସମ୍ପର୍କରେ ରିଷିଡ଼ା ପୋଲିସ ଫାଣ୍ଡିରେ ଏତଲା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି। କର୍ଲାମୁଣ୍ଡା ତହସିଲଦାର ଅରୁଣ ବର୍ଗେଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ଧାନ ମଣ୍ଡିରେ ସିସିଟିଭି ଲାଗିଛି। ଏହା ତଦନ୍ତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛି। ଅନ୍ୟପକ୍ଷରେ ଏମ୍ ଆଇ ସ୍ମୃତି ରଞ୍ଜନ ଜେନା କହିଛନ୍ତି, ମଣ୍ଡି ଦାୟିତ୍ୱରେ ଯେଉଁମାନେ ଅଛନ୍ତି ସେମାନଙ୍କ ତ୍ରୁଟି ଥାଇପାରେ, ତଦନ୍ତରେ ଜଣାପଡ଼ିବ। ଧାନ ଚୋରି ଘଟଣା ପରେ ଚାଷୀମାନେ ସିସିଟିଭି କ୍ୟାମେରାକ ଭରସା ନ କରି ରାତିଦିନ ଜଗୁଥିବା ଦେଖିବାକୁ ମିଳୁଛି।

### ପକ୍ଷୀଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ

କଲମପୁର,୧୬।୧(ଗଣେଶରାମ ବାଗ): ଶୀତ ଋତୁ ଆସିଲେ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ଆଗମନ ହୋଇଥାଏ। ପକ୍ଷୀଙ୍କ ବିଷୟରେ ଅବଗତ କରାଇବା ପାଇଁ ବନ ବିଭାଗ ପଦକ୍ଷେପ ନେଇଛି। କଳାହାଣ୍ଡି ଜିଲା ଦକ୍ଷିଣ ବନାଞ୍ଚଳ କଲମପୁର ବନପାଳଙ୍କ କାର୍ଯ୍ୟାଳୟ ଅନ୍ତର୍ଗତ ଆଦର୍ଶ ବିଦ୍ୟାଳୟରେ ପକ୍ଷୀଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ପ୍ରଥମଥର ପାଇଁ ଆୟୋଜିତ ହୋଇଛି। କଲମପୁର ବନପାଳ ଏକାଦଶୀ ନାଏକଙ୍କ ନେତୃତ୍ୱରେ ଏକ ଦଳ ଆଦର୍ଶ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କୁ ପକ୍ଷୀମାନଙ୍କ ବିଷୟରେ ଅବଗତ କରାଇଥିଲେ। ଏଥିସହ ନିକଟରେ ଥିବା ପୋଖରୀ ପାଖକୁ ନେଇ ଛାତ୍ରୀଛାତ୍ରଙ୍କୁ ପ୍ରତ୍ୟକ୍ଷ ଭାବେ ବୁଝାଇଥିଲେ। ଏଥିରେ ବନରକ୍ଷକ ସୁହାଗ ରଞ୍ଜନ ପଣ୍ଡା, ସୁଧାଂଶୁ ସାହୁ, ସୁଚିତ୍ର ପ୍ରଧାନ, ରଞ୍ଜିତା ଖାଡିଆ, ରବି ମିଶ୍ର ଉପସ୍ଥିତ ଥିବାବେଳେ ମାଧବ ମାଝି, କୌଶିକ କଁଟା ସହଯୋଗ କରିଥିଲେ।

### ଭୀମକେଲା ରାମେଶ୍ୱର ମନ୍ଦିରରେ ମକରମେଳା

ରୁପ୍ରାରୋଡ୍,୧୬।୧(ସଞ୍ଜୀବ ଦାସ): ଭଗବାନ ବିଷ୍ଣୁ ଓ ରାମେଶ୍ୱର ମହାଦେବଙ୍କ ମିଳନ ପର୍ବକୁ ନେଇ ଭୀମକେଲା ଗ୍ରାମଠାରେ ଆରମ୍ଭ ହୋଇଛି ମକରମେଳା ବା ହରିହର ମିଳନ ଉତ୍ସବ। ସାନ୍ଦୁଲ ନଦୀତଟରେ ଅବସ୍ଥିତ ଶ୍ରୀରାମେଶ୍ୱର ମହାଦେବ ମନ୍ଦିର ପରିସରରେ ୩ଦିନ ଧରି ମକର ସଂକ୍ରାନ୍ତି ସହ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ପ୍ରଥମ ଦିନ ପୌଷ ପୂର୍ଣ୍ଣିମାରେ ଗାଁର ମହିଳା ଓ ଝିଅମାନଙ୍କ ଦ୍ୱାରା କଳସଯାତ୍ରା ବାହାରିଥିଲା। ସଂକ୍ରାନ୍ତି ଦିନ ରାମେଶ୍ୱର ମହାଦେବ ମନ୍ଦିର ଓ ବିଷ୍ଣୁ ମନ୍ଦିରରେ ପୂଜାନୀତି କରାଯାଇ ହରିହର ମିଳନ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଷ୍ଣୁଙ୍କ କର୍ତ୍ତା ରୂପେ କୁବେର ରଣା ଓ ତାଙ୍କ ଧର୍ମପତ୍ନୀ, ଶିବଙ୍କ କର୍ତ୍ତା ରୂପେ ଲକ୍ଷେଶ୍ୱର ରଣା ତାଙ୍କ ସ୍ତ୍ରୀ, ଚଣ୍ଡୀଙ୍କ କର୍ତ୍ତା ରୂପେ ଗୁପ୍ତେଶ୍ୱର ମାଝୀ ଓ ଧର୍ମପତ୍ନୀ ଦାୟିତ୍ୱ ନିର୍ବାହ କରିଥିଲେ। ମହାଦେବ ଓ ବିଷ୍ଣୁଙ୍କ ପ୍ରତିମାଙ୍କୁ ପାଲିଙ୍କିରେ ଗ୍ରାମ ପରିକ୍ରମା କରାଯାଇ ମକର ଚାଉଳ ଓ ଭୋଗ ବଣ୍ଟନ କରାଯାଇଥିଲା। ନାମଯଜ୍ଞ ସ୍ଥଳୀରେ ପ୍ରହର କର୍ତ୍ତା ରୂପେ ସୀମାଞ୍ଚଳ ସାହୁ ଓ ତାଙ୍କ ଧର୍ମପତ୍ନୀ କାର୍ଯ୍ୟ ନିର୍ବାହ କରିଥିଲେ।



ମଞ୍ଚରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

# ଘୁମୁରା ସମଗ୍ର ଦେଶରେ ଲୋକପ୍ରିୟ ହୋଇପାରିଛି

**ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'ର ତୃତୀୟ ସନ୍ଧ୍ୟା**

ଭବାନୀପାଟଣା,୧୬।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଚାଲିଥିବା ୨୭ତମ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି। କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ, ୬୪ ବାଟାଲିୟନ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ପଙ୍କଜ ଚୌଧୁରୀ, ବେଦାନ୍ତ ସିଇଓ ପ୍ରଣବ ଭଟାଚାର୍ଯ୍ୟ, ଅତିରିକ୍ତ ଏସ୍‌ପି ଆନନ୍ଦ ବର୍ଦ୍ଧନ ଗୁରୁ, ଉତ୍ତର ବନଖଣ୍ଡ ଅଧିକାରୀ ଅନୁରାଗ ମିଶ୍ର, ଭବାନୀପାଟଣା ସଦର ଏସ୍‌ଡିପିଓ ଆଜିଙ୍କ୍ୟ ମାନେ ପ୍ରମୁଖ ଯୋଗଦେଇଥିଲେ। ଜିଲାର ଘୁମୁରା ଖାଲି ଓଡିଶାରେ ସୀମିତ ନୁହେଁ, ସମଗ୍ର ଭାରତବର୍ଷରେ ଲୋକପ୍ରିୟ ହୋଇଛି ବୋଲି ବେଦାନ୍ତର ସିଇଓ ଭଟାଚାର୍ଯ୍ୟ କହିଥିଲେ। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ଖବରଦାତା ସତ୍ୟ ନାରାୟଣ ମହାପାତ୍ର ଓ ଶୁଭେନ୍ଦୁ ପଣ୍ଡା ପରିଚାଳନା କରିଥିଲେ। ଏହି ଅବସରରେ ଶିକ୍ଷା ଓ କ୍ରୀଡ଼ାରେ କଳାହାଣ୍ଡି ପାଇଁ ଗୌରବ ଆଣିଥିବା ହାଇସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହାସହ ମାଓବାଦୀ ଦମନ କ୍ଷେତ୍ରରେ ଉଲ୍ଲେଖନୟ ଅବଦାନ ଲାଗି ହାବିଲଦାର ପ୍ରକାଶ ସାଗରଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଜିଲା ତଥା ରାଜ୍ୟ ବାହାରର କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶୁଭମ୍ ପୁରୁଣାଗୁମା ପକ୍ଷରୁ ଘୁମୁରା, ଭବାନୀପାଟଣା ସକ୍ଷମ କଳା ଏକାଡେମୀ ପକ୍ଷରୁ ଓଡିଶୀ ନୃତ୍ୟ, ସାକ୍ଷୀଗୋପାଳର ନିଳାଦୀ ଗୋଟିପୁଅ, ଭବାନୀପାଟଣା ବିକାଶ ଅନୁଷ୍ଠାନ ପକ୍ଷରୁ ବଜାଶାଲ, ମହାରାଷ୍ଟ୍ରର ଲାବଣୀ ନୃତ୍ୟ, ପୁରୀର ମାଲଖମ୍, ଲଗନ ସାଂସ୍କୃତିକ ଅନୁଷ୍ଠାନର ଡାପ୍, ହରିୟାଣାର ଫାକ୍‌ନୃତ୍ୟ, ସମ୍ବଲପୁରୀ ଆଦି ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ଆଶୁତୋଷ ପାତ୍ର, ବିରଞ୍ଚି ନାରାୟଣ ମୁଣ୍ଡ, ମାନସ ପଣ୍ଡା, ଲୋଚନୀ ବାଗ, ନିହାରିକା ନାୟକ ପରିଚାଳନା କରିଥିଲେ। ପରେ ଓଡିଶାର ଜଣାଶୁଣା ଗାୟିକା ଅସୀମା ପଣ୍ଡା ଓ ସାଥୀଙ୍କ ଦ୍ୱାରା ମେଲୋଡି ଅନୁଷ୍ଠିତ ହୋଇଥିଲା। ଅସୀମାଙ୍କ ଗୀତରେ ଝୁମି ଉଠିଥିଲେ ଦର୍ଶକ।

# '୭୫ ବର୍ଷରେ କଳାହାଣ୍ଡି' ଆଲୋଚନାଚକ୍ର



ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

ଭବାନୀପାଟଣା,୧୬।୧(ଉତ୍ତମ କୁମାର ଦାଶ)

ସାମୂହିକ ଉଦ୍ୟମ ଦ୍ୱାରା କଳାହାଣ୍ଡିର ହୃତଗୌରବ ଫେରିଆସିବ। କଳାହାଣ୍ଡି ଆଜି ଉଚ୍ଚାକାଂକ୍ଷୀ ଜିଲା। ସେଦିନ ଆଉ ଡେରି ନାହିଁ, ଖୁବ୍‌ଶୀଘ୍ର ଏ ଜିଲାର ସୁଦିନ ଫେରି ଆସିବ ବୋଲି ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା ଉପଲକ୍ଷେ ଭବାନୀପାଟଣା ଟାଉନହଲଠାରେ ଗୁରୁବାର '୭୫ ବର୍ଷରେ କଳାହାଣ୍ଡି' ଶୀର୍ଷକ ଆଲୋଚନା ଚକ୍ରରେ ଅତିଥିମାନେ ମତ ଦେଇଛନ୍ତି। ଆଲୋଚନାଚକ୍ର ଉପସମିତି ଅଧ୍ୟକ୍ଷା ତଥା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଭବାନୀପାଟଣା ବିଡିଓ ଚନ୍ଦନ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଆଲୋଚନା ଚକ୍ର ଉପସମିତି ଆବାହକ ପ୍ରତାପ ଚନ୍ଦ୍ର ଦାସ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉମେଶ ଚନ୍ଦ୍ର ଶତପଥି ମଞ୍ଚ ସଂଚାଳନ ଓ ଦୀନବନ୍ଧୁ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ସଦସ୍ୟ ସୁଢଳଦେବ ମୁଣ୍ଡ, ଶେଷଦେବ ମିଶ୍ର, ନିରଞ୍ଜନ ଯୋଶୀ, ଅଶୋକ ମୁଣ୍ଡ, ଭାଗବତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ଡା. ନିହାରେନ୍ଦ୍ର ପଣ୍ଡାଙ୍କ ଲିଖିତ 'ସପ୍ତତୀର୍ଥ କଳାହାଣ୍ଡି' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଆଲୋଚନା ଚକ୍ରରେ ଜିଲା ତଥା ଜିଲା ବାହାରର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

## ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସଯାତ୍ରା

ଲାଞ୍ଜିଗଡ,୧୬।୧(ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ର ବେଦାନ୍ତ ଲିମିଟେଡ୍ ଟାଉନଶିପ ପରିସରରେ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ଦେବସ୍ଥାନମ ପ୍ରତିଷ୍ଠା ଉତ୍ସବର ଗୁରୁବାର ଦ୍ୱିତୀୟ ଦିନରେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ହଜାର ସଂଖ୍ୟାରେ ମହିଳାପୁରୁଷ ସାମିଲ ହୋଇ ସଂକୀର୍ତ୍ତନ ମଣ୍ଡଳୀ ସହିତ କଳସରେ ପାଣି ଆଣି ଜଗନ୍ନାଥ ମନ୍ଦିରରେ ସ୍ଥାପନ କରିଥିଲେ। କର୍ତ୍ତାଭାବେ ବେଦାନ୍ତ ଲିମିଟେଡ୍ ସଞ୍ଜୀବ ବର୍ମା ଓ ତାଙ୍କ ଧର୍ମପତ୍ନୀ ସାଲିନି ବର୍ମା, ବେଦାନ୍ତ ଲିମିଟେଡ୍ ଏସ୍. କିରଣ ଓ ତାଙ୍କ ଧର୍ମପତ୍ନୀ ଏସ୍. ଅପର୍ଣ୍ଣା କାର୍ଯ୍ୟ ସମ୍ପାଦନ କରିଥିଲେ। ଅନନ୍ତ ଚରଣ ରଥ ମୁଖ୍ୟ ପୁରୋହିତ ଓ ପୂଜକ ଭାବେ ସୁଦାମ ଚରଣ ରଥ, ଦାମୋଦର ରଥ, ବିରଞ୍ଚି ନାରାୟଣ ରଥ ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ବେଦାନ୍ତ ଲିମିଟେଡ୍ ସିଇଓ ପ୍ରଣବ ଭଟ୍ଟାଚାର୍ଯ୍ୟ, ସିଏସ୍‌ଆର୍ ଏବଂ ବାହ୍ୟବ୍ୟାପାର ବିଭାଗ ମୁଖ୍ୟ ବିଭୁଦେନ୍ଦୁ ପଣ୍ଡା, ମନ୍ଦିର ପୂଜା କମିଟି ତରଫରୁ ପ୍ରଣବ ଖମେରବାର, ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ସୌମ୍ୟା କୁମାରୀ, ସୁପ୍ରିୟା ପାଣ୍ଡେ ସହଯୋଗ କରିଥିଲେ।

## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କୋକସରା,୧୬।୧ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ଼.ନିହାରକାନ୍ତ ପାଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରିଣୀ ରଶ୍ମିତା ନେତାମ, ସମ୍ମାନିତ ଅତିଥି ଭାବେ ବିଆର୍‌ସିସି ତୋଫାନ ମାଝି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଧୀରାମଣି ଦାସ ଉପସ୍ଥିତ ଥିଲେ। ପରେ ପ୍ରଶିକ୍ଷଣରେ ଉତ୍ତୀର୍ଣ୍ଣ ଛାତ୍ରୀମାନଙ୍କୁ ସର୍ଟିଫିକେଟ ବଣ୍ଟନ କରିଥିଲେ। ପିଇଟି କାଉଡୋଳା ୟୁପି ସ୍କୁଲ ସୁମିତ୍ରା ଧଙ୍ଗଡାମାଝୀ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶାନ୍ତ ଯୋଷୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରେମାନନ୍ଦ ସାହା, ବିରେନ୍ଦ୍ର ନାରାୟଣ ଦାସ ସହଯୋଗ କରିଥିଲେ।

# ଅନୁଗୋଳର ଅମ୍ଲାନ ଓ ତନ୍ମୟ ଯୋଡ଼ି ଚାମ୍ପିୟନ

ଖଡ଼ିଆଳ,୧୬।୧ (ସୁଜିତ କୁମାର ପ୍ରଧାନ)



ଅତିଥି ଓ ଆୟୋଜକ କର୍ମକର୍ତ୍ତାଙ୍କ ସହ ଖେଳାଳିମାନେ।

**ରାଜ୍ୟସ୍ତରୀୟ ଡବଲ୍ସ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଯାପିତ**

ନୂଆପଡ଼ା ଜିଲା ଖଡ଼ିଆଳ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରେ ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ଡବଲ୍ସ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଅନୁଗୋଳର ଅମ୍ଲାନ ଓ ତନ୍ମୟ ସାହୁ ଯୋଡି ୨-୧ ସେଟ ପଏଣ୍ଟରେ ଭୁବନେଶ୍ୱରର ପାରସ ମାଥୁର ଓ ଚନ୍ଦ୍ରକୁମାର ଯୋଡ଼ିକୁ ହରାଇ ଚାମ୍ପିୟନ ହୋଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି, ବରିଷ୍ଠ ବିଜେଡି ନେତା ଲମ୍ବୋଦର ନିଆଲ, ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା, ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ନଗଦ ୨୧ ହଜାର ଟଙ୍କା ସହ ଚାମ୍ପିୟନ ଟ୍ରଫି ଓ ଉପବିଜେତା ଦଳକୁ ନଗଦ ୧୫ ହଜାର ସହ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ। ସମାରୋହରେ ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ଡ. ସରୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ସୁଦୀପ୍ତ ବିଶୋଇ, ପ୍ରସନ୍ନ କୁମାର ମାହାନା, କୁନୁ କରୁଆଁ, ନନ୍ଦକୁମାର ନାଗ, ବନବିହାରୀ ବେହେରା, ଆଲୋକ ରଥ, ରିତେଶ ବାବୁ, ବିଜୁ ସେଠୀ, ଅକ୍ଷୟ ପାଢ଼ୀ, ଦୁର୍ବା ଖମାରି,ଅଙ୍କିତ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ସୁନାବେଡ଼ାକୁ ବ୍ଲକ୍ କରି ମିଛାପାଲିଠାରେ କାର୍ଯ୍ୟାଳୟ ସ୍ଥାପନ ଦାବି

ନୂଆପଡ଼ା,୧୬।୧(ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ୍‌କୁ ବିଭାଜନ କରି ସୁନାବେଡ଼ାଠାରେ ନୂତନ ଅନୁନ୍ନତ ଆଦିବାସୀ ପଞ୍ଚାୟତ ସମିତି (ବ୍ଲକ୍) ଗଠନକରି ମିଛାପାଲିଠାରେ ଏହାର କାର୍ଯ୍ୟାଳୟ ସ୍ଥାପନ ପାଇଁ ୧୪ ପଞ୍ଚାୟତର ଜନପ୍ରତିନିଧି ଓ ଅଞ୍ଚଳବାସୀ ବୁଧବାର ନୂଆପଡ଼ା ଗସ୍ତରେ ଆସିଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୧୯୯୩ ମସିହାଠାରୁ ଏହି ଦାବି ହୋଇଆସୁଥିବାବେଳେ ଅଞ୍ଚଳବାସୀ ଏହାକୁ ନେଇ ଆଶା ଆଶଙ୍କାରେ ରହିଛନ୍ତି। ପ୍ରସ୍ତାବିତ ସୁନାବେଡ଼ା ବ୍ଲକ୍‌ର ପୂର୍ବରେ ସୁନ୍ଦର ନଦୀ, ଦକ୍ଷିଣରେ ଇନ୍ଦ୍ର ନଦୀ, ପଶ୍ଚିମରେ ଉଚ୍ଚତମ ଗୁଡା ପାହାଡ ରହିଛି। ଏହାବ୍ୟତୀତ ଇନ୍ଦ୍ରାନଦୀ ଉପରେ ଜଳଭଣ୍ଡାର ନିର୍ମାଣ ହୋଇଥିବାରୁ ୧୪ଟି ଯାକ ପଞ୍ଚାୟତ ପୃଥକ୍ ହୋଇ ରହିଯାଇଛି। ପ୍ରସ୍ତାବିତ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତ ମାଡା ଯୋଜନା ଅନ୍ତର୍ଭୁକ୍ତ ଓ ଏହା ବଣପାହାଡ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏଠାରେ ମୁଖ୍ୟତଃ ଗୌଣ୍ଡ, ଚକୋଟିଆ ଭୁଞ୍ଜିଆ, ଓଡ଼ିଆ ଭୁଞ୍ଜିଆ, ପହରିଆ ଜନଜାତିର ଲୋକ ବସବାସ କରୁଛନ୍ତି। ସୁନାବେଡା, ସୋସେଙ୍ଗ, ଭଇଷାଦାନି ଆଦି ପଞ୍ଚାୟତ ଓଡ଼ିଶା ସୀମାରେ ଅବସ୍ଥିତ ଓ ଏହା ସୁନାବେଡ଼ା ଅଭୟାରଣ୍ୟ ଭିତରେ ରହିଛି। ଏହା କୋମନା ବ୍ଲକ୍ କାର୍ଯ୍ୟାଳୟଠାରୁ ୮୦ କି.ମି. ଦୂରରେ ଅବସ୍ଥିତ। ସୁନାବେଡ଼ାଠାରେ ନୂତନ ଅନୁନ୍ନତ ଆଦିବାସୀ ବ୍ଲକ ଗଠନକରି ୧୪ ପଞ୍ଚାୟତର କେନ୍ଦ୍ରସ୍ଥଳ ମିଛାପାଲିଠାରେ ଏହାର କାର୍ଯ୍ୟାଳୟ ସ୍ଥାପନ କରିବା ପାଇଁ ଦାବି କରିଛନ୍ତି। ଏହି ସମୟରେ ମିଛାପାଲି ସରପଞ୍ଚ କେଶବ ସାହୁ, ସୁନାବେଡା ସମିତି ସଭ୍ୟ ହେମଲାଲ ରାଉତ, ଜଡାମୁଣ୍ଡା ସମିତି ସଭ୍ୟ କନସନ ଧରୁଆ, ଝଗ୍ରାହୀ ସମତି ସଭ୍ୟା ସସ୍ମିତା ଭୋଇ, ମିଛାପାଲି ସମିତି ସଭ୍ୟା ସୁଭଦ୍ରା ନାୟକ, ପୂର୍ବତନ ସୁନାବେଡ଼ା ସରପଞ୍ଚ ତିଳସିଂ ଝାଙ୍କର, ସୁବାସ ଆଡବଙ୍ଗଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ପକ୍ଷୀ ଗଣନା ନେଇ ମକ୍‌ଡ୍ରିଲ, ସଚେତନତା



ନୂଆପଡ଼ା,୧୬।୧ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ କେରମେଲି ପଞ୍ଚାୟତ ମାରାଗୁଡା ରଇତାଲବନ୍ଧଠାରେ ଶୀତକାଳୀନ ପକ୍ଷୀ ଗଣନା ନେଇ ଗୁରୁବାର ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ବନ୍ୟଜନ୍ତୁ ବିଭାଗ ନୂଆପଡ଼ା ରେଞ୍ଜର ସଦନ ମାଝିଙ୍କ ନେତୃତ୍ୱରେ ମାରାଗୁଡା ଗ୍ରାମବାସୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବନ୍ୟଜନ୍ତୁ ସୁନାବେଡା ବନଖଣ୍ଡ ଅଧିକାରୀ ମହାଦେବ ବୁଡାଇକ ଯୋଗଦେଇ ପକ୍ଷୀଙ୍କ ସୁରକ୍ଷା ପାଇଁ ଜନସାଧାରଣଙ୍କୁ ସଚେତନ କରାଯିବ ବୋଲି କହିଥିଲେ। ନୂଆପଡା ଜିଲାପାଳ ମଧୁସୂଦନ ଦାସ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲା କୃଷି ଅଧିକାରୀ ସତ୍ୟ ଭୂଷଣ ନାଗ ପ୍ରମୁଖ ଯୋଗଦେଇ ଜଳ ରାଶି ଓ ଜଙ୍ଗଲ ମଧ୍ୟରେ ରହିଥିବା ଯେ କୌଣସି ପକ୍ଷୀ ହେଉବା ଜୀବ ମାତ୍ରକେ ସୁରକ୍ଷା ଦେବା ଆମର ସମସ୍ତଙ୍କ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ଏହାସହ ଆସନ୍ତା ୧୮ରେ ସାରା ରାଜ୍ୟରେ ପକ୍ଷୀ ଗଣନା ହେବା ପରେ ସଠିକ ତଥ୍ୟ ମିଳିପାରିବ। ବାଇନାକୁଲର ସାହାଯ୍ୟରେ ଯାହା ଦେଖିଲୁ ରଇତାଲବନ୍ଧକୁ ୬୪ ପ୍ରଜାତିର ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଛି। ଅଧିକାଂଶ ପକ୍ଷୀ ସନ୍ଧ୍ୟା ହେଲେ ଜଙ୍ଗଲକୁ ଯାଇ ବସାବାନ୍ଧି ସକାଳ ହେଲେ ପୁଣି ଜଳ ରାଶିକୁ ଆସୁଛନ୍ତି ବୋଲି କହିଥିଲେ। ଫରେଷ୍ଟର ରାମ ସ୍ୱରୂପ ସାହୁ, ଦେବାଞ୍ଚନ କୁଳଦୀପ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗୋଲାମୁଣ୍ଡା ପଞ୍ଚାୟତ ସମିତି ବୈଠକ

ଗୋଲାମୁଣ୍ଡା,୧୬।୧(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ୍ ସଭାଗୃହଠାରେ ପଞ୍ଚାୟତ ସମିତିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଅଧ୍ୟକ୍ଷତାକରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନକରି ଗୋଲାମୁଣ୍ଡାକୁ ଜିଲାର ଶ୍ରେଷ୍ଠ ବ୍ଲକ୍‌ରେ ପରିଣତ କରିବା ନେଇ ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଧର ପଣ୍ଡା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭବାନୀ ଶଙ୍କର ଜୋଷୀ, ଜିପିଡିଓ ରମିତ ପଧାନ, ଜିଲା ପରିଷଦ ସଭ୍ୟା ହେମାଙ୍ଗିନୀ ରାଉତ ଓ ସରିତା ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ଯେଉଁ ବିଭାଗର ଅଧିକାରୀ ଅନୁପସ୍ଥିତ ରହୁଛନ୍ତି ସେମାନଙ୍କୁ କାରଣ ଦର୍ଶାଅ ନୋଟିସ କରିବା ପାଇଁ ବ୍ଲକ ଅଧ୍ୟକ୍ଷ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଜଳସେଚନ, କୃଷି ଓ ଧାନମଣ୍ଡି ସମସ୍ୟା ନେଇ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଫରେଷ୍ଟ ରେଞ୍ଜ ଅଧିକାରୀ ଚିନ୍ମୟ ଗଡତିଆ, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ବାଳ ମୁକୁନ୍ଦ ବିଶ୍ୱାଳ, ବ୍ଲକ କୃଷି ଅଧିକାରୀ ନଉକେଶ୍ୱର ନାଗଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର

କୋକସରା,୧୬।୧ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)

କଳାହାଣ୍ଡି ଜିଲା କୋକସରା ପଞ୍ଚାୟତ ସମିତି ସଭାଗୃହରେ ଗୁରୁବାର ଆର୍ଥିକ ବର୍ଷ ୨୦୨୪/୨୫ ବ୍ଲକସ୍ତରୀୟ ମହାତ୍ମା ଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା ଉପରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଡ଼. ହିମାଞ୍ଚଳ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ଭାରପ୍ରାପ୍ତ ଉଦ୍ୟାନ କୃଷି ଅଧିକାରୀ ସୌରଭ କୁମାର ପାଣିଗ୍ରାହୀ, ଯୋଜନାର ସହାୟକ ଏପିଓ ସତିଶ କୁମାର ବେହେରା ଓ ଜୟ ଶଙ୍କର ତାଣ୍ଡିଙ୍କ ସମେତ ୨୨ ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଯୋଗଦେଇ ହୋଇଥିବା କାର୍ଯ୍ୟ ଉପରେ ବିବରଣୀ ପ୍ରଦାନ କରିଥିଲେ। ଏହି ଯୋଜନାରେ ବ୍ଲକର ଶ୍ରମିକ କିଭଳି କାର୍ଯ୍ୟ କରି ଆତ୍ମ ନିର୍ଭରଶୀଳ ହେବେ ଓ ସେମାନଙ୍କ ଜୀବନ ଜୀବିକାରେ ଉନ୍ନତି ସାଧନ ହେବ ସେ ନେଇ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧିମାନେ ମତ ପ୍ରକାଶ କରିଥିଲେ।

# ଧର୍ମଗଡ଼ କଳାହାଣ୍ଡି ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ଧର୍ମଗଡ଼,୧୬।୧ (ଆକାଶ କୁମାର ଜଗତ)



ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଜିଲା, ରାଜ୍ୟ ଓ ରାଜ୍ୟ ବାହାରର କଳା ଓ କଳାକାରଙ୍କ ମହାସମାବେଶ ହେଉଛି କଳାହାଣ୍ଡି ଉତ୍ସବ 'ଘୁମୁରା'। ଧର୍ମଗଡ଼ କଳାହାଣ୍ଡି ଉତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଅତିଥିମାନେ ଏହା କହିଥିଲେ। ଉତ୍ସବ ଅଧ୍ୟକ୍ଷ ଧୀମାନ ଚକମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ ଯୋଗଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଧର୍ମଗଡ଼ ବୀଣାପାଣି ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ପୁରୀର ମୟୂରୀ, ବରଗଡ଼ର ସମ୍ବଲପୁରୀ ନୃତ୍ୟ, ଆସାମର ବିହୁ, ରାଉରକେଲାର ଓଡିଶୀ ନୃତ୍ୟ, କୋରାପୁଟର ଢେମଶା, ହିମାଚଳର ହିମାଚଳି ନୃତ୍ୟ, ଜୁନାଗଡ଼ କଳାବିକାଶ କେନ୍ଦ୍ର ଦ୍ୱାରା ଓଡିଶୀ, ମହାରାଷ୍ଟ୍ରର ଲାଣୀ, କଟକର ମହରୀ, ନବଦୁର୍ଗା ସିଙ୍ଘମ, ଭବାନୀପାଟଣାର ବଜାସାଲ ଓ ପରିଶେଷରେ ଗୀତିକାର ଓ ଲୋକପ୍ରିୟ ଗାୟକ ବିଷ୍ଣୁମୋହନ କବି ଓ ସୌରଭ ନାଏକଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ଦର୍ଶକଙ୍କୁ ବାନ୍ଧିରଖିଥିଲା।

# କଳାହାଣ୍ଡିରେ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ଭବାନୀପାଟଣା,୧୬।୧(ଉତ୍ତମ କୁମାର ଦାଶ)




ସମୀକ୍ଷା ବୈଠକରେ ମନ୍ତ୍ରୀଙ୍କ ସହ ଏମ୍‌ପି, ବିଧାୟକ ଓ ଅଧିକାରୀ।

**ଜିଲାର ବିକାଶକୁ ନେଇ ଅଧିକାରୀଙ୍କ ସହ ଆଲୋଚନା**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ୨ଦିନିଆ କଳାହାଣ୍ଡି ଗସ୍ତରେ ଅଛନ୍ତି। ବୁଧବାର କଳାହାଣ୍ଡି ଉତ୍ସବର ଦ୍ୱିତୀୟ ଦିନରେ ସେ ମୁଖ୍ୟ ଅତିଥି ଭାବରେ ଯୋଗଦେବା ପରେ ଗୁରୁବାର ଭବାନୀପାଟଣାସ୍ଥିତ କଳାହାଣ୍ଡି ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଏଥିରେ ଜିଲାର ବିକାଶ ନେଇ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହାସହ ଜିଲାର ଜଳସେଚନ ବିକାଶ, ଗରିବ କଲ୍ୟାଣ ଯୋଜନା, ଭୂମିହୀନଙ୍କୁ ପଟ୍ଟା ପ୍ରଦାନ, ରାଜସ୍ୱ ବିଭାଗର ସେବା ଠିକ ସମୟରେ ଲୋକଙ୍କୁ ପାଖକୁ ପହଞ୍ଚାଇବା ଆଦି ଉପରେ ଆଲୋଚନା କରିଥିଲେ। ପରେ ସେ ଜିଲାର ବିଭିନ୍ନ ବ୍ଲକର ଗରିବ ଲୋକଙ୍କୁ ଜମି ପଟ୍ଟା ବଣ୍ଟନ କରିଥିଲେ। ଏହି ବୈଠକରେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ, ଲୋକସଭା ସାଂସଦ ମାଳବିକା ଦେବୀ, ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବଇତୁରା ଦୀପ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, ଧର୍ମଗଡ ଉପଜିଲାପାଳ ଧିମାନ ଚକମାଙ୍କ ସମେତ ଜିଲାର ସମସ୍ତ ତହସିଲଦାର ଓ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ବୌଦ୍ଧ ଜିଲା ଟ୍ରକ ମାଲିକ ସଂଘର ନୂତନ କର୍ମକର୍ତ୍ତା

ବୌଦ୍ଧ,(ଅଜିତ କୁମାର ବାରିକ)ବୌଦ୍ଧ ଜିଲା ଟ୍ରକ ମାଲିକ ସଂଘର ନିର୍ବାଚନ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ଏକ ବୈଠକ ହେବା ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ଶିବ ପ୍ରସାଦ ମିଶ୍ର, ସାଧାରଣ ସଂପାଦକ ବିଶ୍ୱଜିତ ମିଶ୍ର, ଉପସଭାପତି ଶେଖ ସାମିଉଲ୍ଲା, ଯୁଗ୍ମ ସଂପାଦକ ରବିନ୍ଦ କୁମାର ପଟ୍ଟନାୟକ ଓ କୋଷାଧକ୍ଷ ଭାବେ ଇ. ଆଶିଷ କୁମାର ପାତ୍ର ମନୋନୀତ ହୋଇଛନ୍ତି ।

## ସଂକ୍ଷେପରେ

### ଗିରଫ ୨ ଅଧିକାରୀଙ୍କୁ ସର୍ତ୍ତମୂଳକ ଜାମିନ

ଟିଟିଲାଗଡ,୧୬।୧(ସନ୍ତୋଷ ପଟ୍ଟନାୟକ)

ଗତ ୮ ତାରିଖ ଦିନ ୩ଜଣ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ଟିଟିଲାଗଡ ପୋଲିସ ବିଦ୍ୟୁତ ବିଭାଗର ଦୁଇ ଜଣ ଅଧିକାରୀଙ୍କୁ ଗିରଫ କରି ୯ ତାରିଖରେ କୋର୍ଟ ଚାଲାଣ କରିଥିଲା। ଗୁରୁବାର ଟିଟିଲାଗଡ ଏଡିଜେ ଉଭୟ ଅଧିକାରୀଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଦୀର୍ଘ ୮ ଦିନ ଧରି ବିଚାର ବିଭାଗୀୟ ଉପକାରାଗାରରେ ରହିଥିବା ଦୁଇ ଜଣ ଅଧିକାରୀ ଜାମିନରେ ଆସିଥିବା ସୂଚନା ମିଳିଛି। ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥାଇ ଫେରାର ଥିବା ଅନ୍ୟ ତିନିଜଣଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସାମ୍ବାଦିକମାନେ ଦାବି କରିଛନ୍ତି।

### ଧର୍ମପ୍ରାଣା ଉକିଆ ପ୍ରଧାନଙ୍କ ପରଲୋକ

ବଲାଙ୍ଗୀର,୧୬।୧(ବୀରେନ୍ଦ୍ର କୁମାର ଝାଙ୍କର)



ପୁଇଁତଲା ବ୍ଲକ ଶିରାବାହାଲ ଗ୍ରାମର ଧର୍ମପ୍ରାଣା ମହିଳା ଉକିଆ ପ୍ରଧାନ (୯୦)ଙ୍କ ବୁଧବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ସେ ପ୍ରାୟ ଏକ ବର୍ଷ ହେବ ଅସୁସ୍ଥ ଥିଲେ। ଜଣେ ମିଷ୍ଟଭାଷୀ, ମେଳାପି ମହିଳା ଭାବେ ଗାଁରେ ପରିଚିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁଅ କଳ୍ପତରୁ, ବାଞ୍ଛାନିଧି, ଦୁଇ ବୋହୂ, ଚାରି ଝିଅ, ଜ୍ୱାଇଁ, ନାତି ନାତୁଣୀ ଉପସ୍ଥିତ ଥିଲେ। ଗୁରୁବାର ପୂର୍ବାହ୍ନରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଗ୍ରାମବାସୀ ତାଙ୍କ ଶବାଧାରରେ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ଜଣେ ଶ୍ରମିକ ମୃତ: ଜଣେ ଗୁରୁତର

**ପୁରୁଣା ବାଡ଼ ଭାଙ୍ଗିବା ବେଳେ ଅଘଟଣ**



କଣ୍ଟାବାଞ୍ଜି,୧୬।୧(ଗୁରୁଦୟାଲ ହଂସ)

ଗୁରୁବାର ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଳଷ୍ଟେଶନ ପରିସରର ପୁରୁଣା ପାଚେରି ଭାଙ୍ଗିବା ବେଳେ ଜଣେ ବିହାରୀ ଶ୍ରମିକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ଅନ୍ୟ ଜଣେ ଶ୍ରମିକ ଗୁରୁତର ହୋଇ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ପ୍ରକାଶ ଯେ, ଅମୃତ ଭାରତ ଯୋଜନାରେ କଣ୍ଟାବାଞ୍ଜି ରେଳଷ୍ଟେଶନର ନିର୍ମାଣ କାର୍ଯ୍ୟ ଚାଲିଛି । ଗୁରୁବାର ପୁରୁଣା ପାଚେରିକୁ ଭଙ୍ଗା ଯାଉଥିଲା। ଶ୍ରମିକମାନେ ଭଙ୍ଗା ଅଂଶକୁ ଆଣି ପାଖରେ ଥିବା ଜେସିବି ମେଶିନରେ ପକାଉଥିଲେ। ଏହି ସମୟରେ ହଠାତ୍ ପାଚେରି ଧସି ପଡିବାରୁ ଶ୍ରମିକ ଦ୍ୱୟ ଜେସିବି(ନଂ ଓଡିଠ୩ସି୪୯୬୮) ଉପରେ ପଡିଥିଲେ। ଫଳରେ ଘଟଣାସ୍ଥଳରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ କଣ୍ଟାବାଞ୍ଜି ରେଳ ବିଭାଗର ବରିଷ୍ଠ ରେଳ ଅଧିକାରୀ, ଅନ୍ୟ ବିଭାଗୀୟ ଅଧିକାରୀ, ଜିଆରପି ଏବଂ ଆରପିଏଫ ପୋଲିସ ପହଞ୍ଚି ତଦନ୍ତ ଜାରିରଖିଛନ୍ତି।ଏ ନେଇ ଏକ ଅପମୃତ୍ୟୁ ମାମଲା (୧/୨୦୨୫) ରୁଜୁ ହୋଇଛି ।

### ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଲୋଇସିଂହା,୧୬।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଲେଇସର୍ଡା ରାଧେଶ୍ୟାମ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କଲେଜର ଅଧ୍ୟକ୍ଷ ପୁରୁଷୋତ୍ତମ ଭଞ୍ଜ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ବୈବସ୍ୱତ ବିଶ୍ୱାଳ, ଚୈତନ୍ୟ ଦଣ୍ଡସେନା, ନିରୂପମା ସାହୁ, ନୀଳାଚଳ ତ୍ରିପାଠୀ, ଭୁବନେଶ୍ୱର ମହାକୁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡା ଶିକ୍ଷକ ମିତ୍ରଭାନୁ ସାହୁ ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ମାଷ୍ଟର ଟ୍ରେନର ଲିପ୍ସାରାଣୀ ଡାଙ୍ଗ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ଉପରେ ତାଲିମ ପ୍ରଦାନ କରୁଛନ୍ତି।

# ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ନେଇ ଉଦ୍‌ବେଗ

ଦେଓଗାଁ,୧୬।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)




ଦେଓଗାଁ ବ୍ଲକ ସଭାକକ୍ଷରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକ।

**ଦେଓଗାଁ ପଞ୍ଚାୟତ ସମିତି ବୈଠକ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ପଞ୍ଚାୟତ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ସଭାପତିତ୍ୱରେ ଓ ବିଡିଓ ପ୍ରିୟ ରଞ୍ଜନ କୁମାରଙ୍କ ପରିଚାଳନାରେ ବୈଠକ ହୋଇଥିଲା। ଏଥିରେ ତହସିଲଦାର ବିକ୍ରମ କେଶରୀ ନାୟକ, ଏମ୍‌ପିଙ୍କ ପ୍ରତିନିଧି ଶଶୀ ପାଣିଗ୍ରାହୀ, ଏବିଡିଓ ପୁଷ୍ପାଞ୍ଜଳି ନାଏକ, ଜିଲା ପରିଷଦ ସଭ୍ୟା ମମତା କୁଜୁରା, ସୁମିତ ସେଠ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଜିତ କୁମାର ମିଶ୍ର, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରାଚୀ ପରିମିତା ସାବତ, ସିଡିପିଓ ମିନତି ମିଶ୍ର, ଦେଓଗାଁ ଜଙ୍ଗଲ ବିଭାଗ ଫରେଷ୍ଟର ବ୍ୟାସଦେବ ସାହୁ, ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡା. ସ୍ୱାତିମାନ ସାହୁ, ପାନୀୟ ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ବନିତା ବେହେରା, ବିଶ୍ୱଜିତ ଜେନାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଯୋଗ ଦେଇଥିଲେ । ବୈଠକରେ ବ୍ଲକସ୍ତରୀୟ ସ୍ଥାୟୀ କମିଟି ଗଠନ ଉପରେ ପ୍ରସ୍ତାବ ଆଗତ ହୋଇଥିଲା । ପଞ୍ଚାୟତ ସମିତି ସ୍ତରରେ ଗଠନ ହେଉଥିବା ବିଭିନ୍ନ କମିଟି କାଗଜକଲମରେ ସୀମିତ ନ ରଖି ତାକୁ କାର୍ଯ୍ୟକ୍ଷମ କରିବା ପାଇଁ ହାତସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର ଅନୁରୋଧ କରିବା ସହ ଚଳିତବର୍ଷ ଛାତ୍ରୀଛାତ୍ରମାନଙ୍କୁ ପୋଷାକ ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ଦୃଷ୍ଟି ଆକର୍ଷଣ କରିଥିଲେ । ମକୁନ୍ଦପୁରର ଭୀମପାହାଡ ଠାରେ ଉପସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ପାଇଁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର ଦାବି ରଖିଥିଲେ । ଦେଓଗାଁ ବ୍ଲକର ୧୨ନଂ ଜୋନରେ ପାନୀୟଜଳ ପ୍ରକଳ୍ପ ବିଭାଗ ତରଫରୁ ୪୦ଟି ଗ୍ରାମକୁ ଜଳଯୋଗାଣ ପାଇଁ ଶହେ କୋଟି ବିନିମୟରେ ୪୦ଟି ପ୍ରକଳ୍ପ କାମ ଚାଲିଥିବା ବିଭାଗୀୟ ଯନ୍ତ୍ରୀ ସୂଚନା ଦେଇଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଗୋଟିଏ ମଧ୍ୟ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରିନାହିଁ । ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସମୟ ବଢ଼ାଉଥିବାରୁ କାମ ବିଳମ୍ବ ହେଉଛି ବୋଲି ବ୍ଲକ କନିଷ୍ଠ ଯନ୍ତ୍ରୀ ଜେନା ସୂଚନା ଦେଇଥିବା ବେଳେ ଠିକାଦାରଙ୍କୁ ଅନୁକମ୍ପା ନ ଦେଖାଇ ଶୀଘ୍ର ପ୍ରକଳ୍ପ କାମ ଶେଷ କରିବା ଦିଗରେ ପଦକ୍ଷେପ ନେବାକୁ ଜନପ୍ରତିନିଧିମାନେ ଦାବି କରିଥିଲେ । ଏହାକୁ ନେଇ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସର୍ବସମ୍ମତି କ୍ରମେ ଜଳଯୋଗାଣ ବିଭାଗର ନିର୍ବାହୀଯନ୍ତ୍ରୀଙ୍କୁ ସାକ୍ଷାତ କରି ମାର୍ଚ୍ଚ ସୁଦ୍ଧା ଲୋକଙ୍କୁ ପାନୀୟଜଳ ଯୋଗାଇବା ଓ କାମରେ ଅବହେଳା କରୁଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ବ୍ଲକରେ ନଳକୂପ ତଥା ପାନୀୟଜଳ ଯୋଗାଣ ସାମଗ୍ରୀ ନିମ୍ନମାନର ବୋଲି ସମସ୍ତ ସରପଞ୍ଚ ଅଭିଯୋଗ କରିଥିବା ବେଳେ ଆଇଏସଆଇ ମାର୍କା ଥିବା ସାମଗ୍ରୀ ଯୋଗାଣ ପାଇଁ ଦାବି କରିଥିଲେ । ମାଡା ଅଞ୍ଚଳରେ ଏକଲବ୍ୟ ବିଦ୍ୟାଳୟ ଖୋଲିବା ପାଇଁ ବୈଠକରେ ଦାବି କରାଯାଇଥିଲା । ବିଦ୍ୟୁତ୍ ବିଭାଗ ବକେୟା ଅର୍ଥ ଅସୁଲି ପାଇଁ ଉପଭୋକ୍ତାମାନଙ୍କୁ ହଇରାଣ ହରକତ କରୁଥିବା ବନ୍ଧପଡା ସମିତି ସଭ୍ୟ କାନ୍ତେଶ୍ୱର ପଧାନ ଅଭିଯୋଗ କରିଥିଲେ । ବ୍ଲକର ପୁରାତନ ଅନୁଷ୍ଠାନ କୋଶଳୀ ଲୋକନୃତ୍ୟ ଏକାଡେମି ପାଇଁ ସଭାଗୃହ ନିର୍ମାଣ ଦିଗରେ ଅନୁଦାନ ଦେବାକୁ ସମିତି ସଭ୍ୟ ବିଶ୍ୱଜିତ ପାତ୍ର ଦାବୀ କରିଥିଲେ। ଶେଷରେ ବ୍ଲକ ଅଧ୍ୟକ୍ଷ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବେଦାନ୍ତ ଲାଞ୍ଜିଗଡ଼ ଷ୍ଟଲ୍‌ରେ ବିକାଶମୂଳକ କାର୍ଯ୍ୟକ୍ରମ ପ୍ରଦର୍ଶିତ

ଭୁବନେଶ୍ୱର,୧୬।୧(ଅନୁରାଧା ମହାରଣା)

**କଳାହାଣ୍ଡି ଉତ୍ସବ 'ଘୁମୁରା'**

୨୭ତମ କଳାହାଣ୍ଡି ଉତ୍ସବ 'ଘୁମୁରା'ରେ ବେଦାନ୍ତ ଆଲୁମିନିୟମର ସହାୟକ ସଂସ୍ଥା ବେଦାନ୍ତ ଲାଞ୍ଜିଗଡ଼ର ଷ୍ଟଲ ଖୋଲାଯାଇଛି। କମ୍ପାନୀ ପକ୍ଷରୁ ହେଉଥିବା ପରିବର୍ତ୍ତନଶୀଳ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମକୁ ଏହି ଷ୍ଟଲରେ ପ୍ରଦର୍ଶନ କରାଯାଉଛି। ପ୍ରୋଜେକ୍ଟ ଆଦିକଳାର ହାତ ତିଆରି ସାମଗ୍ରୀର ପ୍ରଦର୍ଶନ ସହ ପ୍ରୋଜେକ୍ଟ ସଖୀ ଅଧୀନରେ ୪ହଜାରରୁ ଅଧିକ ମହିଳାଙ୍କ ଦ୍ୱାରା ବିକଶିତ ଘରୋଇ ଜୈବିକ ଉତ୍ପାଦ ପ୍ରଦର୍ଶନ କରାଯାଉଛି। ଏହାବ୍ୟତୀତ ବେଦାନ୍ତର ଅତ୍ୟାଧୁନିକ କାରଖାନାରେ ବକ୍ସାଇଟ ପଥରକୁ ଉଚ୍ଚମାନର ଆଲୁମିନିୟମ ଉତ୍ପାଦରେ ପରିଣତ କରିବାର ପ୍ରକ୍ରିୟା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଉଛି। ଏଥିସହିତ କମ୍ପାନୀ ପକ୍ଷରୁ ସ୍ଥାୟୀ ପରିବେଶ ପରିଚାଳନାକୁ ଗୁରୁତ୍ୱାରୋପ କରାଯାଇଛି। ବେଦାନ୍ତ ଷ୍ଟଲକୁ ଉଦ୍‌ଘାଟନ କରି କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ଓ ଜିଲାପାଳ ସଚିନ ପାୱାର ଏହି ଅଞ୍ଚଳର ସଂସ୍କୃତି ଓ ଆଧୁନିକ ବିକାଶର ଅନନ୍ୟ ମିଶ୍ରଣ ବୋଲି କହିଛନ୍ତି। ବେଦାନ୍ତ ଆଲୁମିନା ବିଜ୍‌ନେସ୍‌ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଯୋଗଦେଇ କହିଲେ, କଳାହାଣ୍ଡି ଉତ୍ସବ ଏହି ଅଞ୍ଚଳର ଆତ୍ମାକୁ ସ୍ମରଣ କରୁଥିବା ଏକ ମଞ୍ଚ ଭାବେ କାର୍ଯ୍ୟ କରୁଛି ଓ ବେଦାନ୍ତ ଏହି ଭବ୍ୟ ଉତ୍ସବର ଅଂଶ ହୋଇ ଗର୍ବ ଅନୁଭବ କରୁଛି। କେବଳ ଶିଳ୍ପ ଉତ୍କର୍ଷତା ନୁହେଁ, କଳାହାଣ୍ଡିର ଐତିହ୍ୟର ସଂରକ୍ଷଣ ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ସୃଷ୍ଟି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସାହାଯ୍ୟ କରିବାକୁ ବେଦାନ୍ତ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।



ଷ୍ଟଲ୍ ଉଦ୍‌ଘାଟନ ଅବସରରେ ଏମ୍‌ପି ମାଳବିକା ଦେବୀ ଓ ଜିଲାପାଳ ସଚିନ ପାୱାରଙ୍କ ହାତରେ ସ୍ଥାନୀୟ ଯୁବତୀମାନେ ଚିତ୍ର ଆଙ୍କୁଛନ୍ତି।

# ବ୍ଲକସ୍ତରୀୟ ପରାମର୍ଶ ଶିବିର

ଡୁଙ୍ଗୁରିପାଲି, ୧୬।୧(ଦୀନବନ୍ଧୁ ସୁନା)

ଜିଲା ପ୍ରଶାସନ ଓ ଜିଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ବ୍ଲକ ସ୍ତରୀୟ ପରାମର୍ଶ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଦିଲ୍ଲୀପ କୁମାର ବାଡାଙ୍କ ଅଧ୍ୟକ୍ଷତାରେ ଯୁବତୀ ଯୁବକମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ଅନୁଷ୍ଠିତ ଶିବିରରେ ବ୍ଲକ ଉପାଧ୍ୟକ୍ଷ, ମକରଧ୍ୱସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୁବତୀଯୁବକଙ୍କୁ ଏହାର ସୁଯୋଗ ନେଇ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ସଞ୍ଜୁ କୁମାରୀ ସାହୁ ସଭା ପରିଚାଳନା କରିଥିଲେ। ବିପିଏମ ସଞ୍ଜିତ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ସେଫଏଜୁକେଟ ଲର୍ନିଙ୍ଗ ପ୍ରା.ଲିମିଟେଡ଼, ଆଦି ୱେଷ୍ଟ ସର୍ଭିସେସ ଲିମିଟେଡ଼, ବ୍ଲାକ ପାନ୍ଥର, ଏନସିଏଟି ସ୍କିଲ ଇଣ୍ଡିଆ, ଏସ୍‌ଆଇଏଚ୍‌ଏମ ବଲାଙ୍ଗୀର, ଏସ୍‌ବିଆରଏସ ଇଟିଆଇ, ସରକାରୀ ଆଇଟିଆଇ ଏବଂ ସରକାରୀ ପଲିଟେକନିକ ସୁବର୍ଣ୍ଣପୁର, ସାହି ଏକ୍ସପୋର୍ଟ ପ୍ରା. ଲିମିଟେଡ଼, ଇଣ୍ଡିଆନ ଏୟାର ଫୋର୍ସ , ଗୋକଲ ଦାସ ଏକ୍ସପୋର୍ଟ ଲିମିଟେଡ଼ ପ୍ରଭୃତି ବିଭିନ୍ନ ତାଲିମ ପ୍ରଦାନକାରୀ ସଂସ୍ଥା ଯୋଗଦେଇ ଶିବିରରେ ଯୁବତୀଯୁବକଙ୍କୁ ପରାମର୍ଶ ଦେଇଥିଲେ। ଶିବିରରେ ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳର ୨୫୪ ଜଣ ଯୁବତୀ ଓ ଯୁବକ ଅଂଶଗ୍ରହଣ କରିଥିଲେ। ହେଲେ ଆବଶ୍ୟକ ସୂଚନା ପ୍ରଦାନରେ ସୀମିତ ଥିବାରୁ ୨୬ପଞ୍ଚାୟତରୁ କମ ସଂଖ୍ୟକ ଯୁବତୀ ଓ ଯୁବକ ଶିବିରରେ ଉପସ୍ଥିତ ଥିଲେ।



ଶିବିରରେ ବିଭାଗୀୟ ଅଧିକାରୀ ଯୁବତୀଯୁବକଙ୍କୁ ପରାମର୍ଶ ପ୍ରଦାନ କରୁଛନ୍ତି।

# ଅନ୍ୱେଷଣ ଫେଷ୍ଟ ଉଦ୍‌ଯାପିତ

ବଲାଙ୍ଗୀର,୧୬।୧ (ବୀରେନ୍ଦ୍ର କୁମାର ଝାଙ୍କର)

ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ପକ୍ଷରୁ ଆୟୋଜିତ ଅନ୍ୱେଷଣ ଫେଷ୍ଟ ୨୦୨୫ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଯୋଗଦେଇ ବଲାଙ୍ଗୀରରେ କଳା ଓ ସଂସ୍କୃତିର ଉନ୍ନତି ଦିଗରେ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ କୋଶଳ କଳା ମଣ୍ଡଳର ପରିକଳ୍ପନା କରିଥିଲେ ବୋଲି କହିଥିଲେ। ଅନ୍ୱେଷଣ ପକ୍ଷରୁ କରାଯାଉଥିବା ଉଦ୍ୟମ ଦ୍ୱାରା ଲୋକକଳା ଓ ଲୋକ ସଂସ୍କୃତିର ଉନ୍ନତି କରାଯାଇପାରିବ ବୋଲି ସେ କହିଥିଲେ। ଏହି ଉପଲକ୍ଷେ ପୂର୍ବାହ୍ନ ଅଧିବେଶନରେ ଅନୁଷ୍ଠିତ ପ୍ରତିଯୋଗିତର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ସିଂଦେଓ ପୁରସ୍କୃତ କରିଥିଲେ। ଏହାସହିତ ବରିଷ୍ଠ ଲୋକ କଳାକାର ଗୋଲାପ ବାଗ, ମୁରଲୀ ମହାକୁର, ରାଜେନ୍ଦ୍ର ମଲ୍ଲିକ, କିଶୋର ପଟେଲ, ଇନ୍ଦ୍ରମଣି ବାରିକ, ବ୍ୟାସଦେବ ପୁରୋହିତ, ଈଶ୍ୱରୀ ବେହେରା, ସ୍ୱରୂପା ସିଂ, ଅଞ୍ଜନ କୁମ୍ଭାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୱେଷଣ ଫେଷ୍ଟ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ଲିକା ସାହୁ ଯୋଗଦାନ କରିଥିଲେ। କବି ସନ୍ଦୀପ କୁମାର କୁଅଁରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଗୁରୁଶ୍ରୀ ଡକ୍ଟର ଘାସିରାମ ମିଶ୍ର, ନାଟ୍ୟ ନିର୍ଦ୍ଦେଶକ ସତ୍ୟରଞ୍ଜନ ବେହେରା ମଞ୍ଚାସୀନ ଥିଲେ। ପରେ ଅବକ୍ଷୟମୁଖୀ ଲୋକସଂସ୍କୃତିର ସଂରକ୍ଷଣ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସଂସ୍କୃତି ଗବେଷକ ଅର୍ଜୁନ ମୁଗ୍ରୀ, କୀର୍ତ୍ତନ ଦୀପ ଓ ସତ୍ୟ ରଞ୍ଜନ ବେହେରା ଆଲୋଚକ ଭାବେ ଯୋଗ ଦେଇଥିଲେ। ପରେ ହାସ୍ୟକବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

# ଜିଲାସ୍ତରୀୟ କୃଷକ ଉତ୍ପାଦକ ସଙ୍ଗଠନର ତାଲିମ ଶିବିର

ବଘିଆପଡା,୧୬।୧(ଶ୍ରୀକାନ୍ତ ସାହୁ)

ବୌଦ୍ଧ ପାଲଝାରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜଳଛାୟା ମିଶନ କେନ୍ଦ୍ରଠାରେ ଜିଲାସ୍ତରୀୟ କୃଷକ ଉତ୍ପାଦକ ସଂଗଠନର ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୦ ଗୋଟି ଅଗ୍ରଣୀ ଉତ୍ପାଦକ ସଂଗଠନର ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିବାହୀ ଅଧିକାରୀମାନେ ଯୋଗଦେଇ ତାଲିମ ନେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ସଂଯୋଜକ ତପନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବିଜ୍ଞାନ କେନ୍ଦ୍ରର କୃଷି ସଂପ୍ରସାରଣ ବିଭାଗର ଡା. ମୟୁରୀ ସିଂ ସର୍ଦ୍ଦାର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ପ୍ରଶିକ୍ଷକ ଭାବେ ଜାତୀୟ ଉଦ୍ୟାନ ଗବେଷଣା ପ୍ରତିଷ୍ଠାନର ମୁଖ୍ୟ ଟି.ପି.ଆୟାରି ଓ ତାଲିମ ସଂପ୍ରସାରଣ ଅଧିକାରୀ ରଞ୍ଜିତ କୁମାର ଦାସ ଯୋଗଦେଇ ଉଦ୍ୟାନ କୃଷି ଓ ଉନ୍ନତ ଚାଷ ଉପରେ ତାଲିମ ଦେଇଥିଲେ । ଡିଡିଏମ ନାର୍ବାଡ ସତ୍ୟ ସ୍ୱରପ ଯୋଗଦେଇ ସହାୟତା କିପରି ପାଇ ଲାଭବାନ ହେବେ ସେନେଇ ମତବ୍ୟକ୍ତ କରିଥିଲେ । ଜିଲା ମୃତ୍ତିକା ସଂରକ୍ଷଣ ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ଜଳ, ଜଙ୍ଗଲ ଓ ଚାଷୀମାନଙ୍କ ବିକାଶ ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ । ଉଦ୍ୟାନ ଉପ ନିର୍ଦ୍ଦେଶକ ଯୋଗନ୍ଦ୍ରେ ନାରାୟଣ ମହାପାତ୍ର ଯୋଗଦେଇ ଉଦ୍ୟାନ ବିଭାଗ ଦ୍ୱାରା ଚାଷ ଉପରେ କହିଥିଲେ । ମତ୍ସ୍ୟ ଅଧିକାରୀ ଚିନ୍ମୟୀ ଶୁଭସ୍ମିତା ମାଛ ଚାଷ କରିବା ସହ ଏନେଇ ସରକାରୀ ସହାୟତା ଉପରେ ଆଲୋକପାତ କରିଥିଲେ । ଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ସସ୍ମିତା ପାଲ ଧନ୍ୟବାଦ ପ୍ରଦାନ କରିଥିଲେ ।




ଶିବିରରେ ତାଲିମଦାତା ଓ ଅଧିକାରୀ।

# ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

ବୌଦ୍ଧ,୧୬।୧(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପ୍ରଶାସନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ସହଯୋଗରେ ଜନସେବା ଦିବସ ଅବସରରେ ବୌଦ୍ଧ ଟାଉନହଲଠାରେ ବୁଧବାର ଦିନ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଓ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମମାନଙ୍କୁ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ବିତରଣ କରାଯାଇଛି । ଜିଲାପାଳ ସୁବ୍ରତ କୁମାର ପଣ୍ଡା , ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଯୋଗଦେଇ ଭତ୍ତା ବିତରଣ କରିଥିଲେ । ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦୁର୍ଯ୍ୟୋଧନ ବିଶି ମଞ୍ଚ ପରିଚାଳନା କରିଥିଲେ । ବୌଦ୍ଧ ବ୍ଲକର ୨୭୬ ଜଣ, ହରଭଙ୍ଗା ବ୍ଲକର ୬୨୨ ଜଣ , କଣ୍ଟାମାଳ ବ୍ଲକର ୯୧ ଜଣ ଓ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ୫୪ ଜଣଙ୍କର ନାମ ଅନୁମୋଦନ ହୋଇଥିଲା । ସେଥିମଧ୍ୟରୁ ସହରର ଟାଉନହଲଠାରେ ଆୟୋଜିତ ଜନସେବା ଦିବସରେ ବୌଦ୍ଧ ବ୍ଲକର ୬୭ ଜଣ, ହରଭଙ୍ଗାର ୭୭ ଜଣ, କଣ୍ଟାମାଳ ବ୍ଲକର ୩୦ ଓ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ୧୬ ଜଣଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଥିଲା। ୩ ଜଣ ଭିନ୍ନକ୍ଷମଙ୍କୁ ବିବାହ ପ୍ରୋତ୍ସାହନ ରାଶି ଜଣ ପ୍ରତି ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା । ଶେଷର ସାମାଜିକ ସୁରକ୍ଷା ଅଧିକାରୀ ରାଜିନ୍ଦ୍ର କିଶାନ ଧନ୍ୟବାଦ ପ୍ରଦାନ କରିଥିଲେ ।



ଜିଲାପାଳ ଭତ୍ତା ପ୍ରଦାନ କରୁଛନ୍ତି।

# ୪୫ ଜଣଙ୍କୁ ଭତ୍ତା ବଣ୍ଟନ

କଣ୍ଟାବାଞ୍ଜି,୧୬।୧(ଗୁରୁଦୟାଲ ହଂସ)

କଣ୍ଟାବାଞ୍ଜି ଏନଏସିରେ ବୁଧବାର ଅପରାହ୍ନରେ ୮୦ବର୍ଷରୁ ଉର୍ଦ୍ଧ୍ୱବୟସ୍କ ଓ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ମୋଟ ୪୫ ଜଣଙ୍କ ମଧ୍ୟରୁ ୧୦ଜଣ ଦିବ୍ୟାଙ୍ଗ ଓ ୩୫ଜଣ ୮୦ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ବର୍ଦ୍ଧିତ ୩୫୦୦ଟଙ୍କା ଲେଖାଏ ଭତ୍ତା ବଣ୍ଟନ କରାଯାଇଛି । ଏହି ଅବସରରେ ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଭତ୍ତା ବଣ୍ଟନ କରଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଏନଏସି. ନଗରପାଳ ବରିୟାମ ସିଂ ସାଲୁଜା, ଏନଏସି ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, କମ୍ୟୁନିଟି ଅର୍ଗାନାଇଜର ଜୋସ୍ନାମୟୀ ବାରିକଙ୍କ ସହ ଅନ୍ୟ କର୍ମଚାରୀ ସାମିଲ ଥିଲେ ।



ବିଧାୟକ ଓ ଅନ୍ୟମାନେ ଭତ୍ତା ବଣ୍ଟନ କରୁଛନ୍ତି।

# ଟୋକନ ଅବଧି ସରିଲା, ଧାନ ବିକିବାକୁ ଚିନ୍ତାରେ ଚାଷୀ

ସଇଁତଲା,୧୬।୧(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଧରବଗଡ଼ ପଞ୍ଚାୟତ ଅଞ୍ଚଳର ଚାଷୀମାନେ ଧାନ ବିକ୍ରୟ କରି ନ ପାରି ଚିନ୍ତାରେ ଅଛନ୍ତି। ଅଧିକାଂଶ ଚାଷୀଙ୍କୁ ମିଳିଥିବା ଟୋକନର ସମୟ ସୀମା ସରି ଯାଇଥିବାରୁ ଏପରି ସମସ୍ୟା ଦେଖାଦେଇଛି ।

ସୂଚନା ଅନୁସାରେ, ଧରବଗଡ଼ ପଞ୍ଚାୟତରେ ଥିବା ମା' ମାଣିକେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ଧାନ କିଣା ଚାଲିଛି। ଅନ୍ୟ କେତେଜଣ ଚାଷୀଙ୍କ ଟୋକନ ଥିବା ସତ୍ତ୍ୱେ ସେମାନେ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପକ୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯାଇଥିବା ଟାର୍ଗେଟ ସରିଯାଇଥିବାରୁ ଚାଷୀମାନେ ଧାନ ବିକି ନ ପାରି ମଣ୍ଡିରେ ରଖିଛନ୍ତି। ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ କରିଥିବା ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ପଡ଼ିରହିଛି। ଚାଷୀମାନେ ଶୀତ, କାକରକୁ ଭ୍ରୂକ୍ଷେପ ନ କରି ଧାନକୁ ରାତିସାରା ଜଗି ରହୁଛନ୍ତି। ଏ ସମ୍ପର୍କରେ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ଶୁଭ୍ରକେଶୀ ମେହେରଙ୍କୁ ପଚାରିବାରୁ ଧାନ କିଣିବାକୁ ଆମ ପାଖରେ ଟାର୍ଗେଟ ନ ଥିବାରୁ ଆମେ ଚାଷୀଙ୍କ ଧାନ କିଣି ପାରୁନାହୁଁ। ଯାହା ଫଳରେ ଚାଷୀ ଧାନ



ମଣ୍ଡିରେ ଧାନ ପଡ଼ିରହିଛି ।

**ମଣ୍ଡିରେ ନାହିଁ ଟାର୍ଗେଟ**

ବିକ୍ରୟ କରିପାରୁନାହାନ୍ତି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ବାରମ୍ବାର କହିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା କହିଛନ୍ତି। ଚାଷୀ ଦିବ୍ୟସିନୀ ଦାଣ୍ଡିଆ, ତୁଳସିନୀ ସିଂ ବାବୁ, ଫକୀର ସିଂ ବାବୁ, ସୁବଳ ପଣ୍ଡା, ସୁନୀଲ ବାରିକ, ଦୁର୍ଯ୍ୟୋଧନ କ୍ଷେତୀ, ପ୍ରଦ୍ୟୁମ୍ନ ଭୋଇ, ନରେନ୍ଦ୍ର ଭୋଇଙ୍କ ଭଳି ଚାଷୀମାନେ ତାଙ୍କ ଟୋକନର ଅବଧି ସରିଯାଇଥିବାରୁ ସେମାନେ ଧାନ କିଭଳି ବିକ୍ରୟ କରିବେ ସେ ନେଇ ଚିନ୍ତାରେ ରହୁଥିବା କହିଛନ୍ତି। ଏ ସମ୍ପର୍କରେ ସଇଁତଲା ଯୋଗାଣ ଅଧିକାରୀ ଚନ୍ଦ୍ରଶେଖର ନାହାକଙ୍କୁ ପଚାରିବାରେ ଟାର୍ଗେଟ ପ୍ରଦାନ କରିବାକୁ ଜିଲା ପ୍ରଶାସନକୁ ଅବଗତ କରାଯାଇଥିବା କହିଛନ୍ତି ।

# ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧନା



ରାଉରକେଲା,୧୬।୧(ବିପ୍ଳବ ରଞ୍ଜନ ଦାଶ): ରାଉରକେଲା ଇସ୍ପାତ କାରଖାନା(ସେଲ୍)ର ଭାରପ୍ରାପ୍ତ ନିର୍ଦ୍ଦେଶକ ଭାବେ ଆଲୋକ ବର୍ମା ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି। ଏହି କ୍ରମରେ ରାଉରକେଲାର ଅଗ୍ରଣୀ କଳା, ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ 'ସ୍ପନ୍ଦନ' ପରିବାର ପକ୍ଷରୁ ବର୍ମାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରାଯାଇଥିଲା। ଏଥିସହ ଅନୁଷ୍ଠାନର କର୍ମକର୍ତ୍ତା ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇବା ସହିତ ତାଙ୍କ କର୍ମଠ ଜୀବନର ଉତ୍ତରୋତ୍ତର ଶୁଭ କାମନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରଫେସର ଡ. ସମର ମୁଦାଲି, ସମ୍ପାଦକ ଡ. ସତ୍ୟ ମିଶ୍ର, ସହ ସମ୍ପାଦକ କ୍ଷୀରୋଦ ବାଡତ୍ୟା, ସହକାରୀ ସମ୍ପାଦକ ରମେଶ ଗୌଡ, କାର୍ଯ୍ୟକ୍ରମ ସଂଯୋଜକ ଶିଶିର ମୁଦାଲି, ସ୍ପନ୍ଦନର ମହିଳା ଶାଖା ସ୍ପନ୍ଦିତାର ସଦସ୍ୟା ଅନିତା ବାଡତ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

# ଓଭରହେଡ୍ କେବୁଲମୁକ୍ତ ଅଭିଯାନ ବାଟବଣା

ରାଉରକେଲା ମହାନଗର ନିଗମ

■ବର୍ଷ ବର୍ଷ ଧରି ନିଷ୍ପତ୍ତି କାର୍ଯ୍ୟକାରୀ ହେଉନି

■ସହର ସୌନ୍ଦର୍ଯ୍ୟ ବୃଦ୍ଧିରେ ସାଜିଛି ପ୍ରତିବନ୍ଧକ

ରାଉରକେଲା,୧୬।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହର ହେବ ଓଭରହେଡ୍ କେବୁଲମୁକ୍ତ ସହର। ଏ ନେଇ ପାଖାପାଖି ୧୮ ମାସ ତଳେ ବୈଠକ ହୋଇଥିଲା। ଏହାସତ୍ତ୍ୱେ ଓଭରହେଡ୍ କେବୁଲ ମୁକ୍ତ ଅଭିଯାନ ଏଯାଏ ସହରରେ କାର୍ଯ୍ୟକାରୀ ହୋଇନାହିଁ। ଫଳରେ ସହରର ଡେଲି ମାର୍କେଟ, କୋଏଲନଗର, ଛେଣ୍ଡ, ପାନପୋଷ, ବାସନ୍ତୀ କଲୋନି, ଉଦିତନଗର, ସିଭିଲଟାଉନଶିପ୍‌ରେ ମାଳ ମାଳ କେବୁଲ ବୁଢିଆଣୀ ଜାଲ ବୁଣିଲା ଭଳି ବିପଦପୂର୍ଣ୍ଣ ଭାବେ ଝୁଲି ରହିଛି। ଏହାଦ୍ୱାରା ସ୍ମାର୍ଟସିଟି ସୌନ୍ଦର୍ଯ୍ୟ ହରାଉଛି।

ହକି ବିଶ୍ୱକପ୍ ପୂର୍ବରୁ ତତ୍କାଳୀନ ଅତିରିକ୍ତ ଜିଲାପାଳଙ୍କ ଉପସ୍ଥିତିରେ ବିଦ୍ୟୁତ୍ ବିଭାଗ ଅଧିକାରୀ, କେବୁଲ ସଂସ୍ଥା କର୍ତ୍ତୃପକ୍ଷ ଏବଂ ଅନୁମୋଦିତ ସହରର ୪ମୁଖ୍ୟ କେବୁଲ ଅପରେଟର ସଂସ୍ଥା ରାଉରକେଲା ସହରକୁ ଓଭରହେଡ କେବୁଲମୁକ୍ତ କରିବା ପାଇଁ ଏକ ବୈଠକରେ ନିଷ୍ପତ୍ତି ଗ୍ରହଣ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ପାନପୋଷଠାରୁ ରେଲୱେ ଷ୍ଟେଶନ ଯାଏ ଭୂତଳ କେବୁଲ ବିଛାଇବା ଏବଂ ଭୂତଳରେ କେବୁଲ ବିଛା ନ ହେବା ଯାଏଁ ସୁରକ୍ଷିତ ଓ ନିରାପଦ ଭାବେ କେବୁଲ ରଖାଯିବାକୁ ଧାର୍ଯ୍ୟ ହୋଇଥିଲା। ଏଥିସହିତ ବିଦ୍ୟୁତ୍ ଖୁଣ୍ଟରେ କେବୁଲ ନ ଲଗାଇବାକୁ ପ୍ରଶାସନ ନିର୍ଦ୍ଦେଶ ଦେବା ସହିତ ଖିଲାପ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ତାଗିଦ କରିଥିଲା। ମାତ୍ର ବିଦ୍ୟୁତ୍ ଖୁଣ୍ଟରେ ପୂର୍ବଠାରୁ ଅଧିକ ମାତ୍ରାରେ ଅସଜଡା ହୋଇ ସହରର ବିଭିନ୍ନ ଖୁଣ୍ଟରେ କେବୁଲ ଝୁଲୁଛି। ବିଭିନ୍ନ କେବୁଲ ଅପରେଟର ଡେଲିମାର୍କେଟ ଭଳି ଜନଗହଳି ଛକରେ କେବୁଲ ବିଛାଇ ଟଙ୍କା ରୋଜଗାର କରୁଥିବା ଦେଖିବାକୁ ମିଳୁଛି। ଏସବୁ ଜାଣି ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ସେମାନଙ୍କୁ ନା ଫାଇନ ହେଉଛି ନା ଆଇନ ମୁତାବକ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ସାରା ସହରରେ କେବୁଲ ଝୁଲିବା ସହିତ ତଳେ ପଡିରହୁଛି। ଫଳରେ ଅନେକ ଛୋଟବଡ ଦୁର୍ଘଟଣା ଘଟୁଥିବା ନଜର ରହିଛି। ସ୍ମାର୍ଟସିଟିରେ ହଜାର ହଜାର ବିଦ୍ୟୁତ୍ ଖୁଣ୍ଟରେ ବହୁ ଘରୋଇ ନେଟୱର୍କ ସଂସ୍ଥା ମଧ୍ୟ କେବୁଲ ଲଗାଇ ଗ୍ରାହକଙ୍କୁ ସଂଯୋଗ ହେଉଛନ୍ତି। ଏହାଦ୍ୱାରା ରାସ୍ତାରେ ଯାଉଥିବା ଯାନବାହନ ଚାଳକ ଏବଂ ଯାତ୍ରୀ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି।

ଏ ନେଇ ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ସରକାରୀ ନିର୍ଦ୍ଦେଶକୁ ଅବମାନନା କରି ମନମୁଖି କେବୁଲ ବିଛାଉଥିବା ସଂସ୍ଥା ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଉରକେଲା ସହର ଯେଭଳି ଓଭରହେଡ୍ କେବୁଲମୁକ୍ତ ହେବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।



ଡେଲି ମାର୍କେଟ ବିଦ୍ୟୁତ୍ ଖୁଣ୍ଟରେ ମାଳ ମାଳ କେବୁଲ ଝୁଲୁଛି।

# ପୁନରୁଦ୍ଧାର ପରେ ଶୌଚାଳୟରେ ତାଲା



ଉଦିତନଗର ମିନି ଷ୍ଟାଡ଼ିୟମ୍‌ରେ ନିର୍ମିତ ଶୌଚାଳୟରେ ତାଲା ପଡ଼ିଛି।

ରାଉରକେଲା,୧୬।୧(ସଙ୍ଗୀତା ଜେନା)

ରାଉରକେଲା ଉଦିତନଗରସ୍ଥିତ ମିନି ଷ୍ଟାଡିୟମ୍‌କୁ ଉଦିତନଗର, ସିଭିଲଟାଉନଶିପ୍ ତଥା ରାଉରକେଲା ଅଞ୍ଚଳରୁ ଆସୁଥିବା ହଜାର ହଜାର ଖେଳାଳିମାନଙ୍କ ସୁବିଧା ପାଇଁ ୩ଟି ପୁରୁଷ ଏବଂ ୩ଟି ମହିଳା ଏଭଳି ଭାବେ ୬ଟି ଶୌଚାଳୟ ନିର୍ମାଣ କରାଯାଇଥିଲା। ପ୍ରାୟ ମାସେ ହେଲା ଏହାର ପୁନରୁଦ୍ଧାର କରାଯାଇଥିଲା। ତେବେ ଏହି ଶୌଚାଳୟ ଏଯାଏ କାର୍ଯ୍ୟକ୍ଷମ ହୋଇପାରିନାହିଁ। ବର୍ତ୍ତମାନ ଏଥିରେ ତାଲା ପଡ଼ି ରହିଛି। ଉକ୍ତ ଷ୍ଟାଡ଼ିୟମରେ ବିଭିନ୍ନ ଅଞ୍ଚଳର ଖେଳାଳି ଅଭ୍ୟାସ ପାଇଁ ଆସିଥାନ୍ତି। ଏଠାରେ ଥିବା ଶୌଚାଳୟ ବନ୍ଦ ଯୋଗୁ ଖେଳାଳିମାନେ ବାହାରକୁ ଶୌଚ ପାଇଁ ଯାଉଛନ୍ତ। ସିଭିଲଟାଉନଶିପ୍‌ର ରାଜେଶ ଖେମକା କୁହନ୍ତି, ଏଠାକୁ ବହୁ ସଂଖ୍ୟାରେ ମହିଳା ପୁରୁଷ ତଥା ଛୋଟ ପିଲା ଆସିଥାନ୍ତି। ସମସ୍ତେ ବାଧ୍ୟହୋଇ ବାହାରକୁ ଶୌଚ ପାଇଁ ଯାଉଛନ୍ତି। ଏଠାରେ ନିର୍ମିତ ଶୌଚାଳୟରେ ତାଲା ପଡ଼ିରହିଛି। ଯଥାଶୀଘ୍ର ଏଗୁଡ଼ିକ କାର୍ଯ୍ୟକ୍ଷମ କରାଯାଉ ବୋଲି ଖେମକା କହିଥିଲେ। ଏ ସମ୍ପର୍କରେ ଆର୍‌ଏମ୍‌ସି (ୱାର୍କସ) ବିଭାଗର କନିଷ୍ଠ ଯନ୍ତ୍ରୀ ଅନୁରାଧା ବେହେରାଙ୍କୁ ପଚାରିବାରୁ ସେ କହିଲେ, ପୂର୍ବରୁ ଉକ୍ତ ଶୌଚାଳୟର ପୁନଃ ନିର୍ମାଣ କରିବାକୁ ଲୋକେ ଦାବି କରୁଥିଲେ। ଏହାକୁ ଆଧାର କରି ପ୍ରାୟ ୯ଲକ୍ଷ ଟଙ୍କା ବ୍ୟୟରେ ଏହି ଶୌଚାଳୟ ନିର୍ମାଣ କରାଯାଇଥିଲା। ଅତିଶୀଘ୍ର ଏଗୁଡ଼ିକ କାର୍ଯ୍ୟକ୍ଷମ କରାଯିବ ବୋଲି ବେହେରା କହିଥିଲେ। ଏ ନେଇ ରାଉରକେଲା ମହାନଗର ନିଗମ ଡେପୁଟି କମିଶନ ପଲ୍ଲବୀ ନାୟକଙ୍କୁ ପଚରାଯିବାରୁ ସେ କହିଲେ, ସହରରେ ପ୍ରସ୍ତାବିତ ମୋଟ ୧୦ଟି ଶୌଚାଳୟ ପରିଚାଳନା ପାଇଁ ଟେଣ୍ଡର କରାଯାଇଛି। ୧୮ ତାରିଖରେ ଏହାର ଚୂଡ଼ାନ୍ତ ହେବ। ପରେ ଏଗୁଡ଼ିକ ପୂର୍ଣ୍ଣକାଳୀନ କାର୍ଯ୍ୟକାରୀ କରାଯିବ ବୋଲି ନାୟକ କହିଥିଲେ।

# ଏଆଇଟିୟୁସି ଘେରିଲା ଭବିଷ୍ୟନିଧି କାର୍ଯ୍ୟାଳୟ

ରାଉରକେଲା,୧୬।୧(ସଙ୍ଗୀତା ଜେନା)

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନର କେନ୍ଦ୍ରୀୟ ବୋର୍ଡ ଅଫ୍ ଟ୍ରଷ୍ଟିରେ ଇପିଏଫ୍ ସଂସ୍ଥା ଆରମ୍ଭ ହେବା ଦିନରୁ ଏଆଇଟିୟୁସି ସଦସ୍ୟ ଥିଲା। ୨୦୨୪ରେ କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଏଆଇଟିୟୁସିର ସଦସ୍ୟତାକୁ ବାଦ୍ ଦେଇ ଘୋଷଣା କରାଯାଇଥିବାରୁ ଏଆଇଟିୟୁସି ସମେତ ବିଭିନ୍ନ ଶ୍ରମିକ ସଙ୍ଗଠନ ଏହାର ତୀବ୍ର ପ୍ରତିବାଦ କରିଛନ୍ତି। ଏହି କ୍ରମରେ ଏଆଇଟିୟୁସି ପକ୍ଷରୁ ଗୁରୁବାର ରାଉରକେଲା ସିଭିଲଟାଉନଶିପ୍‌ସ୍ଥିତ ଭବିଷ୍ୟନିଧି କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା। କାର୍ଯ୍ୟକ୍ରମରେ ନେତୃମଣ୍ଡଳୀ କହିଥିଲେ, କେନ୍ଦ୍ରୀୟ ବୋର୍ଡ ଅଫ୍ ଟ୍ରଷ୍ଟିରେ ଶ୍ରମିକ ଶ୍ରେଣୀର ହକ୍ ଏଆଇଟିୟୁସି ଉତ୍ଥାପନ କରିଆସୁଥିବାରୁ ଶ୍ରମିକ ବିରୋଧୀ କେନ୍ଦ୍ର ସରକାର ଏଆଇଟିୟୁସିର ନାମକୁ ବାଦ୍ ଦେଇଛନ୍ତି। ତୁରନ୍ତ ଇପିଏଫ୍‌ଓରେ ସିବିଟି ସଦସ୍ୟତା ବଜାୟ ନ ରଖିଲେ ଦେଶବ୍ୟାପୀ ଯେଉଁ ପ୍ରତିରୋଧ ହେବ, ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦିଆଯାଇଥିଲା। ସେହିଭଳି ୫କୋଟିରୁ ଅଧିକ ସ୍କିମ୍ ୱାର୍କରଙ୍କୁ ଇପିଏଫ୍ ସୁବିଧା, ଇପିଏଫ୍‌ର ବେତନ ସିଲିଂ ପ୍ରତ୍ୟାହାର, ସର୍ବନିମ୍ନ ଇପିଏଫ୍ ପେନ୍‌ସନ ମାସିକ ୯ହଜାର ଟଙ୍କା ଓ ଏହାକୁ ମହଙ୍ଗା ଭତ୍ତା ସହ ସଂଯୋଗ କରିବା ଆଦି ଇପିଏଫ୍ ସମସ୍ୟା ସମାଧାନ ପାଇଁ ଦାବି କରାଯାଇଥିଲା। ଏହି ବିକ୍ଷୋଭରେ ଏଆଇଟିୟୁସି ସଭାପତି ଅଶୋକ ଦାସ, ନିଖିଳ ଓଡ଼ିଶା ଆଶାକର୍ମୀ ସୁନ୍ଦରଗଡ଼ ସଭାପତି ମାଡିଲଦା କୁଲୁ, କମଳ ଷଣ୍ଢ, ଦମାଇ ମାଝୀ, କେ. ସି. ସାମଲ, ଅଶୋକ ଏକ୍କା, ପ୍ରତାପ ସିଂଙ୍କ ସମେତ ଶତାଧିକ ଅଂଶଗ୍ରହଣ କରିଥିଲେ। ପରେ ଆଇଏନଟିୟୁସିର ଏକ ୭ଜଣିଆ ପ୍ରତିନିଧି ଦଳ କମିଶନରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ରାଉରକେଲା, ବଲାଙ୍ଗୀର, କେନ୍ଦୁଝର, ସୁନ୍ଦରଗଡ଼ ସମେତ ବିଭିନ୍ନ ଜିଲାରୁ ଶତାଧିକ କର୍ମୀ ସାମିଲ ହୋଇଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବିଶାଳ ଧର୍ମଘଟ ହେବ ବୋଲି କୁହାଯାଇଥିଲା।




ଇପିଏଫ୍‌ଓ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଆର୍‌ଏସ୍‌ପିରେ ରୋଶନୀ କର୍ମଶାଳା



କର୍ମଶାଳାରେ ଉପସ୍ଥିତ କର୍ମଚାରୀଗଣ।

ରାଉରକେଲା,୧୬।୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଅବସର ପୂର୍ବବର୍ତ୍ତୀ କର୍ମଚାରୀ ସଶକ୍ତୀକରଣ କର୍ମଶାଳା ରୋଶନୀ ଏଚ୍‌ଆର ଏଲ୍‌ଏଣ୍ଡଡି ସେଣ୍ଟରରେ ଆୟୋଜିତ ହୋଇଯାଇଛି। କର୍ମଶାଳା ଉଦ୍‌ଘାଟନୀ ଅଧିବେଶନରେ ଏମ୍‌ଏସ୍ ଓ ମାନବ ସମ୍ବଳ ଏଚ୍‌ଆର ଏଲ୍‌ଏଣ୍ଡଡି ବିଭାଗର ସିଜିଏମ୍ ପି. କେ. ସାହୁ ଓ ସାମଗ୍ରୀ ପରିଚାଳନା ବିଭାଗ ସିଜିଏମ୍ ରାଜୀବ ସେହଗଲ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅବସର ପରବର୍ତ୍ତୀ ଜୀବନକୁ ସୁଚାରୁ ରୂପେ ଅତିବାହିତ କରିବା ବିଷୟରେ ଆଲୋଚନା ହୋଇଥିଲା। ଓଏଚ୍‌ଏସ୍‌ସିର ଏସିଏମ୍‌ଓ ଡା. ସିଭଲକାର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟାବଳୀ ଓ ସୁସ୍ଥ ଅବସର ପରବର୍ତ୍ତୀ ଜୀବନଯାପନଗତ ରଣନୀତି ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ସିଏଣ୍ଡଆଇଟି ବିଭାଗର ଡିଜିଏମ ଭି. ପି. ଆର୍ଯ୍ୟ ଡିଜିଟାଲ ଯୁଗରେ ଇଣ୍ଟରନେଟର ମହତ୍ତ୍ୱ, ସାଇବର ବିପଦ ଓ ସୁରକ୍ଷା ଉପରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଡେପୁଟି ମ୍ୟାନେଜର ଡି. କେ. ଦାସ ଅବସର ପରବର୍ତ୍ତୀ ଜୀବନରେ ଆର୍ଥିକ ସନ୍ତୁଳନତା ପାଇଁ ଫଳପ୍ରଦ ଆର୍ଥିକ ପରିଚାଳନା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଏଜିଏମ୍ ପପୁ କୁମାର ଅବସର ପରବର୍ତ୍ତୀ ଆର୍ଥିକ ସେଟଲମେଣ୍ଟ ଉପରେ ତଥ୍ୟ ରଖିଥିଲେ। ସିପି-୨ ବିଭାଗ ଏଜିଏମ୍ ବାବୁଲା ନାହକ ତାତ୍ପର୍ଯ୍ୟପୂର୍ଣ୍ଣ ତଥା ସକ୍ରିୟ ଜୀବନଧାରଣ ପାଇଁ ସକାରାତ୍ମକ ମନୋଭାବ ପ୍ରବନ୍ଧନ ଉପରେ ଅଧିବେଶନ ନେଇଥିଲେ। ସହରସେବା ବିଭାଗର ଡେପୁଟି ମ୍ୟାନେଜର ଏଚ୍. କେ. ସାହୁ କ୍ୱାର୍ଟର ଖାଲି କରିବା ତଥା ବଜାୟ ରଖିବା କମ୍ପାନୀ ନିୟମାବଳୀ ଉପରେ ଆଲୋଚନା କରିଥିଲେ। ଏଚ୍‌ଆରଇ ଆର ଏଣ୍ଡ ସି ବିଭାଗ ଜୁନିୟର ମ୍ୟାନେଜର ଏସ୍. ପି. ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ଜ୍ୟୋତି ଓରେୟା, ଜୁନିୟର ମ୍ୟାନେଜର ଏସ୍. ସାହୁ ଓ ବିଭାଗୀୟ ଦଳ ସହଯୋଗ କରିଥିଲେ।

# ନାରୀଙ୍କ ବିକାଶରେ ସମାଜ ବିକଶିତ ହେବ

ରାଉରକେଲା,୧୬।୧(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୬ସ୍ଥିତ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଜୟ ଜଗନ୍ନାଥ କ୍ଲଷ୍ଟର ଅଧୀନ ଏସ୍‌ଏଚ୍‌ଜିର ବନ୍ଧୁମିଳନ ଗୁରୁବାର ସଭାପତି ଅର୍ଚ୍ଚନା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାରୀମାନଙ୍କ ବିକାଶ ହେଲେ ସମାଜର ବିକାଶ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ସମାଜସେବୀ ଅଜୟ କଂସାରୀ, ଗୌତମ ବାଡା, ଅଶୋକ ଲେଙ୍କା, ଆଲୋକ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସେକ୍ଟର-୧୫ ଓ ସେକ୍ଟର-୧୬ର ୨୦ଟି ଏସ୍‌ଏଚ୍‌ଜିର ପ୍ରାୟ ୨ଶହ ସଦସ୍ୟା ଯୋଗ ଦେଇଥିଲେ। ସଂଯୁକ୍ତା ଜେନା ମଞ୍ଚ ପରିଚାଳନା କରିଥିଲେ। ସତ୍ୟଭାମା ସେଠୀ, ପ୍ରତିଭା ମଞ୍ଜରୀ ନାୟକ, ବବିତା ପଟ୍ଟନାୟକ, ବନଲତା ଦାସ, ଜମୁନା ସାହୁ ସହଯୋଗ କରିଥିଲେ। ବିଜୟଲକ୍ଷ୍ମୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# କମ୍ୟୁନିଷ୍ଟ ନେତା ଜଗନ୍ନାଥ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା




ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ।

ରାଉରକେଲା,୧୬।୧( ସଙ୍ଗୀତା ଜେନା)

ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ସିପିଆଇଏମ୍‌ର ପୂର୍ବତନ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା କୃଷକ ନେତା ଜଗନ୍ନାଥ ମିଶ୍ରଙ୍କ ଗତ ୧୩ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ୭୩ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ସିପିଆଇଏମ୍ ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଜିଲା ସମ୍ପାଦକ ପ୍ରମୋଦ ସାମଲଙ୍କ ସଭାପତିତ୍ୱରେ ପାର୍ଟି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତି, ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ରାଜକିଶୋର ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି ଓଡ଼ିଶାରେ କମ୍ୟୁନିଷ୍ଟ ଆନ୍ଦୋଳନ ସହ ଓଡ଼ିଶାର କୃଷକ, କ୍ଷୁଦ୍ରଚାଷୀ ଓ ଭାଗଚାଷୀ ମାନଙ୍କ ଅଧିକାର ପାଇଁ ସେ ଜୀବନ ବ୍ୟାପୀ ସଂଗ୍ରାମ ଜାରି ରଖିଥିଲେ। ତାଙ୍କ ମରଶରୀର ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଗବେଷଣା ପାଇଁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜକୁ ହସ୍ତାନ୍ତର କରାଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସିପିଆଇଏମ୍ ଜିଲା କମିଟି ସଦସ୍ୟ ବସନ୍ତ ନାୟକ, ବି. ପି. ମହାପାତ୍ର, ହୃଦୟାନନ୍ଦ ଯାଦବ, ତାଜମୁନ ନେହାର, ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଶ୍ୱଜିତ ମାଝୀ, ଚନ୍ଦ୍ରଭାନୁ ଦାସ, ଯଯାତି କେଶରୀ ସାହୁ, ଭଗବାନ କୁଣ୍ଡୁ, ଲକ୍ଷ୍ମୀଧର ନାୟକ, ଅରୁ ଦାସ, ବିନୟ ବେହୁରିଆଙ୍କ ସମେତ ପାର୍ଟିର ବହୁ ନେତୃବୃନ୍ଦ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଅବୈଧ ରେଲୱେ ଟିକେଟ, ଜଣେ ଗିରଫ

ରାଉରକେଲା,୧୬।୧(ସଙ୍ଗୀତା ଜେନା)

ରାଉରକେଲା ରେଲୱେ ଷ୍ଟେଶନର ଆରକ୍ଷଣ କେନ୍ଦ୍ରରୁ ଅବୈଧ ଟିକେଟ ବୁକିଂ କରୁଥିବା ବେଳେ ଗୁରୁବାର ଜଣଙ୍କୁ ଗିରଫ କରାଯାଇଛି। ଉକ୍ତ ବ୍ୟକ୍ତିଙ୍କ ନିକଟରୁ ୨ଟି ତତ୍କାଳ ଟିକେଟ ଜବତ ହୋଇଛି। ଆରପିଏଫ୍ ରାଉରକେଲା ପୋଷ୍ଟରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଆର୍‌ପିଏଫ୍ ଏବଂ ଚକ୍ରଧରପୁର ସିଆଇବି ପକ୍ଷରୁ ଯାଞ୍ଚ କରାଯାଉଥିବା ବେଳେ ଅନିୟମିତତା ଦୃଷ୍ଟିକୁ ଆସିଥିଲା।

# ପ୍ରଜ୍ଞା ଲୁଗୁନ ଚାମ୍ପିୟନ

ସୁଶୀଳାବତୀ ସରକାରୀ ମହିଳା କଲେଜର ବାର୍ଷିକ କ୍ରୀଡ଼ା

ରାଉରକେଲା,୧୬।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨ସ୍ଥିତ ସୁଶୀଳାବତୀ ମହିଳା ମହାବିଦ୍ୟାଳୟର ୩୪ତମ ଦ୍ୱିଦିବସୀୟ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। କଲେଜର ଅଧ୍ୟକ୍ଷା ଇପ୍‌ସିବା ଏକ୍କାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କ୍ରୀଡ଼ାରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ଦୌଡ, ଡିସକସ ଥ୍ରୋ, ପୁଟିଙ୍ଗ ଦ ସଟ୍, ଜାଭେଲିନ ଥ୍ରୋ, ଉଚ୍ଚ ଡିଆଁ, ଲମ୍ବ ଡିଆଁ ଓ ବ୍ୟାଡମିଣ୍ଟନରେ ଭାଗ ନେଇଥିଲେ। ଅଧ୍ୟକ୍ଷା ଏକ୍କା ମଶାଲ ଜାଳି ପତାକା ଦେଖାଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଚଳିତ କ୍ରୀଡ଼ା ପ୍ରତିଯୋଗିତାରେ କଲେଜର ଯୁକ୍ତ ୩ ଛାତ୍ରୀ ପ୍ରଜ୍ଞା ଲୁଗୁନ ଚାମ୍ପିୟନ ବିବେଚିତ ହୋଇଥିଲେ। ଅଧ୍ୟାପକ ମାନସ ରଞ୍ଜନ ବେହେରା, ବବିତା ଭିତରିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ପ୍ରକାଶ ସୁରିନ, ଲିପିକା କେରକେଟା, ଅଭିଲିପ୍ସା ଦାସ, ସ୍ନେହଲତା ଧରୁଆ ପ୍ରମୁଖ ସହଯୋଗ କରିଥିଲେ।




ଟ୍ରଫି ସହ ଚାମ୍ପିୟନ ଓ ଅନ୍ୟ କୃତୀ କ୍ରୀଡାବିତ୍।

# 'ମକର ସଂକ୍ରାନ୍ତି ଏକ ସାଂସ୍କୃତିକ ଉତ୍ତରାୟଣ' ଶୀର୍ଷକ ଆଲୋଚନାଚକ୍ର

ରାଉରକେଲା,୧୬।୧(ବିପ୍ଳବ ରଞ୍ଜନ ଦାଶ)

ଅଖିଳ ଭାରତୀୟ ସାହିତ୍ୟ ପରିଷଦ ରାଉରକେଲା ଶାଖା ଓ ସେକ୍ଟର-୬ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ମିଳିତ ଆୟୋଜନରେ 'ମକର ସଂକ୍ରାନ୍ତି ଏକ ସାଂସ୍କୃତିକ ଉତ୍ତରାୟଣ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଡ. ରବିନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱ ଓ ଅଧ୍ୟାପକ କରୁଣାକର ପାଟ୍ଟଶାଣୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ ପ୍ରଚାରକ ବିଷ୍ଣୁ ପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ମ୍ୟୁନିସିପାଲ କଲେଜ ଅଧ୍ୟକ୍ଷ ଡ. ସନାତନ ପଧାନ ମୁଖ୍ୟଅତିଥି ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସୁରେନ୍ଦ୍ର କୁମାର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମକର ସଂକ୍ରାନ୍ତି ପର୍ବକୁ ଭାରତର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ଢଙ୍ଗରେ ପାଳନ କରାଯାଏ। ମାତ୍ର ସଂକ୍ରାନ୍ତିରେ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିଥାନ୍ତି ଏବଂ ସୂର୍ଯ୍ୟଙ୍କ ତୀର୍ଯ୍ୟକ୍ କିରଣରାଶି ପୃଥିବୀର ଉତ୍ତର ଗୋଲାର୍ଦ୍ଧକୁ ଉଷ୍ମ କରେ। ଫଳରେ କ୍ରମଶଃ ଶୀତମାତ୍ରା ହ୍ରାସ ପାଇଥାଏ। ଏଥିସହିତ ଉପନିଷଦ ମୁତାବକ ଏହି ଦିନଟି ବର୍ଷକରେ ଥରେ ଆସେ। ଏଣୁ ଏହି ଦିନ ସୂର୍ଯ୍ୟ ଏବଂ ହରିହରଙ୍କ ଉପାସନା କରିବାର ବିଧି ରହିଛି। ଭାରତୀୟ ଧର୍ମ, ସଂସ୍କୃତି ଓ ପରମ୍ପରା ସହିତ ମକର ସଂକ୍ରାନ୍ତି ଆବହମାନକାଳରୁ ଜଡିତ ଥିବା କାରଣରୁ ଭାରତର କୋଣ ଅନୁକୋଣରେ ଏହି ଦିନକୁ ନିଷ୍ଠାର ସହିତ ପାଳନ କରାଯାଏ ବୋଲି ଅତିଥିମାନେ କହିଥିଲେ। ଏହି ଉପଲକ୍ଷେ ରାଉରକେଲା କଲେଜର ପ୍ରାକ୍ତନ ଅଧ୍ୟକ୍ଷା ଶିକ୍ଷାବିତ୍ ତଥା ଗାଳ୍ପିକା ସୁଜାତା ପ୍ରଧାନଙ୍କୁ ଉତ୍ତରାୟଣ ସମ୍ମାନ-୨୦୨୫ରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଗୁଡି ଉଡା ସହିତ କ୍ଷୁଦ୍ର ଗଳ୍ପ ପଠନ ଓ କବିତା ଆବୃତ୍ତି ହୋଇଥିଲା। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଷଦର ସହ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିଗଣ।

# ପ୍ରକାଶ ସ୍ମାରକୀ କ୍ରିକେଟ: ଜିମ୍‌ଖାନା ଚାମ୍ପିୟନ

ରାଉରକେଲା,୧୬।୧(ଦିନେଶ ମିଶ୍ର)

ବାସନ୍ତୀ କଲୋନିସ୍ଥିତ ଡିଏଭି ଖେଳ ପଡିଆରେ ୟୁଥ୍ କ୍ରିକେଟ୍ କ୍ଲବ ପକ୍ଷରୁ ଆୟୋଜିତ ୧୮ତମ ପ୍ରକାଶ ସ୍ମାରକୀ ଅଲ ଓଡିଶା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଖବରଦାତା ଜ୍ଞାନରଞ୍ଜନ ମିଶ୍ର ମୁଖ୍ୟ ଅତିଥି, ବ୍ୟବସାୟୀ ଜଗନ ସାହୁ, ସମାଜସେବୀ ନୀଳମଣି ସାହୁ ଓ ନିମୋ ଜେନ୍ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍ ରାଉରକେଲା ଜିମ୍‌ଖାନା ଓ ଡବ୍ଲ୍ୟୁୱାଇସି ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଜିମ୍‌ଖାନା ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୩୫ ଓଭରରେ ୮ ଉଇକେଟ ହରାଇ ୧୮୦ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆଲୋକ ପ୍ରଧାନ ମାତ୍ର ୪୭ଟି ବଲ୍ ଖେଳି ସର୍ବାଧିକ ୫୨ ରନ ସଂଗ୍ରହ କରିଥିଲେ। ଜବାବରେ ଡବ୍ଲ୍ୟୁୱାଇସି ଦଳ ୨୬ ଓଭରରେ ୧୦୨ ରନ କରି ଅଲଆଉଟ୍ ହୋଇ ଯାଇଥିଲା। ଦଳ ପକ୍ଷରୁ ଜ୍ଞାନରଞ୍ଜନ ସର୍ବାଧିକ ୩୮ ରନ କରିଥିଲେ। ଜିମ୍‌ଖାନା ଦଳର କୌସିକ କେମାନିକପୁରୀ ୬ ଓଭର ବୋଲିଂ କରି ମାତ୍ର ୧୭ ରନ୍ ଦେଇ ସର୍ବାଧିକ ୩ ଉଇକେଟ୍ ନେଇଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଚାମ୍ପିୟନ ଦଳ ଜିମ୍‌ଖାନାକୁ ୩୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଡବ୍ଲ୍ୟୁୱାଇସି ଦଳକୁ ୧୮ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ ଦି ସିରିଜ ଭାବେ ଆଲୋକ ପ୍ରଧାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବେଷ୍ଟ ବ୍ୟାଟର ସୁଜଲ କୁମାର ସିଂ ଓ ବୋଲର ଆଲୋକ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ସରୋଜ ପରିଡା ଓ ସରୋଜ କୁମାର ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଟ୍ରଷ୍ଟି ସୁବେନ୍ଦୁ ଧଳ, ସଭାପତି ଭାରତ ଭୂଷଣ ପରିଡା, ନିରୋଜ ସାହୁ, ଅଂଶୁମାନ ଗୋପ, ଆଶିଶ ଜେନା, ବାନାମ୍ବର ସାହୁ, ଏମ୍‌ଡି ଆକ୍ରମ୍, ରୋହିତ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିମାନଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

**ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ**

ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ): ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ପଞ୍ଚଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମହିମା ପୁରମ ବିଜାପାଲି ମହିମା ଉଚ୍ଚ ମାଧମିକ ବିଦ୍ୟାଳୟରେ ବାଳିକାମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ବୁଧବାରଠାରୁ ଆରମ୍ଭ ହୋଇଯାଇଛି। ମହିମା ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ପ୍ରଫୁଲ୍ଲ ସାଙ୍କ ପୌରହିତ୍ୟରେ ତାଲିମ ଶିବିରରେ ଅଂଶଗ୍ରହଣ କରିଥିବା ମୋଟ ୧୩୧ଜଣ ଛାତ୍ରୀଙ୍କୁ ମାଷ୍ଟର ଟ୍ରେନର ସବିତା ସିଂ ଓ ଝରଣା ମୁଣ୍ଡା ତାଲିମ ପ୍ରଦାନ କରୁଛନ୍ତି। କଲେଜର କ୍ରୀଡ଼ା ଅଧାପକ ତଥା ଶିବିର ସଂଯୋଜକ ମନୋଜ ସାହୁ ପରିଚାଳନା କରୁଥିବା ବେଳେ ଆୟୋଜନରେ ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀମାନେ ସହଯୋଗ କରୁଛନ୍ତି। ଉକ୍ତ ତାଲିମ ଶିବିର ଆସନ୍ତ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅଧକ୍ଷ ସା ପ୍ରକାଶ କରିଛନ୍ତି।



## ସଂକ୍ଷେପରେ

### ଏଟିଏମ୍ ସେବା ଠପ୍, ଗ୍ରାହକ ହନ୍ତସନ୍ତ

ବ୍ରଜରାଜନଗର,୧୬।୧(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରାଞ୍ଚଳ ସମେତ ରାଜପୁର, ଚାନ୍ଦିନୀମାଳ, ଗୌଡମାଳ, ଲୋଇସିଂହା ଓ କୁଡୋପାଳି ପଞ୍ଚାୟତ ଲୋକମାନେ ଏଟିଏମ୍ ସେବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ସାଧାରଣ ଲୋକେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଟିଏମ୍ ସେବାରୁ ବଞ୍ଚିତ ହୋଇ ଜରୁରୀ ସମୟରେ ବ୍ୟାଙ୍କରେ ଲାଇନ୍ ଲଗାଇବାକୁ ପଡିଛି। ଫଳରେ ବ୍ୟାଙ୍କ୍ ସେବା ଉପରେ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଗାନ୍ଧୀ ଛକ ଶାଖା ପରିଚାଳକଙ୍କୁ ପଚାରିବାରେ ଏଟିଏମ୍‌ରେ ଯେଉଁମାନେ ଟଙ୍କା ଭର୍ତ୍ତି କରନ୍ତି, ସେମାନେ ବେସରକାରୀ ସଂସ୍ଥାର ଲୋକ, ସେମାନଙ୍କ ମାଲିକ ଦରମା ପ୍ରଦାନ କରୁ ନ ଥିବା ଯୋଗୁ ସେମାନେ କାର୍ଯ୍ୟ ବନ୍ଦ କରି ଦେଇଛନ୍ତି। ଯାହାଦ୍ୱାରା କୌଣସି ଏଟିଏମ୍‌ରେ ଟଙ୍କା ଭର୍ତ୍ତି ହୋଇପାରୁନାହିଁ। ସୂଚନାଯୋଗ୍ୟ ବ୍ରଜରାଜନଗର ଅଞ୍ଚଳରେ ୩ଟି ଷ୍ଟେଟ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍, କାନାଡ଼ା ବ୍ୟାଙ୍କ୍, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ବ୍ୟାଙ୍କ୍ ଅଫ ଇଣ୍ଡିଆ ୫ଟି ୟୋକୋ ବ୍ୟାଙ୍କ୍ ଶାଖା ରହିଛି। ସମସ୍ତ ବ୍ୟାଙ୍କର ଏଟିଏମ୍ ରହିଥିଲେ ମଧ୍ୟ କୌଣସିଥିରେ ଟଙ୍କା ନ ଥିବା ଯୋଗୁ ଗ୍ରାହକମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି।

### ସଡ଼କ ସୁରକ୍ଷା ସଚେତନତା ରାଲି

ଦେବଗଡ଼,୧୬।୧(ଶଶାଙ୍କ ଶେଖର ଝାଙ୍କର)

ଜାନୁଆରୀ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଳନ ହେଉଛି ସଡ଼କ ସୁରକ୍ଷା ମାସ। ଏହି ଅବସରରେ ଦେବଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ରିଆମାଳ ବ୍ଲକ ରିଆମାଳ ଉଚ୍ଚ ବିଦ୍ୟାଳୟ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ରମାନେ ଦୁର୍ଘଟଣା ହାର କମାଇବା ସହ ହେଲମେଟ ଓ ସିଟ୍ ବେଲ୍ଟ ବ୍ୟବହାର କରିବା ପାଇଁ ଲୋକଙ୍କୁ ସଚେତନ କରିଥିଲେ।

### ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ କ୍ଲଷ୍ଟରସ୍ତରୀୟ ବୈଠକ

ଦେବଗଡ଼,୧୬।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ ପ୍ରତିଷ୍ଠାନ ପରିସରରେ ୮ମ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନ ଅଧକ୍ଷ ସନ୍ତୋଷ କୁମାର ଗୌଡ଼ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ବୈଠକ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରାଇଥିଲେ। ବୈଠକର ପ୍ରଥମ ପର୍ଯ୍ୟାୟରେ ପ୍ରଶିକ୍ଷିକା ପାର୍ଥୀ ପ୍ରିୟଦର୍ଶିନୀ ପୂର୍ବ ମାସିକ ବୈଠକର ବିଷୟବସ୍ତୁ ଓ ବରିଷ୍ଠ ପ୍ରଶିକ୍ଷିକା ଅନିମା ତିର୍କି ଚଳିତ ମାସର ଶୈକ୍ଷିକ କ୍ୟାଲେଣ୍ଡର, ମୌଳିକ ସାକ୍ଷରତା ସମ୍ପର୍କିତ ବିଷୟ ବସ୍ତୁ ଉପରେ ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଶିକ୍ଷିକା ସୁରମା ମିର୍ଦ୍ଧା ମୌଳିକ ସଂଖ୍ୟାଜ୍ଞାନ ଓ ବରିଷ୍ଠ ପ୍ରଶିକ୍ଷିକା ମନ୍ଦାକିନୀ ଗୁଡୁ ମାନ ନିର୍ଦ୍ଧାରଣ ଟ୍ରାକର ସମ୍ପର୍କରେ ଆଲୋକପାତ କରାଇଥିଲେ। ବୈଠକରେ ଜିଲାର ୫୦ଜଣ ସିଆର୍‌ସିସି ଆଲୋଚନାରେ ଭାଗ ନେଇଥିଲେ।

### ଯୁବ ସାମାଜିକ କର୍ମୀଙ୍କ ପରଲୋକ

ଝାରସୁଗୁଡ଼ା,୧୬।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲାର ଯୁବ ସାମାଜିକ କର୍ମୀ ମନୋଜ କୁମାର ନାଏକ (୪୭)ଙ୍କ



ପରଲୋକ ହୋଇଯାଇଛି। ଗତ ୧୫ ତାରିଖରେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲକୁ ନେଉଥିବା ବେଳେ ସ୍ୱାସ୍ଥ୍ୟ ଖରାପ ଆଡ଼କୁ ଯାଉଥିବାରୁ ସମ୍ବଲପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଜରୁରୀ କାଳୀନ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସେ ଦୀର୍ଘ ୬-୭ ମାସ ପୂର୍ବରୁ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସେ ମହାନଦୀ କୋଇଲା କ୍ଷେତ୍ର ବନ୍ଧବହାଲ ଓପନ କାଷ୍ଟର ସେଣ୍ଟ୍ରାଲ ଷ୍ଟୋରରେ ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ। ବର୍ତ୍ତମାନ ତାଙ୍କ ମା' ଦୁର୍ବାସିନି ନାଏକ, ସହଧର୍ମିଣୀ ତନୁଜା ନାଏକ, ଝିଅ ଅନିସା ନାଏକ ଓ ଅଭିଜ୍ଞାନ ନାଏକ ଅଛନ୍ତି।

# ଲକ୍ଷ୍ୟ ହାସଲ କର, ଦେଶ ଗଠନରେ ସହାୟକ ହୁଅ

କୋଲାବିରା,୧୬।୧(ଚିନ୍ମୟ କୁମାର ବହିଦାର)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ତୃତୀୟ ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ 'ଉନ୍ମେଷ' ଉଦ୍‌ଘାଟିତ**

ଝାରସୁଗୁଡ଼ା ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ବେଦାନ୍ତର ମିଳିତ ଆନୁକୂଲ୍ୟରେ କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟ ସମାସିଂହାଠାରେ ଜିଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଏବର୍ଷ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଥିବା ୫୦ଜଣ ଏ'୧ ଆକାଂକ୍ଷୀ ଛାତ୍ରୀଛାତ୍ରଙ୍କୁ ନେଇ ତିନିଦିନିଆ ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ 'ଉନ୍ମେଷ' ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଡ଼ା. ରାଧାକାନ୍ତ ଗଡ଼ତିଆ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ଜିଲାର ଶିକ୍ଷା କ୍ଷେତ୍ରରେ ଥିବା ଲକ୍ଷ୍ୟକୁ ହାସଲ କରିବା ଓ ଦେଶ ଗଠନରେ ସହାୟକ ହେବା ପାଇଁ ଗୁରୁମନ୍ତ୍ର ଦେଇଥିଲେ। ମୁଖ୍ୟବକ୍ତା ଭାବେ କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନେ ଉଚ୍ଚାକାଂକ୍ଷୀ ହେବା ସହ ଉତ୍ତମ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ନିରୋଜ ପଟେଲ, ବିଦ୍ୟାଳୟର ସଭାପତି ତୁଳାରାମ ସେନାପତି, ଉପଦେଷ୍ଟା ମଦନ ମୋହନ ପଟେଲ, ବେଦାନ୍ତର ଆସିଷ୍ଟାଣ୍ଟ ମ୍ୟାନେଜର ଅମନ୍ ପ୍ରକାଶ ସିଂ ମହମ୍ମଦ ଅସଦ ସାହାବ, ପ୍ରୋଜେକ୍ଟ କୋର୍ଡିନେଟର ତୁଷାରକାନ୍ତ ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରକାଶ ଥାଉ କି କାର୍ଯ୍ୟକ୍ରମ ଜିଲା ଶିକ୍ଷାଧିକାରୀ ଗଡ଼ତିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତୃତୀୟ ଥର ପାଇଁ ଅନୁଷ୍ଠିତ ହେଉଛି। କାର୍ଯ୍ୟକ୍ରମରେ ଗିରିଧରଲାଲ୍ ଉଚ୍ଚ ବିଦ୍ୟାଳୟ ବେଲପାହାଡର ପ୍ରଧାନ ଶିକ୍ଷକ ସଚିନ୍ଦ୍ର ପଟେଲ ମଞ୍ଚ ପରିଚାଳନା କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିର୍ମଳ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଡ଼ା. ଗଡ଼ତିଆଙ୍କ ସୂଚନା କ୍ରମେ ଏହି ଶିକ୍ଷଣ କାର୍ଯ୍ୟକ୍ରମ ଏହି ଶିକ୍ଷା ବର୍ଷର ତୃତୀୟ ଓ ଶେଷ କାର୍ଯ୍ୟକ୍ରମ। ଏହା ପୂର୍ବରୁ ଜିଲା ଶିକ୍ଷା କାର୍ଯ୍ୟାଳୟ ଓଟିଆର୍‌ଏଲ୍ କ୍ରୋସାକି ଲିମିଟେଡ଼ ବେଲପାହାଡ଼ର ମିଳିତ ଉଦ୍ୟମରେ ଜୁବିଲି ହଲ୍ ବେଲପାହାଡ଼ଠାରେ ଏହାର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇସାରିଛି। ଏହି କାର୍ଯ୍ୟକ୍ରମ ୩ ଦିନ ଧରି ଏଠାରେ ଚାଲୁ ରହିବ। ଏହାର ସଫଳ ରୂପାୟନ ପାଇଁ ୧୫ଜଣ ଅଭିଜ୍ଞ ବିଷୟ ଶିକ୍ଷକ ସଚିନ୍ଦ୍ର ପଟେଲ, ରାଜେନ୍ଦ୍ର ସାହୁ, ଗୁନା ରଣା, କୁଶ ସା, ପ୍ରମୋଦ ପଟେଲ, ବିପ୍ଳବ ପାତ୍ର, ରଞ୍ଜନ ପଧାନ, ବିଜୟ ତ୍ରିପାଠୀ, ସାରିକା ତ୍ରିପାଠୀ, ଜୟଶଙ୍କର ନାଗ, ନିତ୍ୟାନନ୍ଦ ନାୟକ, ଭାରତୀ ଭୋଇ, ସବିତା ସାହୁ, ଦୁଖିଶ୍ୟାମ ବେହେରା, ଅରୁଣ ଭୋଇଙ୍କୁ ସାଧନ କର୍ମୀ ଭାବେ ନିଯୁକ୍ତ କରାଯାଇଛି।




ସଡ଼କ ସୁରକ୍ଷା ନେଇ ଦେବଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ରିଆମାଳ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ସଚେତନତା ଶୋଭାଯାତ୍ରା।

# ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଦେବଗଡ଼,୧୬।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଢେଲ ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଥିବା କଣ୍ଢେଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୬ତାରିଖଠାରୁ ଚାଲିଥିବା ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଅନୁଷ୍ଠାନ ଭାରପ୍ରାପ୍ତ ଅଧ୍ୟକ୍ଷ ସଞ୍ଜୟ କୁମାର ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ କଣ୍ଢେଲ ଶାଖାର ଶାଖା ପରିଚାଳିକା ମଧୁସ୍ମିତା ଭୋଇ ଯୋଗଦେଇ ଛାତ୍ରୀ ଆତ୍ମସୁରକ୍ଷା ତାଲିମର ଆବଶ୍ୟକତା ଏବଂ ଉପାଦେୟତା ସମ୍ପର୍କରେ ଆଲୋଚନା କରିବା ସହ ତାଲିମପ୍ରାପ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶେଷରେ ଅନୁଷ୍ଠାନର ଓଡ଼ିଆ ଅଧାପିକା ନମିତାରାଣୀ ଆପତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ଧବଳେଶ୍ୱର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଦୀର୍ଘ ଆଠଦିନ ଧରି ଆୟୋଜିତ ହୋଇଥିବା ଆତ୍ମ ସୁରକ୍ଷା ତାଲିମ ଶିବିରରେ ମଷ୍ଟର ଟ୍ରେନର ଭାବେ ଲିପି ଖିଲାର ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଅନୁଷ୍ଠାନ ସମସ୍ତ ଅଧାପକ ଅଧାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।




ଅତିଥିଙ୍କ ଗହଣରେ ପ୍ରମାଣପତ୍ର ପାଇଥିବା ଛାତ୍ରୀମାନେ।

# ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଝାରସୁଗୁଡ଼ା,୧୬।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟଠାରେ ଯୁକ୍ତ୨ ପ୍ରଥମ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ରୀମାନଙ୍କୁ ନେଇ ଆଠ ଦିନ ଧରି ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ଡ. ସ୍ନେହଲତା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଇ ସମାଜରେ ନାରୀମାନଙ୍କ ପ୍ରତି ଘଟୁଥିବା ଅତ୍ୟାଚାର ଓ ଏହାର ନିରାକରଣ ଉପରେ ଆଲୋକପାତ କରିଥିଲେ। ଗତ ୮ ଦିନ ଧରି ଶିକ୍ଷା ଲାଭ କରିଥିବା ଆତ୍ମ ସୁରକ୍ଷା କୌଶଳର ଉପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସଂଯୋଜିକା ପ୍ରାଧାପିକା ପୂର୍ଣ୍ଣିମାମୟୀ ଦାଶ ଯୋଗଦେଇ ସମାଜର ଘଟୁଥିବା ଅନ୍ୟାୟ ଓ ଅନୀତିକୁ ଦୂର କରିବା ପାଇଁ ଛାତ୍ରୀମାନଙ୍କ ଦୃଢ଼ ମନୋବଳ ଓ ସଂଯମତା ଅତ୍ୟନ୍ତ ଆବଶ୍ୟକ ବୋଲି କହିଥିଲେ। ବାଣିଜ୍ୟ ବିଭାଗ ଅଧାପିକା ତଥା ତାଲିମ ଶିବିରର ତତ୍ତ୍ୱାବଧାରକ ସୋନାଲି ସାମରିଆ ଛାତ୍ରୀମାନଙ୍କୁ ନିର୍ଭୟ ହୋଇ ତଥା ଉପସ୍ଥିତ ବୁଦ୍ଧି ଜରିଆରେ ସମସ୍ତ ବିପଦକୁ ମୁକାବିଲା କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ନେହା କୁମାରୀ ସାଇ ତାଲିମ ପ୍ରଦାନ କରିବା ସମୟର ନିଜସ୍ୱ ଅନୁଭୂତି ବର୍ଣ୍ଣନା କରିଥିଲେ। ସମସ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ମହାବିଦ୍ୟାଳୟର ଅନେକ ଅଧାପକ, ଅଧାପିକା ତଥା ଶିକ୍ଷା କର୍ମଚାରୀ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଯୁଗ୍ମ ତତ୍ତ୍ୱାବଧାରକ ଅଧାପିକା ସୁଚରିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ଦିଆଯାଉଛି।

# ଝାରସୁଗୁଡ଼ା ଜିଲାର ବିଭିନ୍ନ ଅଞ୍ଚଳରେ ୧୮ରେ ବନ୍ଦ ରହିବ ବିଦ୍ୟୁତ୍

**ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ**

ଝାରସୁଗୁଡ଼ା,୧୬।୧(ଆଶିଷ ରଞ୍ଜନ ଦାଶ)

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ଆସନ୍ତା ଶନିବାର ଝାରସୁଗୁଡ଼ା ଜିଲାର ବିଭିନ୍ନ ଗ୍ରୀଡ଼ ସବଷ୍ଟେଶନମାନଙ୍କ ବାର୍ଷିକ ରକ୍ଷଣାବେକ୍ଷଣ ପାଇଁ ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ଏଥିପାଇଁ ୧୩୨/୩୩ କେ.ଭି. ବ୍ରଜରାଜନଗର, ଲଖନପୁର ଏବଂ ବୁଢ଼ିପଦର ଗ୍ରୀଡ୍ ସବଷ୍ଟେଶନରେ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ଝାରସୁଗୁଡ଼ା ଜିଲା ଅନ୍ତର୍ଗତ ବଡଜବ୍, ବଲଣ୍ଡା, ବନ୍ଧବାହଲ, ବ୍ରଜରାଜନଗର, ଚାରପାଲି, ଗାନ୍ଧୀଛକ, ଗଣେଶନଗର, ଜୋରବଗା, ଜୁନାଡିହି, କାଷ୍ଟାଟିକ୍ରା, ଲାମଟିବାହଲ, ଲୋଇସିଂ, ପିପଲିକାନି, ରାଜପୁର, ସିଙ୍ଗେପାଲି, ତେଲେନପାଲି, ବଗମୁଣ୍ଡା, ବେହେରାମାଲ, ଭାନୁରଖୋଲ, ଭିକମପାଲି, ଚାରପାଲି, ଦେହେରିଡିପା, ଜାମଗାଁ, କଦମଡିହି, କନକତୋରା, କୁଦବଗା, କୁରେମାଲ, ଲଖନପୁର, ରେମଟା, ରେମୁଣ୍ଡା, ରେଙ୍ଗାଲି, ଝାରୁପଡ଼ା, ଗୋବିନ୍ଦପୁର, ଧୁଲୁଣ୍ଡି, ବଡ଼ମାଲ୍, କଲେକ୍ଟୋରିଏଟ୍, କଣ୍ଟାପାଲି, ସିଙ୍ଗବଗା ଆଦି ଅଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳରେ ଆସନ୍ତା ଶନିବାର ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ବୋଲି ଟିପିଡବ୍ଲ୍ୟୁଓଡିଏଲ୍ କର୍ପୋରେଟ୍ କାର୍ଯ୍ୟାଳୟ ବୁର୍ଲା ପକ୍ଷରୁ ଦିଆଯାଇଛି।

# ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଝାରସୁଗୁଡ଼ା,୧୬।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ଓଏସ୍‌ଏପି ମିନି ଷ୍ଟାଡିୟମଠାରେ ଗୁରୁବାର ୧୫ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ କପ୍ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଜିଲାପାଳ ଆବୋଲି ସୁନୀଲ ନରୱାଣେ ଉଦ୍‌ଘାଟନ କରିଥିବା ବେଳେ ପ୍ରଥମ ମ୍ୟାଚ ଝାରସୁଗୁଡ଼ା ମା' ସମଲେଶ୍ୱରୀ କ୍ଲବ ଓ ବାଲିଜୋରୀ ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ସମଲେଶ୍ୱରୀ କ୍ଲବ ବାଲିଜୋରୀଠାରୁ ୫-୦ ଗୋଲରେ ପରାସ୍ତ ହୋଇଥିଲା। ଅନ୍ୟ ଏକ ମ୍ୟାଚ୍ ଉତ୍କଳ ଆଥେଲେଟିକ କ୍ଲବ ଓ ରାୟ କିଡ଼ସ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ଉତ୍କଳ ଏଥେଲେଟିକ ରାୟ କିଡ଼ସଠାରୁ ୧୦-୩ ଗୋଲରେ ପରାସ୍ତ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ ଓଏସ୍‌ଓପି କମାଣ୍ଡେଣ୍ଟ ଶ୍ରୀପ୍ରସାଦ ତରଙ୍ଗ, ସିଡିଓ ଜିଲା ପରିଷଦ ପ୍ରବୀର କୁମାର ନାୟକ, ଶିବନାରାୟଣ ନାୟକ, ପୂର୍ବତନ ଖେଳାଳୀ ସ୍ୱପନ ମଜମୁଦାର, ଖୋକନ ଘୋଷ, ଭଗବାନ ଦିଲ, କିରୋଟି ମୁଖି, ରାମବିଳାସ ବିଶ୍ୱକର୍ମା ପ୍ରମୁଖ ଯୋଗଦେଇଥିଲେ। ଜିଲା ଆଥେଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ତାପସ ରାୟ ଚୌଧୁରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲ।



ମୁଖ୍ୟମନ୍ତ୍ରୀ କପ୍ ଉଦ୍‌ଘାଟନୀରେ ଉପସ୍ଥିତ ଅତିଥି।

### ହାତୀ ଆକ୍ରମଣରେ ବନ କର୍ମଚାରୀ ଗୁରୁତର

ଦେବଗଡ଼,୧୬।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବନାଞ୍ଚଳ ସଘାପସି ଗ୍ରାମରେ ହାତୀ ଆକ୍ରମଣରେ ପୁଣି ଜଣେ ଫରେଷ୍ଟ ସ୍କାର୍ଡ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। କୁରଡପୋସି ଗ୍ରାମର ନାରାୟଣ ସାହୁ ହାତୀ ଘଉଡାଇବା ପାଇଁ ନିୟୋଜିତ ହୋଇଥିଲେ। ବୁଧବାର ବିଳମ୍ବିତ ରାତିରେ ନାରାୟଣ ଘଉଡାଇବା ବେଳେ ହାତୀ ହାବୁଡରେ ପଡିଯାଇଥିଲେ। ଫଳରେ ନାରାୟଣଙ୍କୁ ହାତୀ ତଳେ କଚାଡି ଦେଇଥିଲା। ନାରାୟଣ ଏକ ଖତ ଗଦାରେ ପଡିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗୁରୁତର ଆହତଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗତ ଦୁଇ ୨ ତଳେ ସଘାପସି ଗ୍ରାମରେ ତଳେ କଚାଡି ଜଣେ ମହିଳାଙ୍କ ଜୀବନ ନେଇଥିଲା ଦନ୍ତା। ତେବେ ନରହନ୍ତା ଦନ୍ତା ନେଇ ସ୍ଥାନୀୟ ଲୋକଙ୍କ ଭିତରେ ଉତେଜନା ଦେଖାଦେଇଛି।

# ଶନିଦେବଙ୍କ ପୂଜନୋତ୍ସବ

କୋଲାବିରା,୧୬।୧(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରାସ୍ଥିତ ଶନିମନ୍ଦିରଠାରେ ମକର ସଂକ୍ରାନ୍ତୀରେ ମକର ଉତ୍ସବ ଅବସରରେ ଶନି ଦେବଙ୍କ ହୋମଯଜ୍ଞ କରାଯାଇଥିଲା। ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଶନିଦେବତାଙ୍କ ପୂଜାକାର୍ଯ୍ୟରେ ଯୋଗଦେଇ ଦର୍ଶନ ଲଭିଥିଲେ। ପୂଜା ନୀତି ହେବା ସହ ଶ୍ରଦ୍ଧାଳୁମାନେ ଦର୍ଶନ କରିବା ପରେ ମକର ଚାଉଳ ଭୋଗ ପାଇଥିଲା। ଅଟଲ ମିଶ୍ର ଏବଂ ଭରତ ମିଶ୍ର ପୂଜାନୀତି ସମ୍ପାଦିତ କରିଥିବା ବେଳେ କର୍ତ୍ତା ଭାବେ ରାକେଶ ଦାସ୍ ଏବଂ ରଚି ଦାସ କାର୍ଯ୍ୟ ନିର୍ବାହ କରିଥିଲେ। ରବିନ୍ଦ୍ର ମହାପାତ୍ର ଓ ପୂଜା ପୂଜାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିବା ବେଳେ ନବଗ୍ରହ କର୍ତ୍ତା ଭାବେ ଗ୍ରାମର ସତ୍ୟନାରାୟଣ ଦାସ, ଦ୍ୱିବେନ୍ଦୁ ଦାସ, ସନ୍ତୋଷ ସିଂ, ରଞ୍ଜନ ଦଲାଇ, ଜଗଦୀଶ ଭଞ୍ଜ, ଅଶୋକ ବେହେରା, ପ୍ରମୁଖ ସପତ୍ନୀକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ପାର୍ଶ୍ୱ ଦେବତାଙ୍କ ମଧ୍ୟରେ କପିଳେଶ୍ୱର ମହାଦେବ ଏବଂ ହନୁମାନଙ୍କୁ ମଧ୍ୟ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବୁଲୁ ମହାପାତ୍ର, ଅସିତ କୁମାର ବହିଦାର, ଈଶ୍ୱର ଟଣକାର, ରାଜେଶ ଦାସ, ବାପି ମହାପାତ୍ର, ସୁଜିତ ଭଞ୍ଜ, କୁନାଲ ବହିଦାର, ଧଧୋ ବିଜାର ପ୍ରମୁଖ ସହଯୋଗ କରିଥିଲେ।

# ମହାବୀର ମନ୍ଦିରର ଭୂମି ପୂଜନ ଉତ୍ସବ

ଦେବଗଡ଼,୧୬।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ମାଝିଚାକୁଣ୍ଡାପାଳଠାରେ ମହାବୀର କ୍ଲବ ଆନୁକୂଲ୍ୟରେ ମହାବୀର ହନୁମାନଙ୍କ ସୁଦୃଶ୍ୟ ମନ୍ଦିର ନିର୍ମାଣାର୍ଥେ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଗିରିଧାରୀ ସାହୁ, ସମ୍ପାଦକ ରବୀନ୍ଦ୍ର ସାହୁ ତଥା ଭାଗୀରଥି ସାହୁ ପରାମର୍ଶଦାତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୂମିପୂଜନ ହୋଇଯାଇଛି। ରମାଞ୍ଚଳ ପ୍ରଧାନ ଓ ସସ୍ମିତା ପ୍ରଧାନ ଏବଂ ଗିରିଧାରୀ ସାହୁ ଓ ନମିତା ସାହୁ ଯଜ୍ଞ କର୍ତ୍ତାକର୍ତ୍ତୀ ଭାବେ ଯଜ୍ଞକାର୍ଯ୍ୟ ତୁଲାଇଥିଲେ। ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ ବିଶିଷ୍ଟ ପଣ୍ଡିତ ମନୋରଞ୍ଜନ ଶତପଥି, ବିରଞ୍ଚି ନାରାୟଣ ନନ୍ଦ ଓ ଟୁକୁ ନନ୍ଦ। ଭୂମିପୂଜନ ନିମିତ୍ତ ଏକ ଅଖଣ୍ଡ ସଂକୀର୍ତ୍ତନ୍ୟ ଚାଲିଥିଲା। ମାଝିଚାକୁଣ୍ଡାପାଳ ସଂକୀର୍ତ୍ତନ୍ୟ ମଣ୍ଡଳୀ, ଭାଟସିଂହ ମହିଳା ଓ ପୁରୁଷ ସଂକୀର୍ତ୍ତନ୍ୟ ମଣ୍ଡଳୀ, ଜରିଚାକୁଣ୍ଡାପାଳ ସଂକୀର୍ତ୍ତନ୍ୟ ମଣ୍ଡଳୀ, ନୂଆ ଭାଟସିଂହ ଦୁଇଟି ମହିଳା ସଂକୀର୍ତ୍ତନ୍ୟ ମଣ୍ଡଳୀ, ସିମିଳିନାଳୀ ସଂକୀର୍ତ୍ତନ୍ୟ ମଣ୍ଡଳୀ ଓ କମାରନାଳୀ ସଂକୀର୍ତ୍ତନ୍ୟ ମଣ୍ଡଳୀ ଯୋଗଦେଇଥିଲେ। ସଂକୀର୍ତ୍ତନ୍ୟ ମଣ୍ଡଳୀ ପରିଚାଳନା କରିଥିଲେ ବୃନ୍ଦାବନ ପ୍ରଧାନ। ମାଝିଚାକୁଣ୍ଡାପାଳ ମହାବୀର କ୍ଲବର ୫୦ ଜଣ ସକ୍ରିୟ ସଭ୍ୟମାନଙ୍କ ସହ ଚୈତନ୍ୟ ପ୍ରଧାନ, ରବୀନ୍ଦ୍ର ସାହୁ, ସୁଶୀଳ କୁମାର ଦେହୁରୀ ତଥା ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ସକାଳ ୯ଟାରେ କଳସ ଆବାହନ ହୋଇଥିବା ବେଳେ ୧୨ଟା ୪୫ରେ ହୋମ କାର୍ଯ୍ୟ ଆରମ୍ଭ ହୋଇ ଅପରାହ୍ନ ୪ଟାରେ ପୂର୍ଣ୍ଣାହୁତି ହୋଇଥିଲା। ଅନ୍ୟତମ ଅତିଥି ଭାବେ ଅରୁଣ କୁମାର ସାହୁ, ଚିତ୍ତରଞ୍ଜନ ପ୍ରଧାନ, ଧରଣୀଧର ପ୍ରଧାନ, ନମିତା ମାଝି, ଟିକେଶ୍ୱର ସାହୁ ତଥା ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଶେଷରେ ଭକ୍ତମାନେ ପୁଷ୍ପାଞ୍ଜଳୀ ଦେଇଥିଲେ। ଯଜ୍ଞକାର୍ଯ୍ୟରେ ସହଯୋଗ କରିଥିବା ସମସ୍ତ ଭକ୍ତମାନଙ୍କୁ ରବୀନ୍ଦ୍ର ସାହୁ ଧନ୍ୟବାଦ ଜଣାଇଥିଲେ।

# ୨୦ ଯୁବତୀଯୁବକଙ୍କୁ ନିଯୁକ୍ତିପତ୍ର ପ୍ରଦାନ

**ଜିଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ସ୍ମାର୍ଟଫୋନ ଆସେମ୍ବଲି ଟ୍ରେନିଂ**

ଦେବଗଡ଼,୧୬।୧(ଶଶାଙ୍କ ଶେଖର ଝାଙ୍କର)




ଅତିଥିଙ୍କ ଗହଣରେ ନିଯୁକ୍ତିପତ୍ର ପାଇଥିବା ଯୁବତୀଯୁବକ।

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲା ଦକ୍ଷତା ବିକାଶ ଓ ନିୟୋଜନ ବିଭାଗ ଅଧିକାରୀ ବିଜୟ କୁମାର ଉପାଧ୍ୟାୟଙ୍କ ଆବାହ୍ୱନକ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ଜିଲାରେ ସ୍ମାର୍ଟଫୋନ ଆସେମ୍ବଲି ଟ୍ରେନିଂରେ କୃତକାର୍ଯ୍ୟ ହୋଇଥିବା ୨୦ଜଣ ଯୁବତୀଯୁବକମାନଙ୍କୁ ଜିଲାପାଳଙ୍କ ଦ୍ୱାରା ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ଜିଲାର ୩ ବ୍ଲକର ପଞ୍ଚାୟତରୁ ଦଶମରୁ ଉର୍ଦ୍ଧ୍ୱ ପାଠ ପଢି ବେକାର ଥିବା ଯୁବତୀଯୁବକମାନଙ୍କ ନିମନ୍ତେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ନୂଆ ଓଡ଼ିଶା ଯୋଜନା ଅଧୀନରେ ଗତ ୩ମାସ ହେଲା ଏହି ଯୁବତୀଯୁବକମାନେ ଦେବଗଡ଼ ଦକ୍ଷତା ବିକାଶ କେନ୍ଦ୍ରଠାରେ ପ୍ରଶିକ୍ଷଣ ନେଉଥିଲେ। ଏହି ଯୁବତୀଯୁବକମାନେ ବେଙ୍ଗାଲୁରୁର କ୍ରିଏଟିଭ ଇଂଜିନିଅର୍ସ କମ୍ପାନୀରେ ନିଯୁକ୍ତି ପାଇବା ପାଇଁ ମନୋନୀତ ହୋଇଛନ୍ତି। ଜିଲାପାଳ ସାହୁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ସାଥି ସୃଷ୍ଟି ଅବିନାଶ ପୁରୀ, କ୍ୟୁଭାନ ସ୍କିଲ ଏମପାୱାରମେଣ୍ଟ ରୁ ପରାଗ ବାନାର୍ଜୀ, କ୍ରିଏଟିଭ ଇଞ୍ଜିନିଅର୍ସରୁ ନିଳୟ ମୁଖାର୍ଜୀ, ସୁମି ଭଟ୍ଟାଚାର୍ଯ୍ୟ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ନିଯୁକ୍ତି ପାଇଥିବା ଯୁବତୀଯୁବକମାନେ ଯୋଗଦେଇଥିଲେ।

**ଯୁବକଙ୍କ ମୃତଦେହ ଜବତ**

ଦେଓଗାଁ,(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଜଲିଆ ଫାଟକ ନିକଟ ଟ୍ରେନ ଭିତରୁ ଜଣେ ଯୁବକଙ୍କ ମୃତଦେହ ରେଲବାଇ ପୋଲିସ ଜବତ କରିଛି। ମୃତକ ହେଲେ କୁସଙ୍ଗ ଗ୍ରାମର କ୍ରିଷ୍ଣା ଗହିର(୩୬)। ଯୁବକ ଜଣକ ଘରୋଇ କଳହକୁ ନେଇ ଆତ୍ମହତ୍ୟା କରିଥିବା ଦେଓଗାଁ ପୋଲିସ ଓ ରେଲବାଇ ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ରେଲବାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ବଲାଙ୍ଗୀର ରେଲବାଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି।



## ସଂକ୍ଷେପରେ

### ଗିରଫ ୨ ଅଧିକାରୀଙ୍କୁ ସର୍ତ୍ତମୂଳକ ଜାମିନ

ଟିଟିଲାଗଡ,୧୬।୧(ସନ୍ତୋଷ ପଟ୍ଟନାୟକ)

ଗତ ୮ ତାରିଖ ଦିନ ୩ଜଣ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ଟିଟିଲାଗଡ଼ ପୋଲିସ ବିଦ୍ୟୁତ୍ ବିଭାଗର ଦୁଇ ଜଣ ଅଧିକାରୀଙ୍କୁ ଗିରଫ କରି ୯ ତାରିଖରେ କୋର୍ଟ ଚାଲାଣ କରିଥିଲା । ଗୁରୁବାର ଟିଟିଲାଗଡ ଏଡିଜେ ଉଭୟ ଅଧିକାରୀଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି । ଦୀର୍ଘ ୮ ଦିନ ଧରି ବିଚାର ବିଭାଗୀୟ ଉପକାରାଗାରରେ ରହିଥିବା ଦୁଇ ଜଣ ଅଧିକାରୀ ଜାମିନରେ ଆସିଥିବା ସୂଚନା ମିଳିଛି । ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥାଇ ଫେରାର ଥିବା ଅନ୍ୟ ତିନିଜଣଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସାମ୍ବାଦିକମାନେ ଦାବି କରିଛନ୍ତି ।

### ଧର୍ମପ୍ରାଣା ଉକିଆ ପ୍ରଧାନଙ୍କ ପରଲୋକ

ବଲାଙ୍ଗୀର,୧୬।୧(ବୀରେନ୍ଦ୍ର କୁମାର ଝାଙ୍କର)

ପୁଇଁତଲା ବ୍ଲକ ଶିରାବାହାଲ ଗ୍ରାମର ଧର୍ମପ୍ରାଣା ମହିଳା ଉକିଆ ପ୍ରଧାନ (୯୦)ଙ୍କ



ବୁଧବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ସେ ପ୍ରାୟ ଏକ ବର୍ଷ ହେବ ଅସୁସ୍ଥ ଥିଲେ। ଜଣେ ମିଷ୍ଟଭାଷୀ, ମେଳାପି ମହିଳା ଭାବେ ଗାଁରେ ପରିଚିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁଅ କଳ୍ପତରୁ, ବାଞ୍ଛାନିଧି, ଦୁଇ ବୋହୂ, ଚାରି ଝିଅ, ଜ୍ୱାଇଁ, ନାତି ନାତୁଣୀ ଉପସ୍ଥିତ ଥିଲେ। ଗୁରୁବାର ପୂର୍ବାହ୍ନରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଗ୍ରାମବାସୀ ତାଙ୍କ ଶବାଧାରରେ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ଜଣେ ଶ୍ରମିକ ମୃତ: ଜଣେ ଗୁରୁତର

**ପୁରୁଣା ବାଡ଼ ଭାଙ୍ଗିବା ବେଳେ ଅଘଟଣ**



କଣ୍ଟାବାଞ୍ଜି,୧୬।୧(ଗୁରୁଦୟାଲ ହଂସ)

ଗୁରୁବାର ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଲଷ୍ଟେଶନ ପରିସରର ପୁରୁଣା ପାଚେରି ଭାଙ୍ଗିବା ବେଳେ ଜଣେ ବିହାରୀ ଶ୍ରମିକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ଅନ୍ୟ ଜଣେ ଶ୍ରମିକ ଗୁରୁତର ହୋଇ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ପ୍ରକାଶ ଯେ, ଅମୃତ ଭାରତ ଯୋଜନାରେ କଣ୍ଟାବାଞ୍ଜି ରେଲଷ୍ଟେଶନର ନିର୍ମାଣ କାର୍ଯ୍ୟ ଚାଲିଛି । ଗୁରୁବାର ପୁରୁଣା ପାଚେରିକୁ ଭଙ୍ଗା ଯାଉଥିଲା। ଶ୍ରମିକମାନେ ଭଙ୍ଗା ଅଂଶକୁ ଆଣି ପାଖରେ ଥିବା ଜେସିବି ମେଶିନରେ ପକାଉଥିଲେ। ଏହି ସମୟରେ ହଠାତ୍ ପାଚେରି ଧସି ପଡିବାରୁ ଶ୍ରମିକ ଦ୍ୱୟ ଜେସିବି(ନଂ ଓଡି଼୦୩ସି୪୯୬୮) ଉପରେ ପଡିଥିଲେ। ଫଳରେ ଘଟଣାସ୍ଥଳରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ କଣ୍ଟାବାଞ୍ଜି ରେଳ ବିଭାଗର ବରିଷ୍ଠ ରେଳ ଅଧିକାରୀ, ଅନ୍ୟ ବିଭାଗୀୟ ଅଧିକାରୀ, ଜିଆରପି ଏବଂ ଆରପିଏଫ ପୋଲିସ ପହଞ୍ଚି ତଦନ୍ତ ଜାରିରଖିଛନ୍ତି। ଏ ନେଇ ଏକ ଅପମୃତ୍ୟୁ ମାମଲା (୧/୨୦୨୫) ରୁଜୁ ହୋଇଛି ।

### ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଲୋଇସିଂହା,୧୬।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଲେଇସର୍ଡା ରାଧେଶ୍ୟାମ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କଲେଜର ଅଧ୍ୟକ୍ଷ ପୁରୁଷୋତ୍ତମ ଭଞ୍ଜ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ବୈବେଶ୍ୱତ ବିଶ୍ୱାଳ, ଚୈତନ୍ୟ ଦଣ୍ଡସେନା, ନିରୂପମା ସାହୁ, ନୀଳାଚଳ ତ୍ରିପାଠୀ, ଭୁବନେଶ୍ୱର ମହାକୁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ମିତ୍ରଭାନୁ ସାହୁ ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ମାଷ୍ଟର ଟ୍ରେନର ଲିପ୍ସାରାଣୀ ଡାଙ୍ଗ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ଉପରେ ତାଲିମ ପ୍ରଦାନ କରୁଛନ୍ତି।

# ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ନେଇ ଉଦ୍‌ବେଗ

**ଦେଓଗାଁ ପଞ୍ଚାୟତ ସମିତି ବୈଠକ**

ଦେଓଗାଁ,୧୬।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



ଦେଓଗାଁ ବ୍ଲକ ସଭାକକ୍ଷରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ପଞ୍ଚାୟତ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ସଭାପତିତ୍ୱରେ ଓ ବିଡିଓ ପ୍ରିୟ ରଞ୍ଜନ କୁମାରଙ୍କ ପରିଚାଳନାରେ ବୈଠକ ହୋଇଥିଲା। ଏଥିରେ ତହସିଲଦାର ବିକ୍ରମ କେଶରୀ ନାୟକ, ଏମ୍‌ପିଙ୍କ ପ୍ରତିନିଧି ଶଶୀ ପାଣିଗ୍ରାହୀ, ଏବିଡିଓ ପୁଷ୍ପାଞ୍ଜଳୀ ନାଏକ, ଜିଲା ପରିଷଦ ସଭ୍ୟା ମମତା କୁମୁରା, ସୁମତି ସେଠ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଜିତ କୁମାର ମିଶ୍ର, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରାଚୀ ପରିମିତା ସାବତ, ସିଡିପିଓ ମିନତି ମିଶ୍ର, ଦେଓଗାଁ ଜଙ୍ଗଲ ବିଭାଗ ଫରେଷ୍ଟର ବ୍ୟାସଦେବ ସାହୁ, ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡା. ସ୍ୱାଭିମାନ ସାହୁ, ପାନୀୟ ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ବନିତା ବେହେରା, ବିଶ୍ୱଜିତ ଜେନାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଯୋଗ ଦେଇଥିଲେ । ବୈଠକରେ ବ୍ଲକସ୍ତରୀୟ ସ୍ଥାୟୀ କମିଟି ଗଠନ ଉପରେ ପ୍ରସ୍ତାବ ଆଗତ ହୋଇଥିଲା । ପଞ୍ଚାୟତ ସମିତି ସ୍ତରରେ ଗଠନ ହେଉଥିବା ବିଭିନ୍ନ କମିଟି କାଗଜକଲମରେ ସୀମିତ ନ ରଖି ତାକୁ କାର୍ଯ୍ୟକ୍ଷମ କରିବା ପାଇଁ ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର ଅନୁରୋଧ କରିବା ସହ ଚଳିତବର୍ଷ ଛାତ୍ରୀଛାତ୍ରମାନଙ୍କୁ ପୋଷାକ ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ଦୃଷ୍ଟି ଆକର୍ଷଣ କରିଥିଲେ । ମକୁନ୍ଦପୁରର ଭୀମପାହାଡ ଠାରେ ଉପସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ପାଇଁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର ଦାବି ରଖିଥିଲେ । ଦେଓଗାଁ ବ୍ଲକର ୧୨ନଂ ଜୋନରେ ପାନୀୟଜଳ ପ୍ରକଳ୍ପ ବିଭାଗ ତରଫରୁ ୪୦ଟି ଗ୍ରାମକୁ ଜଳଯୋଗାଣ ପାଇଁ ଶହେ କୋଟି ବିନିମୟରେ ୪୦ଟି ପ୍ରକଳ୍ପ କାମ ଚାଲିଥିବା ବିଭାଗୀୟ ଯନ୍ତ୍ରୀ ସୂଚନା ଦେଇଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଗୋଟିଏ ମଧ୍ୟ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରିନାହିଁ । ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସମୟ ବଢ଼ାଉଥିବାରୁ କାମ ବିଳମ୍ବ ହେଉଛି ବୋଲି ବ୍ଲକ କନିଷ୍ଠ ଯନ୍ତ୍ରୀ ଜେନା ସୂଚନା ଦେଉଥିବା ବେଳେ ଠିକାଦାରଙ୍କୁ ଅନୁକମ୍ପା ନ ଦେଖାଇ ଶୀଘ୍ର ପ୍ରକଳ୍ପ କାମ ଶେଷ କରିବା ଦିଗରେ ପଦକ୍ଷେପ ନେବାକୁ ଜନପ୍ରତିନିଧିମାନେ ଦାବି କରିଥିଲେ । ଏହାକୁ ନେଇ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସର୍ବସମ୍ମତି କ୍ରମେ ଜଳଯୋଗାଣ ବିଭାଗର ନିର୍ବାହୀଯନ୍ତ୍ରୀଙ୍କୁ ସାକ୍ଷାତ କରି ମାର୍ଚ୍ଚ ସୁଦ୍ଧା ଲୋକଙ୍କୁ ପାନୀୟଜଳ ଯୋଗାଇବା ଓ କାମରେ ଅବହେଳା କରୁଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ବ୍ଲକରେ ନଳକୂପ ତଥା ପାନୀୟଜଳ ଯୋଗାଣ ସାମଗ୍ରୀ ନିମ୍ନମାନର ବୋଲି ସମସ୍ତ ସରପଞ୍ଚ ଅଭିଯୋଗ କରିଥିବା ବେଳେ ଆଇଏସଆଇ ମାର୍କା ଥିବା ସାମଗ୍ରୀ ଯୋଗାଣ ପାଇଁ ଦାବି କରିଥିଲେ । ମାଡା ଅଞ୍ଚଳରେ ଏକଲବ୍ୟ ବିଦ୍ୟାଳୟ ଖୋଲିବା ପାଇଁ ବୈଠକରେ ଦାବି କରାଯାଇଥିଲା । ବିଦ୍ୟୁତ୍ ବିଭାଗ ବକେୟା ଅର୍ଥ ଅସୁଲି ପାଇଁ ଉପଭୋକ୍ତାମାନଙ୍କୁ ହଇରାଣ ହରକତ କରୁଥିବା ବନ୍ଧପଡା ସମିତି ସଭ୍ୟ କାନ୍ତେଶ୍ୱର ପଧାନ ଅଭିଯୋଗ କରିଥିଲେ । ବ୍ଲକର ପୁରାତନ ଅନୁଷ୍ଠାନ କୋଶଳୀ ଲୋକନୃତ୍ୟ ଏକାଡେମି ପାଇଁ ସଭାଗୃହ ନିର୍ମାଣ ଦିଗରେ ଅନୁଦାନ ଦେବାକୁ ସମିତି ସଭ୍ୟ ବିଶ୍ୱଜିତ ପାତ୍ର ଦାବୀ କରିଥିଲେ । ଶେଷରେ ବ୍ଲକ ଅଧ୍ୟକ୍ଷ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବେଦାନ୍ତ ଲାଞ୍ଜିଗଡ଼ ଷ୍ଟଲ୍‌ରେ ବିକାଶମୂଳକ କାର୍ଯ୍ୟକ୍ରମ ପ୍ରଦର୍ଶିତ

**କଳାହାଣ୍ଡି ଉତ୍ସବ 'ଘୁମୁରା'**

ଭୁବନେଶ୍ୱର,୧୬।୧(ଅନୁରାଧା ମହାରଣା)

୨୭ତମ କଳାହାଣ୍ଡି ଉତ୍ସବ 'ଘୁମୁରା'ରେ ବେଦାନ୍ତ ଆଲୁମିନିୟମର ସହାୟକ ସଂସ୍ଥା ବେଦାନ୍ତ ଲାଞ୍ଜିଗଡ଼ର ଷ୍ଟଲ ଖୋଲାଯାଇଛି। କମ୍ପାନୀ ପକ୍ଷରୁ ହେଉଥିବା ପରିବର୍ତ୍ତନଶୀଳ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମକୁ ଏହି ଷ୍ଟଲରେ ପ୍ରଦର୍ଶନ କରାଯାଉଛି। ପ୍ରୋଜେକ୍ଟ ଆଦିକଳାର ହାତ ତିଆରି ସାମଗ୍ରୀର ପ୍ରଦର୍ଶନ ସହ ପ୍ରୋଜେକ୍ଟ ସଖୀ ଅଧୀନରେ ୪ହଜାରରୁ ଅଧିକ ମହିଳାଙ୍କ ଦ୍ୱାରା ବିକଶିତ ଘରୋଇ ଜୈବିକ ଉତ୍ପାଦ ପ୍ରଦର୍ଶନ କରାଯାଉଛି। ଏହାବ୍ୟତୀତ ବେଦାନ୍ତର ଅତ୍ୟାଧୁନିକ କାରଖାନାରେ ବକ୍ସାଇଟ ପଥରକୁ ଉଚ୍ଚମାନର ଆଲୁମିନିୟମ ଉତ୍ପାଦରେ ପରିଣତ କରିବାର ପ୍ରକ୍ରିୟା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଉଛି। ଏଥିସହିତ କମ୍ପାନୀ ପକ୍ଷରୁ ସ୍ଥାୟୀ ପରିବେଶ ପରିଚାଳନାକୁ ଗୁରୁତ୍ୱାରୋପ କରାଯାଇଛି। ବେଦାନ୍ତ ଷ୍ଟଲକୁ ଉଦ୍‌ଘାଟନ କରି କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ଓ ଜିଲାପାଳ ସଚିନ ପାୱାର ଏହି ଅଞ୍ଚଳର ସଂସ୍କୃତି ଓ ଆଧୁନିକ ବିକାଶର ଅନନ୍ୟ ମିଶ୍ରଣ ବୋଲି କହିଛନ୍ତି। ବେଦାନ୍ତ ଆଲୁମିନା ବିଜ୍‌ନେସ୍‌ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଯୋଗଦେଇ କହିଲେ, କଳାହାଣ୍ଡି ଉତ୍ସବ ଏହି ଅଞ୍ଚଳର ଆତ୍ମାକୁ ସ୍ମରଣ କରୁଥିବା ଏକ ମଞ୍ଚ ଭାବେ କାର୍ଯ୍ୟ କରୁଛି ଓ ବେଦାନ୍ତ ଏହି ଭବ୍ୟ ଉତ୍ସବର ଅଂଶ ହୋଇ ଗର୍ବ ଅନୁଭବ କରୁଛି। କେବଳ ଶିଳ୍ପ ଉତ୍କର୍ଷତା ନୁହେଁ, କଳାହାଣ୍ଡିର ଐତିହ୍ୟର ସଂରକ୍ଷଣ ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ସୃଷ୍ଟି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସାହାଯ୍ୟ କରିବାକୁ ବେଦାନ୍ତ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।



ଷ୍ଟଲ୍ ଉଦ୍‌ଘାଟନ ଅବସରରେ ଏମ୍‌ପି ମାଳବିକା ଦେବୀ ଓ ଜିଲାପାଳ ସଚିନ ପାୱାରଙ୍କ ହାତରେ ସ୍ଥାନୀୟ ଯୁବତୀମାନେ ଚିତ୍ର ଆଙ୍କୁଛନ୍ତି।

# ଅନୁମୋଦନ ପୂର୍ବରୁ ଜାଲ୍ ଜାତି ପ୍ରମାଣପତ୍ର ବ୍ୟବହାର ଅଭିଯୋଗ

**ସ୍ୱାସ୍ଥ୍ୟମନ୍ତ୍ରୀ, ପୂର୍ବତନ ମନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ ଆଣିଲେ**

ବଲାଙ୍ଗୀର,୧୬।୧(ବୀରେନ୍ଦ୍ର କୁମାର ଝାଙ୍କର)

ଓଡିଶା ରାଜ୍ୟ କେଉଁଟ, କୈବର୍ତ୍ତ ଓ ଧୀବର ହଟାଓ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୁରୁବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଖବରଦାତା ସମ୍ମିଳନୀ କରାଯାଇ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଓ ବଲାଙ୍ଗୀର ଜିଲାର ଅନ୍ୟ ଜଣେ ପୂର୍ବତନ ମନ୍ତ୍ରୀଙ୍କ ବିରୋଧରେ ଜାଲ୍ ଜାତି ପ୍ରମାଣପତ୍ର ବ୍ୟବହାର କରିବା ସମ୍ପର୍କରେ ଅଭିଯୋଗ ଅଣାଯାଇଛି। କ୍ରିୟାନୁଷ୍ଠାନ କମିଟି ରାଜ୍ୟ ଆବାହକ ଡିଙ୍ଗର କୁମ୍ଭାର ଖବରଦାତା ସମ୍ମିଳନୀ କରି ଏହି ଅଭିଯୋଗ ଆଣିଛନ୍ତି। କୁମ୍ଭାର କହିଥିଲେ, ୨୦୦୨ ମସିହା ପୂର୍ବରୁ କେଉଁଟ, କୈବର୍ତ୍ତ ଏବଂ ଧୀବର ଜାତି ଅନୁସୂଚିତ ଜାତି ତାଲିକାରେ ସାମିଲ ହୋଇ ନ ଥିଲା। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ୧୭ ଡିସେମ୍ବର ୨୦୦୨ରେ କେଉଁଟ, କୈବର୍ତ୍ତ ଏବଂ ଧୀବର ଜାତି ଅନୁସୂଚିତ ଜାତି ତାଲିକାରେ ସାମିଲ ହୋଇଛି। ତେବେ ଉପରୋକ୍ତ ଜାତି ବର୍ଗ ଅନୁସୂଚିତ ଜାତି ତାଲିକାରେ ସାମିଲ ହେବା ପୂର୍ବରୁ ଏବର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ବଲାଙ୍ଗୀର ଜିଲାର ଜଣେ ପୂର୍ବତନ ମନ୍ତ୍ରୀ ଜାଲ୍ ଜାତି ପ୍ରମାଣପତ୍ର ହାସଲ କରି ତାଙ୍କ ଚାକିରି ଏବଂ ରାଜନୀତିରେ ବ୍ୟବହାର କରି ଫାଇଦା ନେଇଛନ୍ତି ବୋଲି ଆବାହକ କୁମ୍ଭାର ଅଭିଯୋଗ ଆଣିଛନ୍ତି। ଏହି ମାମଲାର ଆରଡିସି ସ୍ତରୀୟ ତଦନ୍ତ ରିପୋର୍ଟ ସେପ୍ଟେମ୍ବର ୨୦୨୪ ମସିହାରୁ ଆସିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇନାହିଁ। ତେବେ ଏହି ଘଟଣା ସାମ୍ନାକୁ ଆସିବା ପରେ ନୈତିକତା ଦୃଷ୍ଟିରୁ ମନ୍ତ୍ରୀ ତାଙ୍କ ପଦରୁ ଇସ୍ତଫା ଦିଅନ୍ତୁ। ନଚେତ୍ ମୁଖ୍ୟମନ୍ତ୍ରୀ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବରଖାସ୍ତ କରନ୍ତୁ ବୋଲି ଆବାହକ କୁମ୍ଭାର ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।



ଓଡିଶା ରାଜ୍ୟ କେଉଁଟ, କୈବର୍ତ୍ତ ଓ ଧୀବର ହଟାଓ କ୍ରିୟାନୁଷ୍ଠାନ କମିଟି ଆବାହକ ଡିଙ୍ଗର କୁମ୍ଭାର ଖବରଦାତା ସମ୍ମିଳନୀ କରୁଛନ୍ତି।

## ଅନ୍ୱେଷଣ ଫେଷ୍ଟ ଉଦ୍‌ଯାପିତ

ବଲାଙ୍ଗୀର,୧୬।୧ (ବୀରେନ୍ଦ୍ର କୁମାର ଝାଙ୍କର)

ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ପକ୍ଷରୁ ଆୟୋଜିତ ଅନ୍ୱେଷଣ ଫେଷ୍ଟ ୨୦୨୫ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଯୋଗଦେଇ ବଲାଙ୍ଗୀରରେ କଳା ଓ ସଂସ୍କୃତିର ଉନ୍ନତି ଦିଗରେ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ କୋଶଳ କଳା ମଣ୍ଡଳର ପରିକଳ୍ପନା କରିଥିଲେ ବୋଲି କହିଥିଲେ। ଅନ୍ୱେଷଣ ପକ୍ଷରୁ କରାଯାଉଥିବା ଉଦ୍ୟମ ଦ୍ୱାରା ଲୋକକଳା ଓ ଲୋକ ସଂସ୍କୃତିର ଉନ୍ନତି କରାଯାଇପାରିବ ବୋଲି ସେ କହିଥିଲେ। ଏହି ଉପଲକ୍ଷେ ପୂର୍ବାହ୍ନ ଅଧିବେଶନରେ ଅନୁଷ୍ଠିତ ପ୍ରତିଯୋଗିତର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ସିଂଦେଓ ପୁରସ୍କୃତ କରିଥିଲେ। ଏହାସହିତ ବରିଷ୍ଠ ଲୋକ କଳାକାର ଗୋଲାପ ବାଗ, ମୁରଲୀ ମହାକୁର, ରାଜେନ୍ଦ୍ର ମଲ୍ଲିକ, କିଶୋର ପଟେଲ, ଇନ୍ଦ୍ରମଣି ବାରିକ, ବ୍ୟାସଦେବ ପୁରୋହିତ, ଈଶ୍ୱରୀ ବେହେରା, ସ୍ୱରୂପା ସିଂ, ଅଞ୍ଜନ କୁମ୍ଭାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୱେଷଣ ଫେଷ୍ଟ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ଲିକା ସାହୁ ଯୋଗଦାନ କରିଥିଲେ। କବି ସନ୍ଦୀପ କୁମାର କୁଅଁରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଗୁରୁଶ୍ରୀ ଡକ୍ଟର ଘାସିରାମ ମିଶ୍ର, ନାଟ୍ୟ ନିର୍ଦ୍ଦେଶକ ସତ୍ୟରଞ୍ଜନ ବେହେରା ମଞ୍ଚାସୀନ ଥିଲେ। ପରେ ଅବକ୍ଷୟମୁଖୀ ଲୋକସଂସ୍କୃତିର ସଂରକ୍ଷଣ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସଂସ୍କୃତି ଗବେଷକ ଅର୍ଜୁନ ମୁଗ୍ରୀ, କୀର୍ତ୍ତନ ଦୀପ ଓ ସତ୍ୟ ରଞ୍ଜନ ବେହେରା ଆଲୋଚକ ଭାବେ ଯୋଗ ଦେଇଥିଲେ। ପରେ ହାସ୍ୟକବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

## ବ୍ଲକସ୍ତରୀୟ ମକର ମେଳା ମହୋତ୍ସବ ଉଦ୍‌ଯାପିତ

ମୁରିବାହାଲ,୧୬।୧(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ ଯମୁନା ଗ୍ରାମର ପ୍ରସିଦ୍ଧ ଡଙ୍ଗରବୁଢ଼ା ପାହାଡରେ ଗତ ୪ ଦିନ ଧରି ଚାଲିଥିବା ଦ୍ୱିତୀୟ ବର୍ଷ ମକର ମେଳା ମହୋତ୍ସବ ତଥା ଷୋହଳ ପ୍ରହରୀ ନାମଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସୋମବାର ଅଧିବାସ, କଳସଯାତ୍ରା ,ମଙ୍ଗଳବାର ଓ ବୁଧବାର ନାମ ପରିବେଷଣ ହୋଇଥିଲା। ଷୋହଳ ପ୍ରହରୀ ନାମଯଜ୍ଞରେ କର୍ତ୍ତା ଭାବେ ଗାଁ ଗୌନ୍ତିଆ ନେତ୍ରାନନ୍ଦ ମହାକୁର ଓ ତାଙ୍କ ପତ୍ନୀ ଝୁନୁରାଣୀ ମହାକୁର, ପୂଜକ ଭାବେ ଦୁର୍ଯ୍ୟୋଧନ ପାଣିଗ୍ରାହୀ ଦାୟିତ୍ୱ ନିର୍ବାହ କରିଥିଲେ। ନାମଯଜ୍ଞରେ ଆୟୋଜକ ଯମୁନାର ଉଭୟ ଦଳ, ପଟାମରାର ଜୁହ୍ନାପଡ଼ା, ଚନ୍ଦନପଡ଼ା, ତେନ୍ତୁଳିଖୁଣ୍ଟି, ସେମେଲପାଲି, ସାରସପଡ଼ା, ନୁଆଁମୁଣ୍ଡା, ପୁଡ଼ିସରା, ମୁରିବାହାଲ, ହଳଦୀ, କର୍ଲାପିଟା, ଘଣ୍ଟବାହାଲି ଓ ଦୁକାଲଘାଟର ଉଭୟ ମହିଳା ସଙ୍କୀର୍ତ୍ତନ୍ୟ ଦଳଗୁଡିକ ଯୋଗଦେଇ ନାମ ପରିବେଷଣ କରିଥିଲେ।

ଏହି ମହୋତ୍ସବରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ବିଡ଼ିଓ ବାସନ୍ତୀ ସେଠୀ, ଆଇଆଇସି ସିପୋରା ସରାୟ ଲୁଗୁନ, ବିଇଓ ଶାନ୍ତନୁ କୁମାର ପଡ଼ିହାରୀ, ପୂର୍ବ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ, ଏମ୍‌ପିଙ୍କ ପ୍ରତିନିଧି ଶ୍ରୀବତ୍ସ ବେହେରା, ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା, ବରିଷ୍ଠ ବିଜେଡି ନେତା ଗିରିରାଜ ସିଂ ମାଝୀ, ଗଙ୍ଗାଧର ଛତର, ହଳଦୀ ସରପଞ୍ଚ ସୌମୀନା ସେଠ, ସମିତି ସଭ୍ୟ ଟୁନାମଣି ମହାନନ୍ଦ, ପିଇଓ ରଶ୍ମିରଞ୍ଜନ ନାଗ, ସିରୋଲ ସରପଞ୍ଚ ଲୁଚନା ବରର୍ତ୍ତି ଯୋଗ ଦେଇଥିଲେ। ଏହାଛଡା ବିଟାବନ୍ଧ ସରପଞ୍ଚ କଲ୍ୟାଣୀ ଘିବେଲା, ରମାରଞ୍ଜନ ସେଠ, ବ୍ୟବସାୟୀ ଅନୀଲ ଶର୍ମା, ଭବାନୀ ଶର୍ମାଙ୍କ ସହ ବହୁ ନେତୃସ୍ଥାନୀୟ ବ୍ୟକ୍ତି ଯୋଗ ଦେଇଥିଲେ। ଆୟୋଜକ ବ୍ଲକସ୍ତରୀୟ ମକର ମେଳା ମହୋତ୍ସବ କମିଟି ସଭାପତି ନିତ୍ୟାନନ୍ଦ ମହାକୁର, ଉପସଭାପତି ରମେଶ ଭୋଇ, ସମ୍ପାଦକ ସୁଶାନ୍ତ ପଧାନ, ସହ ସମ୍ପାଦକ ସଚ୍ଚିଦାନନ୍ଦ ମହାକୁର, କୋଷାଧ୍ୟକ୍ଷ ବ୍ୟାସଦେବ ପଧାନ, ଉପ କୋଷାଧ୍ୟକ୍ଷ ଅକ୍ରୁର ମେର୍ଲିଙ୍କ ସହ ଯମୁନା ଗ୍ରାମବାସୀ ଓ ବାରପାଲି ହଳଦୀର ଜନସାଧାରଣ ସହଯୋଗ କରିଥିଲେ।



ମକର ମେଳାରେ ମହିଳା ସଙ୍କୀର୍ତ୍ତନ୍ୟ ଦଳ।

# ଯୁବୋଦୟ କଲେଜରେ ଜାତୀୟ ସେନା ଦିବସ ପାଳିତ

ବଲାଙ୍ଗୀର,୧୬।୧(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ଯୁବୋଦୟ କଲେଜ ଅଫ ଆଡଭାନ୍ସଡ ଟେକ୍ନୋଲୋଜିର ଏନସିସି ଆର୍ମି ୱିଙ୍ଗ କ୍ୟାଡେଟ୍‌ମାନେ ବୁଧବାର ଜାତୀୟ ସେନା ଦିବସ ପାଳନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଡିଗ୍ରୀ ୱିଙ୍ଗର ଅଧ୍ୟକ୍ଷ ଏବଂ କେନ୍ଦ୍ର ସଶସ୍ତ୍ର ପୋଲିସ ବଳ (ସିଆରପିଏଫ୍)ର ଅତିଥିମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ଡ୍ରିଲ୍ ଆରମ୍ଭ ହୋଇଥିଲା। ଏନସିସି କ୍ୟାଡେଟ୍‌ମାନେ ଜାତୀୟ ସେନା ଦିବସର ଗୁରୁତ୍ୱ ଉପରେ ବକ୍ତବ୍ୟ ଦେଇ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ସଭାରେ ଯୁବୋଦୟ ନିର୍ଦ୍ଦେଶକ ଅମ୍ବରୀଶ ଦାଶ କହିଥିଲେ, ଯୁବ ସମାଜ ହେଉଛି ଜାତିର ଭବିଷ୍ୟତ। କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ଏନ୍‌ସିସି ଛାତ୍ରମାନଙ୍କ ମଧ୍ୟରେ ଜାତୀୟତା ଭାବନା ସୃଷ୍ଟି ହୋଇଥାଏ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ପାଳନ କରି ଏନସିସି କ୍ୟାଡେଟ୍ ମାନେ ନେତୃତ୍ୱ, ଶୃଙ୍ଖଳା ଓ ଜାତୀୟ ସେବା ଭାବନାକୁ ପ୍ରଦର୍ଶନ କରିଥିଲେ। ଶେଷରେ କ୍ୟାଡେଟମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।



ଯୁବୋଦୟ କଲେଜ ଅଫ ଆଡଭାନ୍ସଡ ଟେକ୍ନୋଲୋଜି ପକ୍ଷରୁ ଜାତୀୟ ସେନା ଦିବସ ପାଳନ କରାଯାଉଛି।

# ୪୫ ଜଣଙ୍କୁ ଭତ୍ତା ବଣ୍ଟନ

କଣ୍ଟାବାଞ୍ଜି,୧୬।୧(ଗୁରୁଦୟାଲ ହଂସ)

କଣ୍ଟାବାଞ୍ଜି ଏନଏସିରେ ବୁଧବାର ଅପରାହ୍ନରେ ୮୦ବର୍ଷରୁ ଉର୍ଦ୍ଧ୍ୱବୟସ୍କ ଓ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ମୋଟ ୪୫ ଜଣଙ୍କ ମଧ୍ୟରୁ ୧୦ଜଣ ଦିବ୍ୟାଙ୍ଗ ଓ ୩୫ଜଣ ୮୦ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ବର୍ଦ୍ଧିତ ୩୫୦୦ଟଙ୍କା ଲେଖାଏ ଭତ୍ତା ବଣ୍ଟନ କରାଯାଇଛି । ଏହି ଅବସରରେ ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଭତ୍ତା ବଣ୍ଟନ କରଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଏନଏସି. ନଗରପାଳ ବରିୟାମ ସିଂ ସାଲୁଜା, ଏନଏସି ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, କମ୍ୟୁନିଟି ଅର୍ଗାନାଇଜର ଜୋସ୍ନାମୟୀ ବାରିକଙ୍କ ସହ ଅନ୍ୟ କର୍ମଚାରୀ ସାମିଲ ଥିଲେ ।



ବିଧାୟକ ଓ ଅନ୍ୟମାନେ ଭତ୍ତା ବଣ୍ଟନ କରୁଛନ୍ତି।

# ଟୋକନ ଅବଧି ସରିଲା, ଧାନ ବିକିବାକୁ ଚିନ୍ତାରେ ଚାଷୀ

**ମଣ୍ଡିରେ ନାହିଁ ଟାର୍ଗେଟ**

ସଇଁତଲା,୧୬।୧(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଧରବଗଡ଼ ପଞ୍ଚାୟତ ଅଞ୍ଚଳର ଚାଷୀମାନେ ଧାନ ବିକ୍ରୟ କରି ନ ପାରି ଚିନ୍ତାରେ ଅଛନ୍ତି। ଅଧିକାଂଶ ଚାଷୀଙ୍କୁ ମିଳିଥିବା ଟୋକନର ସମୟ ସୀମା ସରି ଯାଇଥିବାରୁ ଏପରି ସମସ୍ୟା ଦେଖାଦେଇଛି ।

ସୂଚନା ଅନୁସାରେ, ଧରବଗଡ଼ ପଞ୍ଚାୟତରେ ଥିବା ମା' ମାଣିକେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ଧାନ କିଣା ଚାଲିଛି। ଅନ୍ୟ କେତେଜଣ ଚାଷୀଙ୍କ ଟୋକନ ଥିବା ସତ୍ତ୍ୱେ ସେମାନେ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପକ୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯାଇଥିବା ଟାର୍ଗେଟ ସରିଯାଇଥିବାରୁ ଚାଷୀମାନେ ଧାନ ବିକି ନ ପାରି ମଣ୍ଡିରେ ରଖିଛନ୍ତି। ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ କରିଥିବା ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ପଡ଼ିରହିଛି। ଚାଷୀମାନେ ଶୀତ, କାକରକୁ ଭ୍ରୁକ୍ଷେପ ନ କରି ଧାନକୁ ରାତିସାରା ଜଗି ରହୁଛନ୍ତି। ଏ ସମ୍ପର୍କରେ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ଶୁଭ୍ରକେଶୀ ମେହେରଙ୍କୁ ପଚାରିବାରୁ ଧାନ କିଣିବାକୁ ଆମ ପାଖରେ ଟାର୍ଗେଟ ନ ଥିବାରୁ ଆମେ ଚାଷୀଙ୍କ ଧାନ କିଣି ପାରୁନାହୁଁ। ଯାହା ଫଳରେ ଚାଷୀ ଧାନ ବିକ୍ରୟ କରିପାରୁନାହାନ୍ତି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ବାରମ୍ବାର କହିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା କହିଛନ୍ତି। ଚାଷୀ ଦିବ୍ୟସିନୀ ଦାଣ୍ଡିଆ, ତୁଳସିନୀ ସିଂ ବାବୁ, ଫକୀର ସିଂ ବାବୁ, ସୁବଳ ପଣ୍ଡା, ସୁନୀଲ ବାରିକ, ଦୁର୍ଯ୍ୟୋଧନ କ୍ଷେତୀ, ପ୍ରଦ୍ୟୁମ୍ନ ଭୋଇ, ନରେନ୍ଦ୍ର ଭୋଇଙ୍କ ଭଳି ଚାଷୀମାନେ ତାଙ୍କ ଟୋକନର ଅବଧି ସରିଯାଇଥିବାରୁ ସେମାନେ ଧାନ କିଭଳି ବିକ୍ରୟ କରିବେ ସେ ନେଇ ଚିନ୍ତାରେ ରହୁଥିବା କହିଛନ୍ତି। ଏ ସମ୍ପର୍କରେ ସଇଁତଲା ଯୋଗାଣ ଅଧିକାରୀ ଚନ୍ଦ୍ରଶେଖର ନାହାକଙ୍କୁ ପଚାରିବାରେ ଟାର୍ଗେଟ ପ୍ରଦାନ କରିବାକୁ ଜିଲା ପ୍ରଶାସନକୁ ଅବଗତ କରାଯାଇଥିବା କହିଛନ୍ତି ।



ମଣ୍ଡିରେ ଧାନ ପଡ଼ିରହିଛି ।

# ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଲୋକଙ୍କ ରାସ୍ତାରୋକୋ

**ନିଖୋଜ ଯୁବତୀଙ୍କୁ ବଳାତ୍କାର ମାମଲା**
- ୪ଦିନ ପରେ ପୋଲିସ ହାତ ଖାଲି
- ଭାଇରାଲ ହେଉଛି ଏକ ଅଡିଓ କ୍ଲିପ୍
- ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟିଲା

ବରଗଡ଼,୧୬।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଧନୁଯାତ୍ରା ମହୋତ୍ସବ ଦେଖିବାକୁ ଆସି ନିଖୋଜ ଯୁବତୀ(୨୪)ଙ୍କ ବଳାତ୍କାର ମାମଲାକୁ ନେଇ ଆନ୍ଦୋଳନ ତେଜି ଉଠିଛି। ଘଟଣାକୁ ୫ଦିନ ବିତି ଯାଇଛି, କିନ୍ତୁ ପୋଲିସ ଏ ଯାଏ ଅଭିଯୁକ୍ତଙ୍କୁ ଗିରଫ କରି ପାରିନାହିଁ। ଏହାକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଥିବା ବେଳେ ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଗୁରୁବାର ସକାଳ ୮ଟାରୁ ବରଗଡ଼-ଭଟଲି ରାସ୍ତାର ବରଡ଼ୋଲ ଛକ ନିକଟରେ ଲୋକେ ରାସ୍ତାରୋକୋ କରିଥିଲେ। ଏଥିରେ ପୀଡ଼ିତାଙ୍କ ସମ୍ପର୍କୀୟ ମଧ୍ୟ ସାମିଲ ଥିଲେ। ରାସ୍ତାରୋକୋ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଦୀର୍ଘ ସମୟ ଧରି ଅଟକି ରହିଥିଲା। ତେବେ ପୋଲିସ ଏବଂ ପ୍ରଶାସନିକ ଅଧିକାରୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିବା ସହ ୪୮ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଅପରାହ୍ନ ପ୍ରାୟ ୨ଟାରେ ରାସ୍ତାରୋକୋରୁ ଆନ୍ଦୋଳନକାରୀମାନେ ହଟିଥିଲେ।

୧୨ତାରିଖରେ ଯୁବତୀ ଜଣକ ଧନୁଯାତ୍ରା ଦେଖିବାକୁ ଆସିଥିଲେ। ସେହିଦିନ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ଅତିଥିଭାବେ ଯୋଗଦେଇଥିଲେ ଏବଂ ଅନ୍ୟଦିନ ଅପେକ୍ଷା ଧନୁଯାତ୍ରାରେ ପ୍ରବଳ ଭିଡ଼ ହୋଇଥିଲା। ତେବେ ସେହିଦିନ ହିଁ ଯୁବତୀ ଜଣକ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ସତ୍ତ୍ୱେ ପାଇ ନ ଥିଲେ। ଅନ୍ୟପଟେ ଘଟଣା ଦିନ ନିଖୋଜ ଯୁବତୀଙ୍କ ମୋବାଇଲରୁ ପରିବାର ଲୋକଙ୍କୁ ଫୋନ ଆସିଥିଲା ଏବଂ ଯୁବତୀ ଜଣକ କୁର୍ଲା ଜଙ୍ଗଲରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ନେଇ ଅଜଣା ଲୋକ ଫୋନ କରିଥିଲେ। ଏ ନେଇ ପରିବାର ଲୋକେ ପୋଲିସକୁ ଜଣାଇଥିଲେ। ପୋଲିସ ଏକ ନିଖୋଜ ମାମଲା ରୁଜୁ କରିଥିଲା। କିନ୍ତୁ ଯୁବତୀଙ୍କ କୌଣସି ସନ୍ଧାନ ପାଇ ପାରି ନ ଥିଲା। ଅନ୍ୟପଟେ ସେହି ଫୋନକଲ ରେକର୍ଡିଂର ଅଡିଓ କ୍ଲିପ ଏବେ ଭାଇରାଲ ହେବାରେ ଲାଗିଛି।

ଅପରପକ୍ଷେ ନିଖୋଜ ହେବାର ୨ଦିନ ପରେ ଅର୍ଥାତ୍ ଗତ ୧୪ତାରିଖ ପରିବାର ଲୋକେ କୁର୍ଲା ଜଙ୍ଗଲ ଭିତରୁ ଯୁବତୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କୁ ପ୍ରଥମେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ପରେ ଭୀମସାର୍, ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି। ଘଟଣାର ପାରିପାର୍ଶ୍ୱିକ ସ୍ଥିତିରେ ଯୁବତୀଙ୍କୁ ଅପହରଣ ପରେ ବଳାତ୍କାର ଏବଂ ହତ୍ୟା ଉଦ୍ୟମ ହୋଇଥିବା ଅନୁମାନ କରାଯାଉଛି। ପୀଡ଼ିତାଙ୍କ ମା' ଏ ନେଇ ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ପୋଲିସ ତଦନ୍ତ କରୁଛି। କିନ୍ତୁ ଏଯାଏ ପୋଲିସ ହାତ ଖାଲିପଡ଼ିଛି। ଫଳରେ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ପୋଲିସ, ପ୍ରଶାସନ ହାଲୁକାଭାବେ ନେଉଥିବା ସାଧାରଣରେ ଅଭିଯୋଗ ହୋଇଛି।

ଏଭଳି ଅଭିଯୋଗ କରି ଲୋକେ ରାସ୍ତାକୁ ଓହ୍ଲାଇଥିଲେ। ଉକ୍ତ ଘଟଣାର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ସହିତ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା, ମାଗଣାରେ ପୀଡ଼ିତାଙ୍କ ଉଚ୍ଚତର ଚିକିତ୍ସା କରାଯିବା ଏବଂ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ସହାୟତା ଯୋଗାଇ ଦେବାକୁ ଆନ୍ଦୋଳନକାରୀମାନେ ଦାବି କରିଥିଲେ। ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କ ସମେତ ବ୍ୟାପକ ପୋଲିସ ଆନ୍ଦୋଳନସ୍ଥଳକୁ ପହଞ୍ଚିଥିଲେ। ଏହି ଘଟଣାକୁ ପୋଲିସ, ପ୍ରଶାସନ ଗୁରୁତ୍ୱର ସହିତ ନେଉଛନ୍ତି ଏବଂ ଆନ୍ଦୋଳନକାରୀଙ୍କ ଦାବି ଉପରେ ବିହିତ ପଦକ୍ଷେପ ନିଆଯିବ ବୋଲି ସେମାନେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଲୋକେ ଆନ୍ଦୋଳନରୁ ଓହରିଥିଲେ ଏବଂ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।


ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ବରଡ଼ୋଲ ଛକରେ ଲୋକମାନେ ରାସ୍ତାରୋକୋ କରିଛନ୍ତି।

# ପୀଡ଼ିତାଙ୍କୁ ଭେଟିଲେ ମହିଳା ସମିତି ସଦସ୍ୟା


ଭୀମସାର୍, ବୁର୍ଲାରେ ପୀଡ଼ିତାଙ୍କୁ ବରଗଡ଼ ମହିଳା ସମିତିର ପ୍ରତିନିଧିମାନେ ଭେଟୁଛନ୍ତି।

ବରଗଡ଼,୧୬।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଧନୁଯାତ୍ରା ମହୋତ୍ସବ ଦେଖିବାକୁ ଆସି ନିଖୋଜ ଯୁବତୀ ଜଙ୍ଗଲ ମଧ୍ୟରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର ହେବା ଏବଂ ଏ ଯାଏ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ବିଫଳ ହେବାକୁ ନେଇ ବରଗଡ଼ ମହିଳା ସମିତି ଉଦ୍‌ବେଗ ପ୍ରକାଶ କରିଛି। ଗୁରୁବାର ମହିଳା ସମିତିର ଏକ ପ୍ରତିନିଧି ଦଳ ଭୀମସାର୍, ବୁର୍ଲାକୁ ଯାଇ ପୀଡ଼ିତାଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବଂ ଚିକିତ୍ସା ସମ୍ପର୍କରେ ଭୀମସାର୍ ନିର୍ଦ୍ଦେଶକ ଡା. ଭାବଗ୍ରାହୀ ରଥଙ୍କୁ ପଚାରି ବୁଝିଥିଲେ। ପୀଡ଼ିତାଙ୍କ ଚିକିତ୍ସା ଠିକ୍‌ଭାବେ ଚାଲିଛି ଏବଂ ସେ ବର୍ତ୍ତମାନ ବିପଦମୁକ୍ତ ଅଛନ୍ତି ବୋଲି ଡା. ରଥ କହିଥିଲେ ବୋଲି ମହିଳା ସମିତି ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ପୀଡ଼ିତା ନିଖୋଜ ହେବା ଦିନଠାରୁ ସୂଚନା ଦେବା, ଫୋନ କଲ୍ ରେକର୍ଡ ପ୍ରଦାନ ସତ୍ତ୍ୱେ ପୋଲିସ ଘଟଣାକୁ ହାଲୁକାଭାବେ ନେଉଥିବା ନେଇ ପୀଡ଼ିତାଙ୍କ ପରିବାର ଲୋକେ ମହିଳା ସମିତିର ପ୍ରତିନିଧିମାନଙ୍କ ଆଗରେ ଅଭିଯୋଗ କରିଥିଲେ। ବରଗଡ଼ ଇତିହାସରେ ଧନୁଯାତ୍ରା ସମୟରେ ଏଭଳି ଘଟଣା ପ୍ରଥମ ଏବଂ ଲଜ୍ଜାଜନକ। ଏଭଳି ଏକ ସମ୍ବେଦନଶୀଳ ଘଟଣାର ନିରପେକ୍ଷ ତଦନ୍ତ ସହିତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ଏବଂ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ମହିଳା ସମିତି ଦାବି କରିଛି। ମହିଳା ସମିତିର ଏହି ପ୍ରତିନିଧି ଦଳରେ ସମିତିର ସଭାନେତ୍ରୀ ହର୍ଜିନ୍ଦର କୌରଙ୍କ ସମେତ ମନ୍ଦାକିନୀ ପତି, ଇନ୍ଦ୍ରାଣୀ ଶତପଥୀ, ରାଧାରାଣୀ ମିଶ୍ର, ମମତା ମିଶ୍ର, ସମିତିର ଉପଦେଷ୍ଟା ପ୍ରୀତମ ସିଂ, ପ୍ରସନ୍ନ ମିଶ୍ର ପ୍ରମୁଖ ସାମିଲ ଥିଲେ।

## ବିସ୍ଫୋରକ ସାମଗ୍ରୀ ଜବତ, ଜଣେ ଅଟକ

ବରଗଡ଼,୧୬।୧(ପ୍ରେମାନନ୍ଦ ଖମାରୀ): ବରଗଡ଼ ସହରର ଏକ ଠିକାଦାର କ୍ୟାମ୍ପରୁ ଗୁରୁବାର ସ୍ଥାନୀୟ ଟାଉନ ଥାନା ପୋଲିସ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଏହା ସହିତ ସେଠାରୁ ଜଣଙ୍କୁ ଥାନାକୁ ଆଣି ପୋଲିସ ପଚାରାଉଚରା କରୁଛି। ଏକ ପୋଲ ନିର୍ମାଣ ପାଇଁ ସହରର ବାଲିଚ୍ଛିଦ୍ରା ନିକଟରେ ଠିକାଦାର କ୍ୟାମ୍ପ ରହିଛି। ସେଠାରେ ବିଭିନ୍ନ ସମୟରେ ବିସ୍ଫୋରଣ କରାଯାଉଥିବା ଯୋଗୁ ଅଞ୍ଚଳବାସୀ ଭୟଭୀତ ରହିଥିବା କହିଛନ୍ତି। ଖବର ପାଇ ପୋଲିସ ପହଞ୍ଚି ସେଠାରେ ରହିଥିବା ବିସ୍ଫୋରକ ସାମଗ୍ରୀ ଜବତ କରିବା ସହ ଜଣଙ୍କୁ ଥାନାକୁ ଉଠାଇ ଆଣିଥିଲା। ତେବେ ପ୍ରକୃତରେ ପୋଲ ନିର୍ମାଣ ନା ଅନ୍ୟ କୌଣସି ଉଦ୍ଦେଶ୍ୟରେ ବିସ୍ଫୋରକ ସାମଗ୍ରୀ ସେଠାରେ ମହଜୁଦ ଥିଲା ଏବଂ ତାହା ବ୍ୟବହାର ପାଇଁ ଅନୁମତି ରହିଛି କି ନାହିଁ, ସେ ଦିଗରେ ପୋଲିସ ତଦନ୍ତ ଚଳାଇଛି।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ବରପାଲି,୧୬।୧(ଚିତ୍ତରଞ୍ଜନ ସାହୁ)

ଜଗବନ୍ଧୁ ଦାସ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଦଳିପାଲିଠାରେ ଅଧ୍ୟକ୍ଷ ପ୍ରଦୀପ କୁମାର ମେହେରଙ୍କ ଅଧ୍ୟକ୍ଷତା ଏବଂ କ୍ରୀଡା ଶିକ୍ଷୟିତ୍ରୀ ବନ୍ଦିତା ପ୍ରଧାନଙ୍କ ନେତୃତ୍ୱରେ ବାର୍ଷିକ ଆତ୍ମରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୮ ଦିନ ଧରି ଅନୁଷ୍ଠିତ ଶିବିରରେ ମାଷ୍ଟର ଟ୍ରେନର୍ କାର୍ଯ୍ୟ ଜଗବନ୍ଧୁ ଦାସ ମହିଳା ସ୍ନାତକ ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ ରୂପାଲି ମେହେର, ସୁଭ୍ରସ୍ମିତା ବୁଧିଆ, ରେଣୁକା ଗହୀର ଏବଂ ଝୁମି ସେଠ ତୁଲାଇ ଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ଣ୍ଣିମା ତିର୍କୀ ବରପାଲି ଥାନାଧିକାରୀ ଯୋଗଦାନ କରିଥିଲେ । ଶେଷରେ ହିନ୍ଦୀ ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ସହଯୋଗରେ ତାଲିମପ୍ରାପ୍ତ ସମସ୍ତ ଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏ ଅବସରରେ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଭାବରେ ସୁଧାଂଶୁ କୁମାର ଦାସ, ସୁରେଶ ବାରିକ, ମିନତି ବାବୁ, ନିବେଦିତା ବେହେରା, ଅନ୍ତର୍ଯ୍ୟାମି ପଣ୍ଡା, ନୀରଜ ସାହୁ, ପ୍ରକାଶ ନନ୍ଦ ଏବଂ ଆନନ୍ଦ ବେହେରା ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ପରାମର୍ଶ ଶିବିର

ଝାରବନ୍ଧ,୧୬।୧(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ପ୍ରଶାସନ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ତରଫରୁ ପରାମର୍ଶ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଝାରବନ୍ଧ ବିଡିଓ ପୁରୁଷୋତ୍ତମ ମିର୍ଦ୍ଧାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପରିଷଦ ସଭ୍ୟ ସନ୍ତୋଷ କୁମାର ବେହେରା, ଏବିଡିଓ ଭୀଷ୍ମ ଦେବ ମାଝୀ, ଜୁନିୟର ଏମ୍ପ୍ଲାମେଣ୍ଟ ଅଫିସର ଯୋଗେଶ୍ୱର ସାହୁ, ଶ୍ରୀମନ୍ତ ପଣ୍ଡା, ଆନନ୍ଦ ସାହୁ, ସମୀର ରଞ୍ଜନ ପଣ୍ଡା ଯୋଗଦାନ କରି ସ୍ୱଳ୍ପ କାଳୀନ ଓ ଦୀର୍ଘ ମିଆଦି ପ୍ରଶିକ୍ଷଣ ଶିବିର ସମ୍ବନ୍ଧୀୟ ସୂଚନା ଏବଂ ଚୟନ ଉପରେ ଆଲୋକପାତ କରିଥିଲେ। ଏହି ଶିବିରରେ ମୋଟ ୧୨୧ଜଣ ଯୁବକ ଯୁବତୀ ବିଭିନ୍ନ ବିଭାଗରେ ପଞ୍ଜିକରଣ କରିଥିଲେ। ପରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଶିଷ କୁମାର କଣ୍ଡୁଲନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅତ୍ୟାଧୁନିକ ବୈଷୟିକ ତାଲିମ କେନ୍ଦ୍ର ଉଦ୍‌ଘାଟିତ

ବରଗଡ଼,୧୬।୧(ପ୍ରେମାନନ୍ଦ ଖମାରୀ)

କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ଏବଂ ବୈଷୟିକ ଉତ୍କର୍ଷତା ପାଇଁ ପଶ୍ଚିମ ଓଡ଼ିଶାର ବିଦ୍ୟୁତ ବିତରଣ କମ୍ପାନୀ ଟିପିଡବ୍ଲୁଓଡ଼ିଏଲ ଦ୍ୱାରା ଗୁରୁବାର ବରଗଡ଼ ଜିଲା ଅତାବିରାରେ ଏକ ଅତ୍ୟାଧୁନିକ ବୈଷୟିକ ତାଲିମ କେନ୍ଦ୍ର(ହ୍ୟାଣ୍ଡସ୍ ଅନ୍ ଟେକ୍ନିକାଲ ଟ୍ରେନିଂ ସେଣ୍ଟର)ର ଉଦ୍‌ଘାଟିତ ହୋଇଛି। ଟାଟା ପାୱାର(ଟି-ଆଣ୍ଡ-ଡି)ର ସୁରକ୍ଷା ମୁଖ୍ୟ ସୁରେଶ ଖେତୱାନୀ, ଓଡ଼ିଶା ଡିସ୍କମର ସୁରକ୍ଷା ମୁଖ୍ୟ ଦେବୀ ପ୍ରସାଦ ଆଚାର୍ଯ୍ୟ ଏବଂ ଟିପିଡବ୍ଲୁଓଡିଏଲର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଏହି ତାଲିମ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। କମ୍ପାନୀର ବୈଷୟିକ କର୍ମଚାରୀଙ୍କୁ ବ୍ୟବହାରିକ ଜ୍ଞାନ ତଥା ରିଏଲ ଟାଇମ ଟ୍ରେନିଂ ପ୍ରଦାନ କରିବା ପାଇଁ ଏହି ତାଲିମ କେନ୍ଦ୍ରର ପରିକଳ୍ପନା କରାଯାଇଛି ଏବଂ କମ୍ପାନୀର ମିଶନ ଜିରୋ ଏକ୍ସିଡେଣ୍ଟ ଦର୍ଶନକୁ ସୁନିଶ୍ଚିତ କରିବା ଏହାର ଲକ୍ଷ୍ୟ ବୋଲି ସୂଚନା ଦିଆଯାଇଛି। ତାଲିମ କେନ୍ଦ୍ରଟି ଉଭୟ ସୁରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟାରେ ନିରନ୍ତର ଉନ୍ନତି ଆଣିବା ସହିତ ବ୍ୟବହାରିକ ଦକ୍ଷତାକୁ ସଶକ୍ତ କରି ବିଦ୍ୟୁତ ବିତରଣ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଉଦ୍ଦିଷ୍ଟ ବୋଲି କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବର୍ମା କହିଛନ୍ତି। ରାଉରକେଲା, ସମ୍ବଲପୁର, ବଲାଙ୍ଗିର, କଳାହାଣ୍ଡିରେ ଅନୁରୂପ ବୈଷୟିକ ତାଲିମ କେନ୍ଦ୍ରର ନିର୍ମାଣ ସମାପ୍ତ ହେବାକୁ ଯାଉଛି ଏବଂ ସେଗୁଡ଼ିକ ମଧ୍ୟ ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ବର୍ମା ସୂଚନା ଦେଇଛନ୍ତି।

## ସଡ଼କ ଦୁର୍ଘଟଣାରେ ପ୍ୟାକ୍ସ କର୍ମଚାରୀ ମୃତ

ସୋହେଲା, ୧୬।୧ (ଅଶ୍ୱିନୀ କୁମାର ପାତ୍ର)

ସୋହେଲାରେ ଏକ ସଡ଼କ ଦୁର୍ଘଟଣାରେ ସୋହେଲା ପ୍ୟାକ୍ସ କର୍ମଚାରୀ ସହଦେବ ଦାରି (୩୬)ଙ୍କ ମୃତ୍ୟୁ ଘଟିଛି। ବୁଧବାର ସେ ନିଜ ଡ୍ୟୁଟି ସାରି ସନ୍ଧ୍ୟାରେ ସୋହେଲା ନିକଟସ୍ଥ ନିଜ ଗାଁ ଇଚ୍ଛାପାଲିକୁ ବାଇକରେ ଫେରୁଥିବା ବେଳେ ବିଜୁ ଏକ୍ସପ୍ରେସର ସୋହେଲା ବସ୍ତିରେ ତାଙ୍କୁ କୌଣସି ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ସୋହେଲା ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ଦାରିଙ୍କୁ ମୃତ ଘୋଷଣା କରିଥିଲେ। ସହଦେବଙ୍କ ୪ ବର୍ଷର ଗୋଟିଏ ଝିଅ ଓ ୨ ମାସର ଏକ ପୁଅ ଅଛନ୍ତି । ସେ ୧୦ ବର୍ଷ ହେଲା ସୋହେଲା ସମବାୟ ସମିତିରେ ଆକାଉଣ୍ଟାଣ୍ଟ ଭାବରେ କାର୍ଯ୍ୟ କରିଆସୁଥିଲେ। ଏବେ ସେ ଡୁମେରପାଲି ଧାନ ମଣ୍ଡି ପରିଚାଳନା ଦାୟିତ୍ୱରେ ଥିଲେ। ସୋହେଲା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ଡାକ୍ତରଖାନାକୁ ପଠାଇଥିଲା।

# ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ ତରଙ୍ଗିଣୀ

ପଦ୍ମପୁର,୧୬।୧ (ପ୍ରଦୀପ୍ତ ଦାଶ)



ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମପୁରଠାରେ ବାର୍ଷିକ ଉତ୍ସବ 'ତରଙ୍ଗିଣୀ ୨୦୨୪-୨୫' ପାଳନ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚୂଡ଼ାମଣି ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପଦ୍ମପୁର ଅତିରିକ୍ତ ଜିଲାପାଳ କୁନାଲ ମୋତିରାମ ଚହ୍ୱାନ ମୁଖ୍ୟଅତିଥି ଓ ନାଟ୍ୟକାର ଅଶୋକ ବହିଦାର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ରଜବୋଡ଼ାସମ୍ବର ବିଇଓ ଲୋକନାଥ ଭୋଇ, ସମ୍ମାନିତ ଅତିଥି ଭାବରେ ମନୋରଞ୍ଜନ ସିଂ ବରିହା, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ନିରୋଜ ଦୋରା, ବିଦେଶୀ ସାହୁ, ଜିତେନ୍ଦ୍ର କୁମାର ପଣ୍ଡା, ରାଜେଶ ଖମାରୀ, ବୃନ୍ଦାବନ ଦାଶ, ମିନତି ଦାଶ, ସୁରେଶ ଚନ୍ଦ୍ର ଚୌହାନ, ସୁରେନ୍ଦ୍ର ଭୋଇ,ଏସ୍‌ଏମ୍‌ସି ଚେୟର ପର୍ସନ ବିନିଲତା ସାହୁ, ଭାଇସ ଚେୟର ପର୍ସନ ନମିତା ସାହା ଯୋଗଦାନ କରିଥିଲେ। ବରପୁତ୍ର ମାନଙ୍କୁ ମାଲ୍ୟାର୍ପଣ କରି ବାଗଦେବୀ ପୂଜନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ବାର୍ଷିକ ବିବରଣୀ ପଠନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ତ୍ରି- ମାସିକ ପତ୍ରିକାର ସପ୍ତମ ସଂଖ୍ୟା 'ପ୍ରୟାସ ' ଉନ୍ମୋଚନ କରାଯାଇଥିଲା । ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ କୁନାଲ ମୋତିରାମ ଚୱାନ ଛାତ୍ରୀ ମାନଙ୍କୁ ସପ୍ନ ଦେଖିବାର କୌଣସି ସୀମା ନଥାଏ କହି ନିଜ ଲକ୍ଷ୍ୟ ପ୍ରାପ୍ତ କରିବା ଦିଗରେ ଉଦବୁଦ୍ଧ କରିଥିଲେ ।ମାନସ ରଞ୍ଜନ ଶତପଥୀ ଓ ରବୀନା ପଧାନ ମଞ୍ଚ ପରିଚାଳନା କରିଥିଲେ । ନାଟ୍ୟକାର ବିଦେଶୀ ସାହୁଙ୍କ ନିର୍ଦ୍ଦେଶିତ ନାଟକ " ବରଗଡ଼କୁ କରିବା କ୍ୟାନ୍ସର ମୁକ୍ତ" ଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ରାଣୀ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ପ୍ରଭାତୀ ପଟ୍ଟନାୟକ ଓ ମମତା ମିଶ୍ରଙ୍କ ସହଯୋଗରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୂଜାରାଣୀ ନାୟକ, ସଂଯୁକ୍ତା ଭୋଇ, ମନୀଷା ଭୋଇ, ବୃନ୍ଦାବତୀ ସାହୁ, ଖୁସବୁ ବରିହା, ନିଳୀମା ରାଣୀ ମହାନ୍ତି,ଜ୍ୟୋତି ରେଖା ମହାନନ୍ଦ, ଅମନ ପଣ୍ଡା, ସୁଷମା ଦାଶ, ଦୁଷ୍ମନ୍ତ ଛତର, କମଳା କୁମ୍ଭାର, ପ୍ରଭାସିନୀ ସାହୁ ସହଯୋଗ କରିଥିଲେ।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ବରପାଲି,୧୬।୧(ଚିତ୍ତରଞ୍ଜନ ସାହୁ): ଆସନ୍ତା ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ବରପାଲିରେ ପ୍ରଶାସନିକ ସ୍ତରରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ବରପାଲି ତହସିଲଦାର ରୁକ୍ମଣ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ବିଜେପୁର ବିଧାୟକ ସନତ କୁମାର ଗଡତିଆ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବେ । ଏହି ଅବସରରେ ଆସନ୍ତା ୨୦ ଓ ୨୧ ତାରିଖ ଦିନ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସଙ୍ଗୀତ, ବକ୍ତୃତା, ପ୍ରବନ୍ଧ, ଡ୍ରଇଂ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହେବ। ବୈଠକରେ ବିଡିଓ ସୁମନ୍ତ କୁମ୍ଭାର, ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ନଗରପାଳ ଦିନେଶ ଗହୀର, ଏବିଇଓ ରତ୍ନ କୁମାର ଭୋଇ, ବିଧାୟକ ପ୍ରତିନିଧି ପ୍ରତାପ ସିଂଙ୍କ ସମେତ ବହୁ ସରକାରୀ ଅଧିକାରୀ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରତିନିଧି ଯୋଗ ଦେଇଥିଲେ।

# ଡୁମରେବାହାଲ ସ୍କୁଲର ୩ ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ଲାଭ



ପାଇକମାଳ, ୧୬।୧(ବଡ଼ ଶତପଥି)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଥିବା ୨୦୨୪-୨୫ ଶିକ୍ଷା ବର୍ଷର ମେଧାବୃତ୍ତି ପରୀକ୍ଷାରେ ବରଗଡ଼ ଜିଲା ପାଇକମାଳ ବ୍ଲକ ଡୁମେରବାହାଲ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହେବା ସହ ମେଧାବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପଞ୍ଚମ ଶ୍ରେଣୀ ବୃତ୍ତି ପାଇବାକୁ ବର୍ଷା ବାଗ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ତୃତୀୟ ଶ୍ରେଣୀର ନୀତୀଶ ସାହୁ ଓ କ୍ରିଷ୍ଣାମୟୀ ମୁଗୁରୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଉପଲକ୍ଷେ ଉକ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ଏକ ସୁସଜ୍ଜିତ ରଥରେ ବସାଇ ଛାତ୍ରୀଛାତ୍ର, ଶିକ୍ଷକ ତଥା ଅଭିଭାବକମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ପରେ ସ୍କୁଲରେ ପ୍ରଧାନଶିକ୍ଷକ ହୃଷୀକେଶ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମାଣ୍ଡୋସିଲ ସିଆର୍‌ସି ବସୁଦେବ କୁମ୍ଭାର, ବରପାଲି ସିଆର୍‌ସି ବିକ୍ରମ କେଶରୀ ପଟେଲ, ସ୍କୁଲ ପରିଚାଳନା କମିଟି ସଭାପତି ବନବସ ସାହୁ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ସଭାରେ ସହକାରୀ ଶିକ୍ଷକ ସୁଦାମ କନ୍ଧେର, ଡେଜଲିଙ୍ଗ ଦନ୍ତା, ସୌତମ ଛତର, ବାବୁଲାଲ ଧରୁଆ, ସ୍ୱେଚ୍ଛାସେବୀ ଶିକ୍ଷୟିତ୍ରୀ ତପସ୍ୱିନୀ ପାଣ୍ଡେଙ୍କ ସହିତ ଅଭିଭାବକମାନେ ଯୋଗ ଦେଇଥିଲେ।

# ଦ୍ୱିତୀୟ ଗ୍ରୁପ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ବରଗଡ଼ ବିଜୟୀ

**ବୋଡ଼ାସମ୍ବର କ୍ରିକେଟ କପ ଟୁର୍ଣ୍ଣାମେଣ୍ଟ**

ପଦ୍ମପୁର,୧୬।୧(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ରାଜବୋଡାସମ୍ବର ଖେଳପଡିଆଠାରେ ୨୯ ତମ ସର୍ବଭାରତୀୟ ବୋଡାସମ୍ବର କ୍ରିକେଟ କପ ଷଷ୍ଠ ଦିବସର ଦ୍ୱିତୀୟ ଗ୍ରୁପର ଦ୍ୱିତୀୟ ମ୍ୟାଚରେ ଗୁରୁବାର ବ୍ଲୁ ଡାଇମଣ୍ଡ ବରଗଡ ଓ ବାପୁଜୀ କ୍ରିକେଟ କ୍ଲବ ଭୁବନେଶ୍ୱର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବାପୁଜୀ କ୍ରିକେଟ ଦଳ ଟସ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୭.୧ ଓଭରରେ ସମସ୍ତେ ଉଇକେଟ ହରାଇ ୧୦୨ ରନ ସଂଗ୍ରହ କରିଥିଲା ଓ ଦଳ ପକ୍ଷରୁ ସିଦ୍ଧାନ୍ତ ଜେନା ୨୦ ବଲରେ ୪୧ ରନ କରିଥିଲେ। ବରଗଡ ପକ୍ଷରୁ ମନୋଜ କୁମାର ୩୮ ରନ ଦେଇ ୫ଟି ଉଇକେଟ ନେଇଥିଲେ। ତାର ଜବାବରେ ବରଗଡ ଦଳ ୨୦.୧ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବରଗଡ ଦଳ ପକ୍ଷରୁ ସତୀଶ ମିଞ୍ଜ ୬୬ ବଲରେ ୫୧ରନ ସଂଗ୍ରହ କରିଥିଲେ। ମ୍ୟାଚର ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବରେ ପଦ୍ମପୁର ବସ୍ ମାଲିକ ସଂଘ ସମ୍ପାଦକ ସାମୁଏଲ ହୁସେନ ଓ ପଦ୍ମପୁର ସାଇକେଲ ଦୋକାନ ମାଲିକ ନରସିଂହ ଅଗ୍ରୱାଲ ଯୋଗଦାନ ଦେଇ ମ୍ୟାନ୍ ଅଫ ଦି ମ୍ୟାଚ ଭାବରେ ବରଗଡ଼ର ମନୋଜ କୁମାରଙ୍କୁ ପୁରସ୍କୃତ କରିଥିଲେ। ଅମ୍ପାୟର ଚୂଡ଼ାମଣି ପାଢ଼ୀ ଏବଂ ବିଶ୍ୱମ୍ଭର ମହାକୁର ପରିଚାଳନା କରିଥିବା ବେଳେ ସ୍କୋରର ଅମରେଶ ବେହେରା, ରିଙ୍କୁ ବରିହା ଓ ରୋହିଣୀ ପାଣ୍ଡେ, କୁମାର ଆନନ୍ଦ, ବିକାଶ କୁମ୍ଭାର ପ୍ରମୁଖ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ।


ବରଗଡ଼ ଦଳର ମନୋଜଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବରେ ପୁରସ୍କୃତ କରାଯାଉଛି।

# ସାଇନିଂ ଷ୍ଟାର ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବରଗଡ଼,୧୬।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଆସନ୍ତା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା(ମାଟ୍ରିକ)ରେ ଏ-୧ ଗ୍ରେଡ୍ ଆଶାୟୀ ଛାତ୍ରୀଛାତ୍ରଙ୍କ ପାଇଁ ଗୁରୁବାର ଭଟଲି ବ୍ଲକ ଅନ୍ତର୍ଗତ କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦ୍ୱିତୀୟ ପର୍ଯ୍ୟାୟ ସାଇନିଂ ଷ୍ଟାର ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଜିଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟଅତିଥିଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଧିରୋଜ କୁମାର ପଟ୍ଟନାୟକ ସାଇନିଂ ଷ୍ଟାର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ରୂପରେଖ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ସଭାପତି ତଥା ଡିଇଓ ରାଧାକାନ୍ତ ଛତ୍ରୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଭଟଲି ବିଇଓ ସରୋଜ କୁମାର ଭୁଏ, ବରପାଲି ବିଇଓ ମୁକୁନ୍ଦ ମାହାରା, ସୋହେଲା ବିଇଓ ଅମୃତା ସାହୁ, ଅତାବିରା ବିଇଓ ମିଶ୍ରାଣୀ କୁମ୍ଭାର ଉପସ୍ଥିତ ଥିଲେ।

କମଗାଁ ଜୁନିୟର କଲେଜ ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲ ଯୁକ୍ତଦୁଇ ସ୍ତରରେ ସ୍ଥାନୀୟ କଲେଜର ସଫଳତା ନେଇ ସୂଚନା ଦେବା ସହିତ ଆସନ୍ତା ମାଟ୍ରିକ ପରୀକ୍ଷାରେ ସାଇନିଂଷ୍ଟାର ମାନଙ୍କ ମଧ୍ୟରୁ ରାଜ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ୧୦ହଜାର ଟଙ୍କା ଏବଂ ପରବର୍ତ୍ତି ୧୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ୫ହଜାର ଟଙ୍କା ଲେଖାଏ ପୁରସ୍କାର ଘୋଷଣା କରିଥିଲେ। ସାଧନକର୍ମୀ ଭବାନୀ ଶଙ୍କର ଗଡ଼ତିଆ ସଭା ସଂଯୋଜନା କରିଥିଲେ। ଅଧ୍ୟାପିକା ଦୀପିକା କୁମାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ସମାରୋହ ସରିବା ପରେ ବିଷୟ ବିଶେଷଜ୍ଞ ଶିବଶଙ୍କର ଦାଶ, ବିରେନ୍ଦ୍ର କୁମାର ଦାଶ, ନାରାୟଣ ବିଶ୍ୱାଳ, ସଞ୍ଜୀବ କୁମାର ପ୍ରଧାନ, ପ୍ରମୁଖ ଛାତ୍ରୀଛାତ୍ରଙ୍କ ସନ୍ଦେହ ମୋଚନ କରିଥିଲେ। ବିଜ୍ଞାନ ଶିକ୍ଷକ ସୁବୋଧ କୁମାର ସାହୁ, ପ୍ରିୟବ୍ରତ ସାହୁଙ୍କ ତତ୍ତ୍ୱାବଧାନରେ ରସାୟନ ବିଜ୍ଞାନର ବିଭିନ୍ନ ପରୀକ୍ଷଣ ପ୍ରଦର୍ଶିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକର ୧୪୦ଛାତ୍ରୀଛାତ୍ରଙ୍କୁ ୪ଦିନ ଧରି ୬୭ଜଣ ବିଷୟ ବିଶେଷଜ୍ଞ ତାଲିମ ପ୍ରଦାନ ସହିତ ସେମାନଙ୍କ ସନ୍ଦେହ ମୋଚନ କରିବାର କାର୍ଯ୍ୟକ୍ରମ ରହିଛି।



ସାଇନିଂ ଷ୍ଟାର ତାଲିମ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ଅତିଥିବୃନ୍ଦ।

## ନୂତନ ଥାନା ଅଧିକାରୀଙ୍କୁ ସ୍ୱାଗତ

ବନ୍ଧମୁଣ୍ଡା, ୧୬।୧ (ସୁବ୍ରତ ଦେ): ବିଶ୍ରା ଥାନାର ନୂତନ ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ପତି ଦାୟିତ୍ୱ ଗ୍ରହଣ କରିବା ପରେ ବିଶ୍ରା ବ୍ଲକର ସମିତି ସଦସ୍ୟ ସଂଘ ତରଫରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଛି। ସମିତି ସଦସ୍ୟମାନେ ନିଜ ନିଜ ଅଞ୍ଚଳର ସମସ୍ତ ସମସ୍ୟା ବିଷୟରେ ଥାନା ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ। ଜରାଇକେଲା ସମିତି ସଦସ୍ୟ ସୋମନାଥ ରାହା ବିଶ୍ରା ସହରର ମୁଖ୍ୟ ରାସ୍ତାରେ ବେଆଇନ ପାର୍କିଂ ହଟାଇବା, ଉକ୍ତ ଅଞ୍ଚଳରେ ରାତି ପାଟ୍ରୋଲିଂ ବୃଦ୍ଧି, ଅଞ୍ଚଳରେ ଜୁଆ ଖେଳ ବନ୍ଦ କରିବା ସହ ବେଆଇନ ମଦ ବ୍ୟବସାୟ ଉପରେ ପ୍ରତିବନ୍ଧକ ଲଗାଇବାକୁ ଦାବି କରିଛନ୍ତି। ଥାନା ଅଧିକାରୀ ମଧ୍ୟ ଲୋକଙ୍କ ପାଇଁ ସମସ୍ତ ସମ୍ଭାବ୍ୟ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ସୋମନାଥ ରାହା, ତାରିକ ଅଜିଜ ଅନସାରୀ, ଦିଲୀପ ମାହାତୋ, ଜେନା ଟପ୍ପୋ, ନିରଂଜନ ମାହାତୋ, ଜମୁନା ଓରାମ, ଜଲି ବାରୁଆ ଆଦି ଉପସ୍ଥିତ ଥିଲେ।

# କୋଲହପର ଭୁଶୁଡ଼ି ଶ୍ରମିକ ଚାପି ହେବା ଆଶଙ୍କା

ସୁନ୍ଦରଗଡ଼, ରାଜଗାଙ୍ଗପୁର, ୧୬।୧ (ଜୟ ନାରାୟଣ ମେଣ୍ଡୁଲି/ଅଶୋକ ପାଣି)

**ଡାଲମିଆ ସିମେଣ୍ଟ ପ୍ଲାଣ୍ଟରେ ଦୁର୍ଘଟଣା**




ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରସ୍ଥିତ ଡାଲମିଆ ସିମେଣ୍ଟ କାରଖାନାର ଲାଇନ ୨ ପ୍ଲାଣ୍ଟରେ ଗୁରୁବାର ସନ୍ଧ୍ୟାରେ କୋଲହପର ଭୁଶୁଡ଼ି ପଡ଼ିବାରୁ ଏକାଧିକ ଶ୍ରମିକ ଚାପି ହୋଇଥିବା ଆଶଙ୍କା କରାଯାଉଛି। ଏହି ଘଟଣାକୁ ନେଇ କାରଖାନା ବାହାରେ ଉତ୍ତେଜନା ପ୍ରକାଶ ପାଇଛି। ଅଗ୍ନିଶମ କର୍ମଚାରୀ, ରାଜଗାଙ୍ଗପୁର ପୋଲିସ, ପ୍ଲାଣ୍ଟ ସୁରକ୍ଷା କର୍ମୀ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ୩ଟି କ୍ରେନ ସାହାଯ୍ୟରେ ଗଦା ହୋଇଥିବା କୋଇଲାକୁ କଢ଼ାଯାଉଛି। ଖବର ପାଇ ପ୍ଲାଣ୍ଟ ଭିତରକୁ ୩ଟି ଆମ୍ବୁଲାନ୍ସ ଯାଇଛି। ଏହି ଦୁର୍ଘଟଣା ସମ୍ପର୍କରେ କାରଖାନା କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ସଠିକ ସୂଚନା ମିଳିପାରିନାହିଁ। ଖବର ଲେଖା ହେବା ପର୍ଯ୍ୟନ୍ତ କମ୍ପାନୀର ମୁଖ୍ୟ ଫାଟକ ବନ୍ଦ ରହିଛି। ଗେଟ ବାହାରେ ଶତାଧିକ ଲୋକଙ୍କ ଭିଡ ଜମି ରହିଛି। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ସୁନ୍ଦରଗଡ ଏସ୍‌ପି ପ୍ରତ୍ୟୁଷ ଦିବାକର, ରାଜଗାଙ୍ଗପୁର ବିଧାୟକ ଡ. ସିଏସ ରାଜେନ ଏକ୍କା ଓ ଅନ୍ୟ ଅଧିକାରୀମାନେ କାରଖାନା ବାହାରେ ପହଞ୍ଚି ଆଲୋଚନା କରୁଛନ୍ତି। ୩ରୁ ୪ ଶ୍ରମିକ କୋଇଲା ତଳେ ଚାପି ରହିଯାଇଥିବା ଚର୍ଚ୍ଚା ହେଉଛି। ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ୨ନମ୍ବର ପ୍ଲାଣ୍ଟରେ ଥିବା ବଏଲର ଫାଟି ଯାଇ କୋଇଲା ଗଦା ହୋଇଯାଇଥିଲା। ଭିତରକୁ ୧୬ଜଣ ଶ୍ରମିକ କାର୍ଯ୍ୟ କରିବାକୁ ଯାଇଥିଲେ। ପ୍ଲାଣ୍ଟ ଭିତରେ ୧୨ ଜଣ ଶ୍ରମିକଙ୍କ ଫୋନ ଯୋଗାଯୋଗ ହୋଇପାରୁ ନ ଥିବାରୁ ପରିବାର ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ରାଜଗାଙ୍ଗପୁର ତହସିଲଦାର ଜଗବନ୍ଧୁ ମଲ୍ଲିକ କାରଖାନା ଭିତରକୁ ଯାଇଛନ୍ତି। କାହାକୁ ଭିତରକୁ ଛଡାଯାଉନାହିଁ। ଏ ନେଇ କୌଣସି ସ୍ପଷ୍ଟ ଖବର ମିଳୁ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି।

# ଜିଲାସ୍ତରୀୟ ବର୍ଦ୍ଧିତ ଭତ୍ତା ବିତରଣ କାର୍ଯ୍ୟକ୍ରମ



ଜଣେ ଭିନ୍ନକ୍ଷମଙ୍କୁ ଭତ୍ତା ପ୍ରଦାନ କରାଯାଉଛି।

ସୁନ୍ଦରଗଡ଼, ୧୬।୧ (ଜୟ ନାରାୟଣ ମେଣ୍ଡୁଲି)

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶକ୍ରମେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥାନୀୟ ସଂସ୍କୃତି ଭବନ କାର୍ଯ୍ୟାଳୟ ପରିସରରେ ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଥିବା ୮୦ ବର୍ଷ ଓ ତଦୁର୍ଦ୍ଧ ବୟସ୍କ ବୃଦ୍ଧା ଓ ବୃଦ୍ଧ ଏବଂ ୮୦ ପ୍ରତିଶତ ଓ ତଦୁର୍ଦ୍ଧ ଥିବା ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ମଧୁବାବୁ ପେନସନ ଯୋଜନା ଓ ଜାତୀୟ ସାମାଜିକ ସହାୟତା ଯୋଜନାରେ ଅନ୍ତର୍ଭୁକ୍ତ କରି ମାସିକ ଭତ୍ତା ୧୨୦୦ରୁ ବର୍ଦ୍ଧିତ ହୋଇ ୩୫୦୦ ଟଙ୍କା ଏହି ଜାନୁଆରୀ ୧୫ ତାରିଖଠାରୁ ପ୍ରଦାନ କରିବା ଅବସରରେ ଏକ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଜିଲା ସ୍ତରୀୟ କାର୍ଯ୍ୟକ୍ରମରେ ବିଧାନସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌରପରିଷଦ ଅଧ୍ୟକ୍ଷା ତନୟା ମିଶ୍ର, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅମ୍ବିକା ନାଏକ, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ସମସ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ସମସ୍ତ ବ୍ଲକର ହିତାଧିକାରୀମାନେ ଯୋଗ ଦେଇଥିଲେ। ଜାନୁୟାରୀ ପାଇଁ ଜିଲାରୁ ପ୍ରାୟ ୧୩୦୪୨ ଜଣ ହିତାଧିକାରୀ ଏହି ବର୍ଦ୍ଧିତ ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଅବସରରେ ଅତିଥିମାନେ ଉପସ୍ଥିତ ଥିବା ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ରାଶି ପ୍ରଦାନ କରିଥିଲେ।

# ସିଏମ୍ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ସୁନ୍ଦରଗଡ, ୧୬।୧ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଗୁରୁବାର ସିଏମ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ସୁନ୍ଦରଗଡ଼ ଷ୍ଟାଡିୟମଠାରେ ୧୫ବର୍ଷରୁ କମ ଆନ୍ତଃ ବ୍ଲକ ବାଳକ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଦିବସରେ ଜିଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝୀ, ଜିଲା କ୍ରିଡା ଅଧିକାରୀ ବିଶ୍ୱକେଶନ ପାଣ୍ଡେ ଓ ଅତିନ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳର ଉଦ୍‌ଘଟନ କରିଥିଲେ। ଜିଲା କ୍ରିଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ସଭାରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ୮ଟି କ୍ଲବ ଦଳ ପକ୍ଷରୁ ରଙ୍ଗାରଙ୍ଗ ମାର୍ଚ୍ଚ ଫାଷ୍ଟ କରାଯାଇଥିଲା। ପ୍ରଥମ ମ୍ୟାଚ କୁଣ୍ଡୁକେଲା ଆଥଲେଟିକ ଆସୋସିଏଶନ ଏବଂ ଏସଡିପିଏଲ କିଞ୍ଜିରିକେଲା ମଧ୍ୟରେ ହୋଇଥିଲା। ଏଥିରେ କୁଣ୍ଡୁକେଲା ଦଳ ୨-୧ଗୋଲରେ ବିଜୟୀ ହୋଇଛି। ସେହିପରି ୨ୟ ମ୍ୟାଚରେ ଯୁବ ଜ୍ୟୋତି କ୍ଲବ ମସନିକାନୀ ୪-୧ଗୋଲରେ ଫ୍ରେଣ୍ଡସ କ୍ଲବ, ଉଜ୍ଜ୍ୱଳପୁରଠାରୁ ବିଜୟୀ ହୋଇଛି। ନିତ୍ୟ କୁମାର ବଳ ମ୍ୟାଚରେ କମିଶନର ଥିଲେ। ସେହିପରି ରାଉରକେଲା ବୀର୍ସାମୁଣ୍ଡା ଆଥଲେଟିକ ଷ୍ଟାଡିୟମରେରେ ଆୟୋଜିତ ୧ମ ମ୍ୟାଚରେ କଳିଙ୍ଗ ସ୍ପୋର୍ଟିଙ୍ଗ ଫେଡେରେସନ ୭-୦ ଗୋଲରେ କୁଆଁରମୁଣ୍ଡା ଦୁର୍ଗା କ୍ଲବଠାରୁ ତଥା ୨ୟ ମ୍ୟାଚରେ ଗାଙ୍ଗପୁର ସ୍ପୋର୍ଟସ ଏକାଡେମୀ ହମିରପୁର ୧୨-୦ ଗୋଲରେ ଓୟେଲଫେୟାର କ୍ଲବ ଠାରୁ ବିଜୟୀ ହୋଇଛି।



# ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ସୁନ୍ଦରଗଡ଼, ୧୬।୧ (ଜୟ ନାରାୟଣ ମେଣ୍ଡୁଲି)

ଜିଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ବୁଧବାର ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଏହି ପ୍ରସ୍ତୁତି ବୈଠକ ସ୍ଥାନୀୟ ସଦଭାବନା ଭବନ ପରିସରରେ ଅନୁଷ୍ଠିତ ହୋଇଥିଲା। ବୈଠକରେ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ସ୍ଥାନୀୟ ସରକାରୀ କଲେଜ ନିକଟ ଯତରା ପଡ଼ିଆଠାରେ ଜିଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ଏଥି ନିମନ୍ତେ ଜାନୁୟାରୀ ୨୨,୨୩ ଓ ୨୪ ତାରିଖ ଅପରାହ୍ନ ୩ ଟାରେ ପ୍ୟାରେଡ ଅଭ୍ୟାସ କରାଯିବ। ସେହିପରି ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହେବ। ଏହି ଅବସରରେ ସମସ୍ତ ସରକାରୀ ବିଲଡିଂ ଗୁଡିକରେ ଆଲୋକସଜ୍ଜା କରାଯିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଜାନୁୟାରୀ ୨୬ ପ୍ରାତଃ ୪:୩୦ ସମୟରେ ଜିଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ପକ୍ଷରୁ ସହର ମଧ୍ୟରେ ଡ଼ାକବାଜି ଯନ୍ତ୍ର ଦାରା ରାମଧୁନ ପରିବେଷଣ କରାଯିବ। ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡ଼ିକରେ ସକାଳ ୭:୩୦ ସମୟରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସହର ମଧ୍ୟରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ ଏବଂ ବିଭିନ୍ନ ଅନୁଷ୍ଠାନ ମଧ୍ୟରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ସଂପୃକ୍ତ ଅନୁଷ୍ଠାନ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯିବ। ସେହିଭଳି ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ଯତରା ପଡ଼ିଆଠାରେ ସକାଳ ୮:୩୦ ସମୟରେ ଜାତୀୟ ପତାକା ଉତ୍ତୋଳନ କରାଯିବା ସହିତ ସମ୍ମିଳିତ ପ୍ୟାରେଡ ଅନୁଷ୍ଠିତ ହେବ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସେହିଭଳି ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ମଧ୍ୟ ଅନୁଷ୍ଠିତ ହେବ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟ, ଜେଲ, ଆସ୍ଥା ଗୃହ ଏବଂ ସାର୍ଥକ ସ୍କୁଲରେ ଜିଲା ପ୍ରଶାସନ ପକ୍ଷରୁ ଫଳ ଓ ମିଷ୍ଟାନ ବଣ୍ଟନ କରାଯିବ। ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମହେନ୍ଦ୍ରନାଥ ମୁର୍ମୁ, ସଦର ଉପଜିଲାପାଳ ଦାଶରଥି ସରାବୁ, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ସମସ୍ତ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷୟିତ୍ରୀ,ଶିକ୍ଷକ, ଅଧକ୍ଷ, ବିଭିନ୍ନ ଅନୁଷ୍ଠାନର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ବିଆଇଏମ ପକ୍ଷରୁ ମକର ମହୋତ୍ସବ

ଟେନସା, ୧୬।୧ (ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା ଟେନସାରେ ଥିବା ସେଲ ବରସୁଆଁ ଲୌହ ସାମାଜିକ ଦାୟିତ୍ୱ ବୋଧ ପକ୍ଷରୁ ମକର ମହୋତ୍ସବ ଟେନସା ଇସ୍ପାତ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ମକର ମହୋତ୍ସବକୁ ବରସୁଆଁ ଲୌହ ଖଣିର ସିଜିଏମ ହିମାଂଶୁ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମକର ଉତ୍ସବରେ ବିଭିନ୍ନ ପ୍ରକାରର ଖେଳ କୁଦ, ନାଚ ଗୀତ, ଗୁଡି ଉଡାଇବା, ସଟ ଫୁଟ, ତୀର ମାରିବା, ବିଭିନ୍ନ ପ୍ରକାର ପିଠା, ଝୋଟି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୁନ୍ଦରୀ ପ୍ରତିଯୋଗୀତା ମୁଖ୍ୟ ଆକର୍ଷଣ ଥିଲା। ଏହି ସବୁ ପ୍ରତି ଯୋଗୀତାରେ ୫୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ବିଭିନ୍ନ ପ୍ରତିଯୋଗୀତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ସେଲ ବରସୁଆଁ ଲୌହ ଖଣି ପକ୍ଷରୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବରସୁଆଁ ଲୌହ ଖଣିର ସିଜିଏମ ହିମାଂଶୁ ମିଶ୍ର, ପ୍ରଶାସନ ବିଭାଗ ଜିଏମଏନସି ପଣ୍ଡା, ଫାଇନାନ୍ସ ବିଭାଗର ଜିଏମ ପାରିମହଲ ବଂଶଲ, ଖଣି ବିଭାଗର ଜିଏମ ରାଜେଶ କୁମାର, ସିଭିଲ ଏବଂ ସିଏସଆର ବି ଦତ୍ତ, ମେକାନିକ ଏବଂ ସିଏସଆର ଅରୁଣ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରିଥିଲେ। ବରସୁଆଁ ଲୌହ ଖଣି ସାମାଜିକ ଦାୟିତ୍ୱ ବୋଧ ମ୍ୟାନେଜର ଅମୀୟ ରଞ୍ଜନ ରାଉତ ଆୟୋଜକ ଥିବା ବେଳେ ନରେଶ ନାୟକ, ପ୍ରମୋଦ ବିଶ୍ୱାଳ, ବିଜୟ କୁଲସରାଇ, ଭବାନୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ।



## ୨୫୩ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ

ବଡ଼ଗାଁ, ୧୬।୧ (ଅଶୋକ ଷଡ଼ଙ୍ଗୀ) : ବଡ଼ଗାଁ ବ୍ଲକର ୧୫ଟି ଗ୍ରାମ ପଞ୍ଚାୟତର ୮୦ ବର୍ଷରୁ ଉର୍ଦ୍ଧ୍ୱ ୨୫୩ ଜଣ ବରିଷ୍ଠ ନାଗରିକଙ୍କୁ ୩୫ ଶହ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଓ ୧୩୯ ଜଣ ଶତକଡ଼ା ୮୦ ପ୍ରତିଶତ ଭିନ୍ନକ୍ଷମଙ୍କୁ ୩୫ ଶହ ଟଙ୍କା ଭତ୍ତା ପ୍ରଦାନ କରାଯାଇଛି। ବୁଧବାର ଓ ଗୁରୁବାର ୨ଦିନ ବ୍ଲକର ୧୫ଟି ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ କରାଯାଇଥିଲା। ବଡ଼ଗାଁ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ସାହାଜବାହାଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ କରିଥିଲେ। ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ପଟେଲ ଭୋଇପାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ କରିଥିଲେ। ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ହାତଲେଖା ଭିନ୍ନକ୍ଷମ ପ୍ରମାଣପତ୍ର ବଦଳରେ ଅନଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ଦାଖଲ କରି ସମସ୍ତ ହିତାଧିକାରୀ ଏହି ଯୋଜନାରେ ଅତିଶୀଘ୍ର ସାମିଲ ହେବାକୁ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଜେଏସଡବ୍ଲ୍ୟୁ ଶିବା ସିମେଣ୍ଟ ଚୂନପଥର ଖଣିର ଜମି ଅଧିଗ୍ରହଣ ପାଇଁ ଜନ ଶୁଣାଣି

କୁତ୍ରା, ୧୬।୧ (ଦେବାଶିଷ ସାହୁ)



ଅଧିକାରୀମାନେ ଜମିଅଧିଗ୍ରହଣ ନେଇ ଆଲୋଚନା କରୁଛନ୍ତି।

କୁତ୍ରା ବ୍ଲକ ଅନ୍ତର୍ଗତ ଜେଏସଡବ୍ଲ୍ୟୁ ଶିବା ସିମେଣ୍ଟ ଚୂନପଥର ଖଣିର ସାମାଜିକ ପ୍ରଭାବ ଆକଳନ ସମ୍ବନ୍ଧୀୟ ଜନ ଶୁଣାଣି ଖତକୁରବାହାଲଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିବାସିମେଣ୍ଟ ଦ୍ୱାରା ପୂର୍ବରୁ ଅବସ୍ଥିତ କାର୍ଯ୍ୟାନୁରତ ଚୂନପଥର ଖଣି ସଂପ୍ରସାରଣ ପାଇଁ ୮୦.୩୦ ଏକର ଜମି ଯଥା ଖତକୁରବାହାଲ ଗ୍ରାମର ୬୪.୫୮ ଓ କୁଲେନବାହାଲ ଗ୍ରାମର ୧୫.୭୨ ଏକର ଜମି ଅଧିଗ୍ରହଣ ପାଇଁ ରାଜ୍ୟ ପ୍ରଭାବ ଆକଳନ ୟୁନିଟର ପ୍ରାରୂପି ସାମାଜିକ ପ୍ରଭାବ ଆକଳନ ପ୍ରଭାବ ବିବରଣୀ ପ୍ରସ୍ତୁତ କରି ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀଙ୍କ ମତାମତ ପ୍ରଦାନ ପାଇଁ ଜନ ଶୁଣାଣି ଅନୁଷ୍ଠିତ କରାଯାଇଥିଲା। ଏଥିରେ ବିଧାୟକ ଡ.ରାଜେନ ଏକ୍କା, ଉପ ଜିଲାପାଳ ଦାଶରଥି ସରାବୁ,ଏଡିଏମ ଅଭିମନ୍ୟୁ ମାଝୀ,କୁତ୍ରା ତହସିଲଦାର ପ୍ରମୋଦ କୁମାର ବାସ୍କେ,ବିଡିଓ ଯୁଗଳକିଶୋର ବିଶ୍ୱାଳ,୩ଜଣ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ,ଏସଡିପିଓ,କୁତ୍ରା ଥାନା ଅଧିକାରୀ ମନୋରଞ୍ଜନ ବିଶିଙ୍କ ସମେତ ବହୁ ପୋଲିସ ଅଧିକାରୀ ଏବଂ ଗ୍ରାମବାସୀଙ୍କ ସହିତ କମ୍ପାନୀ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ଜନଶୁଣାଣି ପାଇଁ ପୂର୍ବ ନିର୍ଦ୍ଧାରିତ ସ୍ଥାନ ଜଗନ୍ନାଥ ମନ୍ଦିର ପଛପଟେ ସମସ୍ତ ବ୍ୟବସ୍ଥା କରାଯାଇଥିଲେ ହେଁ ଗ୍ରାମବାସୀମାନେ ସେଠାକୁ କାହାରିକୁ ପସିବାକୁ ଦେଇନଥିଲେ। ତେବେ ରାସ୍ତା ଉପରେ ହିଁ ଜିଲା ପ୍ରଶାସନ ଲୋକଙ୍କ ସହିତ ଆଲୋଚନା କରି ଅଭିଯୋଗ ଶୁଣି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ତାର ସମାଧାନ ପାଇଁ କହିଥିବା ଉପ ଜିଲାପାଳ ଦାଶରଥି ସରାବୁ ପ୍ରକାଶ କରିଛନ୍ତି ।

## ଶୁଟିଂ ଚାମ୍ପିୟନରେ ସୁନ୍ଦରଗଡ଼ର ୨ ବିଜେତା

ସୁନ୍ଦରଗଡ଼, ୧୬।୧ (ଜୟ ନାରାୟଣ ମେଣ୍ଡୁଲି): ଗତ ୧୦ ତାରିଖଠାରୁ ଅନୁଗୁଳର ରାଜା ହୃଦୟ ଚନ୍ଦ୍ର ଦେବ ଶୁଟିଂ କମ୍ପ୍ଲେକ୍ସଠାରେ ଆୟୋଜିତ ହୋଇଥିବା ଶୁଟିଂ ଚାମ୍ପିୟନଶିପରେ ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକର ଗୋପାଳପୁର ଅଞ୍ଚଳର ନବୀନ କିଶୋର ବାଗ ଓ ଯୁଧିଷ୍ଠିର ଗିଦିଲୀ ବିଭିନ୍ନ କ୍ରୀଡାରେ ଭାଗ ନେଇ ବିଜେତା ହୋଇଛନ୍ତି। ଯୁଧିଷ୍ଠିର ଗିଦିଲୀ ୫୦ମିଟର ରାଇଫଲ ପ୍ରୋନରେ ତୃତୀୟ ସ୍ଥାନ ଅଧିକାର କରିଥିଲା ବେଳେ ନବୀନ କିଶୋର ବାଗ ଏୟାର ରାଇଫଲ ଓପନ ସାଇଟରେ ତୃତୀୟ ସ୍ଥାନ ଓ ଏୟାର ପିସ୍ତଲରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଅଞ୍ଚଳ ପାଇଁ ସୁନାମ ଅର୍ଜନ କରିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ସୁନ୍ଦରଗଡ଼ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଶୁଭକାମନା ଜଣାଇଛନ୍ତି।

# ଶାନ୍ତା ଦେବୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୁତ୍ରା, ୧୬।୧ (ଦେବାଶିଷ ସାହୁ)



କୁତ୍ରା ବ୍ଲକ କଟଙ୍ଗ ଶାନ୍ତା ଦେବୀ ଉଚ୍ଚ ବିଦ୍ୟାଳୟରେ ୨ ଦିନ ଧରି ୩୫ତମ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ କ୍ରୀଡ଼ାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜେଏସଡବ୍ଲ୍ୟୁ ସିଏସଆର ବିଭାଗ ପ୍ରବନ୍ଧକ ଅଲେଖ ଦଳେଇ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହିତ ବାର୍ଷିକ କ୍ରୀଡ଼ାର ପତକା ଉତ୍ତଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବ କଟଙ୍ଗ ସରପଞ୍ଚ ପୁଷ୍ପା କେର୍କେଟା, ସମିତି ସଭ୍ୟା ସୁନୀତି ଧନୁଆର, ଜିଲା ଓଷ୍ଟା ସଭାପତି ଡ. ବିଭିଷଣ ବାରିକ,ଏବିଇଓ ଲକ୍ଷ୍ମଣ ଜାମୁଣ୍ଡା, ନିରଞ୍ଜନ ରାଉଳ, ମୀନା କୁମାରୀ ଜେନା ପ୍ରମୁଖ ଉପସ୍ଥିତ ରହି ବାର୍ଷିକ କ୍ରୀଡ଼ାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ନିତ୍ୟାନନ୍ଦ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲିଲିମା କିସପଟ୍ଟା, ପଞ୍ଚଶାଖା ଶିକ୍ଷା ସେତୁ କଟଙ୍ଗ କୁମାରୀ କିର୍ତ୍ତୀ, କିରଣ ସୁନିଆନୀ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ସମାଜସେବୀ କମଲ ଅଗ୍ରୱାଲ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ ଶାନ୍ତା ଦେବୀ ଉଚ୍ଚ ବିଦ୍ୟାଳୟ କଟଙ୍ଗର ପ୍ରତିଷ୍ଠାତା ରାମପାଳ କପୁର, ଡାଲମିଆ ଭାରତ ସିମେଣ୍ଟର ସିଏସଆର ମୁଖ୍ୟ ନିଗମାନନ୍ଦ ବେହେରା, ପ୍ରଧାନ ଶିକ୍ଷକ କଟଙ୍ଗ ଆଶ୍ରମ ବିଦ୍ୟାଳୟ ଧରଣୀଧର ଓଡ଼ା, ପ୍ରଧାନ ଶିକ୍ଷକ ତରକେରା ଉଚ୍ଚ ବିଦ୍ୟାଳୟ ଲୋକନାଥ ପ୍ରଧାନ, ସୁଜତା ଦାସ, ଥମାସ ବିଲୁଙ୍ଗ, ବିରଞ୍ଚି ନାରାୟଣ ସାହୁ, ବ୍ରିଧିଚନ୍ଦ୍ର ବିଲୁଙ୍ଗ, ରବିନ୍ଦ୍ର ପଣ୍ଡା ଉପସ୍ଥିତ ରହି କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମମତା ସ୍ୱାଇଁ, କୁମାରୀ ଜୟପୁରିଆ, ଭିକାରୀ ଦାସ, ପ୍ୟାରେଲାଲ ସାହୁ, ଆଲିଶା ଟପ୍ପୋ, ପ୍ରିୟା ଓରାମ, ଶଶି ଛୁରା, ବିଜୟ କେର୍କେଟା, ଉଦିତ ସିଂ, ରବି କମାର ପ୍ରମୁଖ ସହଯୋଗ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂ ପରିଚାଳନା କରିଥିଲେ।

# ଡାଲମିଆ ସିମେଣ୍ଟ ଶିଳ୍ପରେ ଅନୁଭୂତି ହାସଲ କରିବାକୁ ଏନଆଇଟି ଛାତ୍ରୀଛାତ୍ରଙ୍କୁ ଆତିଥ୍ୟ ପ୍ରଦାନ

ରାଜଗାଙ୍ଗପୁର, ୧୬।୧ (ଅଶୋକ ପାଣି)



ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ) ଓ ରାଜଗାଙ୍ଗପୁରସ୍ଥିତ ସର୍ବାଧୁନିକ ସମନ୍ୱିତ ସିମେଣ୍ଟ ୟୁନିଟରେ ଏକ ଶିଳ୍ପ ଶିକ୍ଷଣୀୟ ପରିଦର୍ଶନ (ଏକ୍ସପୋଜର) ଗସ୍ତରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି (ଏନଆଇଟି) ରାଉରକେଲାର ୪୦ ଜଣ ଛାତ୍ରୀଛାତ୍ରଙ୍କୁ ଆତିଥ୍ୟ ପ୍ରଦାନ କରିଛି। ଏହି କାର୍ଯ୍ୟକ୍ରମ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡସ (ବିଆଇଏସ) ସହଯୋଗୀତାରେ ଆୟୋଜିତ ହୋଇଥିଲା। ଯାହା ଶିକ୍ଷାଗତ ଜ୍ଞାନକୁ ବାସ୍ତବ ଜଗତ ଶିଳ୍ପ କାର୍ଯ୍ୟାଭ୍ୟାସ ସହିତ ଯୋଡିବା ଲକ୍ଷ୍ୟ ରଖିଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଉନ୍ନତ ସିମେଣ୍ଟ ଉତ୍ପାଦନ କ୍ଷେତ୍ରରେ ଅନ୍ତର୍ଦୃଷ୍ଟି ପ୍ରଦାନ କରାଯାଇଥିଲା। ଆଶିଷ କୁମାର କନର, ସାଇଣ୍ଟିଷ୍ଟ-ଡି ଏବଂ ଜଏଣ୍ଟ ଡାଇରେକ୍ଟର, ବିଆଇଏସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ମଧ୍ୟ ବାସ୍ତବ ଜଗତ ଶିଳ୍ପ ପରିଚାଳନା କ୍ଷେତ୍ରରେ ବିଆଇଏସ ମାନକଗୁଡିକର ପ୍ରୟୋଗ ସମ୍ପର୍କରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲା। ପ୍ଲାଣ୍ଟ ପରିଦର୍ଶନର ପ୍ରମୁଖ ବିଷୟ ଥିଲା ଯେ ଉକ୍ତ ପ୍ଲାଣ୍ଟ ଏପ୍ରିଲ ୨୦୨୧ରୁ ପରୀକ୍ଷଣ ହୋଇଆସୁଥିବା ଉତ୍ପାଦ ନମୁନାଗୁଡିକରେ ଶୂନ୍ୟ ବିଫଳତା ହାସଲ କ୍ଷେତ୍ରରେ ଏହାର ଉତ୍ପାଦନ ପ୍ରକ୍ରିୟାସମୂହ, ଦୀର୍ଘସ୍ଥାୟୀ ପ୍ରୟାସ ଏବଂ ସର୍ବୋଚ୍ଚ ମାନର ଷ୍ଟାଣ୍ଡାର୍ଡସ ଅନୁପାଳନ ପାଇଁ ଡିସେମ୍ବର ୨୦୨୩ରେ ବିଆଇଏସ ଦ୍ୱାରା ସ୍ୱୀକୃତି ଲାଭ କରିବା ଏବଂ ଗତ ତିନିବର୍ଷ ମଧ୍ୟରେ ଉତ୍ପାଦର ଗୁଣବତ୍ତା ଉପରେ କୌଣସି ଅଭିଯୋଗ ପାଇନଥିବାରୁ ଅନନ୍ୟ ରେକର୍ଡ ବଜାୟ ରଖିବା। ରାଜଗାଙ୍ଗପୁର ଏକଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ ଏବଂ ୟୁନିଟ ହେଡ ଚେତନ ଶ୍ରୀବାସ୍ତବ କହିଥିଲେ, ଡାଲମିଆ ଭାରତରେ ଆମେ ଅର୍ଥପୂର୍ଣ୍ଣ ସହଯୋଗୀତାରେ ବିଶ୍ୱାସ କରୁଛୁ। ଯାହା ପରବର୍ତ୍ତୀ ପିଢ଼ୀର ବୃତ୍ତିଧାରୀଙ୍କୁ ବାସ୍ତବ ଜଗତର ଏକ୍ସପୋଜର ପ୍ରଦାନ ସହିତ ସଶକ୍ତ କରୁଛି । ଆମେ ଯୁବ ମାନସିକତାଗୁଡ଼ିକୁ ପ୍ରେରଣା ଯୋଗାଇଦେବା ଏବଂ ଏକ ସବୁଜ ଏବଂ ଅଧିକ ଦୀର୍ଘସ୍ଥାୟୀ ଭବିଷ୍ୟତ ନିର୍ମାଣ ନିମନ୍ତେ ବିଆଇଏସ ସହିତ ସହଭାଗୀତା କରି ଗର୍ବ ଅନୁଭବ କରୁଛୁ। ଡାଲମିଆ ସିମେଣ୍ଟର ରାଜଗାଙ୍ଗପୁର କାରଖାନା ଦୀର୍ଘସ୍ଥାୟିତା ଏବଂ ନବୋନ୍ମେଷୀ କାର୍ଯ୍ୟାଭ୍ୟାସର ଏକ ମଡେଲ ହୋଇଛି। ଏଥିରେ ବିଶ୍ୱର ସର୍ବବୃହତ କାଲ୍ସିନର, ଉନ୍ନତ ଡଷ୍ଟ ସପ୍ରେସନ ସିଷ୍ଟମସ ଏବଂ ସୌରଶକ୍ତି ଉତ୍ପାଦନ ଭଳି ସର୍ବାଧୁନିକ ପ୍ରଯୁକ୍ତି ସନ୍ନିବେଶିତ ହୋଇଛି। ଯେଉଁଗୁଡ଼ିକ ପରିବେଶଗତ ପ୍ରଭାବ ହ୍ରାସ କରିବା ଲକ୍ଷ୍ୟରେ କରାଯାଇଛି। ୨୦୪୦ ସୁଦ୍ଧା କାର୍ବନ ନେଗେଟିଭ ହେବା ନିମନ୍ତେ ଡାଲମିଆ ଭାରତର ଲକ୍ଷ୍ୟରେ କେନ୍ଦ୍ରସ୍ଥାନ ନେଉଛି ।

# ଜିଲାପାଳ ଅଫିସ ସମ୍ମୁଖରେ ବିଜେଡିର ବିକ୍ଷୋଭ

■ଦାବି ପୂରଣ ନ ହେଲେ ଆଗକୁ ଦୁର୍ବାର ଆନ୍ଦୋଳନ

■ସମ୍ବଲପୁର ସହର ଆବର୍ଜନା କୁଣ୍ଡରେ ପରିଣତ

ସମ୍ବଲପୁର,୧୬।୧(ବି.ଶଙ୍କର)

ରାଜ୍ୟରେ ଭାଜପା ସରକାର ଗଠନ ହେବାର ପ୍ରାୟ ୭ ମାସ ହୋଇଛି । ହେଲେ ନିର୍ବାଚନ ସମୟରେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିନାହିଁ । ୧୫ ଦଫା ଦାବି ନେଇ ଗୁରୁବାର ସମ୍ବଲପୁର ଜିଲା ବିଜୁ ଜନତା ଦଳ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣ ବିକ୍ଷୋଭ ପ୍ରଦର୍ଶନ କରିଛି । ଶାସକ ଦଳକୁ ବିଜେଡି କଡା ଟାର୍ଗେଟ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଅତିରିକ୍ତ ଜିଲାପାଳ ଅଜୟର ମହାନ୍ତିଙ୍କୁ ପ୍ରଦାନ କରିଛି । ଆସନ୍ତା ୧୫ଦିନ ମଧ୍ୟରେ ଦାବିଗୁଡିକ ପୂରଣ କରା ନ ଗଲେ ଆଗକୁ ଦୁର୍ବାର ଆନ୍ଦୋଳନ ହେବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି । ଜିଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀଙ୍କ ନେତୃତ୍ୱରେ ଶୋଭାଯାତ୍ରା ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲେ । ସହସ୍ରାଧିକ ବିଜେଡି କର୍ମୀ, ପୂର୍ବତନ ମନ୍ତ୍ରୀ ଏବଂ ଦଳୀୟ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଗଣ ବିକ୍ଷୋଭସ୍ଥଳରେ ବିଜେଡିର ପୂର୍ବତନ ନଗର ସଭାପତି ବସନ୍ତ ମିଶ୍ରଙ୍କ ସଂଯୋଜନାରେ ବିକ୍ଷୋଭ ସମାବେଶ ହୋଇଥିଲା । ଗତ ନିର୍ବାଚନବେଳେ ୩ଶହ ୟୁନିଟ ମାଗଣା ବିଜୁଳି, ଚାଷୀଙ୍କ କଟ୍‌ନୀ ଛଟ୍‌ନୀ ବନ୍ଦ ସମେତ ଅନ୍ୟ ପ୍ରତିଶ୍ରୁତି ପୂରଣ କରିବାରେ ଭାଜପା ସରକାର ସମ୍ପୂର୍ଣ୍ଣ ଫେଲ ମାରିଛି ।



ସମ୍ବଲପୁର ଜିଲା ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

ଏହାସହ ସମ୍ବଲପୁର ଜିଲାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ବେଆଇନ ନିଶା କାରବାର ସମେତ ଲୋକଙ୍କୁ ସାମାନ୍ୟ ମୌଳିକ ସୁବିଧା ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି । ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ଛତିଶଗଡ଼ ସରକାର ଅନେକ କ୍ଷୁଦ୍ର ଓ ମଧ୍ୟମ ବ୍ୟାରେଜ ନିର୍ମାଣ କରିଛନ୍ତି । ଯଦ୍ୱାରା ବର୍ଷା ଦିନରେ ଅନିୟନ୍ତ୍ରିତ ଜଳ ଛାଡ଼ିବା ଯୋଗୁ ଓଡ଼ିଶାରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି । ସେହିପରି ଅଣ ମୌସୁମୀ ଋତୁ ତଥା ପରବର୍ତ୍ତୀ କାଳରେ ମହାନଦୀ ଜଳକୁ ନିୟନ୍ତ୍ରଣ କରାଯାଉଛି । ଫଳରେ ଓଡ଼ିଶାରେ ମହାନଦୀ ଜଳସ୍ତର ହ୍ରାସ ପାଇ ଜଳାଭାବ ସୃଷ୍ଟି କରାଯାଉଛି । ସମ୍ବଲପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ରାଜ୍ୟ ସରକାର ହିତ ପଦକ୍ଷେପ ନିଅନ୍ତୁ । ଅପର ପକ୍ଷେ ଐତିହାସିକ, ସଂସ୍କୃତି ସଂପନ୍ନ ସମ୍ବଲପୁର ସହର ଆବର୍ଜନା କୁଣ୍ଡରେ ପରିଣତ ହୋଇଛି । ସହରର ପ୍ରତ୍ୟେକ ରାସ୍ତା ମରଣଯନ୍ତା ପାଲଟିଛି । ସହର ସମସ୍ୟା ସକାଶେ ସ୍ଥାନୀୟ ଭାଜପା ବିଧାୟକ ଜୟ ନାରାୟଣ ମିଶ୍ର ଦାୟୀ । ରାଜ୍ୟରେ ଭାଜପା ସରକାର କରିବା ପରେ ବିଧାୟକଙ୍କ ଆଖିରେ କଳା ଚଷମା ଲାଗିଯାଇଛି । ଯଦ୍ୱାରା ତାଙ୍କୁ ସମ୍ବଲପୁରର ବିକାଶ ଏବଂ ଗରିବମାନଙ୍କ ଦୁଃଖ ଦେଖାଯାଉ ନାହିଁ ବୋଲି ଜିଲା ବିଜେଡି ସଭାପତି ଇଂ ରୋହିତ ଗଣ ବିକ୍ଷୋଭ କାର୍ଯ୍ୟକ୍ରମରେ ସମାଲୋଚନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଅତାବିରାର ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ରେଙ୍ଗାଲିର ପୂର୍ବତନ ବିଧାୟକ ରମେଶ ପଟୁଆ, ଶ୍ରମିକ ନେତା ଗୋକୁଳ ମେହେର, ନାରୀ ନେତ୍ରୀ ଉଷା ପ୍ରଧାନ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର ତଥା କେନ୍ଦ୍ର ସରକାରଙ୍କ ଗରୀବ ମାରଣ ନୀତି ବିରୋଧରେ ବର୍ଷିଥିଲେ । ବିଜେଡିର ଗଣ ବିକ୍ଷୋଭ କାର୍ଯ୍ୟକ୍ରମକୁ ନେଇ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ରାଜ୍ୟରେ ଭାଜପା ସରକାର ଆସିବା ପରେ ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତିଗୁଡିକ ପାଳନ କରାଯାଉଛି । ଚାଷୀଙ୍କୁ କୁଇଣ୍ଟାଲ ପିଛା ୩୧ଶହ ଟଙ୍କା, ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ୫ହଜାର ଟଙ୍କା ଲେଖାଏ ଦିଆଯାଇଛି । ତେଣୁ ଆମ ଆଖି ସବୁ ବେଳେ ସ୍ୱଚ୍ଛ ଅଛି । ଯେଉଁମାନେ ଅନ୍ୟମାନଙ୍କୁ ସମାଲୋଚନା କରନ୍ତି, ପ୍ରକୃତରେ ସେମାନେ ଓ ସେମାନଙ୍କ ପରିବାର ଦୁର୍ନିତିରେ ଲିପ୍ତ ଥିଲେ, ଅଛନ୍ତି ଓ ରହିବେ । ୨୪ବର୍ଷରେ ବିଜେଡି ସରକାର ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେଇ ପାରିଲେ ନାହିଁ । ଅଥଚ ସେମାନେ ଅନ୍ୟମାନଙ୍କୁ ଆକ୍ଷେପ କରୁଛନ୍ତି ବୋଲି ବିଜେଡି ଜିଲା ସଭାପତି ଇଂ. ପୂଜାରୀଙ୍କୁ ଟାର୍ଗେଟ କରି କହିଛନ୍ତି ବିଧାୟକ ମିଶ୍ର ।

## ମଣପୁରମ ଗୋଲ୍ଡ ଲୋନ ସଂସ୍ଥାରୁ ଡକାୟତି ଘଟଣାରେ ୨ ଗିରଫ

ସମ୍ବଲପୁର,୧୬।୧(ପ୍ରମୋଦ ବହିଦାର)

ସମ୍ବଲପୁରର ବୁଢ଼ାରଜା ମଣପୁରମ ଗୋଲ୍ଡ ଲୋନ ସଂସ୍ଥାରୁ ସୁନା ଗହଣା ଡକାୟତି ଘଟଣାରେ ଗୁରୁବାର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ପଙ୍କଜ ପାଶ୍ୱାନ(୨୬) ଓ ଅଜୟ ପାଶ୍ୱାନ(୨୫) । ଉଭୟ ବିହାର ରାଜ୍ୟ ହାଜିପୁରର । ପୋଲିସ ପଙ୍କଜଙ୍କୁ ପଶ୍ଚିମବଙ୍ଗର ହୁଗୁଳି ଓ ଅଜୟଙ୍କୁ ସମ୍ବଲପୁର ଜିଲା ଠେଲକୋଲେଇରୁ ଗିରଫ କରିଛି । ସୂଚନାଯୋଗ୍ୟ, ଗତ ୩ ତାରିଖରେ ସ୍ପଷ୍ଟ ଦିବାଲୋକରେ ବୁଢ଼ାରଜା ମଣପୁରମ ଗୋଲ୍ଡ ଲୋନ ନାମକ ଏକ ଅର୍ଥଲଗାଣକାରୀ ସଂସ୍ଥାରୁ ଦୁର୍ବୃତ୍ତମାନେ ବନ୍ଧୁକ ମୁନରେ ଏକ ବ୍ୟାଗ ଭର୍ତ୍ତି ସୁନାଗହଣା ଲୁଟି ନେଇଥିଲେ । ଘଟଣା ପରେ ଅଇଁଠାପାଲି ଥାନା ପୋଲିସ ଏକ ମାମଲା (ନଂ.୫/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ବୀର ସୁରେନ୍ଦ୍ର ସାଏ ସୁଟିଂ ଏକାଡେମୀ ଉଦ୍‌ଘାଟିତ




ବୀର ସୁରେନ୍ଦ୍ର ସାଏ ସୁଟିଂ ଏକାଡେମୀ ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥି ।

ସମ୍ବଲପୁର,୧୬।୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ରାଇଫଲ ଆସୋସିଏଶନ ପକ୍ଷରୁ ଗୁରୁବାର ସମ୍ବଲପୁରରେ ବୀର ସୁରେନ୍ଦ୍ର ସାଏ ସୁଟିଂ ଏକାଡେମୀ ଉଦ୍‌ଘାଟିତ ହୋଇଛି । ଓଡ଼ିଶା ରାଇଫଲ ଆସୋସିଏଶନ ଅନୁବନ୍ଧିତ ଏହି ଏକାଡେମୀ ଭାଲୁପାଲିସ୍ଥିତ ରୟାଲ ଗ୍ରିଟ୍ ନିକଟରେ ଆରମ୍ଭ ହୋଇଛି । କର୍ଣ୍ଣେଲ ପ୍ରଭାତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସେବା ମେଡାଲପ୍ରାପ୍ତ ବ୍ରିଗେଡିୟର ଅଭିମନ୍ୟୁ ରାଉତ, ଗ୍ରୁପ କମାଣ୍ଡର ଏନସିସି ସମ୍ବଲପୁର କର୍ଣ୍ଣେଲ କଦମ ପ୍ରସାଦ ଯାଦବ, ପ୍ରଶାସନିକ କମାଣ୍ଡାଣ୍ଟ ସମ୍ବଲପୁର ମିଲିଟାରୀ ଷ୍ଟେଶନ କର୍ଣ୍ଣେଲ ସାହ, ଲେଫ୍ଟନାଣ୍ଟ କର୍ଣ୍ଣେଲ ବିମଳ ପାଣିଗ୍ରାହୀ ସିଇଓ ୫ ଓଡ଼ିଶା ଏନସିସି, କର୍ଣ୍ଣେଲ କେ.କେ.ମିଶ୍ର ଏବଂ ସିଇସିଏଚସ ଆର୍ତ୍ତତ୍ରାଣ ମିଶ୍ର ଉପସ୍ଥିତ ଥିଲେ । ଆଗକୁ କିଭଳି ଅଧିକ ଛାତ୍ରୀଛାତ୍ର ଏହି ଆନ୍ତର୍ଜାତିକ ମାନର ଦଶ ମିଟର ରେଞ୍ଜ ସୁଟିଂ ଏକାଡେମୀରେ ନାମଲେଖାଇ ପାରିବେ ସେ ନେଇ ଆଲୋଚନା କରାଯାଇଥିଲା । ଛାତ୍ରୀଛାତ୍ର ଅଧିକ ସଂଖ୍ୟାରେ ତାଲିମ ନେଲେ ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିପାରିବେ ସେ ସମ୍ପର୍କରେ ଅନୁଷ୍ଠାନ ସମ୍ପାଦକ ଅର୍ଦ୍ଧେନ୍ଦୁ ପାଢ଼ୀ ସୂଚନା ପ୍ରଦାନ କରିଥିଲେ । ଶେଷରେ ଅନୁଷ୍ଠାନର ବୋର୍ଡ଼ ସଦସ୍ୟ ମାନସ ରଞ୍ଜନ ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍‌ଘାଟନୀ ସମାରୋହରେ ଏକ୍ସ ଅଣ୍ଡର ଅଫିସର ଗୁରଦୀପ ଗିଲ, ପୂର୍ବତନ ସିଡିଏମଓ ଡାକ୍ତର ବିନୋଦ ନାୟକ, ଶିବ ପ୍ରସାଦ ମେହେର ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ ।

## ସଂକ୍ଷେପରେ

### ଭାଗବତ କଥାରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ କାର୍ଯ୍ୟକ୍ରମ

ସମ୍ବଲପୁର,୧୬।୧(ବି.ଶଙ୍କର)

ସମ୍ବଲପୁର ମହାନ୍ତିପଡା ଦଧିବାମନ କଲ୍ୟାଣ ମଣ୍ଡପରେ ଚାଲିଥିବା ଶ୍ରୀମଦ୍ ଭାଗବତ ସପ୍ତାହ ଜ୍ଞାନଯଜ୍ଞରେ ଗୁରୁବାର ଶ୍ରୀକୃଷ୍ଣ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ବାବା ହରେକୃଷ୍ଣ ଦାସ ଶ୍ରୀକୃଷ୍ଣ ଜନ୍ମକଥା ବ୍ୟାଖ୍ୟା କରିଥିଲେ । ୫୧ ଜଣ ପଣ୍ଡିତ ଗୋପାଳ ସହସ୍ର ନାମ ପାଠ କରିଥିଲେ । ଏଥିସହ ଶ୍ରୀ ଗୋପାଳ ମହାପ୍ରଭୁଙ୍କୁ ୧୫ ହଜାର ତୁଳସୀ ପତ୍ର ଅର୍ପଣ କରାଯାଇଥିଲା । ପୂର୍ବତନ ରାଜ୍ୟ ସଭା ସଦସ୍ୟ ସୁଶ୍ରୀ ପ୍ରମିଳା ବହିଦାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଣବ କିଶୋର ମହାନ୍ତି ଏବଂ ତାଙ୍କ ଧର୍ମପତ୍ନୀ କଳ୍ପନା ମହାନ୍ତ କର୍ତ୍ତା ରହିଛନ୍ତି । ହେମନ୍ତ କୁମାର ମହାପାତ୍ର ସ୍ୱର୍ଗତ ମହନ୍ତ ଅଦ୍ୱୈତ ଚରଣ ଦାସଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ।

### ନାକଟିଦେଉଳ ଡାକ୍ତରଖାନାରେ କାୟାକଳ୍ପ ପର୍ଯ୍ୟବେକ୍ଷଣ ଦଳ

ନାକଟିଦେଉଳ,୧୬।୧(ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ସିଏଚ୍‌ସିକୁ ଗୁରୁବାର କାୟାକଳ୍ପ ପର୍ଯ୍ୟବେକ୍ଷଣ ଟିମ୍ ପରିଦର୍ଶନ କରି ଡାକ୍ତର ଏବଂ କର୍ମଚାରୀଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଏହି ଦଳରେ ସହ ନିର୍ଦ୍ଦେଶକ ଅଶୋକ କୁମାର ସିଠା, ଅଣ ସଂକ୍ରମକ ରୋଗ ଉପଦେଷ୍ଟା ଲଳିତ ମୋହନ ସାହୁ, କାର୍ଯ୍ୟକ୍ରମ ସଂଯୋଜକ ସୁଶାନ୍ତ କୁମାର ପଣ୍ଡା ସାମିଲ ଥିଲେ । ଏହି ଟିମ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭିତିଭୂମି, ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ ନିୟନ୍ତ୍ରଣ, ପାରିପାର୍ଶିକ ସହଭାଗିତା ଏବଂ ପରିବେଶ ଅନୁକୂଳର ମୂଲ୍ୟାୟନ କରିଥିଲେ । ଏଥିରେ ଗୁଣବତ୍ତା ପର୍ଯ୍ୟବେକ୍ଷିକା ବୈଶାଳୀ ସାହୁ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଉପଦେଷ୍ଟା ଅଶ୍ୱିନୀ ମହାନନ୍ଦ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଅମୂଲ୍ୟରତ୍ନ ମହନ୍ତ ଏବଂ ଡାକ୍ତରଖାନାର କର୍ମଚାରୀମାନେ ସହଯୋଗ କରିଥିଲେ ।

### ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ସରିଲା

ଜମନକିରା,୧୬।୧(ରବୀନ୍ଦ୍ର ପ୍ରସାଦ ଦାନୀ)

ଜମନକିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଠଦିନ ଧରି ଚାଲିଥିବା ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜମନକିରା ଥାନା ସବ ଇନ୍ସପେକ୍ଟର ମନୋରଞ୍ଜନ ଦାଶ, ସେଲ୍ଫ ଡିଫେନ୍ସ ଟ୍ରେନିଙ୍ଗ ପ୍ରୋଗ୍ରାମର ଭାରପ୍ରାପ୍ତ ଅଧିକାରୀ ରଞ୍ଜନ କୁମାର ମହାକୁଳ, ମାଷ୍ଟର ଟ୍ରେନର ଉପାସୀ ନାୟକ, ଅଧ୍ୟାପିକା ଅଙ୍କିତାରାଣୀ କର୍ଣ୍ଣ, ଅଧ୍ୟାପିକା ତୃପ୍ତିମୟୀ ମଲିକ, ଅଧ୍ୟାପକ ସତ୍ୟ ନାରାୟଣ ପଟ୍ଟନାୟକ, ରିଟେଲ ପ୍ରଶିକ୍ଷକ ସମରେନ୍ଦ୍ର ବୈଦ୍ୟ ଯୋଗ ଦେଇଥିଲେ । ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ କିପରି କାର୍ଯ୍ୟରେ ଲାଗିବ ସେ ବିଷୟରେ ଆଲୋକପାତ କରାଯାଇଥିଲା ।

## ମୂଷାକାନୀକୁ ହରାଇଲା ଶିମିଳିପାଳ

### ନେତାଜୀ କପ କ୍ରିକେଟ ଟୁର୍ନାମେଣ୍ଟ

ନାକଟିଦେଉଳ,୧୬।୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜଗନ୍ନାଥ ପ୍ରସାଦ ନେତାଜୀ କ୍ରୀଡା ଓ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଗୁରୁବାରଠାରୁ ନେତାଜୀ କପ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି । ଜଗନ୍ନାଥ ପ୍ରସାଦ ମିନି ଷ୍ଟାଡିୟମଠାରେ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ଲାଣ୍ଡିମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ତରୁଣକାନ୍ତ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ଟୁର୍ନାମେଣ୍ଟ ଆସନ୍ତା ୨୩ ତାରିଖ ଉଦ୍‌ଯାପିତ ହେବ । ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିବା କାର୍ଯ୍ୟକ୍ରମ ରହିଛି । ଉଦ୍‌ଘାଟନୀ ମ୍ୟାଚ ମୂଷାକାନୀ ଏବଂ ଶିମିଳିପାଳ ମଧ୍ୟରେ ହୋଇଥିଲା । ଶିମିଳିପାଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୯୯ ରନ କରିଥିଲା । ଜବାବରେ ମୂଷାକାନୀ ୨୦ ଓଭରରେ ୩ ଉଇକେଟ ହରାଇ ମାତ୍ର ୯୦ ରନ କରିଥିଲା । ମ୍ୟାଚକୁ ପରିଚାଳନା କରିଥିଲେ ସମୀର କୁମାର ସାହୁ ଏବଂ ବିଭୁତି ଭୂଷଣ ସାହୁ ।



ଉଦ୍‌ଘାଟନୀ ମ୍ୟାଚରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ ।

## ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ ଟାସ୍କଫୋର୍ସ ବୈଠକ

ସମ୍ବଲପୁର, ୧୬।୧(ପ୍ରମୋଦ ବହିଦାର)

ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ-୧୯୯୪ ସମ୍ପର୍କିତ ସମ୍ବଲପୁର ଜିଲା ପରାମର୍ଶଦାତା ଓ ଟାସ୍କଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧ୍ୟକ୍ଷତା କରିଥିଲେ । ଏଥିରେ ସ୍ୱାସ୍ଥ୍ୟସେବା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ସେହିପରି ଜିଲାରେ ରାଜସ୍ୱ ପାଣ୍ଠିରୁ ପ୍ରଶାସନିକ କାର୍ଯ୍ୟାଳୟ, ଡାକ୍ତରଖାନା ଆଦି ବିଭିନ୍ନ ଅଞ୍ଚଳରେ ୨୪ ଟି ସ୍ୱାସ୍ଥ୍ୟ ସଚେତନତା ଧର୍ମୀ ହୋର୍ଡିଂ ଲଗାଯାଇଥିବା, ଜିଲା ୱେବସାଇଟରେ ସମସ୍ତ ପଞ୍ଜୀକୃତ ଅଲଟ୍ରାସାଉଣ୍ଡ କ୍ଲିନିକର ତଥ୍ୟ ଉପଲବ୍ଧ, ଜିଲାରେ ନଭେମ୍ବର ୨୫ରୁ ଡିସେମ୍ବର ୧୦ପର୍ଯ୍ୟନ୍ତ ପାଳିତ ମହିଳା ଓ ଘରୋଇ ହିଂସା ନିରାକରଣ ପକ୍ଷ ପାଳନ ସମ୍ପର୍କିତ ତଥ୍ୟ ଉପସ୍ଥାପିତ ହୋଇଥିଲା । ଏହି ଅବସରରେ ଜିଲାରେ ପୂର୍ବରୁ ଆବେଦନ କରାଯାଇଥିବା ୨ଟି ବେସରକାରୀ ଅଲଟ୍ରାସାଉଣ୍ଡ କେନ୍ଦ୍ରର ପଞ୍ଜୀକରଣକୁ ଅନୁମୋଦନ କରାଯାଇଛି । ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଜାତାରାଣୀ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲୁ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଖୀ, ଚାଇଲ୍ଡ ଲାଇନ ପ୍ରତିନିଧି, ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଉପସ୍ଥିତ ଥିଲେ । ସହକାରୀ ପରିଚାଳକ ବୁଧ ରଞ୍ଜନ ଭୋଇ, ବିବରଣୀ ଉପସ୍ଥାପନ କରିଥିଲେ ।

## କ୍ରୀଡ଼ା ସୁସ୍ଥ ମନ, ଶରୀର ଗଠନ କରେ

ସମ୍ବଲପୁର,୧୬।୧(ବି.ଶଙ୍କର)

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ଦିବସୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ନିକଟସ୍ଥ ମଙ୍ଗଳା ମନ୍ଦିରରୁ ଛାତ୍ରୀମାନେ କ୍ରୀଡାଗ୍ନି ନେଇ ଉତ୍ସବ ସ୍ଥଳରେ ପହଞ୍ଚିବା ପରେ ଅତିଥିମାନେ ପ୍ରତିଯୋଗୀତାର ଶୁଭାରମ୍ଭ କରିଥିଲେ । ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ପତାକା ଉତ୍ତୋଳନ ପୂର୍ବକ ସୁସ୍ଥ ମନ ସହ ସୁସ୍ଥ ଶରୀର ଏବଂ କ୍ରୀଡା କିପରି ସହାବସ୍ଥାନ କରେ ତାହା ଛାତ୍ରୀମାନଙ୍କୁ ବୁଝାଇ ଥିଲେ । ଏଥିରେ ୧୦୦ମିଟର, ୨୦୦ ମିଟର, ୪୦୦ ମିଟର, ୮୦୦ ମିଟର ଲମ୍ବଡିଆଁ, ଉଚ୍ଚ ଡିଆଁ ଭଳି ୨୨ଟି ଖେଳ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟସ୍ତରରେ କୁସୁମ ଦଳାଇ ଏବଂ ଉଚ୍ଚ ମାଧ୍ୟମିକସ୍ତରରେ ସୁମନ ମୁଣ୍ଡା ନିଜର କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରି ଚାମ୍ପିୟନ ହୋଇଥିଲେ । ଉତ୍ସବରେ ଜାତୀୟସ୍ତରର ଶକ୍ତି ଉତ୍ତୋଳିକା ଉର୍ମିଳା ବେହେରା ଯୋଗ ଦେଇ ନିଜର କ୍ରୀଡ଼ା ଜୀବନର ବିବିଧ ବାଧାବିଘ୍ନ ଉପରେ ଆଲୋକପାତ କରିଥିଲେ । କ୍ରୀଡା ସଂସଦ ଉପସଭାପତି ଅଧ୍ୟାପିକ ଅମ୍ବିତ ପାଣି ବାର୍ଷିକ ବିବରଣୀ ପାଠ କରି ମହାବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ କିପରି ଜିଲା, ରାଜ୍ୟ ଓ ଜାତୀୟସ୍ତରରେ କୃତି ହାସଲ କରିଛନ୍ତି ସେନେଇ କ୍ରୀଡା ସଂସଦର ସଦସ୍ୟ ଅଧ୍ୟାପିକା ଶ୍ୱେତାଲାନା ତୀର୍କି, ମଧୁସ୍ମିତା ବିଶ୍ୱାଳ, ନନ୍ଦିନୀ ମୁଣ୍ଡା, ଅଧ୍ୟାପକ ରାଜେନ୍ଦ୍ର ବିଶ୍ୱାଳ, ପ୍ରଜ୍ଞାପିତା ଦାସ, ସିଦ୍ଧାର୍ଥ ସାହୁ ପ୍ରମୁଖ କ୍ରୀଡା ଉତ୍ସବକୁ ସଫଳ କରିବାରେ ସହାୟତା କରିଥିଲେ ।

## ୧୨୦ଛାତ୍ରୀ ନେଲେ ଆତ୍ମରକ୍ଷା ତାଲିମ

ନାକଟିଦେଉଳ,୧୬।୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୬ତାରିଖରୁ ଆରମ୍ଭ ହୋଇଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ୧୨୦ଜଣ ଛାତ୍ରୀ ତାଲିମ ନେଇଥିଲେ । ଅନୁଷ୍ଠାନ ଅଧକ୍ଷ ହେମାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନାକଟିଦେଉଳ ଥାନା ସବଇନ୍ସପେକ୍ଟର ପବିତ୍ର ମୋହନ ଭୋଇ, ସମ୍ମାନିତ ଅତିଥିଭାବେ ଏଏସଆଇ ହୀରାଧର ବେହେରା ଓ ଗଣିତ ଅଧାପକ ଉମାକାନ୍ତ ବିଶ୍ୱାଳ ଯୋଗଦେଇ ଆତ୍ମରକ୍ଷା ପ୍ରଶିକ୍ଷଣର ଆବଶ୍ୟକତା ତଥା ସାମ୍ପ୍ରତିକ ସମାଜରେ ଛାତ୍ରୀମାନଙ୍କର ସୁରକ୍ଷା ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ଶିବିର ସଂଯୋଜିକା ଅଧାପିକା ବିନୀତା ମୁର୍ମୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ କହିଥିଲେ । ଖେଳଶିକ୍ଷକ ଜିତେନ୍ଦ୍ରିୟ ପ୍ରଧାନଙ୍କ ସହାୟତାରେ ତାଲିମ ନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା । ଅରୁଣ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ମାଷ୍ଟର ଟ୍ରେନର ଭାବେ କୁମୁଦିନୀ ବିଶ୍ୱାଳ ତାଲିମ ପ୍ରଦାନ କରିଥିଲେ ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କୁଚିଣ୍ଡା,୧୬।୧(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର କୁଟୁରାଚୁଆଁ ଯୁକ୍ତ ୨ କଲେଜରେ ଦ୍ୱିତୀୟ ବର୍ଷ ଛାତ୍ରୀଙ୍କ ପାଇଁ ଗତ ୬ରୁ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା ସଭାକୁ ବରିଷ୍ଠ ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଝାରୀ ପରିଚାଳନା କରିଥିଲେ । ଶିବିର ସଂଯୋଜିକା ଅଧ୍ୟାପିକା ଭାବନା ପାଣ୍ଡେ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରିଚାଳନା ସମିତିର ପୂର୍ବତନ ସମ୍ପାଦକ ହିମାଂଶୁ କୁମାର ମହାପାତ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଆତ୍ମରକ୍ଷା ତାଲିମ ନେଇ ଛାତ୍ରୀମାନେ ନିଜକୁ କିଭଳି ସୁରକ୍ଷିତ ରଖିବେ କହିଥିଲେ । ଏହି ଅବସରରେ ଅତିଥିମାନେ ତାଲିମ ନେଇଥିବା ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ଅଧ୍ୟାପକ ସୁଧିର କୁମାର ନାଏକ, ତାଲିମଦାତ୍ରୀ ସୁଜାତା ବଗର୍ତ୍ତୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଡିଇଓ ସମିନ ରଞ୍ଜନ ନାଏକ, କିରାଣୀ ଭେଷଜ କୁମାର ଗରଡିଆ, ଜୟଦେବ ରାଉତ ସହଯୋଗ କରିଥିଲେ । ଶିକ୍ଷା ଡେମୋନଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।



ଛାତ୍ରୀମାନଙ୍କ ସହ ଅତିଥିମାନେ ।

## କଂସ ମହାରାଜଙ୍କ ମଥୁରା ଭ୍ରମଣ

■ଅଇଁଠାପାଲିରୁ ମ୍ୟୁନିସିପାଲିଟି ଛକ ମଧ୍ୟରେ ମହାରାଜଙ୍କୁ ସ୍ୱାଗତ

■ଟ୍ରାଫିକ ସମସ୍ୟା ନେଇ ସଚେତନ କଲେ

ସମ୍ବଲପୁର,୧୬।୧(ବି.ଶଙ୍କର)

ସମ୍ବଲପୁରୀ ଧନୁଯାତ୍ରାର ମହାରାଜ କଂସ ଗୁରୁବାର ଗଜରାଜଙ୍କ ପିଠିରେ ଉପବିଷ୍ଟ ହୋଇ ସହର(ମଥୁରା) ଭ୍ରମଣ କରିଛନ୍ତି । ଅଇଁଠାପାଲି ଛକରୁ ମନ୍ତ୍ରୀ ପରିଷଦଙ୍କ ସହ ମହାରାଜ ଭ୍ରମଣ ଆରମ୍ଭ କରିଥିଲେ । ବୀମା ଅଭିଭକ୍ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଏଲଆଇସି ଏସ୍‌ଡିଏମଙ୍କୁ କଂସଙ୍କ ତାଗିଦ୍, ଦରବାରରେ ହାଜର ପାଇଁ ନିର୍ଦ୍ଦେଶ, ରାସ୍ତା ଜାମ ନେଇ କଂସ ମ୍ରିୟମାଣ, ରାସ୍ତା ଖାଲି କରିବାକୁ ଦୋକାନୀମାନଙ୍କୁ ତାଗିଦ ଏବଂ ପାର୍କିଂ ସୁବିଧା ପାଇଁ ବିଭିନ୍ନ ବଡ ଦୋକାନୀମାନଙ୍କୁ ଚେତାବନୀ ଦିଆଯାଇଛି । ଯାତ୍ରାର ଦ୍ୱିତୀୟ ଦିବସରେ ମହାରାଜ କଂସ ହାତୀ ପିଠିରେ ଭ୍ରମଣ କରି ରାଜ୍ୟ ବାସୀ ଓ ପ୍ରଜାମାନଙ୍କ ଭଲ ମନ୍ଦ ଓ ସମସ୍ୟା ବୁଝିଛନ୍ତି । ପୂର୍ବାହ୍ନ ୧୦ଟାରୁ ଅଇଁଠାପାଲି ପିଏଚଡ଼ି ପଡିଆରୁ ବୁଢାରଜା, ଫାଟକ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଛକ, ଚର୍ଚ୍ଚଛକ, ଧୁତୁରାପଡା, ଲକ୍ଷ୍ମୀ ଟକିଜ ଛକ, ଗୋଲବଜାର ଓ ପୀରବାବା ଛକ ଦେଇ ଗଙ୍ଗାଧର ମଣ୍ଡପରେ ପହଞ୍ଚିଥିଲେ । ମହାରାଜ କଂସଙ୍କ ମଥୁରା ରାଜ୍ୟ ଭ୍ରମଣ ସମୟରେ ଏଭଳି ଜନ କଲ୍ୟାଣମୂଳକ ସଚେତନତା ନେଇ ମଥୁରା ନାଗରୀରେ ଉଲ୍ଲାସ ଖେଳିଯାଇଛି । ଏହି ସମୟରେ ମହାରାଜା କଂସଙ୍କ ମନ୍ତ୍ରୀ ପରିଷଦ ଉପସ୍ଥିତ ରହି ଆବଶ୍ୟକସ୍ଥଳେ ଜରିମାନା ଆଦାୟ କରିଥିଲେ । ସହ ସମ୍ପାଦକ ଦୁଷ୍ମନ୍ତ ପଣ୍ଡା, କୋଷାଧ୍ୟକ୍ଷ ନିଶିକାନ୍ତ ବିଶ୍ୱାଳ, ସହ କୋଷାଧ୍ୟକ୍ଷ ଚୈତନ୍ୟ ନାୟକ, ସ୍ୱାଧିନ ପଣ୍ଡା, ରାହୁଲ ଗୁପ୍ତା, ସୌରୀନାରାୟଣ ପାଣିଗ୍ରାହୀ, ଇଞ୍ଜିନିୟର ଅନମୋଲ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ ।




ସମ୍ବଲପୁରୀ ଧନୁଯାତ୍ରାର ମହାରାଜ କଂସ ଗୁରୁବାର ହାତୀ ପିଠିରେ ସହର ଭ୍ରମଣ କରୁଛନ୍ତି ।

**ମାଗଣା ଚକ୍ଷୁ ଚିକିତ୍ସା ଶିବିର**

ଲାଠୋର,(ଭୁବନେଶ୍ୱର ବାରିକ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମ ବସଷ୍ଟାଣ୍ଡ ନିକଟରେ ରାଇଟ ଟୁ ଫାଇଟ ଅନୁଷ୍ଠାନ ଅନୁକୂଲ୍ୟରେ ଗୁରୁବାରମାଗଣାଚକ୍ଷୁଚିକିତ୍ସାଶିବିରଅନୁଷ୍ଠିତହୋଇଯାଇଛି।ଶିବିରରେ୭୦ଜଣପଞ୍ଜୀକୃତହୋଇଚିକିତ୍ସିତହୋଇଥିଲା।୩୧ଜଣଙ୍କଚକ୍ଷୁରେଅସ୍ତ୍ରୋପଚାର ପାଇଁ ଏସଇଡି ଚକ୍ଷୁ ହସ୍ପିଟାଲ ଟିଟଲାଗଡକୁ ପଠାଯାଇଥିଲା। ଟେକ୍ନିସିଆନ ରଶ୍ମିତା ତାଣ୍ଡି, ନର୍ସ ଚନ୍ଦ୍ରକାନ୍ତି ମହାନନ୍ଦ, ବସନ୍ତ ନାଗ, ସୁଶିଲ ନାଗଙ୍କ ସହ ରାଇଟ ଟୁ ଫାଇଟ ସଭାପତି ସୁଶିଲ ଅଗ୍ରୱାଲ, ସଦସ୍ୟ ସଚ୍ଚିକାନ୍ତ ଦାସ, ପ୍ରକାଶ ବେହେରା, ଜଗା ମେହେର, ଅମିତ ସିଂଘଲ ସହଯୋଗ କରିଥିଲେ।



# ଶିଳାନ୍ୟାସରେ ଅଟକିଛି ବସ୍‌ଷ୍ଟାଣ୍ଡ ନିର୍ମାଣ

ସୋନପୁର,୧୬।୧(ମୃତ୍ୟୁଞ୍ଜୟ ଶତପଥୀ)


ସୁବର୍ଣ୍ଣପୁର ପୁରୁଣା ବସଷ୍ଟାଣ୍ଡ।

ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ଏକ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ସ୍ୱପ୍ନ ହୋଇ ରହିଛି। ୧୯୯୩ ମସିହାରେ ଏହି ଜିଲା ପ୍ରତିଷ୍ଠା ହୋଇଥିଲେ ମଧ୍ୟ ଗମନାଗମନ କ୍ଷେତ୍ରରେ ସର୍ବନିମ୍ନ ସୁବିଧା ପୂରଣ ହୋଇନି। ଗତ ୮ ବର୍ଷ ଭିତରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ତିନି ତିନି ଥର ଶିଳାନ୍ୟାସ କରାଯାଇଛି। ମାତ୍ର ବିଡମ୍ବନାର ବିଷୟ ଇଟା ଖଣ୍ଡେ ଯୋଡାଯାଇନି। କେବଳ ଖବର ଶିରୋନାମାରେ ହିଁ ବସଷ୍ଟାଣ୍ଡ ନିର୍ମାଣ ଏକ ପ୍ରସଙ୍ଗ ହୋଇ ରହିଯାଇଛି। ଶେଷ ଥର ପାଇଁ ୧ ବର୍ଷ ପୂର୍ବରୁ ଏ ଟାଇପ୍ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ପୁରୁଣା ସ୍ଥାନରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଆବଶ୍ୟକ ଜମି ଓଏସ୍‌ଆର୍‌ଟିସି ନାମରେ ଆବଣ୍ଟନ କରାଯାଇଥିଲା। ନୂତନ ବସ୍‌ଷ୍ଟାଣ୍ଡ ବର୍ତ୍ତମାନର ପୁରୁଣା ବସ୍‌ଷ୍ଟାଣ୍ଡ, ନଳିନୀ ଛକରୁ ବିଜୁ ପଟ୍ଟନାୟକ ଛକ ଓ ଗାନ୍ଧୀ ଷ୍ଟାଡିୟମ ପ୍ରାଚୀର ପର୍ଯ୍ୟନ୍ତ ମ୍ୟୁନିସିପାଲିଟିର ୧୩୧ଟି ଦୋକାନ ଘର(ଷ୍ଟଲ), ଭୀମ ଭୋଇ କଳାମଣ୍ଡପ, ପୁରୁଣା ଟାଉନ ହଲ ଓ ଶୌଚାଳୟକୁ ଉଚ୍ଛେଦ କରି ସେହି ସ୍ଥାନରେ କରାଯିବା ଯୋଜନା ହେଲା। ଉକ୍ତ ଜମିରୁ ପୁରୁଣା ଟାଉନ ହଲ, ଭୀମଭୋଇ କଳାମଣ୍ଡପ ଓ ମଝିରେ ଥିବା ଷ୍ଟଲ ଗୁଡିକୁ ମ୍ୟୁନିସିପାଲିଟି ପକ୍ଷରୁ ଉଚ୍ଛେଦ କରାଗଲା। ନକ୍ସା ପ୍ରସ୍ତୁତ ପରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଓଡିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକଶନ କୋର୍ପୋରେଶନ(ଓବିସିସି) ପକ୍ଷରୁ ଟେଣ୍ଡର ମଧ୍ୟ ଆହ୍ୱାନ କରାଯାଇଥିଲା। ଏଥର ବସ୍‌ଷ୍ଟାଣ୍ଡ ନିର୍ମାଣ ସୁନିଶ୍ଚିତ ବୋଲି ଭାବି ଜିଲାବାସୀ ଖୁସି ହେଲେ। ମାତ୍ର ଏହା ଛଳନା ଥିଲା ବୋଲି ପରବର୍ତ୍ତୀ ସମୟରେ ଜଣାପଡିଲା। ଏଥିନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଶୌଚାଳୟ ଓ ବାକି ଦୋକାନ ଗୃହ ଗୁଡିକ ଉଚ୍ଛେଦ ହୋଇପାରିନି। ଅନ୍ୟପକ୍ଷେ ସହରର ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଏକ ଗୋଷ୍ଠୀ ସରକାରଙ୍କ ନିକଟରେ ଦାବି ରଖିଥିଲେ। ଫଳରେ ନିର୍ମାଣ କାମ ସ୍ଥଗିତ ରହିଛି। ଓବିସିସିର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ ପ୍ରକଳ୍ପ କାମ ବିଳମ୍ବ ହେବାରୁ ବ୍ୟୟ ଅଟକଳ ବୃଦ୍ଧି ପାଇଛି। ତେଣୁ ପୁରୁଣା ପ୍ଲାନକୁ ସଂଶୋଧନ କରି ନୂତନ ପ୍ଲାନକୁ ସରକାରଙ୍କ ନିକଟରୁ ଅନୁମୋଦନ କରାଯିବ। ଅନୁମୋଦନ ମିଳିବା ପରେ ଓବିସିସି ପକ୍ଷରୁ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ କାମ ଆରମ୍ଭ କରାଯିବ ବୋଲି ଜଣାପଡିଛି।

ଅନ୍ୟପକ୍ଷେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସୁବର୍ଣ୍ଣପୁର ସହରବାସୀ ଏକାଠି ହୋଇଛନ୍ତି। ନୂତନ ବସଷ୍ଟାଣ୍ଡ ନିର୍ମାଣ ଏକ କ୍ରିୟାନୁଷ୍ଠାନ କମିଟି ଗଠନ ହୋଇଛି। ନଭେମ୍ବର ମାସରେ ବୁଦ୍ଧିଜୀବୀ, ସଚେତନ ନାଗରିକ, ରାଜନୈତିକ ନେତୃବୃନ୍ଦ, ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ରାସ୍ତାକୁ ଓହ୍ଲାଇଥିଲେ।

**ବ୍ୟୟ ଅଟକଳ ବୃଦ୍ଧି ପରେ ନିର୍ମାଣ ଆରମ୍ଭ ଚର୍ଚ୍ଚା**

ସୁରେଶ୍ୱରୀ ମନ୍ଦିରରୁ ବସ୍‌ଷ୍ଟାଣ୍ଡ ଦେଇ ପ୍ରତିବାଦ ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ଦଳମତ ନିର୍ବିଶେଷରେ ସମସ୍ତେ ସାମିଲ ହୋଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଓଡିଶା ରାଜ୍ୟ ସଡକ ପରିବହନ ନିଗମ(ଓଏସ୍‌ଆର୍‌ଟିସି) ନାମରେ ଆବଣ୍ଟିତ ହୋଇଥିବା ୨ଏକର ୯୦୦ଡେସିମିଲ ଜମିରେ ହିଁ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି ହୋଇଥିଲା। ଏ ସମ୍ପର୍କରେ ଜିଲାପାଳ ଅନ୍ୟା ଦାସଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନାମରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାର କୌଣସି ବିକଳ୍ପ ଚିନ୍ତା ଦ୍ୱାରା ପ୍ରଭାବିତ ନ ହୋଇ ପୁରୁଣା ବସ୍‌ଷ୍ଟାଣ୍ଡରେ ହିଁ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସହରବାସୀ ଅନୁରୋଧ କରିଛନ୍ତି।

# ଆଇଜି ଅଫିସରେ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍



ସମ୍ବଲପୁର,୧୬।୧(ପ୍ରମୋଦ ବହିଦାର)

**ବରଗଡ଼ର ନିଖୋଜ ଯୁବତୀଙ୍କୁ କ୍ଷତବିକ୍ଷତ ଅବସ୍ଥାରେ ଜଙ୍ଗଲରୁ ଉଦ୍ଧାର ଘଟଣା**

**ଅଭିଯୁକ୍ତଙ୍କୁ ଗିରଫ ନ କଲେ ଆନ୍ଦୋଳନ ଚେତାବନୀ**

ବରଗଡ଼ ଧନୁଯାତ୍ରା ଦେଖିବାକୁ ଆସି ନିଖୋଜ ହୋଇଥିବା ଯୁବତୀଙ୍କୁ ଜଙ୍ଗଲରୁ କ୍ଷତବିକ୍ଷତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଘଟଣାର ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ସମ୍ବଲପୁରରେ ଗୁରୁବାର ପହଞ୍ଚିଥିଲା। ରାଜ୍ୟ ବିଜୁ ମହିଳା ଜନତା ଦଳ ଅଧ୍ୟକ୍ଷା ସ୍ନେହାଙ୍ଗିନି ଛୁରିଆଙ୍କ ନେତୃତ୍ୱରେ ଏହି ଟିମ ଆଇଜିଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ଆଇଜିଙ୍କୁ ସାକ୍ଷାତ୍ ପାଇଁ ସକାଳୁ ଟିମ୍ ପକ୍ଷରୁ ଖବର ଦିଆଯାଇଥିଲା। ମାତ୍ର ସେ ଆସିଲେ ନାହିଁ କି ତାଙ୍କ ଫୋନ କଲ ଗ୍ରହଣ କଲେ ନାହିଁ ବୋଲି କହିଛନ୍ତି ଛୁରିଆ। ଏଥିପୂର୍ବରୁ ଗୁରୁବାର ସକାଳେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପରାମର୍ଶରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ବରଗଡ଼ରୁ ଭିମସାର ଯାଇ ଚିକିତ୍ସାଧୀନ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ପୀଡ଼ିତାଙ୍କ ପରିବାର ଲୋକଙ୍କ ସୂଚନା ଅନୁସାରେ ଯୁବତୀଙ୍କୁ ଅପହରଣ ପରେ ବଳାତ୍କାର କରାଯାଇ ଶାରୀରିକ ନିର୍ଯାତନା ଦିଆଯାଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ପୋଲିସ ଆଦୌ ଗୁରୁତ୍ୱପୂର୍ଣ୍ଣ ଦେଉନାହିଁ ବୋଲି ଛୁରିଆ ଅଭିଯୋଗ କରିଛନ୍ତି। ତେଣୁ ଯଥାଶୀଘ୍ର ଅଭିଯୁକ୍ତକୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଥିଲେ। ଅନ୍ୟଥା ଆଗାମୀ ଦିନରେ ବିଜେଡି ପକ୍ଷରୁ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ମହିଳା ବିଜେଡି ଜିଲା ଅଧ୍ୟକ୍ଷା ବନ୍ଦିତା ମିଶ୍ର, ଜୋନାଲ ଅଧ୍ୟକ୍ଷା ସିପ୍ରା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଯାଇଥିବା ଟିମ୍‌ରେ ଉଷା ପ୍ରଧାନ, ବରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ଏନଏସି ଅଧ୍ୟକ୍ଷା କଳ୍ପନା ମାଝୀ, ପୁଷ୍ପା ଭୋଇ, କଳ୍ପନା ବେହେରା, ଶାନ୍ତିଲତା କର, ବୈଜନ୍ତି ପାଢୀ ପ୍ରମୁଖ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଯେ, ବରଗଡ଼ ଧନୁଯାତ୍ରା ଦେଖିବାକୁ ଆସି ଗତ ୧୨ ତାରିଖରେ ନିଖୋଜ ହୋଇଥିଲେ ଉକ୍ତ ଯୁବତୀ। ଦୀର୍ଘ ୪୮ ଘଣ୍ଟା ପରେ ବରଗଡ଼ ନିକଟସ୍ଥ କୁର୍ଲା ଜଙ୍ଗଲରୁ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଅପରପକ୍ଷରେ ଭିମସାର ନିର୍ଦ୍ଦେଶକ ଡା. ଭାବଗ୍ରାହୀ ରଥ କହିଛନ୍ତି ଯେ, ପୀଡ଼ିତାଙ୍କ ଚିକିତ୍ସା ଠିକ୍ ଭାବେ ଚାଲିଛି। ତାଙ୍କ ଶରୀରରେ ଘଟିଥିବା କ୍ଷତ ଗୁଡ଼ିକର ପ୍ଲାଷ୍ଟିକ୍ ସର୍ଜରୀ କରାଯାଇଛି। ମାତ୍ର ତାଙ୍କ ମୁଣ୍ଡ ଖପୁରି ହାଡ଼ ଭାଙ୍ଗିଛି। ମାନସିକ ଭାବେ ସେ ସ୍ଥିର ହୋଇନାହାନ୍ତି। ତେଣୁ ତାଙ୍କ ବୟାନ ନିଆ ଯାଇ ପାରିନାହିଁ ବୋଲି କହିଛନ୍ତି ନିର୍ଦ୍ଦେଶକ ଡା. ରଥ।

## ବୀଣାପାଣି ଶିକ୍ଷା ସୌଧରେ ଆଲୋଚନାଚକ୍ର

ବଲାଙ୍ଗୀର,୧୬।୧(ବୀରେନ୍ଦ୍ର କୁମାର ଝାଙ୍କର)

ପୁଇଁତଲା ବ୍ଲକ ଅନ୍ତର୍ଗତ ଗଇଁତଲା ସ୍ଥିତ ବୀଣାପାଣି ଶିକ୍ଷାସୌଧଠାରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଉପଲକ୍ଷେ ଭାଷା ଆନ୍ଦୋଳନର ବିଦ୍ରୋହୀ ଫକୀର ମୋହନ ସେନାପତି ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ମ୍ୟାନେଜିଂ ଡାଇରେକ୍ଟର ଅଶୋକ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ବକ୍ତା ଭାବେ ଜାମଗାଁ ହାଇସ୍କୁଲ ସଂସ୍କୃତ ଶିକ୍ଷକ ରାଜକିଶୋର ପଣ୍ଡା, ବହଲପଦର ହାଇସ୍କୁଲ ବିଜ୍ଞାନ ଶିକ୍ଷକ ନାରାୟଣ ମିଶ୍ର ଓ ସ୍ୱର୍ଣ୍ଣା ମିଶ୍ର ଯୋଗଦେଇ ଫକୀର ମୋହନ ସେନାପତିଙ୍କ କଥା ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଛତାମଖନା ହାଇସ୍କୁଲ ଶିକ୍ଷୟିତ୍ରୀ ଶକ୍ତିବାଈ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ କୁଇଜ କାର୍ଯ୍ୟକ୍ରମରେ ଅନୁସୂୟା ସାହୁ, ଅଂଶ ବେହେରା, ଟ୍ୱିଙ୍କିଲ କର୍ମୀ, ଆଶୁତୋଷ ସାହୁ, ସ୍ମୃତିରାଣୀ ମିଶ୍ର, ଡ଼ୋଳାମଣି କାଳସାଏ, ପୁନମ ମହଲା, ଚିରାଗ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା।

# ବ୍ୟବସ୍ଥିତ ମହୋତ୍ସବ ପାଳନ ଉପରେ ଗୁରୁତ୍ୱ

ଅମରପାଲି,୧୬।୧(ପୀତାମ୍ବର ସାହୁ)


ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

**ପାତାଳୀ ମହୋତ୍ସବ ପାଇଁ ସମନ୍ୱୟ କମିଟି ବୈଠକ**

**ଜାନୁୟାରୀ ୩୦ରୁ ପାତାଳି ମହୋତ୍ସବ**

ଜଗତର ନାଥ ଜଗନ୍ନାଥଙ୍କ ଅନନ୍ୟ ଲୀଳାକ୍ଷେତ୍ର ସୁବର୍ଣ୍ଣପୁର ଜିଲର କୋଟସମଲାଇ ସ୍ଥିତ ପାତାଳୀ ଶ୍ରୀକ୍ଷେତ୍ର। ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏହି କ୍ଷେତ୍ରରେ ଚଳିତ ବର୍ଷ ଜାନୁଆରୀ ୩୦ ରୁ ଫେବୃଆରୀ ୬ ତାରିଖ ପର୍ଯ୍ୟନ୍ତ ପାଳିତ ହେବ ୨୦ ତମ ପାତାଳୀ ମହୋତ୍ସବ। ଏନେଇ ଗୁରୁବାର ପ୍ରଶାସନିକ ସମନ୍ୱୟ କମିଟିର ବୈଠକ ବୀରମହାରାଜପୁର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଇଂ.ରଘୁନାଥ ଜଗଦଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପାତାଳୀ ଶ୍ରୀକ୍ଷେତ୍ର କମିଟି ସମ୍ପାଦକ ଉତ୍ତର ପାତ୍ର ପୂର୍ବବର୍ଷର ବିବରଣୀ ଉପସ୍ଥାପନା କରିଥିଲେ। ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର ବୈଠକର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ଉପରେ ମତବ୍ୟକ୍ତ କରିଥିଲେ। ଚଳିତ ବର୍ଷ ପାତାଳୀ ମହୋତ୍ସବକୁ ଆକର୍ଷଣୀୟ କରିବା ସହିତ ଲୋକାଭିମୁଖୀ କରିବା ନେଇ ଜିଲା ତଥା ରାଜ୍ୟସ୍ତରରେ ପ୍ରଚାର ପ୍ରସାର ଉପରେ ଆଲୋଚନା ହୋଇଥିଲା। ମହୋତ୍ସବର ପ୍ରଥମ ପ୍ରସ୍ତୁତି ତଥା ସମନ୍ୱୟ ବୈଠକରେ ମହୋତ୍ସବକୁ ଯେପରି ସବୁବର୍ଗଙ୍କୁ ସାମିଲ କରାଯାଇ ଆକର୍ଷଣୀୟ, ସରସ ସୁନ୍ଦର ତଥା ସୁବ୍ୟବସ୍ଥିତ ଭାବେ ଆୟୋଜନ କରାଯାଇପାରିବ ସେଥିପ୍ରତି ବିଭିନ୍ନ ବିଭାଗ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି ବିଧାୟକ। ମହୋତ୍ସବ ସୁପରିଚାଳନା ସହ ବ୍ୟବସ୍ଥିତ କରିବାକୁ ପୂର୍ଣ୍ଣାଙ୍ଗ ମହୋତ୍ସବ କମିଟି ସହ ସବ୍‌କମିଟି ଗଠନ, ମହୋତ୍ସବ ସମୟରେ ପରିବେଶକୁ ସଫା ରଖିବା, ମହିଳା ପୁରୁଷଙ୍କ ପାଇଁ ଅସ୍ଥାୟୀ ଶୌଚାଳୟ ନିର୍ମାଣ, କଳାକାରଙ୍କ ରହିବା ପାଇଁ ବ୍ୟବସ୍ଥା, ମହୋତ୍ସବ ସମୟରେ ଆବଶ୍ୟକ ଆଲୋକୀକରଣ, ସ୍ୱତନ୍ତ୍ର ଖାଦ୍ୟ ଜୋନ ପ୍ରସ୍ତୁତି, ଶାନ୍ତି ଶୃଙ୍ଖଳା ତଥା ଟ୍ରାଫିକ ନିୟନ୍ତ୍ରଣ, କ୍ଷେତ୍ର ପରିସରକୁ ମହୋତ୍ସବ ପୂର୍ବରୁ ସମ୍ପୂର୍ଣ୍ଣ ସଫାସୁତରା, ଭକ୍ତ ତଥା ଜନସାଧାରଣଙ୍କ ମନୋରଞ୍ଜନ ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପ୍ରଭୃତି ବିଷୟ ଉପରେ କମିଟି ସଦସ୍ୟ ତଥା ଉପସ୍ଥିତ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ବିଧାୟକ। ବୈଠକରେ ସଂସ୍କୃତି ଅଧିକାରୀ ଯମୁନା ପଧାନ, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ନିର୍ବାହୀ ଯନ୍ତ୍ରୀ ଟିପିଡବ୍ଲ୍ୟୁଓଡିଏଲ ଇଂ. ଅଶୋକ କୁମାର ମିଶ୍ର, ଉଲୁଣ୍ଡା ବିଡିଓ କରିସ୍ମା ବେସ୍ରା, ବୀରମହାରାଜପୁର ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ଜିଲା ଓ ଉପଖଣ୍ଡ ସ୍ତରୀୟ ଅଧିକାରୀ, ପାତାଳି ଟ୍ରଷ୍ଟର ସଦସ୍ୟା, ସଦସ୍ୟ, ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଆଲୋଚନା ଭାଗ ନେଇଥିଲେ।

# ନାରାୟଣୀ କ୍ରିକେଟ: ଦେଉଳମୁଣ୍ଡା ଚାମ୍ପିୟନ


ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

ଅମରପାଲି,୧୬।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ଗ୍ରାମ ପଞ୍ଚାୟତର ଖଇରମାଳ ଖେଳ ପଡ଼ିଆରେ ଚାଲିଥିବା ମା' ନାରାୟଣୀ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ବଡଖମାର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୭ ଓଭରରେ ୬ଉଇକେଟ ହରାଇ ୬୧ରନ କରିଥିଲା। ଜବାବରେ ଦେଉଳମୁଣ୍ଡା ଦଳ ୬ଓଭରରେ ୬୨ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ୪ଓଭରରେ ବଡଖମାର ଦଳ ୩ ଉଇକେଟ ହରାଇ ୩୪ରନ କରିଥିଲା। ଦେଉଳମୁଣ୍ଡା ଦଳ ୨.୩ ଓଭରରେ କୌଣସି ଉଇକେଟ ନ ହରାଇ ୩୫ରନ କରି ଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ଦେଉଳମୁଣ୍ଡା ଦଳ ମ୍ୟାଚ ବିଜେତା ହୋଇ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜଗୋପାଳ ପାଣିଗ୍ରାହୀ, କ୍ରୀଡାବିତ ପିଙ୍କୁଲ ଚନ୍ଦ୍ର ପଧାନ, ରାଜୀବ ବିଶି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ ବିଶି ଓ ସରୋଜ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଦେଉଳମୁଣ୍ଡା ଦଳକୁ ଟ୍ରଫି ସହିତ ୧୫ ହଜାର ଟଙ୍କା ଓ ଉପବିଜେତା ବଡ଼ଖମାର ଦଳକୁ ଟ୍ରଫି ସହିତ ନଗଦ ୧୦ ହଜାର ଟଙ୍କାର ଅର୍ଥ ରାଶି ପୁରସ୍କୃତ କରାଯାଇଥିଲା।

# ବୌଦ୍ଧ ଜିଲାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ

ବୌଦ୍ଧ,୧୬।୧ ଅଜିତ କୁମାର ବାରିକ)



ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ଅନ୍ୟମାନେ।

**ବିଜେଡିର ଖବରଦାତା ସମ୍ମିଳନୀ**

ବୌଦ୍ଧ ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଥିବା ନେଇ ବୌଦ୍ଧ ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ଦିନ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଆମାତଙ୍କ ଅଧ୍ୟକ୍ଷତାରେ ବୌଦ୍ଧ ସର୍କିଟ ହାଉସଠାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ଅମାତ ଅଭିଯୋଗ କରିଥିଲେ, ବୌଦ୍ଧ ଜିଲାରେ ବର୍ତ୍ତମାନ ଆଇନଶୃଙ୍ଖଳା ବୋଲି କିଛି ନାହିଁ। ନିକଟରେ ବୌଦ୍ଧ ସହରର ଜଗନ୍ନାଥ ମନ୍ଦିରରୁ ଚୋରି ହୋଇଛି। ଏହାଛଡା ପୁରୁଣାକଟକ ଭୈରବୀ ମନ୍ଦିର, ବନ୍ଧାପଥରର ଶବ ମନ୍ଦିର ସମେତ ଜିଲାର ଅନ୍ୟ କେତେକ ମନ୍ଦିରରୁ ଚୋରି ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏହାସହ ଗତ ମଙ୍ଗଳବାର ଦିନ ବୀରନରସିଂହପୁର ଓ ବଡ଼ିଙ୍ଗାଠାରେ ଏଟିଏମ ଭାଙ୍ଗି ଲୁଟ ଘଟଣା ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ସେହିପରି ଜିଲାରେ ଗଞ୍ଜେଇ ଚାଲାଣ ଅବାଧରେ ଚାଲିଥିବା ବେଳେ ବୌଦ୍ଧ ପୋଲିସ ଏହାର ଟେର ପାଇପାରୁନାହିଁ। ପ୍ରତିଦିନ ବାଲି ଚାଲାଣ ଯୋଗୁ ରାଜସ୍ୱ ହାନି ହେଉଥିବା ନେଇ ଅଭିଯୋଗ କରିଥିଲେ। ସମ୍ମିଳନୀରେ ଜିଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର ସହରରେ ପୋଲିସ ଡିଉଟି ଠିକ୍ ଭାବେ କରିବାକୁ ଦାବି କରିଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ଅବକାଶ ସାହୁ ଜିଲାରେ ଇଣ୍ଟେଲିଜେନ୍ସି ପୁରା ଫେଲ୍ ବୋଲି ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେଡି ଯୁଗ୍ମ ସହ ସଂପାଦକ ଅଶୋକ ସାହୁ, ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ ଆଇନଶୃଙ୍ଖଳା ନେଇ ଅଭିଯୋଗ କରିଥିଲେ। ଆଗାମୀ ଦିନରେ ପୋଲିସ ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେଲେ ବିଜେଡି ପକ୍ଷରୁ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଥିଲା। ସମ୍ମିଳନୀରେ ବିଜେଡି ନେତା ଗରୁଡ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବରଗଡ଼ ୟୁନାଇଟେଡ ବିଜୟୀ

ହରଭଙ୍ଗା,୧୬।୧(ନରେନ୍ଦ୍ର କୁମାର ସାହୁ)

**୨୧ତମ ତିଲେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଲେଶ୍ୱର ଫକିର ଚରଣ ଖେଳପଡିଆରେ ବଜାର ଆସୋସିଏଶନ ତିଲେଶ୍ୱର ପକ୍ଷରୁ ୨୧ତମ ତିଲେଶ୍ୱର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟର୍ନାମେଣ୍ଟର ଗୁରୁବାର ଥିଲା ଦ୍ୱିତୀୟ ଦିବସ। ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ଶିଳ୍ପପତି ଚିତ୍ତରଞ୍ଜନ ମେହେର, ସମ୍ମାନିତ ଅତିଥି ଭାବେ ଯୁବ ଶିଳ୍ପପତି ପ୍ରଶାନ୍ତ କୁମାର ମହାକୁଡ, ସଭାପତି ଅର୍ଜୁନ ପ୍ରଧାନ,ସଂପାଦକ ମହେଶ୍ୱର ପ୍ରଧାନ, ଉପଦେଷ୍ଟା ପ୍ରଶାନ୍ତ କୁମାର ପ୍ରଧାନ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ଦିନ ଖେଳ ଜଗା ୟୁନାଇଟେଡ ଭୁବନେଶ୍ୱର ଓ ବରଗଡ ୟୁନାଇଟେଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ବରଗଡ ଦଳ ୨ ଗୋଟି ଗୋଲ ଦେଇ ଆଗରେ ଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଆଉ ୪ ଗୋଟି ଗୋଲ ଦେଇ ୬-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଖେଳକୁ ରେଫରି ସଲିଲ ବେହେରା, ଶିବପ୍ରସାଦ ସାମନ୍ତରାୟ, ଜିତେନ୍ଦ୍ର ଥନାପତି ପରିଚାଳନା କରିଥିଲେ। ଚତୁର୍ଥ ରେଫରି ଭାବେ ପ୍ରଶାନ୍ତ ବେହେରା କାର୍ଯ୍ୟ ତୁଲାଇଥିଲେ। ଖେଳକୁ ବଜାର ଆସୋସିଏଶନର ସଭାପତି ଅର୍ଜୁନ ପ୍ରଧାନ, ନାରାୟଣ ମହାନ୍ତି, ବିକାଶ ମିଶ୍ର, ଅଜିତ ମହାନ୍ତି, ଶୁଭ୍ରଜିତ ପ୍ରଧାନ ଓ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଧାରା ବିବରଣୀ ସିମୁନ ନାଏକ ପ୍ରଦାନ କରିଥିଲେ। ଶୁକ୍ରବାର ଦିନ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଖେଳ ବରଗଡ ୟୁନାଇଟେଡ ଓ ମଙ୍ଗଳା କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେବ।


ଖେଳାଳି ଓ ଅତିଥି।

# ସଫଳତା ପାଇବା ପାଇଁ ସ୍ୱପ୍ନ ଦେଖ

ଅମରପାଲି,୧୬।୧(ପୀତାମ୍ବର ସାହୁ)



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଅମରପାଲି ହାଇସ୍କୁଲର ବାର୍ଷିକ ଉତ୍ସବ**

ସଫଳତା ପାଇବା ପାଇଁ ସ୍ୱପ୍ନ ଦେଖ। ମାତ୍ର ସ୍ୱପ୍ନ ରାତିରେ ନୁହେଁ ଦିନରେ ଦେଖ। ଦିନରେ ଦେଖୁଥିବା ସ୍ୱପ୍ନ ରାତିରେ ସୁଆଇ ଦେଇ ନ ଥାଏ। ତେଣୁ ଏଭଳି ସ୍ୱପ୍ନ ଦେଖ ଯାହା ନିଜକୁ ସଫଳତା ପାଇବା ପାଇଁ କଠୋର ପରିଶ୍ରମ କରିବାକୁ ଉତ୍ସାହିତ କରିଥାଏ। କାରଣ ବିନା ପରିଶ୍ରମରେ ସଫଳତା ମିଳେନାହିଁ। ତେଣୁ ସମସ୍ତେ ପରିଶ୍ରମ କରିବା ଜରୁରୀ। ସମ୍ପ୍ରତିକ ସମୟରେ ଭାରତର ଛାତ୍ରୀଛାତ୍ରମାନେ ଦେଶ ଓ ଦେଶ ବାହାରେ ବିଭିନ୍ନ କ୍ଷେତ୍ରରେ ବେଶ ସଫଳତା ଲାଭ କରିଛନ୍ତି। ତେଣୁ ଆମର ପରବର୍ତ୍ତୀ ପିଢ଼ି ମଧ୍ୟ ଏହାକୁ ଜାରୀ ରଖିବା ଆମ ପାଇଁ ଚ୍ୟାଲେଞ୍ଜ ହୋଇପଡ଼ିଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ହାଇସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସିନ ଅତିଥିମାନେ ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରିଛନ୍ତି। ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଧାରଣ ସଭାରେ ସୁବର୍ଣ୍ଣପୁର ଜିଲ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ସ୍କୁଲର ସଫଳତା କାମନା କରିଥିଲେ। ବୀରମହାରାଜପୁର କଲେଜ ଅଧ୍ୟକ୍ଷ ଡ.ହିମାଂଶୁ ଶେଖର ପାଢ଼ୀ ମୁଖ୍ୟବକ୍ତାଭାବେ ଯୋଗଦେଇ ବିନା ପରିଶ୍ରମରେ ଜଙ୍ଗଲର ରାଜା ସିଂହ ମଧ୍ୟ ଶିକାର ନ ପାଇଁ ଉପାସରେ ରହିଥାଏ ବୋଲି କହି ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ।

ବୀରମହାରାଜପୁର ବିଇଓ ଶାନ୍ତନୁ କୁମାର କୁମ୍ଭକାର, ମୁର୍ଷୁଣ୍ଡି ସ୍ଥିତ ରଘୁନାଥ ହାଇସ୍କୁଲ ପ୍ରଧାନ ଶିକ୍ଷକ କାଳିଆ କର୍ମୀ, ସ୍ଥାନୀୟ ସରପଞ୍ଚ ନିରୁପମା ସେଠୀ, ସମିତି ସଭ୍ୟା ସୁଗନ୍ଧା ଘିବିଲା, ସ୍କୁଲରେ ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ସାହୁ, ସିଆରସିସି କମ୍ବୁ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ଶ୍ୟାମ ସୁନ୍ଦର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଗତ ମାଟ୍ରିକ ପରୀକ୍ଷାରେ ଜିଲା ଓ ବ୍ଲକରେ ସର୍ବାଧିକ ନମ୍ବର ରଖିଥିବା ସ୍କୁଲର ୧୬ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ବାର୍ଷିକ କ୍ରୀଡାରେ ଚାମ୍ପିୟନ ହୋଇଥିବା ବାଳିକା ବିଭାଗର ଫିଜା ବାଘ ଓ ବାଳକ ବିଭାଗର ଆକାଶ ମାଝୀଙ୍କ ସମେତ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ଉପସ୍ଥାନ ପାଇଁ ଗୋପିକୃଷ୍ଣ ସେଠୀ, ପ୍ରମୋଦିନୀ ରଣା,ସିଦ୍ଧାନ୍ତ ଶଙ୍କର ସେଠୀ ଓ ନିକିତା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସମିତ ପ୍ରଧାନ ଓ କହ୍ନେଇ ଚରଣ ପ୍ରଧାନ ସହଯୋଗ କରିଥିଲେ। ଶେଷରେ ବ୍ରହ୍ମାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପଦ୍ମନାଭ ପ୍ରଧାନଙ୍କ ସଂଯୋଜନାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମ୍ବଲପୁରୀ କୋଶଳୀ ସଚେତନତାମୂଳକ ଧର୍ମୀ ନାଟକ ନିଶା ନିବାରଣ ଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା।

# ରୋଜଭ୍ୟାଲି ଚିଟ୍‌ଫଣ୍ଡ ଠକେଇ ମାମଲାରେ ଚାର୍ଜଫ୍ରେମ୍

ଭୁବନେଶ୍ୱର,୧୬।୧ (ସତ୍ୟଜିତ୍ ରାଉତ)

ରୋଜଭ୍ୟାଲି ଚିଟ୍‌ଫଣ୍ଡ ଠକେଇ ମାମଲାରେ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର କୋର୍ଟ (ପିଏମ୍‌ଏଲ୍‌ଏ) ତଥା ଜିଲା ଓ ଦୌରା ଜଜ୍ ଚାର୍ଜଫ୍ରେମ୍ କରିଛନ୍ତି। ରୋଜଭ୍ୟାଲି ଚେୟାରମ୍ୟାନ ଗୌତମ କୁଣ୍ଡୁ, ପରିଚାଳନା ସଦସ୍ୟ ଶିବମୟ ଦତ୍ତ ଏବଂ ଅନ୍ୟ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ବୁଧବାର ଚାର୍ଜଫ୍ରେମ୍ ହୋଇଥିବା ନେଇ ଇଡି ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ପୂର୍ବରୁ ୨୦୧୪-୨୦୧୫ରେ ଭୁବନେଶ୍ୱର ଇଡି ଜୋନାଲ ଅଫିସ ପକ୍ଷରୁ ୩୩୨ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି(ବର୍ତ୍ତମାନ ୪୦୦ କୋଟିରୁ ଊର୍ଦ୍ଧ୍ୱ) ଆଟାଚ୍ ହୋଇଥିବାବେଳେ ୨୦୧୬ରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ତେବେ ଏକାଧିକ ରାଜ୍ୟରେ ଏହି ଠକେଇ ହୋଇଥିବା ବେଳେ କୋଲକାତା ଇଡି ଜୋନାଲ ଅଫିସ, ଗୁଆହାଟି ଇଡି ଜୋନାଲ ଅଫିସ ଓ ଅଗରତାଲା ଇଡି ସବ୍-ଜୋନାଲ ଅଫିସ ପକ୍ଷରୁ ମଧ୍ୟ ଭିନ୍ନ ଭିନ୍ନ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ଏପରିକି ଏହି ମାମଲାଗୁଡ଼ିକରେ ଉକ୍ତ ଜୋନାଲ ଅଫିସଗୁଡ଼ିକ ୧୧୭୨.୭୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ମଧ୍ୟ ଆଟାଚ୍ କରି ତଦନ୍ତ ଜାରି ରଖିଛନ୍ତି। ସୂଚନାଯୋଗ୍ୟ, ଏମ୍/ଏସ୍ ରୋଜଭ୍ୟାଲି ଗ୍ରୁପ୍ ୧୦ ବର୍ଷ ତଳେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ତ୍ରିପୁରା ଓ ଓଡ଼ିଶା ଆଦି ରାଜ୍ୟରେ କାର୍ଯ୍ୟାଳୟ ଖୋଲି ବିଭିନ୍ନ ସ୍କିମ୍ ଜରିଆରେ ଜମାକାରୀଙ୍କୁ ବହୁଗୁଣ ଲାଭ ଦେବାର ପ୍ରତିଶ୍ରୁତି ଦେଇ ଅନେକ କୋଟି ଟଙ୍କା ସଂଗ୍ରହ କରିଥିଲା। ଠକ ସଂସ୍ଥା ଜମାକାରୀଙ୍କ ଟଙ୍କା ଆତ୍ମସାତ୍ କରିଥିବା ନେଇ ୨୦୧୩ରେ ବାଲେଶ୍ୱର ଜିଲା ସୋର ଥାନାରେ ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ନେଇ ଏକ ନୂଆ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ବେଆଇନ ଅର୍ଥ କାରବାର ଦିଗକୁ ନେଇ ଇଡି ମଧ୍ୟ ମାମଲା ରୁଜୁ କରିଥିଲା। ସେହିପରି ସିବିଆଇ ମଧ୍ୟ ଏହାର ତଦନ୍ତ କରିଥିଲା। ପରେ ବିଭିନ୍ନ ଏଜେନ୍ସି ପକ୍ଷରୁ ପର୍ଯ୍ୟାୟକ୍ରମେ ରୋଜଭ୍ୟାଲି ଚେୟାରମ୍ୟାନ ଗୌତମ, ତାଙ୍କ ସ୍ତ୍ରୀ ଶୁଭ୍ରା, ପରିଚାଳନା ସଦସ୍ୟ ଶିବମୟ ଦତ୍ତ, ଓଡ଼ିଶା ମୁଖ୍ୟ ବିକ୍ରମଜିତ ଭୌମିକ ପ୍ରମୁଖଙ୍କୁ ଗିରଫ କରାଯାଇଥିଲା। ଅନ୍ୟପକ୍ଷରେ ପୂର୍ବରୁ ଇଓଡବ୍ଲ୍ୟୁ ମଧ୍ୟ ରୋଜଭ୍ୟାଲିର ୯୫ କୋଟି ଟଙ୍କାର ସମ୍ପତ୍ତି ଆଟାଚ୍ କରିଛି।

# ସ୍ୱାମୀଙ୍କ ଦେହ ଅସୁସ୍ଥ ଦର୍ଶାଇ ଜାମିନ ମାଗିଲେ ହଂସିତା

ଭୁବନେଶ୍ୱର,୧୬।୧ (ସୂର୍ଯ୍ୟକାନ୍ତ ବେହେରା)

**ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଝିଅ ଓ ଜ୍ୱାଇଁ ପରିଚୟ କହି ଠକେଇ ଘଟଣା**

- ସ୍ୱାମୀଙ୍କ ନାଁକୁ ନେଇ ଉପୁଜିଲା ଦ୍ୱନ୍ଦ୍ୱ
- ୧୮କୁ ଘୁଞ୍ଚିଲା ଜାମିନ ଆବେଦନ ଶୁଣାଣି



ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଝିଅ ଓ ଜ୍ୱାଇଁର ପରିଚୟ ଦେବା ସହ ନାମ ପରିବର୍ତ୍ତନ କରି ବଡ଼ବଡ଼ିଆଙ୍କୁ ଠକୁଥିବା ହାଇପ୍ରୋଫାଇଲ୍ ଠକ ଯୋଡ଼ି ହଂସିତା ଅଭୀଲିପ୍‌ସା ଓରଫ ବିଷ୍ଣୁପ୍ରିୟା ଚାନ୍ଦ ଓ ଅନିଲ କୁମାର ମହାନ୍ତିଙ୍କୁ ନେଇ ଚର୍ଚ୍ଚା ଥମିବାର ନାଁ ନେଉନାହିଁ। ଅତିରିକ୍ତ ଜିଲା ଦୌରାଜଜ୍-୨ଙ୍କ କୋର୍ଟରେ ହଂସିତାଙ୍କ ଓକିଲ ଜାମିନ ଆବେଦନ କରିଥିବାବେଳେ ସେଥିରୁ କିଛି ରୋଚକ ତଥ୍ୟ ମିଳିଛି। ହଂସିତା ଜାମିନ ଆବେଦନରେ ସରୋଜ ସାହୁଙ୍କୁ ସ୍ୱାମୀ ବୋଲି ଦର୍ଶାଇଛନ୍ତି। ଏପରିକି ସ୍ୱାମୀ ସରୋଜ ସାହୁଙ୍କ ଦେହ ଖରାପ ଅଛି। ସେ ତାଙ୍କର ଦେଖାଶୁଣା କରିବେ, ତେଣୁ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରାଯାଉ ବୋଲି ହଂସିତାଙ୍କ ଓକିଲ କୋର୍ଟରେ ପ୍ରାର୍ଥନା କରିଛନ୍ତି। ଏପଟେ ପୋଲିସ କୋର୍ଟ ଚାଲାଣ ରେକର୍ଡ ତଥା ସିଜର ଲିଷ୍ଟରେ ହଂସିତାଙ୍କ ସ୍ୱାମୀ ଅନିଲ ମହାନ୍ତି ବୋଲି ଉଲ୍ଲେଖ କରିଛି। ଏଭଳିସ୍ଥିତିରେ ହଂସିତାଙ୍କ ସ୍ୱାମୀ ଅନିଲ ନା ସରୋଜ ତାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। କୋର୍ଟରେ ଏଯାବତ୍ କେସ୍ ଡାଏରୀ ଦାଖଲ ହୋଇ ନ ଥିବାରୁ ଜାମିନ ଶୁଣାଣି ହୋଇପାରି ନାହିଁ। ଶୁଣାଣି ଆସନ୍ତା ୧୮ତାରିଖକୁ ଘୁଞ୍ଚିଛି। ଏପରି କି ପୋଲିସକୁ ହଂସିତାଙ୍କ ପ୍ରକୃତ ସ୍ୱାମୀର ପରିଚୟ ଖୋଜିବାକୁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି। ହଂସିତାଙ୍କ ପ୍ରକୃତ ସ୍ୱାମୀ କିଏ ତାକୁ ନେଇ କମିଶନରେଟ ପୋଲିସ ମଧ୍ୟ ଅଡୁଆରେ ପଡ଼ିଛି। ଅପରପକ୍ଷେ ସୋସିଆଲ ମିଡିଆରେ ହଂସିତାଙ୍କ କଂଗ୍ରେସ ପ୍ରାର୍ଥୀ ମନୋଜ ଆଚାର୍ଯ୍ୟଙ୍କ ସହ ବିବାହ ବେଳର ଭିଡିଓ ଫଟୋ ଭାଇରାଲ ହେବା ପରେ ହଂସିତାଙ୍କ କେତେଜଣ ସ୍ୱାମୀ ଅଛନ୍ତି, ତାକୁ ନେଇ ଚର୍ଚ୍ଚା ଲାଗିରହିଛି।

ସୂଚନାଯୋଗ୍ୟ, ବିଭିନ୍ନ ଲୋକଙ୍କୁ ଠକେଇ ଅଭିଯୋଗରେ କମିଶନରେଟ ପୋଲିସ ହଂସିତା ଏବଂ ଅନିଲଙ୍କୁ ଗିରଫ କରିଥିଲା। ଗିରଫ ପରେ ଉଭୟଙ୍କ ଅନେକ କୋଟି ଟଙ୍କାର ଦାମୀ ଗାଡ଼ି ସହ ସମ୍ପତ୍ତି ଠାବ କରିଥିଲା ପୋଲିସ ଓ ଆୟକର ବିଭାଗ। ଏପରିକି ଅନିଲ ଓ ହଂସିତାଙ୍କ ବିରୋଧରେ ହୋଇଥିବା ଏତଲା କପି, ସମସ୍ତ ତଥ୍ୟ ଓ କାଗଜପତ୍ର କମିଶନରେଟ ପୋଲିସ ଏବଂ ଆୟକର ବିଭାଗଠାରୁ ଇଡି ସଂଗ୍ରହ କରି ନେବା ସହ ଆର୍ଥିକ ଦିଗ ଉପରେ ଅଧିକ ଖୋଳତାଡ଼ ଚଳାଇଛି।

# ଜଙ୍ଗଲରୁ ଯୁବକଙ୍କ ମୃତଦେହ ଜବତ

ଛେଣ୍ଡିପଦା,୧୬।୧ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୋଶଳା ସଂରକ୍ଷିତ ଜଙ୍ଗଲର ତାରିଣୀ ମନ୍ଦିର ନିକଟରୁ ଗୁରୁବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତ ଯୁବକ ହେଉଛନ୍ତି କୋଶଳା ଗ୍ରାମର ପ୍ରଦ୍ୟୁମ୍ନ କୁମାର ରାଉଳ (୫୨)। ପ୍ରଦ୍ୟୁମ୍ନ ୨ ଦିନ ତଳୁ ନିଖୋଜ ଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିବା ବେଳେ ସଂରକ୍ଷିତ ଜଙ୍ଗଲରେ ତାଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏ ନେଇ ଥାନାରେ ନଂ. ୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଛି। ପ୍ରାଥମିକ ତଦନ୍ତରୁ ବିଷକ୍ରିୟା ଜନିତ ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଯୁବକଙ୍କ ମୃତ୍ୟୁ କିପରି ହୋଇଛି ତାହା ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ପ୍ରକାଶ କରିଛନ୍ତି।

# ପୂର୍ବ ଶତ୍ରୁତାରୁ ୨ ଗୋଷ୍ଠୀ ମୁହାଁମୁହିଁ

- ୮ ମହିଳା, ୩ ପୁରୁଷ ଗିରଫ
- ଆଠଗଡ଼ ଥାନାରେ ପୃଥକ୍ ଅଭିଯୋଗ

ଆଠଗଡ଼, ୧୬।୧ (ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ଼ ଏନ୍‌ଏସି ଅନ୍ତର୍ଗତ କନ୍ତୋଲ ହାଟସାହିରେ ପୂର୍ବ ଶତ୍ରୁତା କେନ୍ଦ୍ର କରି ବୁଧବାର ରାତିରେ ୨ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଉଭୟଙ୍କ ପକ୍ଷରୁ ଆଠଗଡ଼ ଥାନାରେ ପୃଥକ୍ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏହି ଘଟଣାରେ ଗୁରୁବାର ପୋଲିସ ୮ ଜଣ ମହିଳା ଓ ୨ ଜଣ ପୁରୁଷଙ୍କୁ ଗିରଫ କରିଛି।

କନ୍ତୋଲ ଦକ୍ଷିଣଚଣ୍ଡୀ ମନ୍ଦିର କଲ୍ୟାଣ ମଣ୍ଡପରେ ବୁଧବାର କମ୍‌ରୁନ ବିବିଙ୍କ ବଡ଼ ଝିଅଙ୍କ ବାହାଘର ହୋଇଥିଲା। ବିବାହ କାର୍ଯ୍ୟ ସରିବା ପରେ ଝିଅ, ଜ୍ୱାଇଁ ଘରକୁ ଯିବା ସମୟରେ କନ୍ତୋଲ ହାଟସାହିର ଉସ୍‌ମାନ ମହମ୍ମଦ, ରମଜାନ୍ ମହମ୍ମଦ ପ୍ରମୁଖ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସଂଘବଦ୍ଧ ଭାବେ ଆସି ବିବାହ ସ୍ଥାନରେ ଗାଡ଼ି ଅବରୋଧ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବରଯାତ୍ରୀଙ୍କୁ ଆକ୍ରମଣ କରିଥିଲେ। ଏଥିସହ କମରୁନ୍‌ଙ୍କ ସାନ ଝିଅ ସକିନାଙ୍କ ବେକରେ ଥିବା ସୁନାଚେନ ଲୁଟି ନେଇଯାଇଥିଲେ ବୋଲି କମରୁନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅପରପକ୍ଷେ କମ୍‌ରୁନ୍‌ଙ୍କ କୁଟୁମ୍ବର ସାଇନାସ ବିବି ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସାନଭାଇ ଇମରାନ ମହମ୍ମଦଙ୍କୁ ଜୀବନରୁ ମାରିଦେବା ପାଇଁ କମ୍‌ରୁନ୍ ବିବିଙ୍କ ପୁତୁରା କରିମ ମହମ୍ମଦ (ବଣ୍ଟି) ଯୋଜନା କରିଥିଲେ। ଏନେଇ ସେ ହାଟସାହିଠାରେ ସଂଘବଦ୍ଧ ଭାବେ ଆସି ମାରଣାସ୍ତ୍ର ଧରି ଜଗି ରହିଥିଲେ। ଏହା ଦେଖି ସାଇନାସ ବିବିଙ୍କ ପରିବାର ଲୋକେ ଘଟଣାସ୍ଥଳର ଭିଡିଓ ଉତ୍ତୋଳନ କରିବାରୁ କରିମ୍ ସେମାନଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ ବୋଲି ସାଇନାସ ଅଭିଯୋଗରେ ଦର୍ଶାଇଛନ୍ତି।

# ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ହତ୍ୟା, ୩ ଗିରଫ

ପାଇକମାଳ,୧୬।୧(ବଢ ଶତପଥୀ)

**ପାରିବାରିକ କଳହରୁ ଝଗଡ଼ା**

ବରଗଡ଼ ଜିଲା ପାଇକମାଳ ଥାନା ନରସିଂହପଡ଼ାରେ ବୁଧବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ହତ୍ୟା କରାଯାଇଥିବା ଗୁରୁବାର ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ସୋହେଲା ଥାନା ବୁଡାମାଲ ଗ୍ରାମର ଗୋବିନ୍ଦ ପ୍ରଧାନ (୩୭)। ମୃତକଙ୍କ ବାପା ନିରଞ୍ଜନ ପ୍ରଧାନଙ୍କ ଏତଲାକୁ ଆଧାର କରି ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଗୋବିନ୍ଦଙ୍କ ସ୍ତ୍ରୀ ବେବି ପ୍ରଧାନ (୩୫), ଶାଶୁ ଗୋଲାପି ପ୍ରଧାନ, (୫୭)ଓ ଅନ୍ୟ ଜଣେ ତ୍ରିଲୋଚନ ଦଳପତି (୪୫)ଙ୍କୁ ଗିରଫ କରି ପଦ୍ମପୁର କୋର୍ଟକୁ ଚାଲାଣ କରିଛି। ସେହିପରି ଅପରାହ୍ନରେ ସାଇଣ୍ଟିଫିକ ଟିମ୍ ନୃସିଂହପଡ଼ା ଆସି ତଦନ୍ତ କରି ଫେରିଥିବା ଆଇଆଇସି ସୁଶାନ୍ତ କୁମାର ପ୍ରଧାନ କହିଛନ୍ତି।

ଗୋବିନ୍ଦ ତାଙ୍କ ସ୍ତ୍ରୀଙ୍କ ସହ ପାଇକମାଳ ଥାନା ନରସିଂହପଡ଼ାରେ ରହୁଥିଲେ। କିଛିଦିନ ପରେ କୌଣସି ଏକ କଥାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନାନ୍ତର ହେବାରୁ ଗୋବିନ୍ଦ ସ୍ତ୍ରୀଙ୍କ ନିକଟରୁ ଚାଲିଆସିଥିଲେ। ପରେ ସେ ନୃସିଂହନାଥ ବିନ୍ଧ୍ୟବାସିନୀ ମନ୍ଦିର ନିକଟରେ ଏକ ଖେଳନା ଦୋକାନ ଦେଇ ସେଠାରେ ରହୁଥିଲେ। ବୁଧବାର ସନ୍ଧ୍ୟା ୭ଟାରେ ଗୋବିନ୍ଦ ନିଜ ଦୋକାନରୁ ନୃସିଂହପଡ଼ାରେ ରହୁଥିବା ସ୍ତ୍ରୀଙ୍କ ପାଖକୁ ଆସିଥିଲେ। କିଛି ସମୟ ପରେ ପୁଣି କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିପାଇଁ ସ୍ତ୍ରୀ ଓ ଶାଶୁ ମିଶି ଗୋବିନ୍ଦଙ୍କୁ ଗାଳିଗୁଲଜ କରିଥିଲେ। ପରେ ବୁଧବାର ରାତିରେ ଗୋବିନ୍ଦଙ୍କୁ ରକ୍ତାକ୍ତ ଅବସ୍ଥାରେ ପରିବାର ଲୋକ ପାଇକମାଳ ସରକାରୀ ଚିକିତ୍ସାଳୟକୁ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ଗୋବିନ୍ଦଙ୍କୁ ପଦ୍ମପୁର ସରକାରୀ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଗୋବିନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ମୃତ ଗୋବିନ୍ଦଙ୍କ ବାପା ନିରଞ୍ଜନ ପ୍ରଧାନ ସୋହେଲାରୁ ପଦ୍ମପୁର ଆସି ପହଞ୍ଚିଥିଲେ। ମୃତଦେହ ଦେଖି ପୁଅକୁ ହତ୍ୟା କରାଯାଇଥିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପାଇକମାଳ ପୋଲିସ ନଂ.୧୨/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଗଳାକାଟି, ଶିଳପୁଆରେ ଛେଚି ଭଉଣୀଙ୍କୁ ହତ୍ୟା

**ଅଭିଯୁକ୍ତ ବଡ଼ଭାଇ ଫେରାର୍**

ଆସିକା,୧୬।୧ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ଥାନା ଗୁଣ୍ଡପଡା ପଞ୍ଚାୟତ ଅନ୍ତର୍ଗତ ରାଇପଲ୍ଲୀ ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଶାଶୁଘରେ ଅଶାନ୍ତିରୁ ବାପଘରକୁ ଆସି ରହୁଥିବା ସାନ ଭଉଣୀର ଗଳାକାଟି, ମୁଣ୍ଡରେ ଶିଳପୁଆ ଛେଚି ବଡ଼ଭାଇ ହତ୍ୟା କରିଛନ୍ତି। ମୃତା ଭଉଣୀ ହେଲେ ଲକ୍ଷ୍ମୀ ମହାନ୍ତି (୩୫)। ଖବରପାଇ ପୋଲିସ, ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ପାରିବାରିକ କଳହରୁ ବଡ଼ଭାଇ ବାବାଜୀ ପାତ୍ର ଏଭଳି ନୃଶଂସ କାଣ୍ଡ ଘଟାଇ ଫେରାର୍ ଅଛନ୍ତି।

ସୂଚନା ଅନୁଯାୟୀ, ରାଇପଲ୍ଲୀର ଶତ୍ରୁଘନ ପାତ୍ରଙ୍କ ଝିଅ ଲକ୍ଷ୍ମୀ ପାକିଡ଼ି ଗ୍ରାମରେ ବିବାହ କରିଥିଲେ। ଶାଶୁଘରେ ବିଭିନ୍ନ କାରଣରୁ ଅଶାନ୍ତି ଲାଗି ରହିବା ଓ ସ୍ୱାମୀ ଠିକ୍ ଭାବେ ଦେଖାଶୁଣା କରୁ ନଥିବାରୁ ଲକ୍ଷ୍ମୀ ତାଙ୍କର ୧୦ବର୍ଷୀୟ ପୁଅକୁ ଧରି ବାପଘରେ ଆସି ରହୁଥିଲେ। ପ୍ରାୟ ବର୍ଷକ ତଳେ ଲକ୍ଷ୍ମୀଙ୍କର ଜଣେ ଭାଇଙ୍କ ପୁଅଙ୍କୁ ହତ୍ୟା କରାଯାଇଥିଲା। ଏଥିରେ ଲକ୍ଷ୍ମୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରି ଭାଇମାନଙ୍କ ମଧ୍ୟରେ ଅସନ୍ତୋଷ ରହିଥିଲା। ଏଭଳିସ୍ଥିତିରେ ଗୁରୁବାର ସକାଳେ ବଡ଼ଭାଇ ବାଜାଜୀ ଲକ୍ଷ୍ମୀଙ୍କ ବେକ, ଗାଲ, ହାତକୁ ଛୁରିରେ ଆଘାତ କରିବା ସହ



ଲକ୍ଷ୍ମୀ ମହାନ୍ତି

ମୁଣ୍ଡରେ ଶିଳପୁଆ ଛେଚିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଆସିକା ଏସ୍‌ଡିପିଓ ଗିରିଜା ନନ୍ଦନ ପଟ୍ଟନାୟକ, ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, ସବ ଇନ୍ସପେକ୍ଟର ଜ୍ଞାନରଞ୍ଜନ ସେଠୀ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ ସେଠାରୁ ଗୋଟିଏ ଛୁରି, ଶିଳପୁଆ ଓ ବାବାଜୀଙ୍କ ଚପଲ ଜବତ କରିଛି। ଏ ନେଇ ବାପା ଶତ୍ରୁଘନ ଆସିକା ଥାନାରେ ଅଭିଯୋଗ କରିଛନ୍ତି। ପାରିବାରିକକୁ କଳହକୁ କେନ୍ଦ୍ର କରି ଲକ୍ଷ୍ମୀଙ୍କୁ ପୁଅ ବାବାଜୀ ହତ୍ୟା କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ନଂ.୪୨/୨୫ରେ ଏକ ମାମଲା ରୁଜୁ କରି ହତ୍ୟାକାଣ୍ଡର ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି।


CSIR — The Innovation Engine of India

**ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦ (ସିଏସ୍ଆଇଆର୍)**
ଅନୁସନ୍ଧାନ ଭବନ, ୨, ରଫି ମାର୍ଗ, ନୂଆଦିଲ୍ଲୀ - ୧୧୦୦୦୧
**ବିଜ୍ଞାପନ ନଂ. ୦୨/୨୦୨୫**

**ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦରେ ପ୍ରଯୁଜ୍ୟ ଭତ୍ତା ସହିତ ସ୍ତର ୧୫ର ବେତନ-ମାଟ୍ରିକ୍ସ (ଟ.୧,୮୨,୨୦୦-୨,୨୪,୧୦୦)ରେ ନିର୍ଦ୍ଦେଶକ, ସିଏସ୍ଆଇଆର୍ - କେନ୍ଦ୍ରୀୟ ଖାଦ୍ୟ ପ୍ରଯୁକ୍ତିଗତ ଗବେଷଣା ଅନୁଷ୍ଠାନ (ସିଏସ୍ଆଇଆର୍-ସିଏଫ୍‌ଟିଆର୍‌ଆଇ), ମହୀଶୂର ପଦବୀ ଲାଗି ଆବେଦନ/ନାମାଙ୍କନ ଆହ୍ୱାନ କରୁଛି ।**

ଯୋଗ୍ୟତା ମାନଦଣ୍ଡ ଏବଂ ଅନ୍ୟାନ୍ୟ ସର୍ତ୍ତାବଳୀ ପାଇଁ, ଦୟାକରି ସିଏସ୍ଆଇଆର୍ ୱେବ୍‌ସାଇଟ୍ www.csir.res.in ରେ ସବିସ୍ତୃତ/ସମ୍ପୂର୍ଣ୍ଣ ବିଜ୍ଞାପନ ନଂ. **୦୨/୨୦୨୫** ଦେଖନ୍ତୁ । ଆବେଦନ/ନାମାଙ୍କନଗୁଡ଼ିକୁ ସମ୍ପୂର୍ଣ୍ଣ ବାୟୋ-ଡାଟା ତଥା ପ୍ରକାଶନ/ପ୍ୟାଟେଣ୍ଟଗୁଡ଼ିକର ତାଲିକା ଇତ୍ୟାଦି ସହିତ ଇମେଲ୍ ଜରିଆରେ drc@csir.res.in ଅଥବା ଡାକ ଯୋଗେ ନିର୍ଦ୍ଦେଶକ ନିଯୁକ୍ତି ସେଲ୍, ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦ (ସିଏସ୍ଆଇଆର୍), ଅନୁସନ୍ଧାନ ଭବନ, ୨, ରଫି ମାର୍ଗ, ନୂଆଦିଲ୍ଲୀ-୧୧୦୦୦୧ଙ୍କ ନିକଟକୁ **ତା୧୭।୦୨।୨୦୨୫ରିଖ** କିମ୍ବା ତାହା ପୂର୍ବ ସୁଦ୍ଧା ପଠାଯାଇପାରେ ।

CBC 36202/12/0026/2425



**ସ୍କ୍ରାପ୍ ବିକ୍ରୟ ପାଇଁ ଇ-ନିଲାମ**

**ନଂ.:** ଏସ୍ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌୦ଏସ୍ଏଲ୍ଇ(ଡିଏସ୍‌ପିଏଲ୍)/୪/୨୦୨୪-ଏସ୍ଏଲ୍ଇ/୪ **ତାରିଖ:** ୧୫।୦୧।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ଏସ୍ଇଆର୍/ଜିଆର୍‌ସି-୭୦୦୦୪୩ ଚକ୍ରଧରପୁର ମଣ୍ଡଳ ପାଇଁ **ତା୨୪।୦୧।୨୦୨୫ରିଖ** ଏବଂ **ତା୩୧।୦୧।୨୦୨୫ରିଖ**ରେ ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ ଆହ୍ୱାନ କରିଛନ୍ତି । ବିବରଣୀ ନିମ୍ନ ଅନୁଯାୟୀ ଅଟେ: **ମଣ୍ଡଳ:** ଚକ୍ରଧରପୁର; **ଅତିରିକ୍ତ ଇ-ନିଲାମ ତାରିଖ:** ତା୨୪।୦୧।୨୦୨୫ରିଖ ଓ ତା୩୧।୦୧।୨୦୨୫ରିଖ। **ବିଦ୍ର:- ଇ-ନିଲାମର ସମୟସୂଚୀ ଏବଂ କାଟାଲଗ୍**ର ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍:- **www.ireps.gov.in/e-Auction** ପରିଦର୍ଶନ କରନ୍ତୁ ।

(PR-1018) ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ଏସ୍ଇଆର୍

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ



**ପୂର୍ବ ତଟ ରେଳପଥ**

Tender Notice No.: 49-KUR-TRD-OT-2024-25, ତାରିଖ : 09.01.2025

| | |
|---|---|
| କାର୍ଯ୍ୟର ନାମ | ବୋଲଗଡ଼ ପିଏଚ କୁ ବୋଲଗଡ଼ ଷ୍ଟେସନ ପର୍ଯ୍ୟନ୍ତ ପ୍ରସ୍ତାବିତ ଉନ୍ନତିକରଣ ସମ୍ବନ୍ଧୀୟ OHE ରୂପାନ୍ତରଣ ଏବଂ ବିଦ୍ୟୁତୀକରଣ କାର୍ଯ୍ୟ। |
| ବିଜ୍ଞାପିତ ମୂଲ୍ୟ | ଟ.66,49,005.47 |
| EMD: ଟ. 1,33,000/-, | କାର୍ଯ୍ୟସମାପ୍ତିର ଅବଧି: 180 ଦିନ |
| ବିଡ଼ିଂ ଆରମ୍ଭ ତାରିଖ : | ତା. 17.01.2025 ରିଖ |
| ଟେଣ୍ଡର ବନ୍ଦ ତାରିଖ ଏବଂ ସମୟ : | ତା. 31.01.2025 ରିଖ 1300 ଘଟିକାରେ |

ଟେଣ୍ଡର କାଗଜାତ୍ର ସମସ୍ତ ବିବରଣୀ ୱେବ୍‌ସାଇଟ୍ : www.ireps.gov.in. ରେ ଉପଲବ୍ଧ।

ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ(TRD), ଖୋର୍ଦ୍ଧା ରୋଡ
PR-883/P/24-25



**नगर पंचायत, डोमचाँच**

**शुद्धि-पत्र**

नगर पंचायत, डोमचाँच अन्तर्गत प्रकाशित ई–निविदा सूचना संख्या– UDD/KODERMA/DNP/11/2024-25, Date-27-12-2024 में अंकित (Date of Publication of Tender on Website) 30.12.2024 (Last Date/Time for Receipt Bid on Online) 16.01.2025 एवं (Date of Opening Tender) 17.01.2025 के स्थान पर (Date of Publication of Tender on Website)16.01.2025 (Last Date/Time for Receipt Bid on Online) 22.01.2025 एवं (Date of Opening Tender) 24.01.2025 पढ़ा जाय। जिसका PR. No.343008 Urban Development (2024-25):D है।

शेष सभी शर्ते यथावत् रहेंगी।

प्रशासक, नगर पंचायत, डोमचाँच

PR 344413 Urban Development(24-25)#D



**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, चतरा**

**ई–अति अल्पकालीन निविदा आमंत्रण सूचना**

ई–निविदा सूचना संख्या :– RDD/SD/CHATRA/05/2024-25/RE-02

1. कार्य की विस्तृत विवरणी :–

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | चतरा जिलान्तर्गत प्रखण्ड पत्थलगडडा पंचायत सिंघानी में परसोनिया नदी में पुल निर्माण। | 5,40,86,200.00 | 10,82,000.00 | 10,000.00 | 24 माह |

2. वेबसाईट में निविदा प्रकाशन की तिथि –22.01.2025
3. ई–निविदा प्राप्ति की तिथि एवं समय – दिनांक–22.01.2025 से दिनांक–28.01.2025 के अपराह्न 05:00 बजे तक
4. ई–निविदा खोलने का स्थान– कार्यपालक अभियंता का कार्यालय, ग्रामीण विकास विशेष प्रमण्डल, चतरा।
5. ई–निविदा खोलने की तिथि एवं समय – 30.01.2025 अपराह्न 02:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, चतरा।
7. ई–निविदा प्रकोष्ठ का दूरभाष सं० – 8709184201 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है, तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बन्द कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता, ग्रामीण विकास विशेष प्रमंडल, चतरा

PR 344372 Rural Development(24-25)#D



**TPNODL**
**TP Northern Odisha Distribution Limited**
(A Tata Power & Odisha Govt. Joint Venture)
Regd. Off: Corp Office, Januganj, Remuna Golei, Balasore, Odisha - 756019
CIN No.: U40106OR2021SGC035951; Website : www.tpnodl.com

**NOTICE INVITING TENDER (NIT) January 17th, 2025**

**TP Northern Odisha Distribution Limited** invites tender from eligible Bidders for the following :

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2024-25/2500000861 | Rate contract for supply of SE & DPC AL wire, under TRW. |
| 2 | TPNODL/OT/2024-25/2500000865 | PO for Supply installation of Citrix & RDS Licenses. |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.

**Chief-Contracts & MM**



**OFFICE OF THE ENGINEER IN CHIEF**
**PUBLIC WORKS DEPARTMENT, NAVA RAIPUR, ATAL NAGAR**
**(CENTRAL TENDER CELL) E-Procurement Tender Notice**
**Main Portal: https://eproc.cgstate.gov.in**

**Tenders are invited for the following works:**

| Sl. No. | System Tender No./Date | Name of work | PAC Amount (Rupees in lacs) |
|---|---|---|---|
| 1 | 164090 First Call 09.01.2025 | CONSTRUCTION OF MAIN ROAD TO HIGH SCHOOL IN GRAM PANCHAYAT PARADOL, LENGTH 2.80 KM., DISTT. KOREA | 491.87 |
| 2 | 164092 First Call 09.01.2025 | CONSTRUCTION OF FOURWAY DIRECTION ROAD & DRAIN WORK (UNDER NAGAR NIGAM, RAIPUR) AT MOVA, LENGTH 2.80 KM., DISTT. RAIPUR. (VIDHANSABHA DN., RAIPUR). | 284.25 |
| 3 | 164094 First Call 09.01.2025 | STRENGTHENING WORK OF ROADS WITHIN THE AREA OF CIVIL LINE AT RAIPUR, LENGTH 5.19 KM., DISTT. RAIPUR (DN. NO. 1, RAIPUR). | 290.23 |
| 4 | 164097 Second Call 09.01.2025 | Construction of kalmi Naharpar to Belhadih via Chikhali, Chotekot, Badekot, Singhra Road Length 12.80 Km. | 1188.93 |
| 5 | 164142 First Call 10.01.2025 | CONSTRUCTION OF HIGH-LEVEL BRIDGE ACROSS CHACHANGI NALLA ON KASABAY TO PATORADADAR ROAD. | 508.12 |
| 6 | 164155 First Call 10.01.2025 | B.T. & CC WORK IN THE AREA OF TATIBANDH-JARVAY-HIRAPUR-SARONA - KOTA (DIFFERENCE ROUTES) AT RAIPUR, LENGTH 6.745 KM., DISTT. RAIPUR | 447.52 |

Last date of tender downloading Sl.No. 04 date **27.01.2025**. Other tenders date are Schedule as date **31.01.2025**. For more details on the tender and bidding process please visit the above mentioned portal.

Sd./- Chief Engineer, (Central Tender Cell)
Office of Engineer In Chief
P.W.D., Nava Raipur, Atal Nagar

G-242505363/4



[GOVERNMENT OF ODISHA]
**OFFICE OF THE SUPERINTENDING ENGINEER**
**BARGARH (R&B) DIVISION, BARGARH**
E-mail: eepwdbgh@gmail.com, Phone / Fax: 06646- 234819
**INVITATIONS FOR BIDS (I.F.B.)**
**e-Procurement Notice**
**IDENTIFICATION NO.IFB-SE PWD BGH No.21 OF 2024-25**
**No.127, Dated 10.01.2025** No.B-841

| | | |
|---|---|---|
| 1) | The **Superintending Engineer, Bargarh (R&B) Division, Bargarh** on behalf of Governor of Odisha invites Percentage Rate bid in Single & Double Cover system in **ONLINE MODE** for the **Civil & El works** as detailed in the **Detailed Tender Call Notice (D.T.C.N.)** from the eligible class of contractors. | |
| 2) | No. of Civil & Electrical work | 16 Nos. |
| 3) | Cost of tender paper | Rs.6,000/- & Rs.10,000/- |
| 4) | Class of contractor | 'B' Class contractor, "Specialized agency with associate Electrical contractor having valid licence from ELBO & HT Electrical contractor |
| 5) | Date & time of available in website & receipt of bids | 11.00 hrs. of 21.01.2025 to 17.00 hrs. of 30.01.2025 |
| 6) | Date of opening of technical bid | 31.01.2025 at 11.30 hrs. |
| 7) | The bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in | |
| 8) | Any corrigendum / addendum will be displayed in the website **https://tendersodisha.gov.in** only. | |

Sd./- Superintending Engineer, Bargarh (R&B) Division

OIPR-34039/11/0017/2425



**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ନିର୍ଗମ ବିଭାଗ, ଭୁବନେଶ୍ୱର**

**ଇ-ଟେଣ୍ଡର ନିମନ୍ତ୍ରଣ ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ମୁଦ୍ରା ବ୍ୟାଗ୍ ଏବଂ ନୋଟ୍ ବକ୍ସ ପରିଚାଳନା ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ସମ୍ପୂର୍ଣ୍ଣ କଭର କଣ୍ଟେନର ଟ୍ରକ୍/ଗାଡ଼ି ଯୋଗାଣ ପାଇଁ ଯୋଗ୍ୟ, ପ୍ରତିଷ୍ଠିତ ଏବଂ ଅଭିଜ୍ଞ ସଂସ୍ଥାମାନଙ୍କଠାରୁ ବାର୍ଷିକ ୧,୫୦,୦୦,୦୦୦/- ଟଙ୍କା (ଏକ କୋଟି ପଚାଶ ଲକ୍ଷ ଟଙ୍କା ମାତ୍ର) ଆନୁମାନିକ ମୂଲ୍ୟର ଦୁଇ-ବିଡ୍ ସିଷ୍ଟମ (ଯାନ୍ତ୍ରିକ ଏବଂ ମୂଲ୍ୟ ବିଡ୍) ଅଧୀନରେ ଇ-ଟେଣ୍ଡରିଂ ମାଧ୍ୟମରେ ଆବେଦନ ଆହ୍ୱାନ କରୁଅଛି ।

୨. ୧୪ ଫେବୃଆରୀ ୨୦୨୫ (ଶୁକ୍ରବାର) ପୂର୍ବାହ୍ନ ୧୧ଟାରୁ ୨୫ ଫେବୃଆରୀ ୨୦୨୫ (ମଙ୍ଗଳବାର) ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଏମ୍.ଏସ୍.ଟି.ସି. ପୋର୍ଟାଲ **https://www.mstcecommerce.com/eprocn** ରେ ଅନ୍‌ଲାଇନ୍ ବିଡିଂ କରାଯାଇପାରିବ। ଉପରୋକ୍ତ ଇ-ଟେଣ୍ଡର ସମ୍ପର୍କରେ ବିସ୍ତୃତ ସୂଚନା ଆର୍‌ବିଆଇର ୱେବ୍‌ସାଇଟ **www.rbi.org.in** ଏବଂ **www.mstcecommerce.com** ରେ ଉପଲବ୍ଧ ଅଛି ।

୩. ବ୍ୟାଙ୍କ କୌଣସି ବା ସମସ୍ତ ଟେଣ୍ଡରକୁ କୌଣସି କାରଣ ନ ଦର୍ଶାଇ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**

# ପାଉଁରୁଟି କାରଖାନାରେ ଓଭନ ଫାଟି ୧୪ ଶ୍ରମିକ ଆହତ

ଆଗ୍ରା, ୧୬ା୧

ଉତ୍ତରପ୍ରଦେଶର ଆଗ୍ରା ଜିଲା ହରିପର୍ବତ ଅଞ୍ଚଳରେ ଥିବା ଏକ ପାଉଁରୁଟି କାରଖାନାରେ ଗୁରୁବାର ବିସ୍ଫୋରଣ ଘଟି ୧୪ ଜଣ ଶ୍ରମିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଫ୍ୟାକ୍ଟ୍ରିରେ ଥିବା ଏକ ଓଭନ ଫାଟିଯିବାରୁ ବିସ୍ଫୋରଣ ଘଟିଥିବା ପୋଲିସ କହିଛି। ବିସ୍ଫୋରଣ ପରେ ଫ୍ୟାକ୍ଟ୍ରିରେ ନିଆଁ ଲାଗିଯାଇଥିଲା। ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଫ୍ୟାକ୍ଟ୍ରିରେ ଫସିଥିବା ଶ୍ରମିକମାନଙ୍କୁ ଉଦ୍ଧାର କରିବା ସହ ନିଆଁ ଲିଭାଇଥିଲେ। ଚିକିତ୍ସା ପାଇଁ ଆହତମାନଙ୍କୁ ଆଗ୍ରାସ୍ଥିତ ଏସ୍. ଏନ୍. ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ହିଣ୍ଡେନ୍‌ବର୍ଗ ରିସର୍ଚ୍ଚରେ ତାଲା

## ଆମେ ଜରୁରୀ ମନେକରିଥିବା କେତେକ ସାମ୍ରାଜ୍ୟକୁ ଦୋହଲାଇ ଦେଇଛୁ: ଆଣ୍ଡର୍ସନ

ନ୍ୟୁୟର୍କ/ନୂଆଦିଲ୍ଲୀ,୧୬ା୧




କର୍ପୋରେଟ୍ ଜଗତର ଅନୁସନ୍ଧାନ ଓ ଗବେଷଣାମୂଳକ ପ୍ରଘଟ ପାଇଁ ଜଣାଶୁଣା ହିଣ୍ଡେନ୍‌ବର୍ଗ ରିସର୍ଚ୍ଚକୁ ବନ୍ଦ କରିବା ପାଇଁ ଆମେରିକୀୟ ହ୍ୱିସିଲ୍ ବ୍ଲୋୟର ନାଥନ୍ ଆଣ୍ଡର୍ସନ ନିଷ୍ପତ୍ତି ନେଇଛନ୍ତି। ଆଣ୍ଡର୍ସନ ଏନେଇ ଗୁରୁବାର ଘୋଷଣା କରିଛନ୍ତି।

ଆଦାନୀ ସାମ୍ରାଜ୍ୟର ୧୫୦ ବିଲିୟନ୍ ଡଲାର କ୍ଷତି ସାଧନକାରୀ ଝଡ଼ ସୃଷ୍ଟିଠାରୁ ନେଇ ନିକୋଲା କର୍ପୋରେଶନ୍ ଏବଂ ୟୁରୋସ୍ ଇଣ୍ଟରନ୍ୟାଶନାଲ ଭଳି ବୃହତ୍ ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ଆଣ୍ଡର୍ସନ୍‌ଙ୍କ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଦୋହଲାଇଦେଇଥିଲା। ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ୱେବ୍‌ସାଇଟ୍‌ରେ ସେ ଏନେଇ ବିସ୍ତୃତ ଭାବେ ଉଲ୍ଲେଖ କରିଛନ୍ତି। 'ପର୍ସନାଲ ନୋଟ୍ ଫ୍ରମ୍ ଆୱାର ଫାଉଣ୍ଡର' ଶୀର୍ଷକ ଏକ ବ୍ଲଗ୍ ପୋଷ୍ଟରେ ନାଟେ କହିଛନ୍ତି, ହିଣ୍ଡେନ୍‌ବର୍ଗର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏବେ ଆଗକୁ ବଢ଼ିବା ସମୟ ଉପନୀତ। ସେ ଏହି ନିଷ୍ପତ୍ତି ସମ୍ପର୍କରେ ଗତବର୍ଷ ନିଜ ପରିବାର, ବନ୍ଧୁ ଓ ଟିମ୍‌କୁ ଅବଗତ କରାଇଥିଲେ। ତେବେ ଏଥିପାଇଁ ସେ ନିର୍ଦ୍ଦିଷ୍ଟ ଭାବେ କୌଣସି କାରଣ ଦର୍ଶାଇନାହାନ୍ତି। ସେ କହିଛନ୍ତି, କୌଣସି ବାହ୍ୟ ବିପଦ, ବ୍ୟକ୍ତିଗତ ସ୍ୱାସ୍ଥ୍ୟ ସମସ୍ୟା କିମ୍ବା ଅନ୍ୟ କୌଣସି ଚାପ ଯୋଗୁ ସେ ଏପରି ନିଷ୍ପତ୍ତି ନେଇନାହାନ୍ତି। ଏହା ତାଙ୍କ ଜୀବନର ଏକ ଅଧ୍ୟାୟର ପ୍ରାକୃତିକ ପରିସମାପ୍ତି। କମ୍ପାନୀ ବିରୋଧରେ ଆର୍ଥିକ ଠକେଇ ନେଇ ଚାଲିଥିବା କେତୋଟି ମାମଲାର ଫଇସଲା ହେବା ପରେ ଏ ସମ୍ପର୍କରେ ବଜାର ନିୟନ୍ତ୍ରକଙ୍କୁ ଅବଗତ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

ଆଣ୍ଡର୍ସନ ଆସନ୍ତା ୬ ମାସ ମଧ୍ୟରେ ନିଜ ସଂସ୍ଥାର ଅନୁସନ୍ଧାନମୂଳକ ପଦ୍ଧତି ସମ୍ପର୍କିତ ମ୍ୟାଟେରିଆଲ୍ ଓ ଭିଡିଓ ପ୍ରସ୍ତୁତ କରି ସେଗୁଡ଼ିକୁ ଜାରି କରିବାକୁ ଯୋଜନା କରିଛନ୍ତି। ଅନୁରୂପ କାର୍ଯ୍ୟ ପାଇଁ ଏହା ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବ ବୋଲି ଆଣ୍ଡର୍ସନ ଆଶାବାଦୀ। ନିଜ ଛୋଟ ଟିମ୍‌ର ୧୧ ଉତ୍ସର୍ଗୀକୃତ ସଦସ୍ୟଙ୍କୁ ନେଇ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚକୁ ଚଳାଉଥିଲେ। ସେମାନଙ୍କ କାର୍ଯ୍ୟ ଯୋଗୁ ବିଶ୍ୱର ପ୍ରାୟ ୧୦୦ ବ୍ୟକ୍ତି ଦେୱାନି କିମ୍ବା ଆପରାଧିକ ମାମଲାର ସମ୍ମୁଖୀନ ହୋଇଛନ୍ତି। ଆମେ ଜରୁରୀ ମନେକରିଥିବା କେତେକ ସାମ୍ରାଜ୍ୟକୁ ମଧ୍ୟ ଦୋହଲାଇଦେଇଛୁ ବୋଲି ଆଣ୍ଡର୍ସନ କହିଛନ୍ତି।

ପ୍ରକାଶ ଯେ, ୨୦୨୩ ଜାନୁଆରୀରେ ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍ ବିରୋଧରେ ଷ୍ଟକ୍ ଜାଲିଆତି ଓ ଆକାଉଣ୍ଟ ହେରଫେର ଅଭିଯୋଗ ଆଣି ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଚର୍ଚ୍ଚାକୁ ଆସିଥିଲା। ସେତେବେଳେ ଆଦାନୀ ଗ୍ରୁପ୍‌ର ଶତାଧିକ ବିଲିୟନ୍ ଡଲାର ମୂଲ୍ୟର ଆର୍ଥିକ କ୍ଷତି ହୋଇଥିଲା। ୨୦୨୪ରେ ସେବି ମୁଖ୍ୟ ମାଧବୀ ପୁରୀ ବୁଚ୍ ଓ ତାଙ୍କ ସ୍ୱାମୀ ଧବଳ ବୁଚ୍‌ଙ୍କ ବିଦେଶରେ ଥିବା ଶେଲ୍ କମ୍ପାନୀ ସମ୍ପର୍କରେ ପ୍ରଘଟ କରି ହିଣ୍ଡେନ୍‌ବର୍ଗ ପୁଣି ଚର୍ଚ୍ଚାକୁ ଆସିଥିଲା। ଦ୍ୱିତୀୟ ଦଫା ପ୍ରଘଟ ବେଳେ ମଧ୍ୟ ଆଦାନୀ ଗ୍ରୁପ୍‌କୁ ବିପୁଳ କ୍ଷତି ସହିବାକୁ ପଡ଼ିଥିଲା।

# ୨୧ରୁ କୃଷକଙ୍କ ଦିଲ୍ଲୀ ଅଭିଯାନ




କୃଷକ ନେତା ସରୱନ ସିଂ ପନ୍ଧେର ଗୁରୁବାର ଖବରଦାତା ସମ୍ମିଳନୀ କରୁଛନ୍ତି।

ଚଣ୍ଡିଗଡ଼, ୧୬ା୧

ଦେଶରେ ଫସଲ କ୍ରୟ ପାଇଁ ସର୍ବନିମ୍ନ ସହାୟତା ମୂଲ୍ୟ(ଏମ୍‌ଏସ୍‌ପି)ରେ ଆଇନଗତ ଗ୍ୟାରେଣ୍ଟି ଦାବିରେ ପଞ୍ଜାବ-ହରିୟାଣା ଶମ୍ଭୁ ବର୍ଡରର ଆନ୍ଦୋଳନରତ କୃଷକମାନେ ଆସନ୍ତା ୨୧ ତାରିଖରୁ ପୁଣି ଥରେ ଦିଲ୍ଲୀ ଅଭିମୁଖେ ମାର୍ଚ୍ଚ କରିବେ।

୧୦୧ ଜଣିଆ କୃଷକଙ୍କ ଏକ ଦଳ ଏହି ମାର୍ଚ୍ଚରେ ସାମିଲ ହେବେ ବୋଲି ଗୁରୁବାର କୃଷକ ନେତା ସରୱନ ସିଂ ପନ୍ଧେର ସୂଚନା ଦେଇଛନ୍ତି। ଫସଲ କ୍ରୟ ପାଇଁ ଏମ୍‌ଏସ୍‌ପିରେ ଆଇନଗତ ଗ୍ୟାରେଣ୍ଟି ସହ କୃଷକଙ୍କ ବିଭିନ୍ନ ଦାବି ନେଇ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଚାପ ସୃଷ୍ଟି କରିବାକୁ ଏହି ଦିଲ୍ଲୀ ମାର୍ଚ୍ଚ କରାଯିବ ବୋଲି ସେ କହିଛନ୍ତି। କୃଷକଙ୍କର ସମସ୍ତ ଦାବି ଦେଶ ହିତରେ ରହିଛି ଏବଂ ଏଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ବାଧ୍ୟ ହେବେ ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଗତ ଡିସେମ୍ବର ୬, ୮ ଏବଂ ୧୪ ତାରିଖରେ ୩ ଥର ଆନ୍ଦୋଳନରତ କୃଷକ ଦିଲ୍ଲୀ ଅଭିମୁଖେ ମାର୍ଚ୍ଚ କରିବାକୁ ପ୍ରୟାସ କରିଥିଲେ। ତେବେ ହରୟାଣା ପୋଲିସ ପକ୍ଷରୁ ବ୍ୟାରିକେଡ୍ ଲଗାଇ ସେମାନଙ୍କୁ ଅଟକାଇ ଦିଆଯାଇଥିଲା। ପ୍ରକାଶ ଯେ, ଏମ୍‌ଏସ୍‌ପିରେ ଆଇନଗତ ଗ୍ୟାରେଣ୍ଟି ଦାବିରେ ଗତ ୧୧ ମାସ ହେବ କୃଷକମାନେ ଶମ୍ଭୁ ଓ କନୌରୀ ବର୍ଡରରେ ଆନ୍ଦୋଳନ କରୁଛନ୍ତି।

# ଇସ୍ରାଏଲ୍‌ର ଆକ୍ରମଣ: ୭୨ ମୃତ

## ଯୁଦ୍ଧବିରତି ସ୍ଥଗିତ

ତେଲ୍ ଆଭିଭ୍,୧୬ା୧

ଯୁଦ୍ଧବିରତି ଚୁକ୍ତିନାମା ଘୋଷଣା ପରେ ମଧ୍ୟ ଇସ୍ରାଏଲ୍ ଆକ୍ରମଣ ଜାରି ରଖିଛି। ଗୁରୁବାର ଇସ୍ରାଏଲ୍‌ର ଆକ୍ରମଣରେ ଅନ୍ୟୁନ ୭୨ ଜଣଙ୍କ ମୃତ୍ୟୁ ଘଟିଥିବା ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ଗାଜା ସହରର ୨ଟି ହସ୍ପିଟାଲରେ ପହଞ୍ଚିଥିବା ମୃତଦେହକୁ ହିସାବ କରି ମୃତ୍ୟୁସଂଖ୍ୟା ୭୨ କୁହାଯାଇଥିବାବେଳେ ପ୍ରକୃତ ମୃତ୍ୟୁସଂଖ୍ୟା ଏହାଠାରୁ ଯଥେଷ୍ଟ ଅଧିକ ହେବ ବୋଲି କୁହାଯାଉଛି। ଅସ୍ତ୍ରବିରତି ଡିଲ୍ ପୂର୍ବରୁ ଉଭୟ ପକ୍ଷ ସାମରିକ ସଂଘର୍ଷକୁ ଜୋର୍‌ଦାର କରିଥିଲେ। ବୁଧବାରଠାରୁ ଗୁରୁବାର ଅଧିକ ରକ୍ତପାତ ହୋଇଥିବା ମନ୍ତ୍ରଣାଳୟ କହିଛି। ବୁଧବାର ଚୁକ୍ତିନାମା ଘୋଷଣା ପରେ ଗାଜାରେ ପଣବନ୍ଦୀ ଥିବା ଇସ୍ରାଏଲୀ ନାଗରିକ ମୁକ୍ତ ହେବେ ଏବଂ ୧୫ ମାସ ଧରି ଚାଲିଥିବା ଯୁଦ୍ଧର ଅବସାନ ଘଟିବ ବୋଲି ଆଶା କରାଯାଉଥିଲା।

# ବ୍ୟାଘ୍ର ସଂରକ୍ଷଣସ୍ଥଳ ପରିଚାଳନାର ସମାନ ନୀତି ସପକ୍ଷରେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୬ା୧(ପି.ଟି.)



ସାରା ଦେଶରେ ବ୍ୟାଘ୍ର ସଂରକ୍ଷଣ ସ୍ଥଳଗୁଡ଼ିକର ପରିଚାଳନା ନିମନ୍ତେ ସମାନ ନୀତି ସପକ୍ଷରେ ସୁପ୍ରିମକୋର୍ଟ ଗୁରୁବାର ମତ ଦେଇଛନ୍ତି। ଉତ୍ତରାଖଣ୍ଡର କୋର୍‌ବେଟ୍ ଟାଇଗର ରିଜର୍ଭ ମାମଲାର ଶୁଣାଣି ବେଳେ ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଅଗଷ୍ଟାଇନ୍ ଜର୍ଜ ମସିହ ଏବଂ କେ. ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ ଟିପ୍ପଣୀ ଦେଇ କହିଛନ୍ତି, ସାରା ଭାରତରେ ସମାନ ନୀତି ରହିବା ଆମେ ଚାହୁଁ। ବ୍ୟାଘ୍ର ସଂରକ୍ଷଣ ସ୍ଥଳ ଭିତରେ ଗାଡ଼ିମୋଟର ଚଳାଚଳକୁ ନେଇ ମଧ୍ୟ ନୀତି ରହିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି। ନୂଆବର୍ଷ ପାଳନର ପୂର୍ବଦିନ ମହାରାଷ୍ଟ୍ରର ଉମ୍ରେଦ-ପୌନି-କରହାଣ୍ଡଲା ଅଭୟାରଣ୍ୟରେ ପର୍ଯ୍ୟଟକମାନଙ୍କୁ ନେଇ ଯାଇଥିବା ସଫାରି ଗାଡ଼ି ଯୋଗୁ ଏକ ବାଘୁଣୀ ଓ ଏହାର ଛୁଆଗୁଡ଼ିକର ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। ବମ୍ବେ ହାଇକୋର୍ଟ ଏହାକୁ ନିଜଆଡ଼ୁ ବିଚାର ପାଇଁ ନେଇଥିଲେ, ଯାହାକୁ ଜଷ୍ଟିସ୍ ଗଭାଇ ତାଙ୍କ ଟିପ୍ପଣୀରେ ସୂଚାଇଛନ୍ତି। କୋର୍‌ବେଟ୍ ଟାଇଗର ରିଜର୍ଭରେ ବେଆଇନ ନିର୍ମାଣ ଓ ଗଛକଟାର ସିବିଆଇ ତଦନ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପାଇଁ ଆମିକସ୍ କ୍ୟୁରି ଭାବେ କାର୍ଯ୍ୟ କରୁଥିବା ବରିଷ୍ଠ ଆଇନଜୀବୀ କେ. ପରମେଶ୍ୱର ସୁପ୍ରିମକୋର୍ଟଙ୍କୁ କହିଛନ୍ତି।

# ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ବଢ଼ାଇବାକୁ ଇସିଙ୍କ ପରାମର୍ଶ

ନୂଆଦିଲ୍ଲୀ,୧୬ା୧(ପି.ଟି.)

## ନିର୍ବାଚନ ପ୍ରଚାରରେ ଏଆଇ ଉପଯୋଗ

ନିର୍ବାଚନ ପ୍ରଚାରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଉପଯୋଗ ବଢ଼ୁଥିବା ଏବଂ ଏହା ଭୋଟରଙ୍କ ମତାମତକୁ ପ୍ରଭାବିତ କରିବା ସମ୍ଭାବନା ଥିବାରୁ ନିର୍ବାଚନ କମିଶନ (ଇସି) ଗୁରୁବାର ରାଜନୈତିକ ଦଳଗୁଡ଼ିକ ପାଇଁ ଆଡଭାଇଜରି ଜାରି କରିଛନ୍ତି। ଏଆଇ ସୃଷ୍ଟ କଣ୍ଟେଣ୍ଟର ବ୍ୟବହାରରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଢ଼ାଇବା ପାଇଁ ଇସି ଦଳଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଏଆଇ ପ୍ରଯୁକ୍ତି ଦ୍ୱାରା ପ୍ରସ୍ତୁତ ବା ପରିବର୍ତ୍ତିତ ଫଟୋ, ଭିଡିଓ, ଅଡିଓ କିମ୍ବା ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକରେ ଏଆଇ-ଜେନେରେଟେଡ୍/ଡିଜିଟାଲୀ ଏନ୍‌ହାନ୍ସଡ/ସିନ୍ଥେଟିକ୍ କଣ୍ଟେଣ୍ଟ ସ୍ପଷ୍ଟ ଭାବେ ଉଲ୍ଲେଖ କରିବାକୁ ରାଜନୈତିକ ଦଳଗୁଡ଼ିକୁ କୁହାଯାଇଛି। ସିନ୍ଥେଟିକ୍ କଣ୍ଟେଣ୍ଟ ବ୍ୟବହୃତ ପ୍ରଚାର ବିଜ୍ଞାପନ କିମ୍ବା ପ୍ରଚାରଧର୍ମୀ ବିଷୟବସ୍ତୁଗୁଡ଼ିକର ପ୍ରସାର ସମୟରେ ରାଜନୈତିକ ଦଳଙ୍କୁ ଏକ ଘୋଷଣାନାମା ଦେବାକୁ ହେବ। ଏଆଇ ଏବଂ ଡିପ୍ ଫେକ୍ ଦ୍ୱାରା ଭୁଲ୍ ତଥ୍ୟ ପ୍ରସାରିତ ହେବା ସମ୍ଭାବନା ସମ୍ପର୍କରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ନିକଟରେ ସତର୍କ କରାଇଥିଲେ। ନିର୍ବାଚନ ପ୍ରକ୍ରିୟାରେ ରହିଥିବା ଆସ୍ଥା ପ୍ରତି ଏହା କ୍ଷତି ପହଞ୍ଚାଇପାରେ ବୋଲି ସେ ଚିନ୍ତାବ୍ୟକ୍ତ କରିଥିଲେ।

# ଶ୍ରୀହରିକୋଟାରେ ହେବ ୩ୟ ଲଞ୍ଚ୍‌ପ୍ୟାଡ୍

ନୂଆଦିଲ୍ଲୀ,୧୬ା୧(ପି.ଟି.)

## କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ୍ ମହାକାଶ କେନ୍ଦ୍ରରେ ତୃତୀୟ ଲଞ୍ଚ୍‌ପ୍ୟାଡ୍ (ଟିଏଲ୍‌ପି) ନିର୍ମାଣ ହେବାକୁ ଯାଉଛି। ଉକ୍ତ ଲଞ୍ଚ୍‌ପ୍ୟାଡ୍ ସମେତ ଆନୁଷଙ୍ଗିକ ସୁବିଧା ପାଇଁ ୩,୯୮୫ କୋଟି ଟଙ୍କା ନିବେଶ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଗୁରୁବାର ଏହି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି। ୪ ବର୍ଷ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ମହାକାଶ କେନ୍ଦ୍ର ସ୍ଥାପନ, ଗଗନୟାନ ଏବଂ ଚନ୍ଦ୍ରକୁ ମହାକାଶଚାରୀ ପଠାଇବା ସମେତ ଭବିଷ୍ୟତରେ ଅଧିକ ଓଜନଦାର ସ୍ପେସ୍‌କ୍ରାଫ୍ଟ ପଠାଇବା ପାଇଁ ଲକ୍ଷ୍ୟ ରଖାଯାଇଥିବାରୁ ତୃତୀୟ ଲଞ୍ଚ୍‌ପ୍ୟାଡ୍ ନିର୍ମାଣ ଜରୁରୀ ହୋଇପଡ଼ିଛି। ୩୦ ହଜାର ଟନ୍ ଓଜନର ସ୍ପେସ୍‌କ୍ରାଫ୍ଟକୁ ପୃଥିବୀର ନିମ୍ନ କକ୍ଷପଥକୁ ପ୍ରେରଣ କରିବାରେ ଏହି ଲଞ୍ଚ୍‌ପ୍ୟାଡ୍ ସମର୍ଥ ହେବ। ବର୍ତ୍ତମାନର ଲଞ୍ଚ୍‌ପ୍ୟାଡ୍ ସାମର୍ଥ୍ୟ ୮,୦୦୦ ଟନ୍ ରହିଛି। ଇସ୍ରୋ ପରବର୍ତ୍ତୀ ପିଢ଼ିର ଲଞ୍ଚ୍ ଭେହିକିଲ୍ (ଏନ୍‌ଜିଏଲ୍‌ଭି)ର ବିକାଶ କରୁଛି। ଏହାର ଉଚ୍ଚତା ୯୧ ମିଟର ରହିବ, ଯାହାକି ୭୨ ମିଟର ଉଚ୍ଚତାବିଶିଷ୍ଟ କୁତବ୍‌ମିନାରଠାରୁ ଅଧିକ ଉଚ୍ଚ। ଏହାର ଗଠନ ବିନ୍ୟାସ ଡିଜାଇନ ଏଭଳି କରାଯାଇଛି, ଯାହା କି ଏନ୍‌ଜିଏଲ୍‌ଭି ସମେତ ସେମିକ୍ରିଓଜେନିକ ସ୍ତର ସହ ଏଲ୍‌ଭିଏମ୍୩ ଭେହିକିଲ୍ ପାଇଁ ମଧ୍ୟ ସହାୟକ ହୋଇପାରିବ। ଇସ୍ରୋ ଅଭିଜ୍ଞତାର ପୂର୍ଣ୍ଣ ଉପଯୋଗ କରାଯାଇ ସର୍ବାଧିକ ଶିଳ୍ପ ସହଯୋଗରେ ଏହି ଲଞ୍ଚ୍‌ପ୍ୟାଡ୍ ନିର୍ମାଣ କରାଯିବ।

# ମୁମ୍ବାଇରେ ସେଲିବ୍ରିଟି ଅସୁରକ୍ଷିତ

## ସୈଫ୍‌ଙ୍କୁ ଆକ୍ରମଣ ପରେ ତେଜିଲା ରାଜନୀତି

ମୁମ୍ବାଇ,୧୬ା୧



ମୁମ୍ବାଇର ଲୀଳାବତୀ ହସ୍ପିଟାଲରେ ଅଭିନେତ୍ରୀ କରିନା କପୁର ଖାନ୍।

ବଲିଉଡ୍ ଅଭିନେତା ସୈଫ୍ ଅଲୀ ଖାନ୍‌ଙ୍କୁ ତାଙ୍କ ଘରେ ପଶି ଆକ୍ରମଣ କରାଯିବା ପରେ ରାଜନୀତି ତେଜିବାରେ ଲାଗିଛି। ବିରୋଧୀ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ଶାସକ ମହାଯୁତିକୁ ଟାର୍ଗେଟ କରିବା ସହ ଆଇନଶୃଙ୍ଖଳା ସ୍ଥିତି ନେଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କୁ କାଠଗଡ଼ାରେ ଛିଡ଼ା କରାଇଛି। ଏନ୍‌ସିପି-ଏସ୍‌ପି ମୁଖ୍ୟ ଶରଦ ପାୱାର କହିଛନ୍ତି, ମହାରାଷ୍ଟ୍ରରେ ଆଇନଶୃଙ୍ଖଳା କିପରି ବିପର୍ଯ୍ୟସ୍ତ ହୋଇଯାଇଛି, ତାହା ମୁମ୍ବାଇରେ ଅଭିନେତା ସୈଫ୍‌ଙ୍କ ଉପରେ ଆକ୍ରମଣରୁ ସ୍ପଷ୍ଟ ଜାଣି ହେଉଛି।

ଶିବସେନା ୟୁବିଟି ଏମ୍ ପି ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି, ମୁମ୍ବାଇରେ ଆଉ ଜଣେ ହାଇପ୍ରୋଫାଇଲ୍ ବ୍ୟକ୍ତିଙ୍କ ଜୀବନ ପ୍ରତି ଏଭଳି ବିପଦ ସୃଷ୍ଟି ହେବା ଅତ୍ୟନ୍ତ ଲଜ୍ଜାଜନକ ବିଷୟ। ପୂର୍ବରୁ ମୁମ୍ବାଇରେ ବାବା ସିଦ୍ଦିକିଙ୍କୁ ହତ୍ୟା, ସଲମାନ୍ ଖାନ୍‌ଙ୍କୁ ଧମକ ଭଳି ଅନେକ ଘଟଣା ଘଟିଥିବାବେଳେ ସଦ୍ୟ ଆକ୍ରମଣ ମୁମ୍ବାଇ ପୋଲିସ ଓ ଗୃହମନ୍ତ୍ରୀଙ୍କ ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇଛି। ଶିବସେନା ୟୁବିଟି ଏମ୍‌ପି ସଞ୍ଜୟ ରାଉତ୍ ମଧ୍ୟ ଅନୁରୂପ ଅସନ୍ତୋଷ ବ୍ୟକ୍ତ କରି ମହାଯୁତି ସରକାରଙ୍କୁ ସମାଲୋଚନା କରିଛନ୍ତି। ସୈଫ୍ ଜଣେ ପଦ୍ମଶ୍ରୀ ପୁରସ୍କାର ବିଜେତା। ନିକଟରେ ସେ ସପରିବାର ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲେ। ତାଙ୍କ ଉପରେ ଆକ୍ରମଣ ହେବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। କଂଗ୍ରେସ ନେତା ନାନା ପାଟୋଲେ ଫଡ୍‌ନବିସଙ୍କୁ ଦୁର୍ବଳ ଗୃହମନ୍ତ୍ରୀ କହି ତାଙ୍କ ଇସ୍ତଫା ଦାବି କରିଛନ୍ତି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ଫଡ୍‌ନବିସ କହିଛନ୍ତି, ପୋଲିସ କାର୍ଯ୍ୟାନୁଷ୍ଠାନ ନେଉଛି। ସରକାର ଦେଶର ଆର୍ଥିକ ରାଜଧାନୀକୁ ସୁରକ୍ଷିତ କରିବା ପାଇଁ ପଦକ୍ଷେପ ନେବେ। ଏହି ଘଟଣାକୁ ନେଇ ରାଜନୀତି ନ କରିବାକୁ ବିରୋଧୀଙ୍କୁ ସେ ପରାମର୍ଶ ଦେଇଛନ୍ତି।

> ଅଭିନେତ୍ରୀ ଓ ଅଭିନେତାମାନଙ୍କର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବାର ସମୟ ଆସିଛି। ସୈଫ୍‌ଙ୍କୁ ଆକ୍ରମଣ ଘଟଣା ନିନ୍ଦନୀୟ। ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ।
>
> **- ରବି କିଶନ, ଅଭିନେତା ତଥା ଭାଜପା ଏମ୍‌ପି**
>
> ବହୁ ଶିଳ୍ପପତି ଏବଂ ସେଲିବ୍ରିଟି ରହୁଥିବା ମୁମ୍ବାଇ ସହରରେ ଅରାଜକତା ବଢ଼ିବାରେ ଲାଗିଛି। ମୁମ୍ବାଇ ପୋଲିସ ଏଥିପ୍ରତି ସଚେତନ ହେବା ଆବଶ୍ୟକ। ବାନ୍ଦ୍ରାରେ ଅଧିକ ପୋଲିସ ମୁତୟନ କରାଯାଉ।
>
> **- ପୂଜା ଭଟ୍ଟ, ଅଭିନେତ୍ରୀ**

ଫୁରସତ

# କଣ୍ଟାଶଯ୍ୟାରେ ବାବାଙ୍କ ଧ୍ୟାନ

## ମହାକୁମ୍ଭର ପ୍ରମୁଖ ଆକର୍ଷଣ



**ପ୍ରୟାଗରାଜ:** ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆୟୋଜନ ହେଉଥିବା ବିଶ୍ୱର ସର୍ବବୃହତ୍ ଧାର୍ମିକ ମହୋତ୍ସବ ମହାକୁମ୍ଭ ମେଳାରେ ଅନେକ ସାଧୁସନ୍ଥଙ୍କ ଯୋଗ ଦେଉଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣ ନିଜର ବିଶେଷ ବ୍ୟକ୍ତିତ୍ୱ ଯୋଗୁ ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ମହାକୁମ୍ଭ ମେଳାରେ ସବୁଠୁ ସୁନ୍ଦର ସାଧ୍ୱୀ, ଆଇଆଇଟିଆନ୍ ବାବାଙ୍କ ପରେ ଏବେ 'କାଣ୍ଟେ ୱାଲେ ବାବା'ଙ୍କୁ ନେଇ ଚର୍ଚ୍ଚା ଲାଗି ରହିଛି। ଏହି ବାବା କଣ୍ଟା ପରିପୂର୍ଣ୍ଣ ଶଯ୍ୟା ଉପରେ ଶୋଇ ଧ୍ୟାନ କରୁଛନ୍ତି। ଏହାର କିଛି ଭିଡିଓ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି।

କାଣ୍ଟେ ୱାଲେ ବାବାଙ୍କର ପ୍ରକୃତ ନାମ ହେଉଛି ରମେଶ କୁମାର ମାଝି। ଅଦ୍ଭୁତ ଧ୍ୟାନ କରିବାର ଶୈଳୀ ଯୋଗୁ ସେ ମହାକୁମ୍ଭ ୨୦୨୫ର ଅନ୍ୟତମ ଆକର୍ଷଣ ପାଲଟିଛନ୍ତି। ସେ କଣ୍ଟାର ଶଯ୍ୟା ଉପରେ ଶୋଇ ଧ୍ୟାନ କରନ୍ତି। ତେଣୁ ଲୋକେ ତାଙ୍କର ନାମ 'କାଣ୍ଟେ ୱାଲେ ବାବା' ରଖିଥିବା ରମେଶ କହିଛନ୍ତି। ସେ ଗତ ୪୦ରୁ ୫୦ ବର୍ଷ ମଧ୍ୟରେ କଣ୍ଟାର ଶଯ୍ୟା ଉପରେ ଶୋଇ ଧ୍ୟାନ କରନ୍ତି ବୋଲି ରମେଶ କହିଛନ୍ତି। ଧ୍ୟାନର ଏହି ଅନନ୍ୟ ଶୈଳୀକୁ ନେଇ ରମେଶ କହିଛନ୍ତି, ସେ ଗୁରୁଙ୍କର ସେବା କରନ୍ତି। ଗୁରୁ ତାଙ୍କୁ ଜ୍ଞାନ ଏବଂ ଶକ୍ତି ଦେଇଛନ୍ତି। ଈଶ୍ୱରଙ୍କ ମହିମାରୁ ଗତ ୪୦ରୁ ୫୦ ବର୍ଷ ଧରି ସେ କଣ୍ଟା ଉପରେ ଶୋଇ ଧ୍ୟାନ କରିବାକୁ ସକ୍ଷମ ହୋଇଛନ୍ତି। ଶରୀର ପାଇଁ ଲାଭଦାୟକ ହୋଇଥିବାରୁ ସେ ଏପରି ଧ୍ୟାନ କରୁଥିବା ରମେଶ କହିଛନ୍ତି। ଧ୍ୟାନ କରିବା ସମୟରେ ତାଙ୍କୁ କେବେ ମଧ୍ୟ ଯନ୍ତ୍ରଣା ଅନୁଭୂତ ହୁଏନାହିଁ ଏବଂ ତାଙ୍କ ଶରୀରରେ କୌଣସି କ୍ଷତି ପହଞ୍ଚି ନ ଥାଏ ବୋଲି ସେ କୁହନ୍ତି। ତେବେ ତାଙ୍କୁ ମିଳୁଥିବା ସମୁଦାୟ ଦକ୍ଷିଣାର ଅଧା ଅଂଶକୁ ସେ ଦାନ କରି ଦିଅନ୍ତି ଏବଂ ବାକି ଦକ୍ଷିଣାରେ ସେ ନିଜ ଦୈନିକ ଖର୍ଚ୍ଚକୁ ପୂରା କରନ୍ତି ବୋଲି ଏହି 'କାଣ୍ଟେ ୱାଲେ ବାବା' କହିଛନ୍ତି।

# ୧୩ ହଜାର ଫୁଟ ଉଚ୍ଚରେ ଉଡ଼ିଲା ମହାକୁମ୍ଭ ପତାକା

**ବ୍ୟାଙ୍କକ୍:** ଗତ ୧୩ ତାରିଖରୁ ଉତ୍ତରପ୍ରଦେଶର ପ୍ରୟାଗରାଜରେ ବିଶ୍ୱର ସବୁଠୁ ବଡ଼ ଧାର୍ମିକ ମହୋତ୍ସବ ମହାକୁମ୍ଭମେଳା ଆରମ୍ଭ ହୋଇଛି। ଆସନ୍ତା ଫେବୃଆରୀ ୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ଦେଶ ତଥା ବିଦେଶର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ଓ ସାଧୁସନ୍ଥମାନେ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ମିଳନ ସ୍ଥଳ ତ୍ରିବେଣୀ ସଙ୍ଗମଠାରେ ବୁଡ଼ ପକାଇବା ପାଇଁ ବହୁ ସଂଖ୍ୟାରେ ଆସୁଛନ୍ତି। ଏହାରି ମଧ୍ୟରେ ପ୍ରୟାଗରାଜର ସ୍କାଏ ଡାଇଭର ଅନାମିକା ଶର୍ମା ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରେ ୧୩ ହଜାର ଫୁଟ ଉଚ୍ଚରେ ୨୦୨୫ ମହାକୁମ୍ଭର ପତାକାକୁ ଉଡ଼ାଇଛନ୍ତି। ଏହାର ଏକ ଭିଡିଓକୁ ଅନାମିକା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି, ଯାହା ଭାଇରାଲ ହେବାରେ ଲାଗିଛି। ଏହି ଦୁଃସାହସିକ କାର୍ଯ୍ୟ ପାଇଁ ଅନେକ ୟୁଜର୍ସ ଅନାମିକାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅନାମିକା ୧୩ ହଜାର ଫୁଟ ଉଚ୍ଚରେ ଏକ ବିମାନରୁ ଡେଇଁ ସ୍କାଏ ଡାଇଭିଂ କରିବା ସହ ଆକାଶରେ ମହାକୁମ୍ଭର ପତାକାକୁ ଉଡ଼ାଉଥିବା ଦେଖିବାକୁ ମିଳିଛି। ଅନାମିକା କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ସମସ୍ତଙ୍କୁ ବିଶ୍ୱର ସବୁଠୁ ବଡ ମହାକୁମ୍ଭ ମେଳା ୨୦୨୫କୁ ନିମନ୍ତ୍ରଣ କରୁଛି।



# ବଲିଉଡ୍‌ରେ ଡେବ୍ୟୁ କଲେ ମୋହିତ



**ମୁମ୍ବାଇ:** ଗତ ୧୯ ବର୍ଷ ଧରି ଅଭିନେତା ମୋହିତ ମଲ୍ଲିକ ଛୋଟ ପରଦାର ଅନେକ ଚରିତ୍ର ମାଧ୍ୟମରେ ଦର୍ଶକଙ୍କ ପ୍ରଶଂସା ସାଉଣ୍ଟିବାରେ ସଫଳ ହୋଇଛନ୍ତି। ତେବେ ସେ ଖୁବ୍‌ଶୀଘ୍ର ବଲିଉଡରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଶୁକ୍ରବାର ରିଲିଜ୍ ହୋଇଥିବା ଅଭିନେତା ଅଜୟ ଦେବଗନଙ୍କ 'ଆଜାଦ' ସହ ମୋହିତ ବଲିଉଡରେ ଏଣ୍ଟ୍ରି କରିଛନ୍ତି। ଅଭିଷେକ କପୁରଙ୍କ ନିର୍ଦ୍ଦେଶିତ 'ଆଜାଦ'ରେ ଅନ୍ୟମାନଙ୍କ ମଧ୍ୟରେ ଅଭିନେତ୍ରୀ ଡିଆନା ପେଣ୍ଟି, ରାଶା ଥଡ଼ାନି ମଧ୍ୟ ରହିଛନ୍ତି।

ଗୁରୁବାର ଏକ ସାକ୍ଷାତ୍‌କାର ଦେଇ ମୋହିତ କହିଛନ୍ତି, ଗତ ୧୯ ବର୍ଷ ଧରି ସେ ଟିଭି ଇଣ୍ଡଷ୍ଟ୍ରିରେ ସକ୍ରିୟ ଥିଲେ। କେବଳ ଟଙ୍କା ରୋଜଗାର କରିବା ଓ ଘର ଚଳାଇବା ଉଦ୍ଦେଶ୍ୟରେ ସେ ଅଭିନୟକୁ କ୍ୟାରିୟର କରିବା ପାଇଁ ସ୍ଥିର କରିଥିଲେ। ଏହାପରେ ସେ ନିଜ ଅଭିନୟର ଦକ୍ଷତାକୁ ବଢ଼ାଇବା ଉପରେ ଫୋକସ୍ କରିଥିଲେ। ଧୀରେ ଧୀରେ ତାଙ୍କୁ ଛୋଟ ପରଦାରେ ସଫଳତା ମିଳିବାରେ ଲାଗିଲା ଏବଂ ବିଭିନ୍ନ ଚରିତ୍ରରେ ସେ ଦର୍ଶକଙ୍କ ପ୍ରଶଂସା ସାଉଣ୍ଟିପାରିଥିଲେ। ଦୀର୍ଘ ବର୍ଷ ଧରି ଛୋଟ ପରଦାରେ କାର୍ଯ୍ୟ କରିବା ପରେ ସେ ବଡ଼ ପରଦାରେ ଭାଗ୍ୟ ପରୀକ୍ଷା କରିବାକୁ ଚାହିଁଥିଲେ ଏବଂ 'ଆଜାଦ' ଫିଲ୍ମରେ ଅଭିନୟ ନେଇ ତାଙ୍କୁ ନିର୍ମାତାଙ୍କ ପକ୍ଷରୁ ଅଫର ମିଳିଥିଲା, ଯାହାକୁ ସେ ଗ୍ରହଣ କରିଥିବା ମୋହିତ ମଲ୍ଲିକ କହିଛନ୍ତି। ୨୦୦୫ରେ ପ୍ରଥମଥର ପାଇଁ ମୋହିତଙ୍କୁ ଟିଭି ଧାରାବାହିକ 'ମିଲି'ରେ ଦେଖିବାକୁ ମିଳିଥିଲା। ଏହାପରେ ସେ 'ଜବ୍ ଲଭ୍ ହୁଆ', 'ବେଟିୟାଁ ଅପ୍ନିୟା ପରାୟା ଧାନ୍', 'ପରି ହୁନ୍ ମେନ୍', 'ଗୋଦଭରାଇ', 'ଫୁଲୱା' ଭଳି ଅନେକ ଟିଭି ଧାରାବାହିକରେ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ସାଉଣ୍ଟିଥିଲେ।

# ବାଇକ୍‌କୁ ପିଟିଲା ପିକ୍‌ଅପ୍: ୨ ମୃତ

ଗୋଲାମୁଣ୍ଡା,୧୬।୧(ବଟକୃଷ୍ଣ ପଣ୍ଡା) କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବୁଦ୍ଧିବାହାଲ ଶ୍ରୀରାମପଡ଼ା ନିକଟରେ ଗୁରୁବାର ଏକ ବାଇକ୍‌କୁ ପିକ୍‌ଅପ୍ ଗାଡ଼ି ଧକ୍କା ଦେବାରୁ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ସ୍ଥାନୀୟ ଗଣ୍ଡାମେର ଗ୍ରାମର ଗୋପାଳ ନାଏକ (୩୮) ଓ ନୂଆପଡ଼ା ଜିଲ୍ଲା ଅନକାପୁର ଗ୍ରାମର କିଶୋର ନାଏକ (୨୩)। ସୂଚନା ଅନୁଯାୟୀ ଗୋପାଳ ଓ କିଶୋରଙ୍କ ସମେତ ସ୍ଥାନୀୟ ସୁନ୍ଦମୁଣ୍ଡା ଗ୍ରାମର ତିକେଲାଲ ନାଏକ ଗୋଟିଏ ବାଇକ୍‌ରେ ଗୋଲାମୁଣ୍ଡାରୁ ବୁଦ୍ଧିବାହାଲ ଯାଉଥିଲେ। ଶ୍ରୀରାମପଡ଼ା ନିକଟରେ ଓଡ଼ି୧୦ଏଫ-୬୨୫୬୮ ବିଶିଷ୍ଟ ମହିନ୍ଦ୍ରା ପିକ୍‌ଅପ୍ ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଗୋପାଳ ଓ କିଶୋରଙ୍କ ମୃତ୍ୟୁ ଘଟିଥିବା ବେଳେ ତିକେଲାଲ ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଧର୍ମଗଡ଼ ଉପଖଣ୍ଡ ଡିଭିଜନାଲକୁ ପଠାଇଥିବା ଜଣାପଡ଼ିଛି। ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଗାଡ଼ି ଚାଳକଙ୍କୁ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି। ଏହାକୁ ନେଇ ଚାପା ଉତ୍ତେଜନା ଲାଗିରହିଥିବାରୁ ଗୋଲାମୁଣ୍ଡା ପୋଲିସ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢିଙ୍କି ସ୍ୱର୍ଗକୁ ଗଲେ ଧାନ କୁଟେ**

ସାଧାରଣତଃ କେତେକ ବ୍ୟକ୍ତି ଉଚ୍ଚ ପଦବୀରେ ରହୁଥିଲେ ମଧ୍ୟ ସେ ତାଙ୍କ ପ୍ରକୃତିକୁ ସହଜରେ ଛାଡ଼ି ପାରୁ ନ ଥିବାର ଦେଖିବାକୁ ମିଳିଥାଏ। ଯେଉଁଠାକୁ ଗଲେ ମଧ୍ୟ ସେ ତାଙ୍କ ପୂର୍ବ ବୃତ୍ତି ଆରମ୍ଭ କରୁଥିବାର ଲକ୍ଷ୍ୟ କରାଯାଇଥାଏ। ଏପରି ବ୍ୟକ୍ତିଙ୍କ କାର୍ଯ୍ୟକଳାପ ତଥା ସ୍ୱଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଢମ କହୁଥିଲା ନାନୀ**
**ବାର ବରଷରେ ଭାଇ ଆସିଛି**
**ଦି'ପୁଞ୍ଜା କାକୁଡ଼ି ଘେନି**

ଗୋଟିଏ ପଟେ ସ୍ନେହ ମମତା ଅନ୍ୟପଟେ ମୂଲ୍ୟ ପରିମାଣ। ଭାଉଜ ଭଉଣୀ ପ୍ରତି ଆଣିଥିବା ସାମାନ୍ୟ ଉପହାର ଉପରେ ସାଇ ପଡ଼ିଶା ମହିଳାଙ୍କ ଟାହିଟାପରା ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିସର୍ସ ପ୍ରା:ଲି:



ଗୁରୁବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।


OFFICE OF THE CHIEF CONSTRUCTION ENGINEER
**RURAL WORKS CIRCLE, BALASORE**
E_Mail ID : serw_balasore@yahoo.in; Ph-No-06782/260318
Balia, Balasore

**Repair and Maintenance of Rural Roads Under PMGSY**

**e-Procurement Notice**

**Bid Identification No. Online-CCE-BLS-NCB-18 of 2024-2025**

No. O-1239:- The Chief Construction Engineer, **R. W. Circle, Balasore** on behalf of Odisha State Rural Road Agency invites **percentage rate** bids in electronic tendering system for ***Repair/Maintenance of the Rural roads Constructed under Pradhan Mantri Gram Sadak Yojana*** in the districts of **Balasore/ Bhadrak** for 07 (Seven) number of packages with estimated cost totaling to **Rs 9.83 Cr** including maintenance for five year from the eligible contractors registered with state **PWD / CPWD / MES / Railways**. The registered bidder of outside Odisha can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

**Date of release of Invitation for Bids through e-procurement: dtd. 15.01.2025**

**Availability of Bid Documents and Mode of Submission**: The bid document is available online and should be submitted online in http://www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities.The bidders are required to submit (a) Original Demand Draft towards the cost of bid document and (b) Original bid security in approved form and (c) Original affidavit regarding correctness of information furnished with bid document as per provisions of Clause 4.4B (a)(ii) of ITB with **C.C.E., R.W. Circle, Balasore** on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non- responsive.

**Last Date/Time for receipt of bids through e-procurement: 29.01.2025 up to 05.00 P.M**

For further details please logon to http://www.pmgsytenders.gov.in.

**Sd./- Chief Construction Engineer, R.W. Circle, Balasore**
OIPR-25105/11/0025/2425



**ODISHA PUBLIC SERVICE COMMISSION**
19, Dr. P.K. Parija Road, Cuttack-1
No.280/ P.S.C., Dt.15.01.25

**SHORT EOI CALL NOTICE**

**Request for Expression of Interest for Empanelment of Vendors to provide cartridges of computer printer, repair of computers, scanners and printers and other computer peripherals to Odisha Public Service Commission.**

No.D-Odisha Public Service Commission invites applications in the prescribed format for empanelment of reputed suppliers of computer peripherals such as cartridges, parts of printers, scanners and attending of the repair of computers, scanners and printers based at Cuttack and Bhubaneswar.

Tender document can also be downloaded from the official website of the OPSC (**www.opsc.gov.in**) and submitted within due date along with Rs. 1000/- (Rupees one thousand) only in shape of Demand Draft in favour of Secretary, OPSC payable at Cuttack. The last date and time for submission of Tender Document is **05.02.2025, 05.00 PM** by Speed Post or Registered Post only and those should be addressed to the Secretary, Odisha Public Service Commission, 19, Dr. P.K. Parija Road, Buxibazar, Cuttack-753001. Technical bid will be opened on **05.02.2025 at 03.00 P.M.**

OIPR-12002/11/0131/2425 **Sd./- Secretary**



No.A-872
GOVERNMENT OF ODISHA
DEPARTMENT OF WATER RESOURCES
**Office of the Superintending Engineer, Mechanical Division, Ambaguda**
Email Address:eemda2013@gmail.com

**e-Procurement Notice**

**Bid Identification No.SE/MDA-02/2024-25**

| | | |
|---|---|---|
| 1. | Name of the Work | Mechanical Gate Works |
| 2. | No. of Works | 03 (Three) |
| 3. | Category of executors | SSI Units registered under DIC/ NSIC/MSME for Irrigation Shutters/ Hydro mechanical gates |
| 4. | Bid Identification No. | SE/MDA-02/2024-25 |
| 5. | Estimated Cost | Rs.5,69,092.28, Rs.6,11,050.84, Rs.9,10,934.54 |
| 6. | Period of Completion | 02 (Two) Calendar Month |
| 7. | Date & Time of availability of bid documents in the Portal | From dt.17/01/2025 (10.00 AM) to dt.27/01/2025 (5.30 PM) |
| 8. | Last date/time for receipt of bid in the Portal | dt.27.01.2025 (upto 5.00 PM) |
| 9. | Date & Place of Opening of online bids | dt.28.01.2025 (12.00 P.M. onwards in the O/o the undersigned) |
| 10. | Name of the Officer Inviting Bid | Superintending Engineer, Mechanical Division, Ambaguda |

Further details can be seen from the e-Procurement portal https://tendersodisha.gov.in.

**Sd./- Superintending Engineer Mechanical Division, Ambaguda**
OIPR-32241/11/0002/2425


See Career Appointment on every Wednesday & Saturday


No.A-897
ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର
ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା: ACEDC-CTC-05/2024-25

୧. କାର୍ଯ୍ୟର ନାମ: ମୋଟ ୦୨ (ଦୁଇ) ଗୋଟି ଜଳନିକାସ କାର୍ଯ୍ୟ।
୨. ଅଟକଳ ମୂଲ୍ୟ: ୧୫୫.୮୯ ଲକ୍ଷ ଟଙ୍କା ଏବଂ ୪୭୩.୨୦ ଲକ୍ଷ ଟଙ୍କା।
୩. କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି: ୧୧ (ଏଗାର) ମାସ ଏବଂ ୧୮ (ଅଠର) ମାସ।
୪. ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ: ତା.୧୮.୦୧.୨୦୨୫ର ୧୧.୦୦ ଘଣ୍ଟାରୁ ତା.୦୯.୦୨.୨୦୨୫ ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ।
୫. ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ: ତା.୦୯.୦୨.୨୦୨୫ ର ୧୮.୦୦ ଘଣ୍ଟା।
୬. ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା: ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଜଳନିକାସ ମଣ୍ଡଳ, କଟକ, ଠିକଣା:ଗଣ୍ଡରପୁର, କଟକ-୭୫୩୦୦୩, ଇ-ମେଲ୍: sedrainagecirclectc@gmail.com

ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ "https://tendersodisha.gov.in" । ଆବଶ୍ୟକ ହେଲେ ଉକ୍ତ ୱେବ୍‌ସାଇଟରେ ସମସ୍ତ ବିଜ୍ଞପ୍ତି, ସୂଚନା, ସଂଶୋଧନ, ନାକଚ ବିଜ୍ଞପ୍ତି ଆଦି ଏହି ୱେବ୍‌ସାଇଟରେ ପ୍ରକାଶ କରାଯିବ।

ସ୍ୱା./-ଅତିରିକ୍ତ ମୁଖ୍ୟଯନ୍ତ୍ରୀ
ଜଳନିକାସ ମଣ୍ଡଳ, କଟକ
OIPR-32174/11/0011/2425



No.O-1234
**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
E-Mail- rw_rourkela@yahoo.co.in

**TENDER CALL NOTICE**

**BID IDENTIFICATION NO. ONLINE-SERKL-32 OF 2024-25**

| | | | |
|---|---|---|---|
| 1. | Name of the Work | :- | Roads |
| 2. | Total No. of works | :- | 02 (Two) Nos. |
| 3. | Estimated cost | :- | Rs.19.75 Lakhs to Rs.24.26 Lakhs |
| 4. | Class of contractor | :- | "C" & "B" Class |
| 5. | Period of completion | :- | 01 (One) Calendar month |
| 6. | Type of Tender | :- | Single Cover |
| 7. | Other details | | |

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Superintending Engineer, Rural Works Division-II, Sundargarh** | **Online-SERKL-32 of 2024-25** | **16.01.2025 from 12.00 A.M.** | **21.01.2025 upto 5.00 P.M.** |

Further details can be seen from the website www.tendersodisha.gov.in

**Sd./- Additional Chief Engineer, RW Division-II, Sundargarh**
OIPR-25193/11/0051/2425



**ODISHA HYDRO POWER CORPORATION LTD**
CIN: U40101OR1995SGC003963
(*GOVERNMENT OF ODISHA UNDERTAKING*)
OHPC
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505
No. CAD-2190

No.-CHEP/TW-91 (Vol.-III)/167 Date: 15.01.2025

**TENDER CALL NOTICE NO.-CHEP-58/2024-25**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from Reputed Firms / Agencies having experience in Steel Fabrication Works and meeting eligibility criteria only for the following procurement;

| Description | Cost of Tender Paper (Non-Refundable) | EMD (Refundable) |
|---|---|---|
| Supply & Fixing of 2 Nos. Stainless Steel Gates (Grade-304, 16 Gauge) with materials for Chiplima Power House Building Main Entrance | Rs.2,360/- (Rs.2,000/- + GST @18%) | Rs.3,200/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.18.01.2025 up to 12:30 PM of dtd.31.01.2025.

OIPR-04006/11/0058/2425 **Sd/- C & P Head, CHEP, Chiplima**



**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC), ANGUL (District)**
**Phone:** 06764-230282, **District Website:** https://angul.odisha.gov.in/
**Tender No. 190** **Dt.: 15.01.2025**

No. CAD-2187: District Manager, Odisha State Civil Supplies Corporation Ltd., Angul (District) invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of Level-I Transport Contractor for transportation of foodgrains from FSD, FCI to RRCs in the district of the State of Odisha |
| 2 | Availability of bid document in the portal | From 16.01.2025 |
| 3 | Last Date/time for receipt of bids in the portal | Dt.30.01.2025 upto 5.30 P.M. |
| 4 | Date/Time of opening of Technical Bid | Dt.31.01.2025 at 11.00 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., Angul (District) |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments/Corrigendum/Cancellation/Re-tenders etc. if any shall be published only in above websites.

**Sd./- District Manager OSCSC Ltd., Angul**
OIPR-07064/11/0005/2425



eenidivn@gmail.com
**GOVERNMENT OF ODISHA**
**DEPARTMENT OF WATER RESOURCE**
**OFFICE OF THE SUPERINTENDING ENGINEER, NAYAGARH IRRIGATION DIVISION, NAYAGARH**
No.A-875: **'e'-Procurement No.05 (NGR) OF 2024-25**

| Procurement Officer | e-Procurement Notice No. | Name of Work | Cost of Work | Bid Security (Rs.). E.M.D. | Cost of Bid documents (Rs.) | Class of Contractor | Bid documents available online for bidding | | Date of Opening of Technical Bid | Period of Completion of Work |
|---|---|---|---|---|---|---|---|---|---|---|
| Superintending Engineer, Nayagarh Irrigation Division | 05 (NGR) OF 2024-25 | Improvement to right distributary from RD 7100 m to 8600 m of KIP for the year 2024-25 | 8433360.00 | 84400.00 | 10000/- | 'B' Class | 15.01.2025 At 11.00 Hours | 29.01.2025 At 17.00 hours | 30.01.2025 At 17.00 hours | 12 (Twelve) Calendar Months) |

Further details can be seen from the Govt. Website www.tendersorissa.gov.in.

OIPR-32303/11/0011/2425 **Sd./- Superintending Engineer, Nayagarh Irrigation Division, Nayagarh**



No.O-1253
GOVERNMENT OF ODISHA
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BARIPADA**
e_mail: rw_mayurbhanj@yahoo.co.in
**e_Procurement Tender Call Notice No. Online 11/RWD/BPD/2024-25**

1. Name of the work: Road works. 2. Total No. of works: 19 Nos. 3. Estimated cost: Approx Estimated Cost Rs.5.94 lakhs to Rs.33.66 lakhs. 4. Class of contractor: D & C / C & B. 5. EMD : EMD @1% of Estimated Cost put to tender. 6. Period of completion: As per Annexure. 7. Other details:

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer, R.W. Division, Baripada |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| S.E.R.W. Division, Baripada | 11 (Online) / RWD-BPD of 2024-25 | 16.01.25 at 11.00 A.M. | 24.01.25 upto 5.00 P.M. | 24.01.25 upto 3.00 P.M. | 24.01.25 at 5.30 P.M. |

Further details can be seen from the website www.tendersorissa.gov.in

OIPR-25057/11/0011/2425 **Sd./- Superintending Engineer, R.W. Division, Baripada**



**ODISHA CONSTRUCTION CORPORATION LTD.**
**(A Govt. of Odisha Undertaking)**
**CENTRAL WORKSHOP, RASULGARH**
**No. CAD-2180** **BHUBANESWAR - 751010 (ODISHA)**
**Tel.: 0674-2580107, E-mail: smppmcws@gmail.com, (GSTIN - 21AAACO2571K2ZM)**

**Tender Call Notice No. OCC/CWS/PROC/SMP-08/55/2024-25 Dtd.13.01.2025**

**Type of Work:** Supply of Trunnion Seal & Rubber Seal for Spillway Gate of Kanupur Irrigation Project.
Total No. of Work : 01 (One)
Period of Supply : 15 Days

| Procurement Officer | Tender Call Notice No. | Cost of Tender Document (Including GST) | Sale of Tender Document | Submission of Tender Document (Offline Mode) |
|---|---|---|---|---|
| Senior Manager (Mech.), OCC Ltd., Central Workshop, Rasulgarh, Bhubaneswar | OCC/CWS/PROC/SMP-08/55/2024-25 Dtd.13.01.2025 | Rs.4720/- (Non-refundable) | 16.01.2025, 10.00 A.M. to 28.01.2025, 1.00 P.M. | 16.01.2025, 10.00 A.M. to 28.01.2025, 3.30 P.M. |

Date of Opening of the Tender : 28.01.2025 at 4.00 P.M.
Further details can be seen from the website **(www.odishaconstruction.com)**.
Amendment/Corrigendum/Cancellation, if any shall be posted online only. (OCCL Website).

**OIPR-34163/11/0040/2425** **Sd./- Senior Manager (Mech.)-I, OCC Ltd., Bhubaneswar**



No. O-1244
GOVERNMENT OF ODISHA
**OFFICE OF THE SUPERINTENDING ENGINEER, RURAL WORKS DIVISION, BHUBANESWAR**
**Ph. No.: 0674-2301787, Fax No.: 0674-2300965, E-Mail ID: eerw_bbsr@yahoo.co.in**
**No. Tender Online BBSR Divn. - 29** **Date:10.01.2025**

**e-Procurement NOTICE**

| | | | |
|---|---|---|---|
| 1. | Name of the Work | : | Repair/Maintenance of Road Work |
| 2. | Total No. of Road | : | 08 Nos. of Roads |
| 3. | Class of Contractor | : | |
| | a) Above Rs.20 lakh and upto 3 Crore | : | 'B' Class (of Odisha PWD) or equivalent class of other licensing authorities |
| | b) Upto Rs.40.00 lakh | : | 'C' Class (of Odisha PWD) or equivalent class of other licensing authorities |
| | c) Upto Rs.20.00 lakh | : | 'D' Class (of Odisha PWD) or equivalent class of other licensing authorities |
| 4. | Estimate Cost of Individual Project | : | Rs.5.00 lakh to Rs.14.00 lakh |
| 5. | Time for Completion | : | 2 (Two) Calendar Months |
| 6. | Other Details | : | |

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online BBSR Divn. - 29 | 16.01.2025 at 11.00 A.M. | 22.01.2025 upto 5.00 P.M. | 24.01.2025 at 11.00 A.M. |

Further details can be seen from the website **www.tendersorissa.gov.in**.

**OIPR-25189/11/0026/2425** **Sd./- Superintending Engineer, Rural Works Divn., BBSR**



ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୦୫୪୭, ୨୩୯୦୧୬୫
ଫାକ୍ସ: (୦୬୭୪) ୨୩୯୦୫୪୧, ୱେବସାଇଟ: https://oshb.org
ପତ୍ର ସଂଖ୍ୟା: ୧୦ ତା:୦୧।୧୨୪

**ବିଜ୍ଞାପନ**

No. CAD-2185: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏମ୍.ଆଇ.ଜି.-I-୧୯ (MIG-I-19) ଫେଜ୍, ଫେଜ୍-୨, ଭାରତରେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ପ୍ରକଳ୍ପର ରଜିତା ମହାରଣା, ସ୍ୱାମୀ: ... ଠିକଣା ... ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥାଙ୍କ ଦ୍ୱାରା ହସ୍ତାନ୍ତର କରାଯାଇଥିଲା। ବର୍ତ୍ତମାନ ଆବେଦନ ଗ୍ରହଣ ରଜିତା ମହାରଣା ଉକ୍ତ ଗୃହ କୁ ତୃତୀୟ ପକ୍ଷ ଅବରୋଚ ଆଧାରରେ ଶ୍ରୀ ... ସାହୁ, ପିତା ... ପଶ୍ଚିମ ବିହାର, ... ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କାର୍ଯ୍ୟାଳୟରେ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତେବେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଜଣାଇବେ। ଉକ୍ତ ସମୟ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0424/2425



No.O-1243
**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
**E-Mail: sencrwangul@yahoo.co.in; Ph.: 06764-236404**
**No. 87 // Dt.13.01.25**

**NOTICE INVITING TENDER FOR ROAD WORKS IN ODISHA**

**Bid Identification No. Road Online AGL-20/2024-25**

1. Name of the work : **Road works.** 2. Total No. of work : **6 Nos.** 3. Estimated Cost : **Rs.875.82 to 2001.50 Lakhs.** 4. Class of Contractor : **As per Annexure.** 5. Period of completion : **As per Annexure.** 6. Other details.

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | **Road Online-AGL- 20/2024-25** | 17.01.25 at 10.00 A.M. | 31.01.25 up to 5.00 P.M. | 30.01.25 upto 1.00 P.M. | 01.02.25 at 11.00 A.M. | Will be intimated separately |

For detailed Notice inviting Tenders, Please visit to the website www.tendersorissa.gov.in.

**OIPR-25180/11/0028/2425** Sd./- Chief Engineer, Rural Works Circle, Angul



No.O-1250
**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE : KEONJHAR**
**eProcurement Notice for Road Works under Periodical Maintenance**
**Identification No.NCB-28/RWCKJR/2024-25**
**email: se_nerwkjr@rediffmail.com**
**No.193/ Date: 13.01.25**

1. Name of the Work: **Periodical Maintenance Work in the District of Keonjhar**. 2. No. of Work: 03 (Three) Nos. 3. Estimated Cost: As per Annexure in NIT. 4. Class of Contractor (Eligible): As per Annexure in NIT. 5. Period of Completion: As per Annexure in NIT. 6. Other details :-

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-28/ RW-CKJR/2024-25 | Dt.20.01.25 at 11.00 A.M. | Dt.03.02.25 upto 5.00 P.M. | Dt.01.02.25 upto 5.00 P.M. | Dt.04.02.25 at 11.00 A.M. | Will be intimated later |

• Further details can be seen from the Website : www.tendersorissa.gov.in

**OIPR-25177/11/0038/2425** **Sd./- Chief Construction Engineer, R.W.Circle, Keonjhar**



**AMENDMENT OF REQUEST FOR PROPOSAL FOR "OPERATION & MANAGEMENT OF INTEGRATED PACK HOUSE (IPH) AT GOVINDPUR, DHENKANAL ON LEASE"**
**RFP No.-1, Dt.04.12.2024**

**No.-L-148:** Managing Director, Dhenkanal Fruits & Vegetables Marketing Company Limited (DFVMCL)-cum-Director of Horticulture, Govt. of Odisha invites sealed proposals from eligible bidders for "Operation & Management of Integrated Pack House (IPH) at Govindpur, Dhenkanal on Lease". The detailed RFP document can be downloaded from the website **https://tendersodisha.gov.in/www.odihort.nic.in** till **27.01.2025**. The proposal complete in all respect must reach the undersigned **through online** only latest by **27.01.2025** upto 5.00 PM.

**MD DFVMCL-cum-Director of Horticulture, Govt. of Odisha reserves the right to accept or reject any application and to annul the process at any time, without any liability and assigning any reason thereof.**

**Sd./– Nikhil Pavan Kalyan, IAS**
**MD DFVMCL-cum-Director of Horticulture**
**Krushi Bhawan, Gopabandhu Marg**
**Bhubaneswar, Odisha, Pin No:751001**
OIPR-01038/11/0005/2425 **e-mail:Supportdho.od@nic.in**



No.A-887:
**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, EASTERN CIRCLE-II, CHANDIKHOLE**
**Email Id:seec2chandikhole@gmail.com**
**"e" Procurement Notice No.ACE, EC-II 05 of 2024-25 (Online)**

| | | | |
|---|---|---|---|
| 1. | Name of Work | : | Work list attached in the Technical Bid Document |
| 2. | Total No. of Package | : | 15 Nos. individual package |
| 3. | Tender Cost of Packages varies from | : | Rs.206.19 Lakhs to Rs.787.60 Lakhs |
| 4. | Cost of Bid Document | : | Rs.10,000/- (On-line Payment) |
| 5. | Bid Security varies from | : | Rs.2,06,200/- to Rs.7,87,600/- |
| 6. | Class of Contractor | : | "A" Class & "Special" Class for Sl.No.1 & 2 and "B" & "A" Class for Sl.No.3 to Sl.No.15 of Work list attached in the Bid Document |
| 7. | Period of Completion | : | 12 (Twelve) Calendar Months for packages Sl.No. 1&2 and 06 (Six) Calendar Months for packages for Sl.No. 3 to 15 |

**8. Other details are as follows:**

| Procurement Officer | Availability of Tender Online for Bidding | | Date of Opening of Technical Bid (Cover-I) |
|---|---|---|---|
| | From | To | |
| **Additional Chief Engineer, Eastern Circle-II, Chandikhole** | **16/01/2025 at 10 AM** | **30/01/2025 upto 5.00 PM** | **31/01/2025 at 11.30 AM** |

9. e-Mail Id : **seec2chandikhole@gmail.com**
10. Further detailed conditions can be seen from the Govt. website www.tendersorissa.gov.in.
11. Any corrigendum/addendum/cancellation of tender to the above notice if any can be seen from the above website.

OIPR-32322/11/0010/2425 **Sd./- Additional Chief Engineer, Eastern Circle-II, Chandikhole**



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No. CAD-2173
**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, BHUBANESWAR-751022**
**Tender Call Notice No. H.O./P&C/EST-E-2539/01/2023(Part-I)/849** **Date: 09.01.2025**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No | Name of the Work | Value of work (Approx.) | Period of Completion |
|---|---|---|---|
| 1. | **Detailed Design, Drawing, Construction, Installation of required machinery & equipment, Testing and Commissioning of Sewage Treatment Plant (STP) of different capacities including 5 years O&M at Workers' Hostels of IDCO at Different Locations in Odisha (on Turnkey basis) - Package-1** | **₹ 4.24 Crores** | **07 (Months) Calendar Months** |

**1. Other details :-**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar-751022 | Bid ID No. **P&C/ EST/E-40/2024-25** | **17.00 hours of dt.18.01.2025** | **17.00 hours of dt.07.02.2025** |

**Further details can be seen from the e-Procurement Portal www.tendersodisha.gov.in.** Corrigendum or addendum if any will not be published in newspapers and can only be seen in the e-procurement portal **www.tenderodisha.gov.in** as well as IDCO website **www.idco.in**.

**OIPR-14003/11/0098/2425** **Sd./- Chief General Manager (P&C), IDCO, Bhubaneswar**

**ଜନ୍ମଦିନର ଶୁଭେଚ୍ଛା**
ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................
ଗୁନ୍‌ଗୁନ୍
ପରିବାରବର୍ଗ
ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ
ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଫାଇନାଲରେ ସୋଲାର


ଅତିଥି ସମ୍ପିତ ବେଜଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୧୬।୧ (ତପନ ସ୍ୱାଇଁ)**

ଖୋର୍ଦ୍ଧା କଣ୍ଟାବଣିଆସ୍ଥିତ ରାଜୀବ ଷ୍ଟାଡିୟମରେ ଚାଲିଥିବା ରଜନୀକାନ୍ତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ କଟକର ସୋଲାର କ୍ଲବ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସୋଲାର ୧୦ ରନରେ ମୁକ୍ତେଶ୍ୱର କ୍ରିକେଟ କ୍ଲବକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସୋଲାର ୨୫ ଓଭରରେ ୮ ଉଇକେଟ ହରାଇ ୧୫୯ ରନ କରିଥିଲା। ପ୍ରଦୀପ୍ତ କୁମାର ଦାଶ ସର୍ବାଧିକ ୪୯* ଓ ରାକେଶ ମହାନ୍ତି ୩୦ ରନ୍ କରିଥିଲେ। ବିପକ୍ଷ ଦଳର ହିମାଂଶୁ ବିଷ୍ଟ ୪ଟି ଉଇକେଟ ନେଇଥିଲେ। ଜବାବରେ ମୁକ୍ତେଶ୍ୱର ଦଳ ୨୫ ଓଭରରେ ୯ ଉଇକେଟ ହରାଇ ୧୪୯ ରନ କରିବାକୁ ସକ୍ଷମ ହୋଇଥିଲା। ସନ୍ତୋଷ ଯାଦବ ୫୬ ଓ ଅନୁରାଗ ଷଡ଼ଙ୍ଗୀ ୫୪ ରନ କରିଥିଲେ ହେଁ ଦଳ ବିଜୟୀ ହୋଇପାରି ନ ଥିଲା। ସୋଲାର ପକ୍ଷରୁ ସମ୍ପିତ ବେଜ ୨ଟି ଉଇକେଟ ନେଇଥିଲେ। ଚମତ୍କାର ଫିଲ୍ଡିଂ ସହ ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ସମ୍ପିତ ବେଜଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ବତନ ସରପଞ୍ଚ ସଚ୍ଚିକାନ୍ତ ଛୋଟରାୟ ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାଚ୍‌କୁ ଶରତ ଚନ୍ଦ୍ର ସାହୁ ଓ ସୁଶୀଲ କୁମାର ପରିଡ଼ା ପରିଚାଳନା କରିଥିଲେ।

# ଓଡ଼ିଶା ଏଫ୍‌ସିର ପ୍ରଥମ ବିଜୟ

**ନୂଆଦିଲ୍ଲୀ, ୧୬।୧ (ପି.ଟି.):** ଚଳିତ ଇଣ୍ଡିଆନ୍‌ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ)ରେ ଓଡ଼ିଶା ଏଫ୍‌ସି ଫୁଟ୍‌ବଲ ଦଳ ଏହାର ପ୍ରଥମ ବିଜୟ ହାସଲ କରିଛି। ଗୁରୁବାର ସ୍ଥାନୀୟ ଆମ୍ବେଡକର ଷ୍ଟାଡିୟମରେ ଦଳ ୨-୦ ଗୋଲ୍‌ରେ ହପ୍ସ ଏଫ୍‌ସିକୁ ପରାସ୍ତ କରିଛି। ଲିଣ୍ଡା କମ୍ପ (୬୬ତମ ମିନିଟ) ଓ ଜେନିଫର ୟେବୋହା (୮୪ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ଲିଣ୍ଡା ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଖେଳିଥିବା ଦୁଇଟି ମ୍ୟାଚରେ ଏହା ହେଉଛି ଦ୍ୱିତୀୟ ଗୋଲ୍। ଅନ୍ୟପକ୍ଷରେ ହପ୍ସ ଏଫ୍‌ସିର ନିଜ ହୋମ୍ ଗ୍ରାଉଣ୍ଡରେ ଏହା ହେଉଛି କ୍ରମାଗତ ଦ୍ୱିତୀୟ ପରାଜୟ। ଏହି ଦଳ ପୂର୍ବରୁ ନୀତା ଏଫ୍‌ଏ ଓଡ଼ିଶାଠାରୁ ପରାଜିତ ହୋଇ ସାରିଛି। ଗୁରୁବାର ମ୍ୟାଚରେ ଓଡ଼ିଶା ଏଫ୍‌ସିର ଲିଣ୍ଡା କମ୍ପ, କାଜଲ ଡି'ସୋଜା ଓ ଗ୍ରେସ୍ ଲାଲରାମପରିଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା। ଗୁରୁବାର ଚେନ୍ନାଇରେ ନୀତା ଏଫ୍‌ଏ ଓ ସେଥୁ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ ୨-୨ରେ ଡ୍ର ଭାବେ ଶେଷ ହୋଇଛି। ନୀତା ଏଫ୍‌ଏ ତରଫରୁ ଗିଫ୍ଟି ଆଚିମପଙ୍ଗ୍ (୨୭ତମ ମିନିଟ) ଓ ଯବାମଣି ଟୁଡୁ (୭୪ତମ) ଗୋଲ ସ୍କୋର କରିଥିବା ବେଳେ ସେଥୁ ଏଫ୍‌ସି ପକ୍ଷରୁ ପି. ମାଳବିକା (୧୨ତମ ଓ ୧୬ତମ ) ଦୁଇଟି ଗୋଲ ଦେଇଥିଲେ।

## ପୁରସ୍କାର ରାଶି ଦାନକଲେ ଫ୍ରିଜ୍

**ମେଲବୋର୍ନ, ୧୬।୧ (ଏପି):** ଅଷ୍ଟ୍ରେଲିଆନ ଓପନ ପ୍ରଥମ ରାଉଣ୍ଡ ମ୍ୟାଚ ବିଜୟରେ ଆମେରିକୀୟ ଟେନିସ ଖେଳାଳି ଟେଲର ଫ୍ରିଜ୍‌ଙ୍କୁ ମିଳିଥିବା ପ୍ରାୟ ୮୨,୦୦୦ ଆମେରିକୀୟ ଡଲାର ପୁରସ୍କାର ରାଶିକୁ ସେ ଲସ୍‌ଆଞ୍ଜେଲ୍ସ ବନ୍ୟାଞ୍ଚଳ ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତଙ୍କ ଉଦ୍ଦେଶ୍ୟରେ ସହାୟତା ରାଶି ଭାବେ ଦାନ କରିଦେଇଛନ୍ତି।

# ତୃତୀୟ ରାଉଣ୍ଡରେ ସ୍ୱିଟେକ୍

**ମେଲବୋର୍ନ, ୧୬।୧ (ଏପି)**

ପାଞ୍ଚଥର ଗ୍ରାଣ୍ଡସ୍ଲାମ ବିଜେତା ଇଗା ସ୍ୱିଟେକ ଅଷ୍ଟ୍ରେଲିଆନ ଓପନ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ସେ ୪୯ତମ ର୍‌ୟାଙ୍କିଙ୍ଗପ୍ରାପ୍ତ ରେବେକା ଶ୍ରାମ୍‌କୋଭାଙ୍କୁ ୬-୦, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ସେ ପ୍ରଥମ ସେଟ୍‌କୁ ମାତ୍ର ୨୬ ମିନିଟ୍‌ରେ ଜିତିନେଇଥିଲେ। ଦ୍ୱିତୀୟ ସିଡ୍ ସ୍ୱିଟେକ୍ ବର୍ତ୍ତମାନ ୨୦୨୧ ୟୁଏସ୍ ଓପନ ଚାମ୍ପିୟନ ଏମା ରାଡୁକାନୁଙ୍କୁ ଭେଟିବେ। ରାଡୁକାନୁ ୬-୩, ୭-୫ରେ ଆମାଣ୍ଡା ଆନିସିମୋଭାଙ୍କୁ ହରାଇ ଦେଇଛନ୍ତି। ଟେଲର ଫ୍ରିଜ ସହଜ ବିଜୟ ସହ ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ୨୦୨୪ ୟୁଏସ ଓପନ ରନର-ଅପ୍ ତଥା ୪ର୍ଥ ସିଡ୍ ୬-୨, ୬-୧, ୬-୦ରେ କ୍ରିଷ୍ଟିଆନ ଗାରିଙ୍କୁ ହରାଇ ଦେଇଛନ୍ତି। ତୃତୀୟ ରାଉଣ୍ଡରେ ସେ ୩୮ ବର୍ଷୀୟ ଗେଲ୍ ମନ୍‌ଫିଲ୍ସଙ୍କ ସହିତ ମୁକାବିଲା କରିବେ। ମନ୍‌ଫିଲ୍‌ସ ଗତ ସପ୍ତାହରେ ସବୁଠାରୁ ବୟସ୍କ ଖେଳାଳି ହିସାବରେ ଏକ ଏଟିପି ଟାଇଟଲ ଜିତିଥିଲେ। ଗୁରୁବାର ପୁରୁଷ ସିଙ୍ଗଲ୍ସରେ ବିଜୟ ଲାଭ କରିଥିବା ଅନ୍ୟ ଖେଳାଳିମାନେ ହେଲେ ସ୍ଥାନୀୟ ଖେଳାଳି ତଥା ୮ମ ସିଡ୍ ଆଲେକ୍ସ ମିନାଉର, ୧୬ ନମ୍ବର ଖେଳାଳି ଲୋରେଞ୍ଜୋ ମୁସେଟ୍ଟି, ୧୯ ନମ୍ବର ଖେଳାଳି ଖାଚାନୋଭ ଏବଂ ପାବ୍‌ଲୋ କାରେନୋ ବୁଷ୍ଟାଙ୍କୁ ୬-୩, ୬-୩, ୬-୭ (୪), ୬-୪ରେ ହରାଇ ଦେଇଥିବା ୨୧ ନମ୍ବର ଖେଳାଳି ବେନ୍ ଶେଲ୍‌ଟନ। ସୂଚନାଯୋଗ୍ୟ, ରାଡୁକାନୁ ୨୦୨୧ରେ ପ୍ରଥମ କ୍ୱାଲିଫାୟର ଭାବେ ଏକ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ଜିତିଥିଲେ। ଏହାପରଠାରୁ ତାଙ୍କର ଆଘାତଜନିତ ସମ୍ୟସା ଲାଗି ରହିଛି। ମାଂସପେଶୀରେ ଯନ୍ତ୍ରଣା ଯୋଗୁ ସେ ଚଳିତବର୍ଷରୁ ଅଷ୍ଟ୍ରେଲିଆନ ଓପନ ପୂର୍ବରୁ ଏକ ୱାର୍ମଅପ୍ ଟୁର୍ନାମେଣ୍ଟ ଖେଳିପାରି ନାହାନ୍ତି।

## ବାଲାଜୀ-ମିଗୁଏଲ୍ ଦ୍ୱିତୀୟ ରାଉଣ୍ଡରେ

**ମେଲବୋର୍ନ, ୧୬।୧ (ପି.ଟି.):** ଭାରତର ଏସ. ଶ୍ରୀରାମ ବାଲାଜୀ ଓ ତାଙ୍କ ମେକ୍ସିକାନ ପାର୍ଟନର ମିଗୁଏଲ୍ ଆଞ୍ଜେଲ ରେଜ୍-ଭାରେଲା ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଇଣ୍ଡୋ-ମେକ୍ସିକାନ ଯୋଡ଼ି ଗୁରୁବାର ଅନୁଷ୍ଠିତ ଏକ ପୁରୁଷ ଡବଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଡଚ୍-କାଜାଖ ଯୋଡ଼ି ରବିନ୍ ହାସେ ଓ ଆଲେକ୍‌ସାଣ୍ଡର ନେଦୋଭୟେସୋଭଙ୍କୁ ୬-୪, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ରିତ୍ୱିକ ବୋଲିପାଲି ତୃତୀୟ ଭାରତୀୟ ଭାବେ ପୁରୁଷ ଡବଲ୍ସ ଇଭେଣ୍ଟରୁ ବିଦାୟ ନେଇଛନ୍ତି। ପୂର୍ବରୁ ରୋହନ ବୋପାନ୍ନା ଓ ୟୁକି ଭାମ୍ବ୍ରି ସେମାନଙ୍କ ମ୍ୟାଚ ହାରି ସାରିଛନ୍ତି।

# ଜାତୀୟ ସବ୍‌ଜୁନିୟର ଜୁଡୋ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୧୬।୧ (ତପନ ସ୍ୱାଇଁ)**



ଜାତୀୟ ସବ୍‌ଜୁନିୟର ଜୁଡୋ ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ଗହଣରେ।

ମହାରାଷ୍ଟ୍ର ଜୁଡୋ ଆସୋସିଏଶନ ଆନୁକୂଲ୍ୟରେ ପୁଣେର ବେଲେୱାଡିଠାରେ ଜାତୀୟ ସବ୍‌ଜୁନିୟର ଜୁଡୋ ଚାମ୍ପିୟନଶିପ୍ ଚଳିତ ମାସ ୧୮ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହିପ୍ରତିଯୋଗିତାରେ ୧୩ଖେଳାଳି ଓ ୨ ଅଫିସିଆଲ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଭାଗ ନେବାକୁ ଯାଉଥିବା ୮ ବାଳିକା ଓ ୫ ବାଳକ ଜୁଡୋକା ହେଲେ ଅନିତା ଭତ୍ରା, ଦାଲି ହୋ, ଅଙ୍କିତା ସବର, ଲକ୍ଷ୍ମୀ ପ୍ରଧାନ, ମନସ୍ୱିନୀ ସ୍ୱାଇଁ, ଶୁଭଲକ୍ଷ୍ମୀ ବିଶ୍ୱାଳ, ନିସିମା ବିସିମାଝି, ଅର୍ଚ୍ଚିତା ପୋଲାଇ, ମହେଶ ହନ୍ତାଳ, ଅଭିଷେକ ମୁଣ୍ଡା, ରତ୍ନାକର ହେମ୍ବ୍ରମ, ପ୍ରୀତମ ମିତ୍ର ଓ ମୋସେସ ପ୍ରଧାନ। ଲୋପାମୁଦ୍ରା ପତି କୋଚ୍ ଓ ମ୍ୟାନେଜର ଏବଂ ବାପୁନ ସେଠୀ କୋଚ୍‌ଭାବେ ଦଳସହ ଯାତ୍ରା କରିଛନ୍ତି।

# ଶୁଭ୍ରାଂଶୁଙ୍କୁ ୨ ବ୍ରୋଞ୍ଜ



**ଭୁବନେଶ୍ୱର, ୧୬।୧ (ତପନ ସ୍ୱାଇଁ):** ପଶ୍ଚିମବଙ୍ଗ ମାଉଣ୍ଟେନରିଂ ଆଣ୍ଡ ଆଡ୍‌ଭେଞ୍ଚର ସ୍ପୋର୍ଟ୍ସ ଫାଉଣ୍ଡେଶନ ଆନୁକୂଲ୍ୟରେ କୋଲକାତାରେ ସର୍ବଭାରତୀୟ ଓପନ ସ୍ପୋର୍ଟ୍ସ କ୍ଲାଇମ୍ବିଂ ଚାମ୍ପିୟନଶିପ୍-୨୦୨୫ ଗୁରୁବାର ଶେଷ ହୋଇଛି। ଗତ ୧୪ ତାରିଖରୁ ଚାଲିଥିବା ଏହି ପ୍ରତିଯୋଗିତାର ପୁରୁଷ ଓପନ ବର୍ଗରେ ଅଂଶଗ୍ରହଣ କରି ଓଡ଼ିଶାର ଶୁଭ୍ରାଂଶୁ ଶେଖର ମହନ୍ତ ଲିଡ୍ କ୍ଲାଇମ୍ବିଂ ଓ ବୋଲ୍ଡରିଂରେ ୨ଟି ବ୍ରୋଞ୍ଜ ପଦକ ପାଇଛନ୍ତି।

# ଆୟର୍ଲାଣ୍ଡ ମହିଳା କ୍ରିକେଟ ଦଳକୁ ଜରିମାନା

**ରାଜକୋଟ, ୧୬।୧ (ପି.ଟି.):** ଭାରତ ବିପକ୍ଷ ତୃତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ସ୍ଲୋ-ଓଭର ରେଟ୍ ବୋଲିଂ ପାଇଁ ଆୟର୍ଲାଣ୍ଡ ମହିଳା କ୍ରିକେଟ ଦଳକୁ ମ୍ୟାଚ୍ ଫି'ର ୧୦ ପ୍ରତିଶତ ଜରିମାନା କରାଯାଇଛି। ଅନ୍ତିମ ମ୍ୟାଚରେ ଭାରତ ୩୦୪ ରନରେ ବିପୁଳ ବିଜୟ ସହ ସିରିଜରେ କ୍ଲିନ୍ ସୁଇପ୍ କରିଥିଲା। ମ୍ୟାଚରେ ଆୟର୍ଲାଣ୍ଡ ଧାର୍ଯ୍ୟ ସମୟ ମଧ୍ୟରେ ଟାର୍ଗେଟଠାରୁ ୨ ଓଭର ପଛରେ ରହି ଯାଇଥିଲା। ଫଳରେ ଆଇସିସି ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରିଜ ପ୍ୟାନେଲର ଜି.ଏସ୍. ଲକ୍ଷ୍ମୀ ଆୟର୍ଲାଣ୍ଡକୁ ଜରିମାନା କରିଛନ୍ତି।


# Classified Everyday
**0674-2580101, 9692975378**


**REAL ESTATE**

**SALE**

**Gharabari converted plots available near Hi-tech Square Sundarpada Bhubaneswar. For more details Contact- 9437040045, 9040307584.** D-2590

ଭୁବନେଶ୍ୱର ହଂସପାଳ Sudananda Engg. College Frontରେ ଘରବାରି ପ୍ଲଟ୍ ମିଳୁଛି। 8093465134, 9668194157. D-76231

ଫୁଲନଖରା ନିକଟସ୍ଥ **Sum hospital-2 ଓ Grand Bazar** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ। **8249310759.** D-76230

**(A) Commercial Plot, facing to NH Road, Nakhara to Niali NH 10,000 Sq.ft., 3 Sides Road, (B) Residential Plot Near Petal English Medium School 1250 Sq.ft. with Boundarywall at Brahmanjharilo, Cuttack, 11 Km. to BBSR. Personal Plots, No Builders. 7809525452.** D-76408

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895.** D-2591

**ACCOMMODATION**

Free accommodation for senior citizens and mentally ill person & Drug addicted person with all facilities. Contact- 9337160036, 7325991853, 9439928693. D-2589




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2564

Full Body Massage Experience, Good Looking Therapist @999 (Bhubaneswar). 9078484455. D-2485

**LOST**

ଆମ୍ଭେ ମାମୁନି ବେହେରା, ସ୍ୱା- ଦେବରାଜ ବେହେରା, ସା- ଖଣ୍ଡିଆବନ୍ଧ, କାର୍ତ୍ତିକ ମଣ୍ଡପ ପାଖ, ପୋ-ଗୋପୀନାଥପୁର, ଜି-ପୁରୀ ଏତଦ୍ୱାରା ଘୋଷଣା କରୁଅଛୁ କି ଆମ୍ଭେ ୧୧୪୮୨୪୦୦୦୯୬ ଙ୍କ ଠାରୁ କିଣିଥିବା ସମ୍ପତ୍ତିର ଲିଙ୍କ୍‌ଥିବା ଦୁଇଗୋଟି ଅସଲ ଦଲିଲ ଯଥା ନଂ-୧୧୪୮୨୦୦୧୦୩୬ ଓ ୧୧୪୮୨୦୦୧୦୫୧ ତା- ୦୨.୦୧.୨୫ ରିଖ ଦିନ ପୁରୀ ଗୁଣ୍ଡିଚା ମନ୍ଦିର ପାଖରେ ହଜିଯାଇଛି, ଯାହାକୁ ଆମ୍ଭେ ବହୁ ଖୋଜାଖୋଜି ସତ୍ତ୍ୱେ ପାଉନାହୁଁ । ଯଦି କୌଣସି ବ୍ୟକ୍ତି ସେସବୁ ପାଇ ମନ୍ଦ ଉଦ୍ଦେଶ୍ୟରେ ବ୍ୟବହାର କରନ୍ତି ତେବେ ଆମ୍ଭେ ଦାୟୀ ରହିବୁ ନାହିଁ। ଯୋଗାଯୋଗ- ୯୦୯୦୪୫୬୬୭୮. ଧ-୨୫୯୪

ମୁଁ ଶ୍ରୀମତୀ ବନଲତା ସାହୁ, ବ୪୭ର୍ଷ, ସ୍ୱା- ସୁରେନ୍ଦ୍ର କୁମାର ସାହୁ, ସା/ପୋ- ବଳରାମ ପ୍ରସାଦ, ଥା- ଖଣ୍ଡପଡ଼ା, ଜିଲ୍ଲା- ନୟାଗଡ଼ ଧର୍ମତଃ ଶପଥ ପୂର୍ବକ ଅଦ୍ୟ କୋର୍ଟରେ ସତ୍ୟପାଠ କରୁଅଛୁ କି- ଏହିକି, ଆମ୍ଭେ ଉକ୍ତ ଆଭିଡେଭିଟ୍‌ର ସତ୍ୟପାଠକାରୀ ଅଟୁ। ଏହି କି ଆମ୍ଭେ ଦଶପଲ୍ଲା ସବ୍‌ରେଜିଷ୍ଟ୍ରାରରେ ଗୋଟିଏ କବଲା କରିଥିଲୁ। ଯାହାର documents No.- 909/2000, date- 18.10.2000. ଉକ୍ତ କବଲାଟି ମୋଟର ସାଇକେଲ୍ ଯୋଗେ ପତଣ୍ଡାରୁ ଗଣିଆ ଆସୁଥିବା ସମୟରେ ବ୍ୟାଗ୍‌ଟି କେଉଁଠାରେ ଖସିପଡ଼ିଲା ତା ୩୦।୧୨।୨୦୨୪ରିଖରେ। ଏଣୁ ଉକ୍ତ ଆଭିଡେଭିଟ୍‌ର ଆବଶ୍ୟକତା ରହିଅଛି।
ବନଲତା ସାହୁ
ଧ- ୨୫୯୮

**AFFIDAVIT**

ମୁଁ ସରୋଜ କୁମାର କୁଅଁର, ପିତା- ବାବାଜୀ ଚନ୍ଦ୍ର କୁଅଁର, ଗ୍ରା. ମରହଟା ସାହି, ପୋ. ଚୌଦ୍ୱାର, ଜି. କଟକ, ଓଡ଼ିଶା ଘୋଷଣା କରୁଛି ଯେ, ମୋ ବାପାଙ୍କ ନାମ ପ୍ରକୃତରେ ବାବାଜୀ ଚନ୍ଦ୍ର କୁଅଁର। କିନ୍ତୁ ଭୁଲ୍‌ବଶତଃ ଆଧାର କାର୍ଡରେ ବାବାଜୀ ଚରଣ କୁଅଁର ବୋଲି ଉଲ୍ଲେଖ ଅଛି। ଭୁବନେଶ୍ୱର ନୋଟାରୀଙ୍କ ଆଗରେ ଶପଥପାଠ ନଂ. ୧୫୪୯, ତା୧୫.୧.୨୦୨୫ରିଖ ଜରିଆରେ ଘୋଷଣା କରୁଛି ଯେ, ବାବାଜୀ ଚରଣ କୁଅଁର ଏବଂ ବାବାଜୀ ଚନ୍ଦ୍ର କୁଅଁର ଜଣେ ବ୍ୟକ୍ତି। ଧ-୨୬୦୦

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Basudevpur, dated- 04.01.2025, I Rukmani Agasti, Address AT/P.O.- Alabaga, P.S.-Basudevpur, Dist.- Bhadrak, Pin.- 756124 declare that I have changed my Son's name from Himansu Sekhar Sahu to Rajkumar Sahu. Henceforth, he shall be known as Rajkumar Sahu for all purposes.
Smt. Rukmani Agasti
D-2586

By virtue of an affidavit No.-110, Dt.- 15.01.25 before the Court of Executive Magistrate, Bhubaneswar, I, Prabhatnalini Sahu, D.O.B-15.01.1966, W/o- Prabhat Kumar Sahu, at Plot No-12, Bapujinagar, P.S.- Capital, Bhubaneswar- 751009, Dist.- Khorda have changed my name from Prabhat Nalini Sahoo to Prabhatnalini Sahu. Henceforth I shall be known as Prabhatnalini Sahu in all purposes. D-2588

By virtue of an affidavit before Executive Magistrate, Basudevpur, dated-18.12.2024, I Balabhadra Jena formorly known as Dukhiram Jena, S/o- Bhagaban Jena, At- Kodabatiasana, P.O.- Rajgharpokhari, P.S.-Nayakanidihi, Dist.- Bhadrak declared that for all purposes I shall be known as Balabhadra Jena instead of Dukhiram Jena. D-2592

By virtue of an affidavit sworn before Notary Public, Bhadrak, dated 13.01.25, I Jayanti Panda, W/o- Late Gopal Chandra Dash, D/o- Bharat Panda, Address: Vill-Dhaniojha, P.O./P.S.- Bonth, Dist.- Bhadrak, PIN- 756114, Odisha, declare that I have changed my name from Sabitri Dash to Jayanti Panda. Henceforth I shall be known as Jayanti Panda for all purposes. D-2593

I, Dharitri Padhan, D/o- Khageswar Padhan, R/o- Village/ P.O.- Bausenmura, P.S.- Sohela, Dist.- Bargarh declare by this affidavit sworn before the Executive Magistrate, Sohela that in my School admission register and resident certificate my name is mentioned as Dharitri Padhan, whereas in Aadhaar Card my name is mentioned as Nikita Padhan. That both the names is one and same person. D-2596

I, Manaranjan Sahu, S/o-Late Haripada Sahu, resident of Vill- Srikrushnapur, P.O.- Januganj, P.S.- Industrial, Dist.- Balasore, Odisha declare by this affidavit No.- 2414, Vol.- XIX, dated 10.12.2024 that now onwards I shall be known as MANORANJAN SAHOO for all future purposes. D-2597

By virtue of an affidavit sworn before the Executive Magistrate, Athamallik, dt.18.12.2023, I, Tukuna Tandia, Age- 34yrs, S/o- Jharia Tandia, At-Kundanali, P.O.-Madhapur, Via- Athamallik, Dist.- Angul, Odisha, declare that my name and my father's name is wrongly mentioned as Subrat Behera, S/o- Jharia Behera in my Driving License. But in all Govt. and Private Document as well as in Aadhaar Card my name and my father's name Tukuna Tandia and Jharia Tandia respectively. I shall be known as Tukuna Tandia for all purposes.
Tukuna Tandia
Deponent
D-2599

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସନାତନ ନାୟକ**
କଖଡ଼ପଦା, ବାଲିଖଣ୍ଡ, ବାଲେଶ୍ୱର
ଧରାବତରଣ: ୧୮।୦୪।୧୯୪୭
ସ୍ୱର୍ଗାରୋହଣ: ୦୬।୦୧।୨୦୨୫
ଜଗତରନାଥ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ ।
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୫୯୪

# ଇଂଲଣ୍ଡର ଭାରତ ଗସ୍ତ



ନିର୍ମଳ କୁମାର ମିଶ୍ର

**୨୦୨୩ ଦିନିକିଆ ବିଶ୍ୱକପ ପରେ ଭାରତ ମାତ୍ର ୬ଟି ଏକଦିବସୀୟ ମ୍ୟାଚ ଖେଳିଛି। ତେଣୁ ୫୦ ଓଭର ଫର୍ମାଟ୍‌ରେ ଇଂଲଣ୍ଡ ବିପକ୍ଷରେ ଏବଂ ଚାମ୍ପିୟନ୍ସ ଟ୍ରଫିରେ କିପରି ପ୍ରଦର୍ଶନ କରୁଛି ତା' ଉପରେ ସମସ୍ତଙ୍କର ନଜର ରହିବ...**

ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଏବଂ ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିରେ ଭାରତୀୟ ଦଳର ପ୍ରଦର୍ଶନରେ ଅବନତି ଘଟିଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପରେ ତୃତୀୟ ଥର ଫାଇନାଲ ଖେଳିବାର ସୁଯୋଗ ହାତଛଡ଼ା କରିଛି ଭାରତ। ଦୁଇ ଅଭିଜ୍ଞ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଆଗକୁ ରହିଛି ଇଂଲଣ୍ଡ ବିପକ୍ଷ ଟି୨୦ ଏବଂ ଏକଦିବସୀୟ ସିରିଜ। ପରବର୍ତ୍ତୀ ଅବସ୍ଥାରେ ରହିଛି ଗୁରୁତ୍ୱପୂର୍ଣ୍ଣ ଆଇସିସି ଚାମ୍ପିୟନ୍ସ ଟ୍ରଫି। ଏଥି ମଧ୍ୟରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆସାମର ଅଭିଜିତ୍ ସାଇକିଆଙ୍କୁ ନୂତନ ସମ୍ପାଦକ ରୂପେ ପାଇଛି। ଜୟ ଶାହା ୫ମ ଭାରତୀୟ ରୂପେ ଆସିସିର ଚେୟାରମ୍ୟାନ ନିର୍ବାଚିତ ହେବା ପରେ ଏହି ପଦବୀଟି ଖାଲି ପଡିଥିଲା। ବିସିସିଆଇ ନୂଆ ସମ୍ପାଦକଙ୍କ ପାଇଁ ଏହି ପଦବୀ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ଭାରତୀୟ କ୍ରିକେଟରେ ଅନେକ ଅଦଳବଦଳ ନିକଟ ଭବିଷ୍ୟତରେ ଦେଖିବାକୁ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି। ଖରାପ ଫର୍ମ ଦେଇ ଗତିକରୁଥିବା ନାମୀ ଖେଳାଳିଙ୍କୁ ଟିମ୍‌ରୁ ବାଦ୍‌ଦେବା ସହିତ ଭଲ ପ୍ରଦର୍ଶନ କରୁଥିବା ଯୁବ ଖେଳାଳିମାନଙ୍କୁ ଅଧିକ ସୁଯୋଗ ଦେବା ଆମର ଲକ୍ଷ୍ୟ ହେବା ଉଚିତ ବୋଲି ଚୟନ କମିଟି ମୁଖ୍ୟ ଅଜିତ ଅଗରକରଙ୍କୁ ନୂଆ ସମ୍ପାଦକ ସ୍ପଷ୍ଟ ଭାବେ କହିଛନ୍ତି। ତାଙ୍କର ଅଭିଜ୍ଞତା ରହିଛି। ଜୟ ଶାହା ଆଇସିସି ଅଧକ୍ଷ ହେବା ପରେ ଅଭିଜିତ୍ ସାଇକିଆ ଅନ୍ତରୀଣ ସମ୍ପାଦକ ରୂପେ କାର୍ଯ୍ୟ କରୁଥିଲେ।

ଇଂଲଣ୍ଡ ଭାରତ ଗସ୍ତରେ ଆସୁଛି। ଭାରତ-ଇଂଲଣ୍ଡ ସିରିଜ ଜାନୁଆରୀ ୨୨ରୁ ଆରମ୍ଭ ହୋଇ ଫେବୃଆରୀ ୧୨ରେ ଶେଷ ହେବ। କୋଲକାତା ଟି୨୦ରୁ ଆରମ୍ଭ ହୋଇ ଅହମଦାବାଦ ଏକଦିବସୀୟ ମ୍ୟାଚ ସହିତ ଏହା ସମାପ୍ତ ଘଟିବ। ଟି୨୦ ସିରିଜ ପାଇଁ ବିସିସିଆଇ ଦଳ ଘୋଷଣା କରିଥିବା ବେଳେ ଇଂଲଣ୍ଡ ବିପକ୍ଷ ୩ଟି ଏକଦିବସୀୟ ମ୍ୟାଚ ଏବଂ ଗୁରୁତ୍ୱପୂର୍ଣ୍ଣ ଚାମ୍ପିୟନ୍ସ ଟ୍ରଫି ପାଇଁ ଦଳ ଘୋଷଣା ବାକି ରହିଛି। ଇଂଲଣ୍ଡ ବିପକ୍ଷ ଟି୨୦ ମ୍ୟାଚରେ ସୂର୍ଯ୍ୟକୁମାର ଯାଦବ ଦଳର ଅଧିନାୟକ ଏବଂ ଅକ୍ଷର ପଟେଲଙ୍କୁ ଉପ-ଅଧିନାୟକ ଦାୟିତ୍ୱ ଦିଆଯାଇଛି। ଭାରତୀୟ ଷ୍ଟାର ପେସ୍ ବୋଲର ଯଶପ୍ରୀତ ବୁମରା ଆଘାତପ୍ରାପ୍ତ ହେବା ପରେ ଭାରତୀୟ ଦଳର ସମସ୍ୟା ବଢିଛି। ଯାହା ଆଶା କରାଯାଉଛି ଚାମ୍ପିୟନ୍ସ ଟ୍ରଫି ଗ୍ରୁପ ପର୍ଯ୍ୟାୟ ମ୍ୟାଚଗୁଡିକ ପାଇଁ ସେ ଦଳ ସହିତ ରହି ନ ପାରନ୍ତି। ଭେଟେରାନ୍ ପେସ୍ ବୋଲର ମହମ୍ମଦ ଶାମି ଦୀର୍ଘ ୧୪ ମାସ ପରେ ରଣଜୀ ଟ୍ରଫିରେ ଚମତ୍କାର ପ୍ରଦର୍ଶନ କରି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୨୦୨୩ ଅଷ୍ଟ୍ରେଲିଆ ବିପକ୍ଷ ଏକଦିବସୀୟ ବିଶ୍ୱକପ ଅହମଦାବାଦ ମ୍ୟାଚ ପରେ ସେ ଆଘାତଜନିତ ସମସ୍ୟା ଯୋଗୁ ଗୁରୁତ୍ୱପୂର୍ଣ୍ଣ ବର୍ଡର ଗାଭାସ୍କର ଟ୍ରଫି ଖେଳିପାରି ନ ଥିଲେ। ଅର୍ଶଦୀପ ସିଂ ଓ ଶ୍ରେୟସ ଆୟର ରଣଜୀ ଟ୍ରଫିରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ତେଣୁ ଆୟର ଇଂଲଣ୍ଡ ବିପକ୍ଷ ଏକଦିବସୀୟ ଓ ଚାମ୍ପିୟନ୍ସ ଟ୍ରଫି ପାଇଁ ଦଳକୁ ପ୍ରତ୍ୟାବର୍ତ୍ତନ କରିପାରନ୍ତି। ପଞ୍ଜାବ କିଙ୍ଗ୍ସ ୧୮ ତମ ଆଇପିଏଲ୍ ପାଇଁ ତାଙ୍କୁ ଅଧିନାୟକ ଘୋଷଣା କରିଛି। ଚାମ୍ପିୟନ୍ସ ଟ୍ରଫି ଫେବୃଆରୀ ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ୯ ପର୍ଯ୍ୟନ୍ତ ଖେଳାଯିବ। ଅନେକ ବାଦ ବିବାଦ ପରେ ଭାରତ ତା'ର ସମସ୍ତ ମ୍ୟାଚ ହାଇବ୍ରିଡ ମୋଡରେ ଦୁବାଇଠାରେ ଖେଳିବ। ଅନ୍ୟପକ୍ଷରେ ଗୁରୁତ୍ୱପୂର୍ଣ୍ଣ ଆଇପିଏଲ୍‌ର ୧୮ତମ ସଂସ୍କରଣ ମାର୍ଚ୍ଚ ୨୩ରୁ ଆରମ୍ଭ ହୋଇ ମେ ୨୫ରେ ଉଦ୍‌ଯାପିତ ହେବ। ମୋଟ ୭୪ଟି ମ୍ୟାଚ ଏହି ପ୍ରଫେଶନାଲ ହାଇ ପ୍ରୋଫାଇଲ ଟି୨୦ରେ ଖେଳାଯିବ।

ଅନ୍ୟପକ୍ଷରେ ଆଇସିସି ଚାମ୍ପିୟନ୍ସ ଟ୍ରଫି ପାଇଁ ଭାଗନେଉଥିବା ୮ଟି ଟିମ୍ ସେମାନଙ୍କର ପ୍ରୋଭିଜନାଲ ଟିମ୍ ଜାନୁଆରୀ ୧୨ ତାରିଖ ମଧରାତ୍ରି ସୁଦ୍ଧା ଘୋଷଣା କରିବା ପାଇଁ କହିଥିଲା। ତେବେ ଫେବୃଆରୀ ୧୩ ପର୍ଯ୍ୟନ୍ତ ଖେଳାଳି ପରିବର୍ତ୍ତନର ସୁଯୋଗ ରହିଛି। ମାତ୍ର ବିସିସିଆଇ ଇଂଲଣ୍ଡ ବିପକ୍ଷ ଟି୨୦ ମ୍ୟାଚ ପରେ ଖେଳାଳିମାନଙ୍କ ପ୍ରଦର୍ଶନକୁ ଲକ୍ଷ୍ୟ କରି ଟିମ୍ ଘୋଷଣା କରିବ ବୋଲି କହିଛି। ରୋହିତ ଶର୍ମାଙ୍କୁ ଅଭିଜ୍ଞତା ଦୃଷ୍ଟିରୁ ଅଧିନାୟକ ରୂପେ ଶେଷ ସୁଯୋଗ ମିଳିପାରେ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଦୁବାଇର ଜଳବାୟୁ, ପିଚ କଣ୍ଡିଶନ୍ ଓ ଅଭିଜ୍ଞତାକୁ ଆଖିଆଗରେ ରଖି ବିସିସିଆଇ, ମୁଖ୍ୟ କୋଚ ଗୌତମ ଗମ୍ଭୀର ଏବଂ ମୁଖ୍ୟ ସିଲେକ୍ଟର ଅଜିତ ଅଗରକର ଚୂଡ଼ାନ୍ତ ନିଷ୍ପତ୍ତି ନେବେ।

ଅନ୍ୟ ପକ୍ଷରେ ଆଇପିଏଲ୍ ୧୮କୁ ନେଇ ବିସିସିଆଇର ବ୍ୟଗ୍ରତା ବଢିଛି। ଫ୍ରାଞ୍ଚାଇଜମାନେ ଏହି ମେଗା ଅକସନ୍ ମାଧ୍ୟମରେ ଟିମ୍ ସମୀକରଣରେ ବ୍ୟାପକ ପରିବର୍ତ୍ତନ କରିଛନ୍ତି। ସେମାନେ ମଧ୍ୟ ଚାହୁଁ ନାହାନ୍ତି ଯେ ସେମାନଙ୍କର ଷ୍ଟାର ଖେଳାଳିମାନେ ଆଘାତପ୍ରାପ୍ତ ହୁଅନ୍ତୁ। ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ଚାମ୍ପିୟନ୍ସ ଟ୍ରଫି ପାଇଁ ସେମାନଙ୍କର ଦଳ ଘୋଷଣା କରି ସାରିଥିବା ବେଳେ ଇଂଲଣ୍ଡ ଦଳ ଅଭିଜ୍ଞ ଜୋଶ ବଟଲରଙ୍କ ନେତୃତ୍ୱରେ ଭାରତ ବିପକ୍ଷରେ ମ୍ୟାଚ ଖେଳିବା ପରେ ସିଧାସଳଖ ଚାମ୍ପିୟନ୍ସ ଟ୍ରଫି ପାଇଁ ପାକିସ୍ତାନ ଗସ୍ତରେ ଯିବ। ଇଂଲଣ୍ଡ ଟି୨୦ ଏବଂ ଏକଦିବସୀୟ ମ୍ୟାଚ ପାଇଁ ଭିନ୍ନ ଦଳ ଗଠନ କରିଛି। ଉଭୟ ଫର୍ମାଟ୍ ପାଇଁ ବଟଲର ଅଧିନାୟକ ରହିଥିବା ବେଳେ ହାରି ବ୍ରୁକସ୍, ଫିଲ୍ ସଲଟ, ମାର୍କ ଉଡ୍, ଜୋଫ୍ରା ଆର୍ଚର, ଆଦିଲ ରସିଦ୍, ଗସ୍ ଆଟକିନ୍‌ସନ୍, ବେନ ଡକେଟ, ଜେମି ସ୍ମିଥ୍ ଉଭୟ ଫର୍ମାଟ୍ ପାଇଁ ସ୍ଥାନ ପାଇଛନ୍ତି। ଇଂଲଣ୍ଡ ଏକ ଶକ୍ତିଶାଳୀ ଦଳ। ବେଶ୍ ସନ୍ତୁଳିତ ଥିବା ପରି ଜଣାପଡୁଛି। ଆଇପିଏଲ୍‌ରେ ଏ ସମସ୍ତ ଖେଳାଳି ସ୍ଥାନ ପାଇଥିବା ବେଳେ ଭାରତୀୟ ପରିବେଶ, ପିଚକୁ ନେଇ ଅଭ୍ୟସ୍ତ ଅଛନ୍ତି।

ଭାରତୀୟ ଯୁବ ଦଳ ମଧ ବେଶ୍ ପ୍ରତିଭାସମ୍ପନ୍ନ। ଯୁବ ଖେଳାଳିମାନେ ନିଜ ଦକ୍ଷତା ପ୍ରଦର୍ଶନ କରି ୩ଟି ଫର୍ମାଟ୍ ପାଇଁ ସୁଯୋଗ ସୃଷ୍ଟି କରିବା ନିମନ୍ତେ ଉପଯୁକ୍ତ ସମୟ ଆସିଛି। ଖରାପ ଫର୍ମରେ ଥିବା ସିନିୟର ଖେଳାଳିମାନଙ୍କ ସ୍ଥାନ ନେବା ପାଇଁ ସେମାନଙ୍କ ଲାଗି ବଡ଼ ସୁଯୋଗ ରହିଛି। ଭାରତୀୟ ଦଳ ଜାନୁଆରୀ ୨୨, ୨୫, ୨୮, ୩୧ ଏବଂ ଫେବୃଆରୀ ୨ ତାରିଖରେ କୋଲକାତା, ଚେନ୍ନାଇ, ରାଜକୋଟ, ପୁଣେ ଏବଂ ମୁମ୍ବାଇ ଠାରେ ୫ଟି ଟି୨୦ ମ୍ୟାଚ ଖେଳିବ। ଏହା ପରେ ଫେବୃଆରୀ ୬, ୯ ଓ ୧୨ରେ ନାଗପୁର, କଟକ ଓ ଅହମଦାବାଦଠାରେ ୩ଟି ଏକଦିବସୀୟ ମ୍ୟାଚ ଖେଳାଯିବ।

ଉଭୟ ଦେଶ ମଧ୍ୟରେ ୧୯ଟି ଟି୨୦ ମ୍ୟାଚ ଦ୍ୱିପାକ୍ଷିକ ସିରିଜରେ ଖେଳାଯାଇଥିବା ବେଳେ ଭାରତ ୧୦ଟି ଜିତିଛି ଏବଂ ଇଂଲଣ୍ଡ ୮ଟି ମ୍ୟାଚରେ ବିଜୟୀ ହୋଇଛି। ୧ଟି ମ୍ୟାଚରୁ ଫଳାଫଳ ମିଳି ପାରିନାହିଁ। ସେହିପରି ୨୦୨୦-୨୧ରେ ଉଭୟ ଦେଶ ମଧ୍ୟରେ ୫ଟିକିଆ ଟି୨୦ ସିରିଜ ଖେଳାଯାଇଥିବା ବେଳେ ଭାରତ ୩-୨ରେ ବିଜୟୀ ହୋଇଥିଲା। ୨ୟ ଥର ପାଇଁ ୫ଟି ଟି୨୦ ଉଭୟ ଦେଶ ଖେଳିବେ। ବର୍ତ୍ତମାନର ଖେଳାଳି ଭାବରେ ଇଂଲଣ୍ଡ ଅଧିନାୟକ ଜୋଶ ବଟଲର ସର୍ବାଧିକ ୪୯୮ରନ୍ କରିଥିବା ବେଳେ ଭାରତର ସୂର୍ଯ୍ୟକୁମାର ଯାଦବ ୩୨୧ ରନ ୮ଟି ମ୍ୟାଚରୁ ସଂଗ୍ରହ କରିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ମଧ ୧୩ଟି ଇନିଂସରୁ ୩୦୨ରନ କରିଛନ୍ତି। ସୂଚନାଯୋଗ୍ୟ ଯେ, ବିରାଟ କୋହଲି, ରୋହିତ ଶର୍ମା, ରବୀନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ ୨୦ଟି ଫର୍ମାଟ୍‌ରୁ ଅବସର ନେଇ ସାରିଛନ୍ତି। ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ୧୫ ମ୍ୟାଚରୁ ୧୪ଟି ଉଇକେଟ ନେଇଛନ୍ତି। ଟି୨୦ରେ ଉଭୟ ଦେଶ ୩ଥର ଲେଖାଏ ୨ଶହ ରନ ଅତିକ୍ରମ କରିଛନ୍ତି। ଭାରତର ସର୍ବାଧିକ ଦଳଗତ ସ୍କୋର ଇଂଲଣ୍ଡ ବିପକ୍ଷରେ ୨୨୪ରନ୍ ରହିଥିବା ବେଳେ ଇଂଲଣ୍ଡର ୨୧୫ରନ୍ ରହିଛି।

ଅନ୍ୟପକ୍ଷରେ ୨୦୨୩ ଦିନିକିଆ ବିଶ୍ୱକପ ପରେ ଭାରତ ମାତ୍ର ୬ଟି ଏକଦିବସୀୟ ମ୍ୟାଚ ଖେଳିଛି। ୨୦୨୪ରେ ମାତ୍ର ୩ଟି ଏକଦିବସୀୟ ମ୍ୟାଚ ଖେଳିବାର ସୁଯୋଗ ପାଇଥିବା ବେଳେ ଏହି ୫୦ ଓଭର ଫର୍ମାଟ୍‌ରେ ଇଂଲଣ୍ଡ ବିପକ୍ଷରେ ଏବଂ ଚାମ୍ପିୟନ୍ସ ଟ୍ରଫିରେ କିପରି ପ୍ରଦର୍ଶନ କରୁଛି ତା' ଉପରେ ସମସ୍ତଙ୍କର ନଜର ରହିବ। ଭାରତର ନେତୃତ୍ୱ କିଏ ନେବେ ଏବଂ ସିନିୟର ଖେଳାଳିମାନଙ୍କୁ ସୁଯୋଗ ମିଳିବ ନା ନାହିଁ ତା' ଉପରେ ସସ୍‌ପେନ୍ସ ଜାରି ରହିଛି। ଆଗାମୀ ସିରିଜଗୁଡିକରେ ଅସଲ ପରୀକ୍ଷାର ସମ୍ମୁଖୀନ ହେବ ଟିମ୍ ଇଣ୍ଡିଆ।



ସୂର୍ଯ୍ୟକୁମାର ଯାଦବ

ଜୋଶ ବଟଲର

# ଖେଳରନ୍ ପ୍ରବୀଣ

**ପାରା ଆଥଲେଟିକ୍ସର ଟି-୬୪ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରବୀଣ କୁମାର ୨୦୨୪ ପ୍ୟାରିସ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୨୦ ଟୋକିଓ ପାରାଲିମ୍ପିକ୍ସରେ ସେ ରୌପ୍ୟ ଏବଂ ୨୦୨୨ ଏସିଆନ ପାରାଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ନିଜ ଦକ୍ଷତାର ପରିଚୟ ଦେଇଥିଲେ...**

ଭାରତର ସର୍ବୋଚ୍ଚ ମେଜର ଧ୍ୟାନଚାନ୍ଦ ଖେଳରନ୍ ପୁରସ୍କାର ଏଥର ୪ ଜଣ ଖେଳାଳି ପାଇବେ। ୨୦୨୪ରେ ବିଭିନ୍ନ କ୍ରୀଡ଼ାରେ ଉତ୍କର୍ଷଲାଭ କରିଥିବା ଖେଳାଳିଙ୍କ ମଧ୍ୟରୁ ଏହି ୪ ଜଣଙ୍କୁ ଚୟନ କରାଯାଇଛି। ସେମାନେ ହେଲେ ବିଶ୍ୱ ଚେସ୍ ଚାମ୍ପିୟନ. ଡି. ଗୁକେଶ, ଅଲିମ୍ପିକ୍ସରେ ୨ ଥର ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ଦଳର ସଦସ୍ୟ ତଥା ବର୍ତ୍ତମାନର ଅଧିନାୟକ ହରମନପ୍ରୀତ ସିଂ, ପ୍ୟାରିସ ଅଲିମ୍ପିକ୍ସରେ ବ୍ୟକ୍ତିଗତ ୨ଟି ବ୍ରୋଞ୍ଜ ପଦକ ଜିତି ଇତିହାସ ରଚିଥିବା ତାରକା ମହିଳା ଶୁଟର ମନୁ ଭାକର ଓ ପାରାଲିମ୍ପିଆନ ପ୍ରବୀଣ କୁମାର। ପାରାଲିମ୍ପିଆନ ଦେବେନ୍ଦ୍ର ଝାଝାରିଆ (୨୦୧୭-ଜାଭେଲିନ୍ ଥ୍ରୋ), ଦୀପା ମଲିକ (୨୦୧୯-ଜାଭେଲିନ୍, ଶଟ୍‌ପୁଟ, ଅନ୍ୟାନ୍ୟ), ମାରିଆପ୍ପାନ ଥଙ୍ଗାଭେଲୁ (୨୦୨୦-ହାଇଜମ୍ପ), ଅଭନି ଲେଖରା (୨୦୨୧-ଶୁଟିଂ), ସୁମିତ ଆଣ୍ଟିଲ (୨୦୨୧-ଆଥଲେଟିକ୍ସ), ପ୍ରମୋଦ ଭଗତ (୨୦୨୧-ବ୍ୟାଡ୍‌ମିଣ୍ଟନ), କ୍ରିଷ୍ଣା ନାଗର (୨୦୨୧-ବ୍ୟାଡ୍‌ମିଣ୍ଟନ), ମନୀଷ ନରୱାଲ (୨୦୨୧-ଶୁଟିଂ)ଙ୍କ ପରେ ୯ମ ପାରା ଆଥଲେଟ୍‌ଭାବେ ପ୍ରବୀଣ ଖେଳରନ୍ ପୁରସ୍କାର ପାଇବାକୁ ଯାଉଛନ୍ତି। ୧୭ ତାରିଖରେ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଖେଳରନ୍, ଅର୍ଜୁନ, ଦ୍ରୋଣାଚାର୍ଯ୍ୟ ଆଦି ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରିବେ।

୨୦୦୩ ମେ୧୫ରେ ଉତ୍ତର ପ୍ରଦେଶର ଗୌତମ ବୁଦ୍ଧ ଜିଲା ଅନ୍ତର୍ଗତ ଗୋବିନ୍ଦଗଡ଼ରେ ପ୍ରବୀଣ ଜନ୍ମ ଗ୍ରହଣ କରିଥିଲେ। ଜନ୍ମବେଳରୁ ତାଙ୍କର ଗୋଟିଏ ଗୋଡ଼ ଛୋଟ ଥିଲା। ଜାଟ୍ ପରିବାରରୁ ଆସିଥିବା ପ୍ରବୀଣ ଜେୱାରର ପ୍ରଜ୍ଞା ପବ୍ଲିକ୍ ସ୍କୁଲରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ। ମୋତିଲାଲ ନେହେରୁ କଲେଜରେ ସେ ଗ୍ରାଜୁଏଶନ ଶେଷ କରିଥିଲେ। ପାରା ଆଥଲେଟିକ୍ସର ଟି-୬୪ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରବୀଣ ୨୦୨୪ ପ୍ୟାରିସ ପାରାଲିମ୍ପିକ୍ସରେ ୨.୦୮ ମିଟର କ୍ଲିୟର କରି ଏସିଆନ ରେକର୍ଡ ଭାଙ୍ଗିବା ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୨୦ ଟୋକିଓ ପାରାଲିମ୍ପିକ୍ସରେ ସେ ରୌପ୍ୟ ଏବଂ ୨୦୨୨ ଏସିଆନ ପାରାଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ନିଜ ଦକ୍ଷତାର ପରିଚୟ ଦେଇଥିଲେ। ଚାଇନାର ହାଙ୍ଗଝୋରେ ସେ ୨.୦୨ ମିଟର ଡେଇଁ ଗେମ୍ସ ରେକର୍ଡ ଭାଙ୍ଗିଥିଲେ। କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବାରୁ ପାରାଲିମ୍ପିକ୍ସ ପୂର୍ବରୁ ତାଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା।




## ଜିଣା

ଓଚିରଭାନି ଓଚିରୁ ବାଟଭୋଲୁ
ମଙ୍ଗୋଲିଆ ଅଧିବାସୀ
ଚଉଦ ହଜାର କି.ମି. ବ୍ରିଟେନର
ମାଞ୍ଚେଷ୍ଟର ଗଲା ଖସି
ସାଇକେଲ ଯୋଗେ ବସି
ଇଂଲିଶ୍ ପ୍ରିମିୟର ଲିଗ୍ ଫୁଟବଲ
ଖେଳ ଦେଖିବାକୁ ହସି।



ସିଡ୍‌ନୀରେ ବର୍ଡର-ଗାଭାସ୍କର ଟ୍ରଫି
ପି. କୁମିନ୍ସ ଗଲା ଜିତି
ତିନି ଟେଷ୍ଟର ପାଞ୍ଚ ଇନିଂସରେ
ଏକ ତିରିଶରେ ଇତି
ଅନ୍‌ଲକି ରୋହିତ ତାତି
ବର୍ଷ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟ
ରେଷ୍ଟ ନେଲା ହୋଇ ହାତୀ।

ରାଜକୋଟଠାରେ ୱାନଡେ କ୍ରିକେଟରେ
ସର୍ବାଧିକ ରନ ବର୍ଷା
ତିନି ଶହ ଚାରି ରନ ମନ୍ଧାନାର
ଶହେ ପଇଁତିରିଶ ଧୁଶା
ଶ୍ରମ ଓ ସାଧନା ନିଶା
ଗୁଡ୍ ଫର୍ମରେ ଲୋକ
ବଢ଼ଇ ଆଗକୁ
ଲେଜି ହୁଏ ଲୋକହସା...
-ସୁବାସ ଚନ୍ଦ୍ର ପ୍ରଧାନ

# ଶୃଙ୍ଖଳିତ ହମ୍ପି

**"ଜଣେ ଶୃଙ୍ଖଳିତ ହୋଇପାରିଲେ ହିଁ ଯାଇ ଯେ କୌଣସି କ୍ଷେତ୍ରରେ ସଫଳତା ପାଇପାରିବ। ଶୃଙ୍ଖଳା ଜ୍ଞାନ ମୋତେ ଫୋକସ, ଏକାଗ୍ରତା ଏବଂ ନମ୍ର ହେବାରେ ସହାୟକ ହୋଇଛି"।**
**- କୋନେରୁ ହମ୍ପି**

କୋନେରୁ ହମ୍ପି କେବଳ ଭାରତ କାହିଁକି ବିଶ୍ୱ ଚେସ୍‌ରେ ଏକ ପରିଚିତ ନାମ। ୨୦୦୨ରେ ପ୍ରଥମ ଭାରତୀୟ ମହିଳା ଭାବେ ସେ ଗ୍ରାଣ୍ଡମାଷ୍ଟର ଟାଇଟଲ ଜିତିଥିଲେ। ବର୍ତ୍ତମାନ ବିଶ୍ୱ ର୍ୟାପିଡ୍ ଚେସ୍ ଚାମ୍ପିୟନ ଥିବା ହମ୍ପି କିଛିଦିନର ବ୍ରେକ୍ ପରେ ପୁଣି ଚେସ୍‌କୁ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟ ରଖିଛନ୍ତି। ଆସନ୍ତା ମେ'ରେ ସେ ନରୱେ ଚେସ୍‌ରେ ଅଂଶଗ୍ରହଣ କରିବେ। ବର୍ତ୍ତମାନ ସେ ଭାରତର ସର୍ବୋଚ୍ଚ ର୍ୟାଙ୍କପ୍ରାପ୍ତ ମହିଳା ଚେସ୍ ତାରକା। ସେ କ୍ୟାରିୟରରେ ୨ ଥର ୨୦୧୯ ଓ ୨୦୨୪ରେ ବିଶ୍ୱ ର୍ୟାପିଡ୍ ଚେସ୍ ଟାଇଟଲ ହାସଲ କରିଛନ୍ତି। ଭାରତୀୟ କ୍ରୀଡ଼ା କ୍ଷେତ୍ରକୁ ତାଙ୍କ ଅବଦାନକୁ ଦୃଷ୍ଟିରେ ରଖି ୨୦୨୦ରେ ତାଙ୍କୁ ବିବିସି ଇଣ୍ଡିଆନ ସ୍ପୋର୍ଟ୍ସ ଓମେନ ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ସେ ଅଲିମ୍ପିଆଡ୍, ଏସିଆନ ଗେମ୍ସ ଓ ଏସିଆନ ଚେସ୍ ଚାମ୍ପିୟନଶିପ୍‌ରେ ମଧ ଶ୍ରେଷ୍ଠ ପ୍ରଦର୍ଶନ କରିବାରେ ରେକର୍ଡ ରଖିଛନ୍ତି। ନିକଟରେ ଏକ ସାକ୍ଷାତକାରରେ ହମ୍ପି କହିଛନ୍ତି ଯେ, ନିଜକୁ ଶୃଙ୍ଖଳିତ ରଖିବା ଦ୍ୱାରା ହିଁ ସେ ସଫଳତାର ଶୀର୍ଷରେ ପହଞ୍ଚି ପାରିଛନ୍ତି। ଜଣେ ଶୃଙ୍ଖଳିତ ହୋଇପାରିଲେ ହିଁ ଯାଇ ଯେ କୌଣସି କ୍ଷେତ୍ରରେ ସଫଳତା ପାଇପାରିବ ବୋଲି ତାଙ୍କ ମତ। ଶୃଙ୍ଖଳା ଜ୍ଞାନ ହିଁ ତାଙ୍କୁ ଫୋକସ, ଏକାଗ୍ରତା ଏବଂ ନମ୍ର ହେବାରେ ସହାୟକ ହୋଇପାରିଛି। ଏପରିକି କଷ୍ଟସାଧ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ମଧ୍ୟ ବିଚଳିତବୋଧ ହେବାକୁ ଦେଇନାହିଁ। ଏପରି ଜଣେ ଅଭିଜ୍ଞ ଏବଂ ଦକ୍ଷ ଖେଳାଳିଙ୍କୁ ସ୍ୱାଗତ କରିବା ପାଇଁ ନରୱେ ଚେସ୍ କର୍ତ୍ତୃପକ୍ଷ ମଧ୍ୟ ଆଗ୍ରହର ସହ ଅପେକ୍ଷା କରିଥିବା ଟୁର୍ନାମେଣ୍ଟ ନିର୍ଦ୍ଦେଶକ କାଜେଲ ମଦଲାଣ୍ଡ ପ୍ରକାଶ କରିଛନ୍ତି। ଆନ୍ଧ୍ରପ୍ରଦେଶର ଗୁଡିଭାଡାଠାରେ ୩୧ ମାର୍ଚ୍ଚ ୧୯୮୭ରେ ଜନ୍ମିତ ହମ୍ପି ୧୯୯୯ରେ ଭାରତର ସର୍ବକନିଷ୍ଠ ମହିଳା ଅନ୍ତର୍ଜାତୀୟ ମାଷ୍ଟର, ୨୦୦୧ରେ ସର୍ବକନିଷ୍ଠ ମହିଳା ଗ୍ରାଣ୍ଡମାଷ୍ଟର, ୨୦୨୨ରେ ଚେସ୍ ଅଲିମ୍ପିଆଡ୍ ବ୍ରୋଞ୍ଜ ପଦକ, ୨୦୨୪ରେ ମହିଳା କ୍ୟାଣ୍ଡିଡେଟ୍ସ ଚେସ୍‌ରେ ରୌପ୍ୟ ଏବଂ ବିଶ୍ୱ ର୍ୟାପିଡ୍ ଚେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାର ରେକର୍ଡ ରଖିଛନ୍ତି। ୨୦୦୩ରେ ତାଙ୍କୁ ଅର୍ଜୁନ ଓ ୨୦୦୭ରେ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି।



ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୭/୨୦୨୫ Bhubaneswar, Friday, January 17/ 2025

# ଫେବୃଆରୀ ୧୫ରୁ କଳିଙ୍ଗରେ ପ୍ରୋ-ଲିଗ୍

**ଭୁବନେଶ୍ୱର, ୧୬।୧ (ତପନ ସ୍ୱାଇଁ)**

ସମ୍ପ୍ରତି ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଚାଲିଥିବାବେଳେ ଖୁବ୍‌ଶୀଘ୍ର ଭୁବନେଶ୍ୱରକୁ ଫେରିବାକୁ ଯାଉଛି ହକି ଫିଭର। କଳିଙ୍ଗ ଷ୍ଟାଡିୟମରେ ଫେବୃଆରୀ ୧୫ରୁ ଆରମ୍ଭ ହେବ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି। ଏଫ୍‌ଆଇଏଚ୍ ୱେବ୍‌ସାଇଟ୍‌ରେ ଉପଲବ୍ଧ ତଥ୍ୟ ଅନୁସାରେ ପ୍ରୋ ଲିଗ୍‌ର ପ୍ରଥମ ଚରଣ ଅଷ୍ଟ୍ରେଲିଆର ସିଡ୍‌ନୀରେ ଫେବୃଆରୀ ୪ରୁ ଆରମ୍ଭ ହେବ। ନେଦରଲାଣ୍ଡ୍ସ ଓ ସ୍ପେନ ମଧ୍ୟରେ ପ୍ରଥମ ମ୍ୟାଚ ସିଡ୍‌ନୀ ଅଲିମ୍ପିକ୍ ପାର୍କ ହକି ସେଣ୍ଟରରେ ଅନୁଷ୍ଠିତ ହେବ। ସେଠାରେ ପୁରୁଷ ବିଭାଗରେ ନେଦରଲାଣ୍ଡ୍ସ, ସ୍ପେନ, ଅଷ୍ଟ୍ରେଲିଆ ଓ ମହିଳାରେ ଚାଇନା, ସ୍ପେନ୍ ଓ ଅଷ୍ଟ୍ରେଲିଆ ୯ ତାରିଖ ପର୍ଯ୍ୟନ୍ତ ଖେଳିବେ। ଏହାପରେ ହକି ଆକ୍ସନ ଭୁବନେଶ୍ୱର ଫେରିବ। କଳିଙ୍ଗ ଷ୍ଟାଡିୟମରେ ଭାରତ, ଜର୍ମାନୀ, ସ୍ପେନ୍, ଇଂଲଣ୍ଡ, ନେଦରଲାଣ୍ଡ୍ସ ଓ ଆୟର୍ଲାଣ୍ଡ ଉଭୟ ମହିଳା ଓ ପୁରୁଷ ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ମହିଳା ବିଭାଗରେ ଭାରତ ଏହାର ପ୍ରଥମ ମ୍ୟାଚ ୧୫ ତାରିଖରେ ଇଂଲଣ୍ଡ ସହ ଖେଳିବ। ସେହିଦିନ ପୁରୁଷ ବର୍ଗରେ ସ୍ପେନ୍ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ପ୍ରୋ ଲିଗ୍‌ର ପରବର୍ତ୍ତୀ ଚରଣ ଆର୍ଜେଣ୍ଟିନାର ସାଣ୍ଟିଆଗୋଠାରେ ୨୦ ତାରିଖରୁ ଆରମ୍ଭ ହେବ। ଭୁବନେଶ୍ୱର ଓ ସାଣ୍ଟିଆଗୋ ଚରଣ ଶେଷ ବେଳକୁ ପ୍ରତି ଦଳ ୮ଟି ଲେଖାଏ ମ୍ୟାଚ ଖେଳି ସାରିଥିବେ। ତେଣୁ ଟାଇଟଲ ଦୌଡ଼ରେ କେଉଁ ଦଳ ରହିଥିବେ ତାହା ଜଣାପଡ଼ିବ। ଗତ ସିଜନରେ ପୁରୁଷ ବିଭାଗରେ ଅଷ୍ଟ୍ରେଲିଆ ଓ ମହିଳାରେ ନେଦରଲାଣ୍ଡ୍ସ ଚାମ୍ପିୟନ ହୋଇଥିଲା।

# ଜଷ୍ଟିସ ଅରୁଣ ମିଶ୍ର ବିସିସିଆଇ ଓମ୍ବୁଡ୍ସମ୍ୟାନ ନିଯୁକ୍ତ

**ନୂଆଦିଲ୍ଲୀ, ୧୬।୧ (ପି.ଟି.):** ପୂର୍ବତନସ ସୁପ୍ରିମକୋର୍ଟ ଜଜ୍ ଜଷ୍ଟିସ ଅରୁଣ ମିଶ୍ର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଓମ୍ବୁଡ୍ସମ୍ୟାନ ଭାବେ ନିଯୁକ୍ତି ପାଇଛନ୍ତି। ମିଶ୍ର ଆହୁରି ମଧ୍ୟ ବିସିସିଆଇର ଏଥିକ୍ସ ଅଫିସର ଭାବେ କାର୍ଯ୍ୟକରିବେ। ୨୦୨୧ ଜୁନ୍ ୨ରେ ନ୍ୟାଶନାଲ ହ୍ୟୁମ୍ୟାନ ରାଇଟ୍ସ କମିଶନର ଚେୟାରମ୍ୟାନ ଭାବେ ନିଯୁକ୍ତି ପାଇବା ପୂର୍ବରୁ ସେ ୨୦୧୪ ଜୁଲାଇ ୭ରୁ ୨୦୨୦ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ସୁପ୍ରିମକୋର୍ଟରେ କାର୍ଯ୍ୟ କରିଥିଲେ। ହ୍ୟୁମ୍ୟାନ ରାଇଟ୍ସ କମିଶନର ଚେୟାରମ୍ୟାନ ପଦବୀରେ ସେ ୨୦୨୪ ଜୁନ୍ ୧ ପର୍ଯ୍ୟନ୍ତ ରହିଥିଲେ। ମଧ୍ୟ ପ୍ରଦେଶ, ରାଜସ୍ଥାନ ଓ କୋଲକାତା ହାଇକୋର୍ଟରେ ବିଚାରପତି ଭାବେ ସେ ୯୭,୦୦୦ରୁ ଊର୍ଦ୍ଧ୍ୱ ମାମଲାର ସେ ଫଇସଲା କରିଛନ୍ତି।

# ଭାରତ-ବାଂଲାଦେଶ କ୍ୱାର୍ଟରଫାଇନାଲ



ଗୁରୁବାର ଭାରତ-ମାଲେସିଆ ମଧ୍ୟରେ ଅନୁଷ୍ଠିତ ମହିଳା ଖୋ ଖୋ ବିଶ୍ୱକପ ମ୍ୟାଚ।

**ନୂଆଦିଲ୍ଲୀ, ୧୬।୧**

## ଖୋଖୋ ବିଶ୍ୱକପ୍

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଖୋ ଖୋ ବିଶ୍ୱକପ୍‌ର ମହିଳା ବିଭାଗରେ ଗୁରୁବାର ଖେଳାଯାଇଥିବା ମ୍ୟାଚରେ ଭାରତ ୮୦ ପଏଣ୍ଟରେ ମାଲେସିଆକୁ ପରାସ୍ତ କରିଛି। ଏଥିସହିତ ଦଳ ଗ୍ରୁପ୍‘ଏ’ରେ ଅପରାଜେୟ ରହି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଛି। ଦଳ କ୍ୱାର୍ଟରଫାଇନାଲରେ ବାଂଲାଦେଶ ସହିତ ମୁକାବିଲା କରିବ। ଗୁରୁବାର ରାତିରେ ଖେଳାଯାଇଥିବା ମ୍ୟାଚରେ ଭାରତ ଡିଫେଣ୍ଡର ଭିଲାର ଓପିନାବେନ ଓ ମୋନିକାଙ୍କ ଏକ ଦର୍ଶନୀୟ ଡ୍ରିମ୍‌ରନ ସହ ଜୋରଦାର ଆରମ୍ଭ କରିଥିଲା। ଦଳ ସମସ୍ତ ୪ଟି ଟର୍ନରେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ବହୁ ଡ୍ରିମ୍‌ରନ ସହ କୌଶଳ ଖେଳ ପ୍ରଦର୍ଶନ କରି ୮୦ ପଏଣ୍ଟରେ ବିପୁଳ ବିଜୟ ଲାଭ କରିଥିଲା। ଭାରତ ଦଳ ତରଫରୁ ମୋନିକା, ୱାଜିର ଓ ନିର୍ମଳା ଭାଟି ମ୍ୟାଚ ସାରା ଆକ୍ରମଣାତ୍ମକ ଖେଳିଥିଲେ। ମାଲେସିଆର ଇଙ୍ଗ ଜି ୟି ଓ ଲକ୍ଷିତା ବିଜୟନଙ୍କ ଖେଳ ଉଲ୍ଲେଖନୀୟ ଥିଲା। ମ୍ୟାଚରେ ଇଙ୍ଗ ଜି ୟି ବେଷ୍ଟ ଆଟାକର, ମୋନିକା ବେଷ୍ଟ ଡିଫେଣ୍ଡର ବିବେଚିତ ହୋଇଥିବା ବେଳେ ରେଶମା ରାଠୋଡ୍ ବେଷ୍ଟ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

## ଚଣ୍ଡିଗଡ଼ର ସୋନମ୍ ଅଷ୍ଟ୍ରେଲିଆ ଅଧିନାୟିକା

**ନୂଆଦିଲ୍ଲୀ, ୧୬।୧ (ପି.ଟି.):** ସୋନମ୍ ଗର୍ଗ ଏକ ଚଣ୍ଡିଗଡ଼ରେ ତାଙ୍କ ସ୍କୁଲ କ୍ୟାରିୟରରେ ଖୋ ଖୋ ଖେଳୁଥିଲେ। ସେ ୯ବର୍ଷ ହେଲା ମା’ ହୋଇ ସାରିଛନ୍ତି। ସେ କେବେ ସୁଦ୍ଧା ଭାବି ନ ଥିଲେ ତାଙ୍କୁ ଦିନେ ଖୋ ଖୋ ବିଶ୍ୱକପ୍‌ରେ ପୁଣି ଅଷ୍ଟ୍ରେଲିଆ ମହିଳା ଦଳର ଅଧିନାୟକତ୍ୱ କରିବାକୁ ହେବ। ବିଶ୍ୱକପ୍ ଖେଳିବାକୁ ସେ ନୂଆଦିଲ୍ଲୀ ଆସିଛନ୍ତି। ଚଣ୍ଡିଗଡ଼ରେ ଜନ୍ମ ଗ୍ରହଣ କରିଥିବା ସୋନମ ବିବାହ କରିବା ପରେ ୧୦ ବର୍ଷ ହେଲା ଅଷ୍ଟ୍ରେଲିଆରେ ଯାଇ ବାସ କରୁଛନ୍ତି। ୨୦-୨୨ ବର୍ଷ ତଳେ ସ୍କୁଲରେ ପାଠପଢୁଥିବା ସମୟରେ ଭାରତରେ ଖୋ ଖୋ ଖେଳୁଥିଲେ। ଭାରତରେ ଖୋ ଖୋ ବିଶ୍ୱକପ୍ ହେଉଥିବା ବିଷୟ ସେ ଯେତେବେଳ ଶୁଣିବାକୁ ପାଇଲେ ସେ ଉତ୍ସାହିତ ହୋଇ ପଡ଼ିଥିଲେ। ତାଙ୍କର ପିଲାଦିନର କଥା ମନେ ପଡ଼ିଯାଇଥିଲା। ସେ ତୁରନ୍ତ ଅଷ୍ଟ୍ରେଲିଆ ଖୋ ଖୋ କମିଟି ସହ ଯୋଗାଯୋଗ କରି ଦଳରେ ଯୋଗଦେଇଥିଲେ। ତାଙ୍କୁ ଦଳର ଅଧିନାୟିକା ଭାବେ ନିଯୁକ୍ତ କରାଯାଇଥିଲା ବୋଲି ଏହି ୩୦ ବର୍ଷୀୟା ଫାଇନାନ୍ସ ପ୍ରଫେଶନାଲ ପ୍ରକାଶ କରିଛନ୍ତି। ତାଙ୍କର ଏକ ୯ ବର୍ଷର ପୁତ୍ରସନ୍ତାନ ରହିଛି।

# ଶୁଟ୍ ଆଉଟରେ ଜିତିଲା ଓଡ଼ିଶା ୱାରିୟର୍ସ

**ଭୁବନେଶ୍ୱର, ୧୬।୧ (ତପନ ସ୍ୱାଇଁ)**

## ମହିଳା ହକି ଇଣ୍ଡିଆ ଲିଗ୍

ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମରେ ଚାଲିଥିବା ମହିଳା ହକି ଇଣ୍ଡିଆ ଲିଗ୍‌ରେ ଗୁରୁବାର ଓଡ଼ିଶା ୱାରିୟର୍ସ ଶୁଟ୍‌ଆଉଟ ୩-୨ ଗୋଲରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ସ୍ଥିତିରେ ରହିଥିଲା। ୱାରିୟର୍ସ ପକ୍ଷରୁ ବଲଜିତ କୌର ୮ମ ଓ ବେଙ୍ଗଲ ଦଳର ବିୟୁଟି ଡୁଙ୍ଗଡୁଙ୍ଗ୍ ୧୬ଶ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା। ଏହି ପର୍ଯ୍ୟାୟରେ ବେଙ୍ଗଲ ପକ୍ଷରୁ ଫିଓନା କ୍ରାକଲେସ ଓ ଷ୍ଟିୱାର୍ଟ ଗ୍ରେସ ଏବଂ ୱାରିୟର୍ସ ପକ୍ଷରୁ ଫ୍ରିକ୍ ମୋଇସ, ସୋନିକା ଓ କେଥଲିନ ନବ୍ସ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଓଡ଼ିଶା ୱାରିୟର୍ସ ୩ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଶୁଟ୍‌ଆଉଟ ବିଜୟ ସହ ୫ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ସୁର୍ମା ହକି କ୍ଲବ ୬ ପଏଣ୍ଟ ପାଇ ଶୀର୍ଷସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ବେଙ୍ଗ ଟାଇଗର୍ସ ୩ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଶୁଟ୍‌ଆଉଟ ପରାଜୟ ସହ ୪ ପଏଣ୍ଟ ପାଇଛି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୧୯ ତାରିଖରେ ବେଙ୍ଗଲ ଟାଇଗର୍ସ ବିପକ୍ଷରେ ଖେଳିବ।



ଓଡ଼ିଶା ୱାରିୟର୍ସ-ବେଙ୍ଗଲ ଟାଇଗର୍ସ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ବେଦାନ୍ତ କଳିଙ୍ଗ ଲାନ୍ସର୍ସର ସହଜ ବିଜୟ

**ଭୁବନେଶ୍ୱର, ୧୬।୧ (ବିଜୟ ରଣା):** ରାଉରକେଲାସ୍ଥିତ ବିର୍ସମୁଣ୍ଡା ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଡବ୍ଲ୍ୟୁ)ର ଏକ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୫-୧ ଗୋଲ୍‌ରେ ଦିଲ୍ଲୀ ଏସ୍‌ଜି ପାଇପର୍ସକୁ ହରାଇ ଦେଇଛି। ବିଜୟୀ ଦଳ ତରଫରୁ ଥିଏରି ବ୍ରିଙ୍କ୍‌ମ୍ୟାନ ଓ ଆର୍ଥର ଭାନ୍ ଡୋରନ୍ ଦୁଇଟି ଲେଖାଏଁ ଗୋଲ ଏବଂ ଗୁରସାହିବଜିତ୍ ସିଂ ଗୋଟିଏ ସ୍କୋର କରିଥିବା ବେଳେ ଦିଲ୍ଲୀ ପାଇପର୍ସ ଦଳ ତରଫରୁ ଏକମାତ୍ର ଗୋଲ୍ କୋରେ ୱିଙ୍ଗେର ସ୍କୋର କରିଥିଲେ। ଗୁରୁବାର ଏହି ପରାଜୟ ଦ୍ୱାରା ଦିଲ୍ଲୀ ପୂର୍ବ ଭଳି ପଏଣ୍ଟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଛି।



ଜବରଦସ୍ତ ମାଇଲେଜ୍ XSENS Fi | ଅଦ୍ଭୁତ ମଜଭୁତ କର୍ଭ ୱେଟ୍ 112 କିଲୋ | ଜବରଦସ୍ତ ପାୱାର 5.9 kW | USB ଚାର୍ଜର୍# | କମ ମେଣ୍ଟେନାନ୍ସ ଖର୍ଚ୍ଚ | ₹100 ପ୍ରତିଦିନ EMI | କମ ଡାଉନ ପେମେଣ୍ଟ ₹7999^

INDIA'S FIRST 5 YEAR WARRANTY *Conditions apply

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^Finance offer is at the sole discretion of the Financier, subject to its respective T&Cs. Available at select dealerships. #USB charger is available as an accessory. *Ex showroom price of HF Deluxe Self in Bhubaneswar.

ଟୋଲ ଫ୍ରି 1800 266 0018

**Authorized Dealers: Bhubaneswar: Rohan Hero**, Ph: 9289922474, **Bharat Hero**, Ph: 9289922180, **DD Hero**, Ph: 0674-2747448 / 9439650824, **Arundhati Hero**, Ph: 9289923183, **Cuttack: JMG Hero**, Ph: 9289922178, **Sunny Hero**, Ph: 9289922697, **Essen Hero**, Ph: 9289923078, **Angul: Parbati Hero**, Ph: 9289922902, **Balasore: Neelam Hero**, Ph: 9289922519, **Baripada: Aditya Hero**, Ph: 7799766370, **Bhadrak: Sanjib Hero**, Ph: 9289922608, **Chandikhol: S. K. Hero**, Ph: 9289922900, , **Jajpur Road: Soumik Hero**, Ph: 9289922611, **Jaleswar: Sai Hero**, Ph: 9289922844, **Jatni: Vishal Hero**, Ph: 9289922984, **Keonjhar: Supreme Hero**, Ph: 9289922182, **Nayagarh: Bhagabati Hero**, Ph: 9289922687, **Puri: Sanjib Hero**, Ph: 9289923107, **Behrampur: Lakshmi Motors, Dharma Nagar**, Ph: 9289922184, **Lakshmi Automotives, Gajapati Nagar**, Ph: 9289923187, **Jeypore: Supreme Hero**, Ph: 9289922183, **Phulbani: Narayani Hero**, Ph: 9289922991, **Raygada: Ajit Hero**, Ph: 9289922819, **Bargarh: Aakash Hero**, Ph: 9289922181, **Bhawanipatna: Arundhati Hero**, Ph: 9289922837, **Bolangir: Arundhati Hero**, Ph: 9289923033, **Jharsuguda: Vijaylaxmi Hero**, Ph: 9289922595, **Rourkela: Dua Hero**, Ph: 9289922179, **Sambalpur: Sri Shyam Hero**, Ph: 9289922484, **Sonepur: Jai Jawan Hero**, Ph: 9289922800, **Sundergarh: Robotech Hero**, Ph: 9289923063, **Dhenkanal: Som Hero**, Ph: 9289922614, **Talcher: Tarini Hero**, Ph: 9289922736, **Jagatsinghpur: SUNNY AUTOBIKES** , Ph: 8455004731. **Authorized HeroSure Dealers: Bhubaneshwar:** Arundhati Motobikes ,Ph- 7682841658, **Rourkela:** Dua Motors ,Ph- 6372753989, **Jeypore:** Supreme Sales, Ph- 8144822656 **Associate Dealers: Rahama:** Sarala Automobiles-9937018532, **Nimapara:**Basudev Automobiles-9861020724, **Pipili:**Shri Ram Motors-9437110789 , **Khamakhyanagar:**Reliance Automobiles-9938435743, **Chendipada:**Tara Motors-8018339414 **Balugaon:** Mahamayee Motors-9437004624 **Khurdha:**Dinesh Trading Co.-9778097876 **Sakhigopal:**Sai Motors-9439765820 **Begunia:**Rashmi Automobiles-9178316145 **Laxmipur:**Tarini Motors-7205862853 **Rajgangpur:**Kedia & Kedia-9437152881 **Brajrajnagar:**Bina Motors-9861078290 **Belpahar:**Varsha Motors-9437058417 **Deogarh:**Jindal Motors-9437056659 **Bamra:**Choudhury Motors-9938274720 **Baliapal:**Baba Motors-8093603116 **Soro:**Twinkle Motors-9861594852 **Kendrapara:**Baishnabi Motors-9437089454/9853471301 **Barbil:**Wheels Motors-9776931870 **Pattamundai:**Mishra Auto-9853843713 **Basta:**Shivam Motors-7735958754 **Rairangpur:**Maa Sakambari Motors-7008581719 **Khuakia:**Binayak Automobiles-9090444379 **Jajpur Town:**Ayush Automobiles-9556189870 **Mayurbhanj:**Jk Motors-9040909925 **Semiliguda:**K P Enterprises-9437233464 **Parlakhemundi:**Preetam Enterprises-9438685535 **Nabarangpur:**Arun Sales & Service-9437174795 **Bhanjanagar:**Rebati Motors-9438279794/9937015509 **Narsinghpur:**Ambika Motocorp-9861811411 **Gunpur:**M/s Sai Sharan Automobiles-9437234012 **Malkangiri:**Kanishka Automobiles-9437181980 **Kotpad:**Shai Automobiles-7205593156 **Umerkote:**Bharat Sales-9937455659/9777765563 **Junagarh:**Shree Bimala Motors-9668287479 **Rajakhariar:**Jagdamba Auto Combines-9937002262 **Boudh:**Bansal Auto-9437062948 **Nuapada:**Maruti Auto-9178014999 **Padampur:**Debesh Motors-9437253970 **Barpalli:**Durga Motors-9861265979 **Titlagarh:**Sneha Motors-9853925879 **Mayurbhanj:**Mahaveer Motors-7326872255/9853290346 **Baliguda:**Sai Automobiles-9827843657 **Patrapur:**Ronak Motors-9030985084 **Balipatna:**M/S Jagannath Motors-7064309702 **Kalimela:**Laxminiyati Motors-9861002055 **Chandpur:**Apsara-9861418161 **Subdega:** Jdj Automobiles-8018714096 **Bissam cuttack:**Patnaik Motors-7008615208 **BasudevPur:**Bidyalalita Automobile-9827487072 **Telkoi:** Panchamukhi Motors-9717004926 **Tikabali:** M/S Maa Rudrakali Automobiles-7846961367 **Kamrda:**Siddhivinayak Motors-7208675074 **JAGDALPUR:** KIRAN SALES-9827654949 **Kesinga:** Annapurna Automobile-7978787287, **M.Rampur:** Aruna Automobiles-8114331356.

VML.5794.2025ODI

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ